# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜାନୁୟାରୀ ୧୦/୨୦୧୯ (୧୬ ପୃଷ୍ଠା) Sambalpur, Thursday, January 10/ 2019

୧୫ଶ ଭାଗ ୨୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/




**ଉନ୍ମୋଚିତ ହେଲା ମନୀଷାଙ୍କ ଆତ୍ମକଥା ପୁସ୍ତକ**

ବଲିଉଡ୍ ଅଭିନେତ୍ରୀ ମନୀଷା କୋଇରାଲା ତାଙ୍କ ଲିଖିତ ପୁସ୍ତକ 'ହିଲ୍ଡ' ଲୋକାର୍ପଣ କରିଛନ୍ତି। ଏଥିରେ ସେ କର୍କଟ ରୋଗ ସହ ତାଙ୍କ ସଂଗ୍ରାମ ଜୀବନର ଆତ୍ମକଥା ଉଲ୍ଲେଖ କରିଛନ୍ତି। ୦୯

୦୮ **ଅର୍ଚ୍ଚନା, ଶରଥ ଚାମ୍ପିୟନ**

କଟକରେ ଅନୁଷ୍ଠିତ ସିନିୟର ଆନ୍ତଃ ରାଜ୍ୟ ଏବଂ ଜାତୀୟ ଟେବୁଲ ଟେନିସରେ ଅର୍ଚ୍ଚନା କାମଥ ଓ ଶରଥ କମଲ ଯଥାକ୍ରମେ ମହିଳା ଓ ପୁରୁଷ ବିଭାଗରେ ଚାମ୍ପିୟନ ହୋଇଛନ୍ତି।








## ୩୧ରୁ ବଜେଟ ଅଧିବେଶନ



ନୂଆଦିଲ୍ଲୀ,୯।୧(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁୟାରୀ ୩୧ରୁ ଆରମ୍ଭ ହୋଇ ଫେବୃୟାରୀ ୧୩ରେ ଶେଷ ହୋଇପାରେ। ଲୋକ ସଭାରେ ଅନ୍ତରୀଣ ବଜେଟ ଫେବୃୟାରୀ ୧ରେ ଉପସ୍ଥାପନ କରାଯାଇପାରେ ବୋଲି ବୁଧବାର ସରକାରୀ ସୂତ୍ରରୁ ପ୍ରକାଶ।

ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ରାଜନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ପାର୍ଲାମେଣ୍ଟର ଆଗାମୀ ବଜେଟ ଅଧିବେଶନ ନେଇ ଅନୁଧ୍ୟାନ କରୁଛି। ଶୀତ ଅଧିବେଶନ ଶେଷ ହେବା ☞ପୃଷ୍ଠା-୪

## ଓଡ଼ିଶାରେ ହେବ ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିୟନଶିପ

କଟକ ଅଫିସ,୯।୧

ବିଶ୍ୱ ଟେବୁଲ ଟେନିସ କ୍ରୀଡ଼ାର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍ ଓଡ଼ିଶାରେ ହେବ । ଆସନ୍ତା ଜୁଲାଇରେ ଏହା ଅନୁଷ୍ଠିତ ହେବ। ପୂର୍ବରୁ ଏହା ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଆୟୋଜନ ହେବ ବୋଲି ଘୋଷଣା ହୋଇଥିଲା। ମାତ୍ର କଟକର ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଭିଗନ୍ ବ୍ୟବସାୟ

**ଆଜିର ମନ୍ତବ୍ୟ**

"ରାଫାଲ ପ୍ରସଙ୍ଗରେ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ମହିଳାଙ୍କୁ ପାଇଛନ୍ତି।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

**କିଛି ତଥ୍ୟ**

ଗତ ୪ ବର୍ଷରେ ୩୩.୫ ଲକ୍ଷ ଲୋକଙ୍କୁ ଇଲେକଟ୍ରୋନିକ୍ସ, ଆଇଟି ଏବଂ ଆଇଟିଇଏସ୍‌ର ତାଲିମ ପ୍ରଦାନ କରାଯାଇଛି।

– ଆଇଟି ମନ୍ତ୍ରଣାଳୟ


NATIONAL EGG CO-ORDINATION COMMITTEE 09.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 70 | 119 | 129 |
| DKL | 70 | 119 | 129 |
| BDK | 70 | 119 | 129 |
| BLS | 72 | 122 | 132 |
| ANG | 72 | 122 | 132 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers


■ସାଧାରଣ ବର୍ଗ ଗରିବଙ୍କ ପାଇଁ ୧୦% ସ୍ଥାନ ସଂରକ୍ଷଣ

# ପାର୍ଲାମେଣ୍ଟରେ ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ

ନୂଆଦିଲ୍ଲୀ,୯।୧(ପି.ଟି.)

ସାଧାରଣ ବର୍ଗ ଗରିବଙ୍କ ପାଇଁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗି ସରକାର ଆଣିଥିବା ୧୨୪ତମ ସମ୍ବିଧାନ ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହୋଇଛି। ରାଜ୍ୟ ସଭାରେ ବୁଧବାର ରାତିରେ ବିଲ୍ ସପକ୍ଷରେ ୧୬୫ ଭୋଟ ପଡିଥିବାବେଳେ ବିପକ୍ଷରେ ମାତ୍ର ୭ଟି ଭୋଟ ଯାଇଥିଲା।

**ବିଲ୍‌କୁ ବିଜେଡିର ସମର୍ଥନ**

ଉଚ୍ଚ ସଦନରେ ସ୍ଥାନ ସଂରକ୍ଷଣ ଲାଗି ବିଲ୍ ଉପରେ ଜୋରଦାର ଆଲୋଚନା ପରେ ଭୋଟ ଗ୍ରହଣ କରାଯାଇଥିଲା। ବିରୋଧୀ ଦଳ ଆଣିଥିବା ସଂଶୋଧନ ପ୍ରସ୍ତାବ ଗୃହରେ କାଟ୍ ଖାଇଯାଇଥିଲା। ପାର୍ଲାମେଣ୍ଟ ସିଲେକ୍ଟ କମିଟିକୁ ବିଲ୍ ପଠାଇବା ପ୍ରସ୍ତାବ ସପକ୍ଷରେ ମାତ୍ର ୧୮ ଭୋଟ ମିଳିଥିବାବେଳେ ବିରୋଧରେ ୧୫୫ ଭୋଟ ଯାଇଥିଲା। ମଙ୍ଗଳବାର ଉକ୍ତ ବିଲ୍ ଲୋକ ସଭାରେ ୩୨୩-୩ ଭୋଟରେ ଗୃହୀତ ହୋଇଥିଲା।

ଏହି ସଂରକ୍ଷଣ ସୁବିଧା ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନିଯୁକ୍ତି କ୍ଷେତ୍ରରେ ଲାଗୁ ହେବ ବୋଲି ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ବିତର୍କରେ ଅଂଶଗ୍ରହଣ କରି କହିଥିଲେ। ବିଲ୍ ଆଦୌ ନ ଆଣିବା ଅପେକ୍ଷା ବିଳମ୍ବରେ ଆଣିବା ଭଲ। ନିର୍ବାଚନ ପୂର୍ବରୁ ସରକାର ଆହୁରି ଜନକଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଥିଲେ। ହିତାଧିକାରୀ ଚୟନ ଲାଗି ଆର୍ଥିକ ମାନଦଣ୍ଡ ନିର୍ଦ୍ଧାରଣ କ୍ଷମତା ରାଜ୍ୟଗୁଡ଼ିକୁ ମିଳିବ ବୋଲି ପ୍ରସାଦ କହିଥିଲେ। ଯେଉଁମାନଙ୍କ ବାର୍ଷିକ ଆୟ ୮ ଲକ୍ଷ ଟଙ୍କାରୁ କମ୍ ଏବଂ ☞ପୃଷ୍ଠା-୪

# ରଣଭାରରୁ ଚାଷୀ ଆତ୍ମହତ୍ୟା ଅଭିଯୋଗ

ଦିଗପହଣ୍ଡି/ ପାଟପୁର, ୯।୧(ଡି.ଏନ.ଏ.)

ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ତାହା ଠିକ୍ ଭାବେ ସେମାନଙ୍କ ନିକଟରେ ପହଞ୍ଚି ପରୁନାହିଁ । ବିଭିନ୍ନ ସମୟରେ ଚାଷୀମାନେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଭଳି ଏକ ଘଟଣା ଖୋଦ୍ ମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବା ଗଞ୍ଜାମ ଜିଲାରେ ବୁଧବାର ଦେଖିବାକୁ ମିଳିଛି ।

ପ୍ରକାଶ ଯେ, ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଗ୍ରାମର ଚାଷୀ ଏନ୍. ପ୍ରକାଶ ରେଡ୍ଡୀ ରଣଭାର ପରିଶୋଧ କରି ନ ପାରିବା ଆଶଙ୍କା କରି ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।ତାଙ୍କ ମୃତଦେହ ପୋଲିସ ଚାଷଜମିରୁ ଉଦ୍ଧାର

**ଜମିରୁ ମୃତଦେହ ଉଦ୍ଧାର**

କରିଛି। ବୁଧବାର ଭୋର ପ୍ରାୟ ୬ଟାରେ ରତ୍ନମାଳାପୁର ବୁଦ୍ଧେଶ୍ୱର ଶୈବପୀଠରୁ ପ୍ରାୟ ୫ ଶହ ମିଟର ଦୂରରେ ଥିବା ଚାଷଜମିରେ ତାଙ୍କ ମୃତଦେହ ପଡ଼ିଥିବା ଜଣା ପଡିଥିଲା। ପାଟପୁର ପୋଲିସ ମୃତଦେହ ଜବତ କରିଥିଲା। ଅପମୃତ୍ୟୁ ମାମଲା ନଂ. ୧/୧୯ ଅନୁଯାୟୀ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା ।

ପ୍ରକାଶଯେ, ପ୍ରକାଶ ମଙ୍ଗଳବାର ସକାଳେ ଧାନ ଅମଳ କରିବାକୁ ଖଳାକୁ ଯାଇଥିଲେ। ସେଠାରୁ ସେ କାମସାରି ଅପରାହ୍ନ ପ୍ରାୟ ୩ଟାରେ ଘରକୁ ଫେରିଥିଲେ। ଖାଇସାରିବା ପରେ ପୁଣି ସେ ଖଳାକୁ ଯାଇଥିଲେ। ☞ପୃଷ୍ଠା-୪

# ମହାମେଣ୍ଟରେ ଯୋଗଦେବ ନାହିଁ ବିଜେଡି

ଭୁବନେଶ୍ୱର,୯।୧(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡି ଏକାକୀ ନିର୍ବାଚନ ଲଢିବ। କୌଣସି ଜାତୀୟ କିମ୍ବା ଆଞ୍ଚଳିକ ଦଳ ସହ ମେଣ୍ଟ କରିବ ନାହିଁ। ସେହିପରି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ବିରୋଧରେ ମୁଣ୍ଡ ଟେକୁଥିବା ମହାମେଣ୍ଟରେ ମଧ୍ୟ ଯୋଗଦେବ ନାହିଁ। ପୂର୍ବପରି ନିଜର ସମଦୂରତ୍ୱ ନୀତି ବଜାୟ ରଖିବ।

- ■ ସମଦୂରତ୍ୱ ନୀତି ଜାରି ରହିବ: ନବୀନ
- ■ ବିଜେଡିକୁ ଯାଉଥିବା ପ୍ରତିଟି ଭୋଟ ଭାଜପାର: ନିରଞ୍ଜନ
- ■ ମହାମେଣ୍ଟର କୌଣସି ରୂପରେଖ ନାହିଁ: ପୃଥ୍ୱୀରାଜ



ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ବୁଧବାର ସଚିବାଳୟଠାରେ ଗଣମାଧ୍ୟମ ଆଗରେ ଏହା ସ୍ପଷ୍ଟ କରିଛନ୍ତି।

ଆସନ୍ତା ଏପ୍ରିଲ-ମେ ମାସରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଦେଶର ସବୁଠୁ ବଡ଼ ଭୋଟ୍ ବ୍ୟାଙ୍କ୍ କୁହାଯାଉଥିବା କୃଷକଙ୍କ ଉପରେ ପଡିଛି ସବୁ ରାଜନୈତିକ ଦଳର ନଜର। କେଉଁଠି କୃଷିଋଣ ଛାଡ଼କୁ ☞ପୃଷ୍ଠା-୪

■ପଞ୍ଚଦଶ ଅର୍ଥ କମିଶନ ନିକଟରେ ରାଜ୍ୟ ସରକାରଙ୍କ ଦାବି

# ୮.୨୪ ଲକ୍ଷ କୋଟି ଟଙ୍କାର ଅନୁଦାନ ଦିଅ

- ■ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦିଅ
- ■ ଜିଏସଟି କ୍ଷତିପୂରଣ ଆଉ ୧୦ ବର୍ଷ ବଢ଼ାଅ

ଭୁବନେଶ୍ୱର,୯।୧(ବ୍ୟୁରୋ)

ରାଜ୍ୟ ସରକାର ପଞ୍ଚଦଶ ଅର୍ଥ କମିଶନଙ୍କ ନିକଟରେ ୮.୨୪ ଲକ୍ଷ କୋଟି ଟଙ୍କାର ଅନୁଦାନ ଦାବି କରିଛନ୍ତି। ଏଥିସହିତ ଉତ୍ତର ପୂର୍ବ ରାଜ୍ୟ ଭଳି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା ଦାବିକୁ ମଧ୍ୟ ଦୋହରାଇଛନ୍ତି। କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ଅନୁଦାନ ରାଶି କେନ୍ଦ୍ର ଓ ରାଜ୍ୟ ଅଂଶଧନ ଯଥାକ୍ରମେ ୯୦:୧୦କୁ ବୃଦ୍ଧି କରିବା ସହ କେନ୍ଦ୍ରୀୟ ଟିକସ ହାର ୪୨ରୁ ୫୦% କରିବାକୁ ଦାବି କରାଯାଇଛି। ଏ ନେଇ ରାଜ୍ୟ ସରକାର କମିଶନଙ୍କୁ ସ୍ମାରକ ପତ୍ର ଦେଇଛନ୍ତି।

ରାଜ୍ୟ ସରକାରଙ୍କ ପକ୍ଷରୁ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ପୌର ସଂସ୍ଥାଗୁଡିକ ପାଇଁ ଅନୁଦାନ ବର୍ତ୍ତମାନର ୩.୦୫%କୁ ବଢାଇ ୫% କରିବାକୁ ଦାବି କରାଯାଇଛି। ଏହି କ୍ରମରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକ ପାଇଁ ୩୩୫୭୪ କୋଟି ଏବଂ ପୌର ସଂସ୍ଥାଗୁଡିକ ପାଇଁ ୨୯୩୧୧ କୋଟି ଟଙ୍କା ଦାବି କରାଯାଇଛି। ବିପର୍ଯ୍ୟୟ ପରିଚାଳନା ପାଇଁ ଏସ୍‌ଡିଆରଏଫ୍‌କୁ ୧୦୦% ଅନୁଦାନ କେନ୍ଦ୍ର ସରକାର ବହନ କରିବାକୁ କମିଶନଙ୍କ ନିକଟରେ ଦାବି ରଖାଯାଇଛି। ଆସନ୍ତା ୫ ବର୍ଷ ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆରଏଫ୍) ସକାଶେ ୧୧,୮୭୫ କୋଟି ଏବଂ ବିପର୍ଯ୍ୟୟ ପ୍ରଶମନ ପ୍ରକଳ୍ପ ପାଇଁ ପାଇଁ ୨୫,୭୫୨ କୋଟି, ପାଇପ ଯୋଗେ ପାନୀୟ ଜଳଯୋଗାଣ, ଆଶ୍ରମ ସ୍କୁଲଗୁଡିକର ଅପଗ୍ରେଡେଶନ, ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ, ପୋଲିସ, ଜେଲ, ଅଗ୍ନିଶମ ସେବା, ସବୁଜ ବଳୟ ସୃଷ୍ଟି କରିବା, ☞ପୃଷ୍ଠା-୪

**କମିଶନଙ୍କ ପ୍ରଶଂସା, ସତର୍କ**



- ■ କାଳିଆ ଯୋଜନା ଭଲ, ପ୍ରକୃତ ଚାଷୀ ଫାଇଦା ପାଇବା ଦରକାର
- ■ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଉଦ୍‌ବେଗ
- ■ ଅଭିବୃଦ୍ଧି ହାର ବଢ଼ାଇବାକୁ ପରାମର୍ଶ
- ■ ଋଣଭାର ନିୟନ୍ତ୍ରଣରେ ଥିବା ସନ୍ତୋଷ ପ୍ରକାଶ କରିଛନ୍ତି କମିଶନ

■ଶ୍ରୀମନ୍ଦିର ସଂସ୍କାର ମାମଲା

# ରଞ୍ଜିତ କୁମାର ଆମିକସ୍ କ୍ୟୁରି ନିଯୁକ୍ତ

ନୂଆଦିଲ୍ଲୀ,୯।୧(ପି.ଟି.)



ରଞ୍ଜିତ କୁମାର

ପୁରୀ ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ସମ୍ପର୍କିତ ମାମଲାରେ ସହାୟତା ପାଇଁ ସୁପ୍ରିମକୋର୍ଟ ବୁଧବାର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ସଲିସିଟର ଜେନେରାଲ ରଞ୍ଜିତ କୁମାରଙ୍କୁ ଆମିକସ୍ କ୍ୟୁରି ନିଯୁକ୍ତ କରିଛନ୍ତି। ପୂର୍ବରୁ ଏହି ମାମଲାରେ ଆମିକସ୍ କ୍ୟୁରି ନିଯୁକ୍ତ ହୋଇଥିବା ବରିଷ୍ଠ ଆଇନଜୀବୀ ଗୋପାଳ ସୁବ୍ରମଣ୍ୟମ୍ ବ୍ୟକ୍ତିଗତ କାରଣରୁ ଉକ୍ତ ପଦରୁ ଓହରିଯାଇଥିଲେ। ବୁଧବାର ଜଷ୍ଟିସ୍ ଏ.କେ. ସିକ୍ରିଙ୍କୁ ନେଇ ଗଠିତ ୩ଜଣିଆ ଖଣ୍ଡପୀଠରେ ଶ୍ରୀମନ୍ଦିର ମାମଲାର ଶୁଣାଣିବେଳେ ନୂଆ ଆମିକସ୍ କ୍ୟୁରି ନିଯୁକ୍ତି ପ୍ରଶ୍ନ ଉଠିଥିଲା। ଅଦାଲତରେ ଉପସ୍ଥିତ ଥିବା ରଞ୍ଜିତ କୁମାରଙ୍କୁ ଉକ୍ତ ମାମଲାରେ ଆମିକସ୍ କ୍ୟୁରି ଭାବେ ଦାୟିତ୍ୱ ନେବାକୁ ଖଣ୍ଡପୀଠ ଅନୁରୋଧ କରିବାରୁ ସେ ଏହାକୁ ଗ୍ରହଣ କରିଥିଲେ। ସେହିପରି ନୂଆ ଆମିକସ୍ କ୍ୟୁରିଙ୍କୁ ସହାୟତା କରିବା ପାଇଁ ବରିଷ୍ଠ ଆଇନଜୀବୀ ପ୍ରିୟା ହିଙ୍ଗୋରାନିଙ୍କୁ ☞ପୃଷ୍ଠା-୪

# ୨ ଦିନିଆ ଧର୍ମଘଟ ଶେଷ

ଭୁବନେଶ୍ୱର, ୯।୧(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରିବା ସହ ୧୧ ଦଫା ଦାବି ନେଇ ୧୦ରୁ ଉର୍ଦ୍ଧ୍ୱ ଟ୍ରେଡ୍ ୟୁନିୟନ ପକ୍ଷରୁ ଦେଶବ୍ୟାପୀ ୨ ଦିନିଆ ଧର୍ମଘଟ ଡାକରା ଦିଆଯାଯାଇଥିଲା। ବୁଧବାର ଏହି ଧର୍ମଘଟ ଶେଷ ହୋଇଛି। ଧର୍ମଘଟ ଯୋଗୁ ରାଜ୍ୟରେ ଜନଜୀବନ ପ୍ରଭାବିତ ହୋଇଛି। ମଙ୍ଗଳବାର ବନ୍ଦ ପ୍ରଭାବ ଜୋରଦାର ଦେଖିବାକୁ ମିଳିଥିବା ବେଳେ ବୁଧବାର ଏହାର ପ୍ରଭାବ ଆଶିଂକ ଅନୁଭୂତ ହୋଇଛି। ବସ ଓ ଭାରିଯାନ ଚଳାଚଳ ବନ୍ଦ ରହିଥିଲେ ମଧ୍ୟ ଦୁଇଚକିଆ, ଟାକ୍ସି, ଅଟୋ ଆଦି ସ୍ୱାଭାବିକ ଭାବେ ଚଳାଚଳ କରିଥିଲା। ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। ମୁଖ୍ୟ ରାସ୍ତାକଡରେ ଥିବା କେତେକ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ଖୋଲା ରହିଥିଲା। କୌଣସି ସ୍ଥାନରେ ହିଂସାକାଣ୍ଡ ହୋଇ ନ ଥିବା ଜଣାପଡିଛି। ବିଭିନ୍ନ ଟ୍ରେଡ ୟୁନିୟନ ସଂଗଠନର କର୍ମକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ, କେନ୍ଦ୍ରୀୟ ଉଦ୍ୟୋଗ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ରେଳଷ୍ଟେଶନ ଏବଂ ଜାତୀୟ ରାଜପଥ ଉପରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ କଡା ସମାଲୋଚନା କରିଛନ୍ତି। ଟ୍ରେଡ ୟୁନିୟନ ଏବଂ ବାମପନ୍ଥୀ ଦଳଗୁଡିକର କର୍ମକର୍ତ୍ତାମାନେ ରାଜଧାନୀର ବିଭିନ୍ନ ସ୍ଥାନରେ ପିକେଟିଂ କରୁଥିବା ଦେଖାଯାଇଥିଲା। ଧର୍ମଘଟ ଯୋଗୁ ରେଳଷ୍ଟେଶନରେ ଦୀର୍ଘ ସମୟ ଧରି ଟ୍ରେନଗୁଡିକ ଅଟକି ରହିଥିଲା। ପୁରୀ-ହାୱଡା ଶତାବ୍ଦୀ ☞ପୃଷ୍ଠା-୪



ଧର୍ମଘଟ ଯୋଗୁ ବୁଧବାର ଯାନବାହନ ଚଳାଚଳ ବନ୍ଦ ରହିଥିବା ବେଳେ ପିଲାମାନେ ଭୁବନେଶ୍ୱର ରାସ୍ତାରେ ଖେଳୁଛନ୍ତି।

# ପୋଲ ତଳକୁ ଖସିଲା ବାଇକ୍, ୩ ମୃତ



ମୃତଦେହ ପଡ଼ିଥିବା ପୋଲ ନିକଟରେ ଲୋକଙ୍କ ଭିଡ଼।

- ■ ଉତ୍ତେଜନା, ରାସ୍ତାରୋକୋ
- ■ ସହାୟତା ମିଳିବା ପରେ ମୃତଦେହ ଉଠିଲା

ନୂଆପଡ଼ା ଅଫିସ,୯।୧

ମଙ୍ଗଳବାର ବିଳମ୍ବିତ ରାତିରେ ନୂଆପଡ଼ା-ବରଗଡ଼ ବିଜୁ ଏକ୍ସପ୍ରେସ ରାସ୍ତାର ପଗାରପାଣି ଗାଁ ନିକଟରେ ନିର୍ମାଣାଧୀନ ଏକ ପୋଲ ତଳକୁ ବାଇକ୍ ଖସିପଡିବାରୁ ଘଟଣାସ୍ଥଳରେ ୩ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକମାନେ ହେଲେ ସ୍ଥାନୀୟ ଖଳିଆପାଣି (ବିଜରାଡିହି) ଗାଁର ଚୈନସିଂ ମାଝି (୧୯), ପୁନିତରାମ ମାଝି (୨୦) ଏବଂ ଛତିଶଗଡ଼ ଖଇରାଟର ଦିବାନ ମାଝି ☞ପୃଷ୍ଠା-୪

ONE STEP TOWARDS PARENTHOOD

INDIRA IVF
FERTILITY & IVF CENTRE

ପରିବାର ପରିପୂର୍ଣ୍ଣ ନହେବାର,
# ଦୁଃଖ ଆମେ ବୁଝିପାରୁ



## କେଉଁମାନେ ନିଃଶୁଳ୍କ ପରାମର୍ଶ ପାଇଁ ସମ୍ପର୍କ କରିପାରିବେ

- ସ୍ୱଳ୍ପ ଶୁକ୍ରାଣୁ ଗଣତି
- ଶୁକ୍ରାଣୁ ହିନତା
- ସ୍ୱଳ୍ପ ଶୁକ୍ରାଣୁ ସଜୀବତା
- ଦୁର୍ବଳ ମାନର ଶୁକ୍ରାଣୁ
- ଅବରୁଦ୍ଧ ଗର୍ଭ ନଳୀ
- ଅନିୟମିତ ଋତୁଚକ୍ର
- ଡିମ୍ବାଣୁ ଗଠନରେ ସମସ୍ୟା
- ଅସମୟରେ ଡିମ୍ବାଣୁ ନଷ୍ଟ ହେବା

### ନଳୀ ଅବରୋଧ ହୋଇଥିଲେ ମଧ୍ୟ ଗର୍ଭଧାରଣ ସମ୍ଭବ

ମହିଳାମାନଙ୍କଠାରେ ଅନୁର୍ବରତାର ସାଧାରଣ କାରଣ ହେଉଛି ଅବରୋଧ ହୋଇଥିବା ଫେଲୋପିଆନ୍ ଟ୍ୟୁବ୍। ଟେଷ୍ଟ ଟ୍ୟୁବ୍ ବେବି (ଆଇଭିଏଫ୍) ଟେକନିକ୍ ପ୍ରାୟ ଚାରି ଦଶନ୍ଧି ତଳେ ବିକଶିତ ହୋଇଥିଲା। ବର୍ତ୍ତମାନ ଏହା ଅଗଣିତ ମହିଳାଙ୍କୁ ଫେଲୋପିଆନ୍ ଟ୍ୟୁବ୍ ଅପରେସନ୍ ନ କରି ମାଆ ହେବାର ଆନନ୍ଦ ଦେବାରେ ସହାୟତା କରୁଛି।

### ଋତୁସ୍ରାବ ବନ୍ଦ ହେବା ପରେ ମାତୃତ୍ୱ

ଗର୍ଭଧାରଣ ସମସ୍ୟାର ପ୍ରମୁଖ କାରଣଗୁଡ଼ିକ ହେଲା ବିଳମ୍ବରେ ବିବାହ, ଅଧିକ କାର୍ଯ୍ୟଭାର ଏବଂ ମାନସିକ ଚାପ । ଆଇୟୁଆଇ, ଆଇଭିଏଫ୍, ଆଇସିଏସ୍ଆଇ ଭଳି ଅତ୍ୟାଧୁନିକ ବୈଷୟିକ କୌଶଳ ଋତୁସ୍ରାବ ବନ୍ଦ ପରେ ମଧ ସେମାନଙ୍କ ପରିବାର ସଂପୂର୍ଣ୍ଣ କରିବାରେ ନିଃସନ୍ତାନ ଦମ୍ପତିଙ୍କ ପାଇଁ ଅତ୍ୟନ୍ତ ସହାୟକ ସାବ୍ୟସ୍ତ ହୋଇଛି।

### କମ୍ ସଂଖ୍ୟକ ଶୁକ୍ରାଣୁ ଥିଲେ ମଧ ମୋର ସ୍ୱପ୍ନ ସାକାର ହେବ

ଆଜି ନିମ୍ନ ଶୁକ୍ରାଣୁ ସଂଖ୍ୟା ଅନୁର୍ବରତା ପାଇଁ ପୁରୁଷମାନଙ୍କଠାରେ ଦେଖାଯାଉଥିବା ଏକ ସାଧାରଣ କାରଣ। ଆଇଭିଏଫ୍ ଟେକନିକ୍ ଅନେକ ପୁରୁଷଙ୍କୁ ସେମାନଙ୍କ ନିଜର ଶୁକ୍ରାଣୁ ବ୍ୟବହାର କିର ପିତା ହେବାର ସ୍ୱପ୍ନ ସାକାର କରିବାରେ ସାହାଯ୍ୟ କରୁଛି। ଟିଇଏସ୍ଇ ଏବଂ ଆଇସିଏସ୍ଆଇ ଭଳି ଟେକନିକ୍ ବିଭିନ୍ନ ଶୁକ୍ରାଣୁଜନିତ ସମସ୍ୟା ଥିବା ପୁରୁଷମାନଙ୍କ ପାଇଁ ବରଦାନ ପ୍ରମାଣିତ ହୋଇଛି।

**ଉପଲବ୍ଧ ସେବାଗୁଡ଼ିକ** ଗର୍ଭଧାରଣ ସମସ୍ୟାର ଯାଂଚ. ଆଇୟୁଆଇ. ଆଇଭିଏଫ୍. ଆଇସିଏସ୍ଆଇ. ଲେଜର ହ୍ୟାଚିଂ ବ୍ଲାଷ୍ଟୋସିଷ୍ଟ. ଲାପାରୋସ୍କୋପି. ହିଷ୍ଟେରୋସ୍କୋପି. ଡୋନୋର ସର୍ଭିସ୍

### | ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍ |

**ଭୁବନେଶ୍ୱର**
ଦ୍ୱିତୀୟ ମହଲା, ତ୍ରିପଲେକ୍ସପ୍ଲଟ୍ନଂ.୧୨, ଗଜପତି ନଗର,
ସଚିବାଳୟ ମାର୍ଗ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

**କୋଲକାତା**
ଦ୍ୱିତୀୟ ମହଲା, ୫୭-ବି, ପତାକା ହାଉସ, ବେଙ୍ଗଲ ହ୍ୟୁଣ୍ଡାଇ
ଶୋ'ରୁମ୍ସାମ୍ନା, ମିର୍ଜା ଗାଲିବ ଗଳି, ପାର୍କ ଷ୍ଟ୍ରିଟ୍ଏରିଆ, କୋଲକାତା

ନିଜର ପ୍ରଶ୍ନଗୁଡ଼ିକୁ ନେଇ ଡାକ୍ତରଙ୍କ ସହିତ ଆଲୋଚନା କରିବାକୁ କଲ୍ କରନ୍ତୁ ✆ **7412077811** (2 PM to 5 PM)

Call : 7412077811 / 812 | Email : help@indiraivf.in | Website : www.indiraivf.com

- 54 Centres PAN India
- Treatment protocol as per individual need
- Patient friendly treatment options

'बेटी बचाओ/बेटी पढ़ाओ' अभियान में सहयोग करें। भ्रूण लिंग परीक्षण करवाना जघन्य अपराध है, यह कार्य हमारे यहां नहीं किया जाता है।

Disclaimer : The models used in the creative is just for illustration purpose only.

Prenatal Sex Determination & Sex Selection is illegal and not done here.



ପତନ ନ ହେବାରେ କିଛି ଗୌରବ ନାହିଁ, ପତନରୁ ଉତ୍ଥାନ ହିଁ ପ୍ରକୃତ ଗୌରବ।

- ଗୋଲ୍ଡସ୍ମିଥ୍






# ହୋମ୍‌ଗାର୍ଡଙ୍କୁ ମିଳିବ ୧.୫ ଲକ୍ଷର ଅବସରକାଳୀନ ସହାୟତା

କଟକ ଅଫିସ, ୯।୧

- ଗୃହ ବିଭାଗକୁ ଚିଠି ଲେଖିଲେ ହୋମ୍‌ଗାର୍ଡ ଡିଜି
- ବାର୍ଷିକ ୬ କୋଟି ୬୩ ଲକ୍ଷ ଟଙ୍କା ଅତିରିକ୍ତ ଖର୍ଚ୍ଚ ହେବ
- ମଞ୍ଜୁରୀ ମିଳିବା ପରେ ଆରମ୍ଭ ହେବ ପ୍ରକ୍ରିୟା

ଓଡ଼ିଶା ପୋଲିସରେ କାର୍ଯ୍ୟ କରୁଥିବା ହୋମଗାର୍ଡମାନଙ୍କୁ ଅବସର ସମୟରେ ମିଳିବ ୧ ଲକ୍ଷ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି। ଏନେଇ ବୁଧବାର ହୋମ୍‌ଗାର୍ଡ ଡିଜି ବି.କେ.ଶର୍ମା ଗୃହ ବିଭାଗକୁ ଚିଠି ଲେଖିଛନ୍ତି। ଗୃହ ବିଭାଗର ଅନୁମତି ମିଳିବା ପରେ ପରବର୍ତ୍ତୀ ପ୍ରକ୍ରିୟା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଶର୍ମା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଖୁବ୍ କମ୍ ପାରିଶ୍ରମିକରେ ହୋମ୍‌ଗାର୍ଡମାନେ କାର୍ଯ୍ୟ କରୁଛନ୍ତି। ୬୦ବର୍ଷ ବୟସରେ ଅବସର ନେବାପରେ ସେମାନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯାଉଛି। ସେମାନେ ଆଉ ୩ ବର୍ଷ ଅତିରିକ୍ତ କାର୍ଯ୍ୟ କରିବା ପାଇଁ ନିବେଦନ କରୁଛନ୍ତି। ତେବେ ବର୍ତ୍ତମାନର ନିୟମ ଅନୁସାରେ ଅତିରିକ୍ତ କାର୍ଯ୍ୟ କରିବା ଯୁକ୍ତିଯୁକ୍ତ ନୁହେଁ। ତେଣୁ ଅବସର ସମୟରେ ସେମାନଙ୍କୁ ଏହି ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଗଲେ ସେମାନଙ୍କ ଚାକିରି ପରବର୍ତ୍ତୀ ଜୀବନରେ ସୁଧାର ଆସିପାରିବ। ଯେଉଁମାନେ ସର୍ବନିମ୍ନ ୨୦ ବର୍ଷ ହୋମଗାର୍ଡ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି ସେମାନଙ୍କୁ ଏହି ସହାୟତା ରାଶି ପ୍ରଦାନ କରିବାକୁ ଚିଠିରେ କୁହାଯାଇଛି।

ଓଡ଼ିଶାରେ ମୋଟ ୧୭ ହଜାର ୬୭୫ ହୋମ୍‌ଗାର୍ଡ ପଦବୀ ରହିଥିବାବେଳେ ଏବେ ପାଖାପାଖି ୧୫ ହଜାର କାର୍ଯ୍ୟରତ ଅଛନ୍ତି। ସରକାରୀ ଅଫିସରଙ୍କ ସୁରକ୍ଷା ଗାର୍ଡ, ଟ୍ରାଫିକ ପରିଚାଳନା ଓ ଶାନ୍ତି ଶୃଙ୍ଖଳା ଆଦି କ୍ଷେତ୍ରରେ ସେମାନେ ପୋଲିସକୁ ସହାୟତା କରି ଆସୁଛନ୍ତି। ଏବେ ସେମାନଙ୍କୁ ଗୋଟିଏ ଦିନ କାର୍ଯ୍ୟ ୩୦୦ ଟଙ୍କା ପ୍ରଦାନ କରାଯାଉଥିବାବେଳେ କାର୍ଯ୍ୟ ନ ଥିଲେ ପାରିଶ୍ରମିକ ମିଳେନି। ପ୍ରତିବର୍ଷ ରାଜ୍ୟର ୪୪୨ଜଣ ହୋମଗାର୍ଡ ଅବସର ନେଉଛନ୍ତି। ସେମାନଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଗଲେ ସରକାରଙ୍କୁ ବାର୍ଷିକ ୬ କୋଟି ୬୩ ଲକ୍ଷ ଟଙ୍କାର ଅତିରିକ୍ତ ଖର୍ଚ୍ଚ କରିବାକୁ ପଡିବ।

ଏ ସଂକ୍ରାନ୍ତରେ ଜଣେ ହୋମଗାର୍ଡ କହିଛନ୍ତି, ଆଜିର ମହଙ୍ଗା ଯୁଗରେ ମିଳୁଥିବା ପାରିଶ୍ରମିକରେ ପରିବାର ଚଳାଇବା କଷ୍ଟକର ହେଉଛି। ଅବସରପରେ ଆର୍ଥିକ ଦୁଃସ୍ଥିତି ବଢ଼ିଯାଉଛି। ସରକାର ଏହି ଆର୍ଥିକ ସହାୟତା ପ୍ରଦାନ କଲେ ଆମେ ବହୁତ ଉପକୃତ ହେବୁ। ଏଥିସହ ପୋଲିସ କର୍ମଚାରୀମାନଙ୍କୁ ମିଳୁଥିବା ବେସିକ୍ ପେ, ଗ୍ରେଡ୍ ପେ ଭଳି ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଏପ୍ରିଲ ମାସରେ ବିହାର ସରକାର ହୋମ୍‌ଗାର୍ଡଙ୍କୁ ଅବସର ସମୟରେ ୧ଲକ୍ଷ ୫୦ହଜାର ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନକୁ ମଞ୍ଜୁରୀ ଦେଇଛନ୍ତି।

## ସଂକ୍ଷେପରେ

### ମହିଳା ସଂରକ୍ଷଣ ପ୍ରସଙ୍ଗ
## ନୀତିଶଙ୍କୁ ଭେଟିଲା ବିଜେଡି

**ଭୁବନେଶ୍ୱର,୯।୧(ବ୍ୟୁରୋ):** ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏହି ମର୍ମରେ ବିଜେଡି ପକ୍ଷରୁ ଦେଶର ସମସ୍ତ ପ୍ରମୁଖ ରାଜ୍ୟର ସହଯୋଗ ଲୋଡାଯାଇଛି। ସେହିକ୍ରମରେ ବିଜେଡି ପ୍ରତିନିଧି ଦଳ ବୁଧବାର ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡି(ୟୁ) ନେତା ନୀତିଶ କୁମାରଙ୍କୁ ଭେଟିଛନ୍ତି। ଦଳ ପକ୍ଷରୁ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ ଏବଂ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନା ନୀତିଶଙ୍କୁ ପାଟନାସ୍ଥିତ ତାଙ୍କ ବାସଭବନରେ ଭେଟିଛନ୍ତି। ଏହି ଅବସରରେ ମହିଳା ସଂରକ୍ଷଣ ପ୍ରସଙ୍ଗରେ ନୀତିଗତ ସମର୍ଥନ ଲୋଡି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ଲେଖିଥିବା ପତ୍ର ନୀତିଶଙ୍କୁ ହସ୍ତାନ୍ତର କରାଯାଇଛି। ନବୀନଙ୍କ ଏପରି ପ୍ରୟାସକୁ ନୀତିଶ ଏବଂ ଜେଡିୟୁ ପକ୍ଷରୁ ସ୍ୱାଗତ କରାଯାଇଛି। ଏପରି ଏକ ଉତ୍ତମ ପଦକ୍ଷେପ ପାଇଁ ନବୀନ ଧନ୍ୟବାଦର ପାତ୍ର ବୋଲି ନୀତିଶ କହିଛନ୍ତି।

### ଚିଟ୍‌ଫଣ୍ଡ କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ ଚିଠି
## ବଢ଼ିଲା ସତ୍ୟପାଠ ଦାଖଲ ଅବଧି

**କଟକ ଅଫିସ, ୯।୧:** ଚିଟ୍‌ଫଣ୍ଡ ଦୁର୍ନୀତିର ନ୍ୟାୟିକ ତଦନ୍ତ କରୁଥିବା ଜଷ୍ଟିସ ମଦନମୋହନ ଦାସ କମିଶନଙ୍କ କାର୍ଯ୍ୟକାଳ ଫେବୃୟାରୀ ୪ରେ ଶେଷ ହେଉଛି। ଏହି ଅବଧିକୁ ବୃଦ୍ଧି କରିବା ପାଇଁ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି କରାଯାଇଛି। ଅଦ୍ୟାବଧି ବହୁ ସଂଖ୍ୟକ ସତ୍ୟପାଠ କମିଶନଙ୍କ କାର୍ଯ୍ୟାଳୟରେ ଗଦା ହୋଇ ରହିଛି। ଏହାର ଯାଞ୍ଚ ପାଇଁ ସମୟ ଆବଶ୍ୟକ। ତେଣୁ କମିଶନଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରିବା ଆବଶ୍ୟକ ବୋଲି ଉକ୍ତ ଚିଠିରେ କୁହାଯାଇଛି। ଅନ୍ୟପକ୍ଷରେ ଚିଟ୍‌ଫଣ୍ଡ କମିଶନଙ୍କ ପକ୍ଷରୁ ସତ୍ୟପାଠ ଗ୍ରହଣ ଅବଧିକୁ ବୃଦ୍ଧି କରାଯାଇଛି। ଜାନୁୟାରୀ ୩୧ ପର୍ଯ୍ୟନ୍ତ ସତ୍ୟପାଠ ଗ୍ରହଣ କରାଯିବାକୁ ଧାର୍ଯ୍ୟ କରାଯାଇଛି। ଜମାକାରୀମାନେ ଏହି ସମୟ ମଧ୍ୟରେ କମିଶନଙ୍କ ନିକଟରେ ସତ୍ୟପାଠ ଦାଖଲ କରିବାକୁ କୁହାଯାଇଛି। ସୂଚନାଥାଉକି, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତମାନେ ସେମାନଙ୍କ ଅର୍ଥ ଫେରି ପାଇବା ନେଇ ସରକାର ୨୦୧୩ ଜୁଲାଇରେ ତଦନ୍ତ କମିଶନ ଗଠନ କରିଥିଲେ। ପ୍ରଥମେ କମିଶନଙ୍କ କାର୍ଯ୍ୟକାଳ ୬ ମାସ ଧାର୍ଯ୍ୟ କରାଯାଇଥିଲା। ପରବର୍ତ୍ତୀ ସମୟରେ ସରକାର କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି କରିଥିଲେ। ଇତିମଧ୍ୟରେ କମିଶନଙ୍କ ପକ୍ଷରୁ ତଦନ୍ତ ସମ୍ପର୍କରେ ୫ଟି ଅନ୍ତରୀଣ ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରାଯାଇଛି। ସେହିପରି ଡିସେମ୍ବର ୩୧ ତାରିଖକୁ ସତ୍ୟପାଠ ଗ୍ରହଣର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଏହି ସମୟ ମଧ୍ୟରେ ବହୁ ସଂଖ୍ୟକ ସତ୍ୟପାଠ କମିଶନଙ୍କ କାର୍ଯ୍ୟାଳୟକୁ ଆସିପାରି ନ ଥିଲା। ଫଳରେ ଜମାକାରୀମାନେ ସତ୍ୟପାଠ ଦାଖଲ ତାରିଖ ବୃଦ୍ଧି ପାଇଁ ଦାବି ଜଣାଇଥିଲେ।

# କାଳିଆ ଯୋଜନା ଆବେଦନ ଅବଧି ବଢ଼ିଲା

ଭୁବନେଶ୍ୱର,୯।୧(ବ୍ୟୁରୋ)

- ଜାନୁୟାରୀ ୧୫ ଯାଏ ଘୁଞ୍ଚିଲା
- ୨୫ରୁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ

'କାଳିଆ' ଯୋଜନା ପାଇଁ ଆବେଦନ କରିବା ସହ ଫର୍ମ ଦାଖଲର ଶେଷ ତାରିଖ ଜାନୁୟାରୀ ୧୫କୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ଏହା ଜାନୁୟାରୀ ୧୦ ଯାଏ ଉଦ୍ଦିଷ୍ଟ ଥିଲା। ଏହି ଯୋଜନା ପ୍ରତି ଚାଷୀମାନଙ୍କ ଆଗ୍ରହ ବଢୁଛି। ଏହାକୁ ବିଚାର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସମୀକ୍ଷା କରି ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଜାନୁୟାରୀ ୨୫ରୁ ଆରମ୍ଭ ହୋଇ ଫେବୃୟାରୀ ୫ ପର୍ଯ୍ୟନ୍ତ ଚାଲିବ। ଆବଶ୍ୟକସ୍ଥଳେ ତୃତୀୟ ପର୍ଯ୍ୟାୟ ଆବେଦନ ପାଇଁ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। 'କାଳିଆ' ଯୋଜନାରୁ ଯେପରି ଜଣେ ହେଲେ ବି ଯୋଗ୍ୟ ଚାଷୀ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ କହିଛନ୍ତି।

## ମାଛ ମାରିବା ପାଇଁ ନଦୀରେ ବିସ୍ଫୋରଣ, ୩ ଗୁରୁତର

ଦିଗପହଣ୍ଡି/ପାଟପୁର,୯।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଆଡ଼ପଡ଼ା ଗ୍ରାମ ସଂଲଗ୍ନ ଘୋଡ଼ାହାଡ଼ ନଦୀ ଗଣ୍ଡରେ ବୁଧବାର ଅପରାହ୍ନରେ ବିସ୍ଫୋରଣ କରି ମାଛ ମାରୁଥିବା ବେଳେ ୩ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ରାଜା ପ୍ରଧାନ, କୁନା ସ୍ୱାଇଁ ଓ କାଳିଆ ବେହେରା। ସେମାନଙ୍କୁ ପ୍ରଥମେ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ମାଛ ଧରିବା ପାଇଁ ଜାଲ ବଦଳରେ ପଥରଫୁଟା କାର୍ଯ୍ୟରେ ବ୍ୟବହୃତ ଜିଲୋଟିନ୍, ଡିନାମାଇଟ ଭଳି ବିସ୍ଫୋରକ ବ୍ୟବହାର କରାଯିବାରୁ ଏଭଳି ଘଟଣା ଘଟିଛି ବୋଲି ଅଭିଯୋଗ ହୋଇଛି।

## ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତସୂଚୀ ଚୂଡ଼ାନ୍ତ

### ସକାଳ ସାଢ଼େ ୯ରେ ଝାରସୁଗୁଡ଼ାରେ ପହଞ୍ଚିବେ

ଭୁବନେଶ୍ୱର,୯।୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୫ରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ଏହି ଦିନିକିଆ ଗସ୍ତରେ ବଲାଙ୍ଗୀରରେ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏହା ପରେ ବଲାଙ୍ଗୀର ପଥରଚେପା ଷ୍ଟାଡିୟମରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଗୃହ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମୋଦି ୧୫ ତାରିଖ ପୂର୍ବାହ୍ନ ୭ଟା ୫୦ରେ ଛାଡିବେ। ୯ଟା ୩୦ରେ ତାଙ୍କ ବିମାନ ଝାରସୁଗୁଡ଼ା ବିମାନ ବନ୍ଦରରେ ଅବତରଣ କରିବ। ସେଠାରୁ ହେଲିକପ୍ଟରରେ ବଲାଙ୍ଗୀର ଯିବେ। ଏହାପରେ ରେଳଷ୍ଟେଶନରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେବେ। ୧୦ଟା ୪୦ରୁ ୧୧ଟା ୧୦ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସେହି ସ୍ଥଳରେ ରହିବେ। ୧୧ଟା ୪୫ରେ ପଥରଚେପା ଷ୍ଟାଡିୟମ୍‌ରେ ଆୟୋଜିତ ଦଳୀୟ ସଭାରେ ଯୋଗ ଦେବେ। ସେଠାରେ ପ୍ରାୟ ୪୫ ମିନିଟ୍ ରହିବେ ବୋଲି ଜଣାପଡିଛି। ଏହାପରେ ସେଠାରୁ ବିମାନ ଯୋଗେ ଝାରସୁଗୁଡାରୁ ଫେରିବା ପରେ, ପୁନଶ୍ଚ ସେଠାରୁ କେରଳ ଅଭିମୁଖେ ଯାତ୍ରା କରିବେ। ଚଳିତ ମାସରେ ଏହା ତାଙ୍କର ଦ୍ୱିତୀୟ ଗସ୍ତ। ପୂର୍ବରୁ ୫ରେ ସେ ବାରିପଦା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ଦଳୀୟ ସଭାରେ ଯୋଗ ଦେଇଥିଲେ। ପୂର୍ବରୁ ଡିସେମ୍ବର ୨୪, ସେପ୍ଟେମ୍ବର ୨୨ ଏବଂ ମେ ୨୬ରେ ମୋଦି ଦିନିକିଆ ଓଡ଼ିଶା ଗସ୍ତରେ ଆସି ସାରିଛନ୍ତି।

## ଯୁବକଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି,୯।୧ (ଡି.ଏନ.ଏ.)

ମାଲକାନଗିରି ଜିଲାରେ ମାଓବାଦୀମାନେ ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି। ଏହି ଯୁବକ ଜଣକ ସ୍ୱାଭିମାନ ଅଞ୍ଚଳର ଶଙ୍କର ମୁଦୁଲି ବୋଲି ଜଣାପଡ଼ିଛି। ଏନେଇ ମାଲକାନଗିରି ପୋଲିସ ନିକଟରେ କୌଣସି ସୂଚନା ନାହିଁ। ତେବେ ଘଟଣାର ତଦନ୍ତ କରାଯିବ ବୋଲି ଏସପି ଜଗମୋହନ ମିନା କହିଛନ୍ତି। ଚିତ୍ରକୋଣ୍ଡା ବ୍ଲକ ଅଣ୍ଡ୍ରାପାଲ୍ଲି ପଞ୍ଚାୟତ ତାବେର ଗ୍ରାମରେ ମାଓବାଦୀମାନେ ପ୍ରଜାକୋର୍ଟ କରି ପୋଲିସକୁ ସହଯୋଗ କରୁଥିବା ଅଭିଯୋଗରେ ଶଙ୍କରଙ୍କୁ ମଙ୍ଗଳବାର ହତ୍ୟା କରିଥିବା ସୂଚନା ମିଳିଛି। ମାଓବାଦୀ ନେତା ସୁଧୀରଙ୍କ ନିର୍ଦ୍ଦେଶରେ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ଶଙ୍କର ପୋଲିସକୁ ସହଯୋଗ କରି ଏହି ଅଞ୍ଚଳର ଲୋକଙ୍କୁ ଲାଲବାହିନୀ ଛାଡିବା ପାଇଁ ପ୍ରବର୍ତ୍ତାଉଥିବା ମାଓବାଦୀମାନେ ଖବର ପାଇଥିଲେ। ପୂର୍ବରୁ ଶଙ୍କର ମାଓବାଦୀଙ୍କ ମିଲିସିଆ ଭାବେ କାମ କରୁଥିଲେ। ସେ ନିକଟରେ ଲାଲବାହିନୀ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ସହ ମାଓବାଦୀ ହିଂସା ଓ ଗତିବିଧିକୁ ବିରୋଧ କରୁଥିଲେ। କିଛି ଦିନ ତଳେ ଆନ୍ଧ୍ରରୁ ଆସିଥିବା ମାନବାଧିକାର ସଦସ୍ୟଙ୍କ ସ୍ୱାଭିମାନ ଅଞ୍ଚଳ ଗସ୍ତକୁ ମଧ୍ୟ ସେ ବିରୋଧ କରିଥିଲେ।




### ■ ଆସିଲା ବ୍ୟବଚ୍ଛେଦ ରିପୋର୍ଟ
## ଉଚ୍ଚରୁ ପଡ଼ି ଅଭିନେତ୍ରୀ ନିକିତାଙ୍କ ମୃତ୍ୟୁ ହୋଇଥିଲା

କଟକ ଅଫିସ, ୯।୧

ଅଭିନେତ୍ରୀ ନିକିତା ଓରଫ୍ ଲକ୍ଷ୍ମୀପ୍ରିୟା ବେହେରାଙ୍କ ବ୍ୟବଚ୍ଛେଦ ରିପୋର୍ଟ ବୁଧବାର ପୋଲିସର ହସ୍ତଗତ ହୋଇଛି। ଉଚ୍ଚ ସ୍ଥାନରୁ ପଡି ଓ ମୁଣ୍ଡରେ ଆଘାତ ଯୋଗୁ ନିକିତାଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ସେ କହିଛନ୍ତି, ରିପୋର୍ଟରେ କୌଣସି ନୂଆ କଥା ଆସିନାହିଁ। ପୂର୍ବରୁ ଯାହା ସ୍ପଷ୍ଟ ଥିଲା ତାହା ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ମାମଲାରେ ଅଧିକ ତଦନ୍ତ ପାଇଁ ଆମେ ନିକିତାଙ୍କ ଶାଶୁ ଓ ଶ୍ୱଶୁରଙ୍କୁ ଥାନାରେ ହାଜର ହେବାକୁ କହିଥିଲୁ। ସେ ହଜାର ନ ହେବାରୁ ବୁଧବାର ଜଣେ ପୋଲିସ କର୍ମଚାରୀ ତାଙ୍କ ଘରକୁ ଯାଇଥିଲେ। କିନ୍ତୁ ସେମାନେ ଘରେ ନ ଥିଲେ। ଆମେ ଏହି ମାମଲାରେ ଯାହା ଆବଶ୍ୟକ ତାହା ଉପରେ ତଦନ୍ତ ଚଳାଇଛୁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ରାତିରେ ନିକିତାଙ୍କୁ ତାଙ୍କ ସ୍ୱାମୀ ଲିପନ ସାହୁ ଛାତରୁ ଠେଲି

**ଶାଶୁ, ଶ୍ୱଶୁରଙ୍କୁ ନ ପାଇ ଫେରିଲା ପୋଲିସ**

ଦେଇଥିଲେ। ମହାନଦୀ ବିହାରସ୍ଥିତ ନିକିତାଙ୍କ ବାପ ଘରେ ଏହି ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ସନ୍ଧ୍ୟାରେ ନିକିତାଙ୍କ ବାପା ସନାତନ ବେହେରା ଏନେଇ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ସୋମବାର ନିକିତାଙ୍କ ସ୍ୱାମୀ ଲିପନଙ୍କୁ ଗିରଫ କରିଥିଲା। ତାଙ୍କୁ ପଚରାଉଚରା ବେଳେ ସେ ନିକିତାଙ୍କୁ ଛାତରୁ ଠେଲିଥିବା ମାନିଥିଲେ। ମଙ୍ଗଳବାର ତାଙ୍କୁ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଥିଲା।

### ■ ଏନ୍‌ଏଭିବିଡିର ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ
# ଭୁବନେଶ୍ୱରରେ ମ୍ୟାଲେରିଆ ଗବେଷଣା ହବ୍ ପ୍ରତିଷ୍ଠା ପାଇଁ ପ୍ରସ୍ତାବ




ବୁଧବାର ନ୍ୟାଶନାଲ ଏକାଡେମୀ ଅଫ୍ ଭେକ୍ଟର ବର୍ନ ଡିଜିଜ୍(ଏନ୍‌ଏଭିବିଡି)ର ୧୪ତମ ଅନ୍ତର୍ଜାତୀୟ ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

ଭୁବନେଶ୍ୱର, ୯।୧(ବ୍ୟୁରୋ)

ରାଜ୍ୟରେ ଅଣସଂକ୍ରମିତ ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ଆଇସିଏମ୍‌ଆର, ଆରଏମ୍‌ଆରସି ସହିତ ଏନ୍‌ଆଇଏମ୍‌ଆର ଓ ଏନ୍‌ଭିବିଡିସିପିର ଅବଦାନ ଅନସ୍ୱୀକାର୍ଯ୍ୟ। ଓଡ଼ିଶାରେ ମ୍ୟାଲେରିଆ ଓ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ଭୁବନେଶ୍ୱର ଆରଏମ୍‌ଆରସି ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ତେଣୁ ଆରଏମ୍‌ଆରସି ଏ କ୍ଷେତ୍ରରେ ନେତୃତ୍ୱ ନେବା ସହିତ ଭୁବନେଶ୍ୱରରେ ମ୍ୟାଲେରିଆ ଗବେଷଣା ହବ୍ ପ୍ରତିଷ୍ଠା କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା ପ୍ରସ୍ତାବ ଦେଇଛନ୍ତି। ବୁଧବାର ନ୍ୟାଶନାଲ ଏକାଡେମୀ ଅଫ୍ ଭେକ୍ଟର ବର୍ନ ଡିଜିଜ୍ (ଏନ୍‌ଏଭିବିଡି)ର ୧୪ତମ ଅନ୍ତର୍ଜାତୀୟ ସମ୍ମିଳନୀରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଗତ ୨୫ବର୍ଷ ମଧ୍ୟରେ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ଏନ୍‌ଏଭିବିଡିର କାର୍ଯ୍ୟକୁ ସମଗ୍ର ଦେଶ ଧନ୍ୟବାଦ ଦେବା ଆବଶ୍ୟକ। ୨୦୩୦ ସୁଦ୍ଧା ସମଗ୍ର ଦେଶରୁ ମ୍ୟାଲେରିଆ ବିଲୋପ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସମୟସୀମା ଦେଇଥିବାବେଳେ ଏହି ସମ୍ମିଳନୀ ଏ କ୍ଷେତ୍ରରେ ବେଶ୍ ସହାୟକ ହେବ। ସମ୍ମିଳନୀରୁ ଯେଉଁ ନିର୍ଯାସ ବାହାରିବ ତାହା କେବଳ ଭାରତ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ଲାଭଦାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ବିଭାଗୀୟ ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଯୋଗଦେଇ କହିଲେ, ଓଡ଼ିଶାରେ ଏବେ ଆଉ ବିଗତ ଦିନର ମ୍ୟାଲେରିଆ ସ୍ଥିତି ନାହିଁ। ରାଜ୍ୟ ସରକାରଙ୍କ ସଫଳ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଯୋଗୁ ଏହା ୮୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଏହି ଧାରାକୁ ବଜାୟ ରଖିବା ଆମ ସମସ୍ତ ପାଇଁ ଏକ ଆହ୍ୱାନ। ଭୁବନେଶ୍ୱର ଆରଏମ୍‌ଆରସିର ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ସମ୍ମିଳନୀର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇସିଏମ୍‌ଆରର ପୂର୍ବତନ ନିର୍ଦ୍ଦେଶକ ପଦ୍ମଭୂଷଣ ପ୍ରଫେସର ଏନ୍. କେ. ଗାଙ୍ଗୁଲି, ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏସ୍. ପି. ଦାଶ, ଆଇସିଏମ୍‌ଆର-ଏନ୍‌ଆଇଏମ୍‌ଆର ନୂଆଦିଲ୍ଲୀର ନିର୍ଦ୍ଦେଶକ ଡା. ନବୀନ ଭାଲେଚା, ଏନ୍‌ଏଭିବିଡିର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ଡା. ଆର.ଏସ୍.ଶର୍ମା ପ୍ରମୁଖ ଯୋଗଦେଇଥିଲେ। ଏହି ସମ୍ମିଳନୀ ୩ଦିନ ଧରି ଚାଲିବ।

ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁ ଯାତ୍ରା ଉପଲକ୍ଷେ
boyanika 63 Years of Excellence
ବୟନିକା
୬୩ ବର୍ଷର ଉତ୍କର୍ଷ
ଦ୍ୱାରା ଆୟୋଜିତ
NATIONAL HANDLOOM EXPO 2019
ଜାତୀୟ ହସ୍ତତନ୍ତ ମେଳା ୨୦୧୯
ସ୍ଥାନ : ଲେଙ୍ଗୁ ମିଶ୍ର ମିନି ଷ୍ଟାଡ଼ିୟମ୍, ବରଗଡ଼
୧୦ ଜାନୁଆରୀ ୨୦୧୯ ସନ୍ଧ୍ୟା ୬.୦୦ ଘଟିକା ସମୟରେ
ଉଦ୍‌ଘାଟନ କରିବେ :
ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ
ମାନନୀୟା ମନ୍ତ୍ରୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓଡ଼ିଶା
ଭବ୍ୟ ଉପସ୍ଥିତି :
ଶ୍ରୀଯୁକ୍ତ ସୁଶାନ୍ତ ସିଂହ
ମାନ୍ୟବର ମନ୍ତ୍ରୀ, ଶକ୍ତି, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା, ଓଡ଼ିଶା
ଶ୍ରୀଯୁକ୍ତ ପ୍ରସନ୍ନ ଆଚାର୍ଯ୍ୟ
ମାନ୍ୟବର ସାଂସଦ, ରାଜ୍ୟସଭା
ଡଃ ପ୍ରଭାସ କୁମାର ସିଂହ
ମାନ୍ୟବର ସାଂସଦ, ଲୋକସଭା, ବରଗଡ଼
ଶ୍ରୀଯୁକ୍ତ ଦେବେଶ ଆଚାର୍ଯ୍ୟ
ମାନ୍ୟବର ବିଧାୟକ, ବରଗଡ଼
ଶ୍ରୀଯୁକ୍ତ ପ୍ରଦୀପ ପୁରୋହିତ
ମାନ୍ୟବର ବିଧାୟକ, ପଦ୍ମପୁର
ରୀତା ସାହୁ
ମାନନୀୟା ବିଧାୟକ, ବିଜେପୁର
ଶ୍ରୀଯୁକ୍ତ ଇନ୍ଦ୍ରମଣୀ ତ୍ରିପାଠୀ, ଓ.ପ୍ର.ସେ(ଏସ୍.ଏ.ଜି)
ଜିଲ୍ଲାପାଳ, ବରଗଡ଼
ଶ୍ରୀଯୁକ୍ତ ମୁକେଶ କୁମାର ଭାମୁ, ଭା.ପୋ.ସେ
ଆରକ୍ଷୀ ଅଧିକ୍ଷକ, ବରଗଡ଼
ଏହି ଉତ୍ସବରେ ଯୋଗ ଦେବା ନିମନ୍ତେ ବିନମ୍ର ଅନୁରୋଧ ।
ଆକର୍ଷଣୀୟ ସରକାରୀ ରିହାତି
ଆକର୍ଷଣୀୟ ସରକାରୀ ରିହାତି
ତା.୧୦.୦୧ ରୁ ତା.୨୬.୦୧.୨୦୧୯ରିଖ ପର୍ଯ୍ୟନ୍ତ
ଦିବା ୧୧.୩୦ ରୁ ରାତ୍ର ୯.୩୦ ଘଟିକା ପର୍ଯ୍ୟନ୍ତ ।
ବିକାଶ ଚନ୍ଦ୍ର ମହାପାତ୍ର, ଓ.ପ୍ର.ସେ.(ଏସ୍.ଏ.ଜି)
ପରିଚାଳନା ନିର୍ଦ୍ଦେଶକ, ବୟନିକା
ଶେଷ କୁମାର ମେହେର
ସଭାପତି, ବୟନିକା
ପ୍ରାୟୋଜକ : ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
ଆୟୋଜକ : ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ(ବୟନିକା)



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ................................



ଦିବ୍ୟରଞ୍ଜନ
ପରିବାରବର୍ଗ



ଭରତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# classified

real estate

### SALE

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

Schedule caste & General conversion plot sale IIT Argul Railway Station 4000 sqft. 8,00,000/-. 8249086912. D-65322

**Fully furnished commercial property/ office space for sale 2929 sqft. super buildup area plus 495 sqft. terrace at "Forum Mart", Big Bazar building 5th floor, Unit- III, Kharvel Nagar, Bhubaneswar, Odisha (near Ram Mandir Square). Price per sqft. Rs. 5,600/- negotiable. Contact point: 7008729138.** D-65327

ଭୁବନେଶ୍ୱରରୁ ପିପିଲି ମଧ୍ୟରେ ଗୁଡିଆପୋଖରୀ ନିକଟରେ NH-203 ଠାରୁ 300 mtr. ଦୂରତାରେ 1500 sqft. plot (5 nos.) available for immediate sale. 9437114429, 9438651443. D-65320

2000 sqft. plot (12 Nos.) at Sankarpur, Vipulgarden backside, Ghatikia, Bhubaneswar (electricity, supply water, 30' Road) 7381564227. D-65438

ଭୁବନେଶ୍ୱର Patia Big Bazarରୁ 3.5km. ବାସୋପଯୋଗୀ plot 1200 sqft. 4,80,000/-ରେ ମିଳୁଛି। Immediate registration & possession. 9937032327, 9583328312. D-65326

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65329

to-let

First and second floor each 1430 sqft. near Uttara Square, Bhubaneswar on National Highway for restaurant, office. Contact: 7978097047. D-52884

astrology

ପଣ୍ଡିତ ଶ୍ରୀ ରାଜକିଶୋର ଷଡ଼ଙ୍ଗୀ ଲୀଳାବତୀସୂତ୍ର, ପ୍ରତ୍ୟଙ୍ଗିରାତନ୍ତ୍ର ବିଭିନ୍ନ ସମସ୍ୟାର ପ୍ରତିକାର। 9937924141, 9437405379. D-60934

### LOST

I Basudev Swain, S/o- Bhujendra Kumar Swain declare in Dharitri Newspaper that my B.Tech (BPUT) Certificate, Regd. No.- 0601221230 and SL No.- ALHB06008639 has lost. Anybody found contact: 8908756767. D-10464

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**
**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଗଙ୍ଗାଧର ମହାନ୍ତି**
ମାର୍କଣ୍ଡେଶ୍ୱର ସାହି, ପୁରୀ ଟାଉନ୍
ଆବିର୍ଭାବ: ୧୪।୦୭।୧୯୪୩
ତିରୋଧାନ: ୩୧।୧୨।୨୦୧୮
ଅନନ୍ତକୋଟି ବ୍ରହ୍ମାଣ୍ଡନାୟକ ନୀଳାଚଳଧାମର ମଉଡମଣି ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ଶାନ୍ତି ଏବଂ ସଦ୍‌ଗତି ପ୍ରଦାନ କରନ୍ତୁ ଏତିକି ମାତ୍ର ଗୁହାରି। ଶୋକସନ୍ତପ୍ତ ବନ୍ଧୁ ଏବଂ ପରିବାରବର୍ଗ, ପୁରୀ। ଧ-୬୪୦୩୪

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶତପଥୀ**
ଅବସରପ୍ରାପ୍ତ ଜିଲ୍ଲା ସ୍କୁଲ ପ୍ରଧାନ ଶିକ୍ଷକ, କୁଞ୍ଜକାନ୍ତ, ଢେଙ୍କାନାଳ
ଆବିର୍ଭାବ: ୦୩।୦୧।୧୯୨୮
ତିରୋଧାନ: ୩୦।୧୨।୨୦୧୮
ବାପା, ଆଜି ତୁମ ଦ୍ୱାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ତୁମ ଆଶୀର୍ବାଦ ଆମର ପାଥେୟ ହେଉ, ତୁମର ଦୃଢ ମନୋବଳ, ଶୃଙ୍ଖଳିତ ଜୀବନ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ପରିବାର, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୨୦୬୩


## ପ୍ରଥମ ପୃଷ୍ଠାରୁ...

## ୩୧ରୁ ବଜେଟ ...

ପରେ ରାଜ୍ୟ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯିବ। ଏହା ପରେ ଉକ୍ତ କମିଟି ବଜେଟ୍ ଅଧିବେଶନର ତାରିଖ ଚୂଡ଼ାନ୍ତ କରିବ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆସନ୍ତା ୩୧ରେ ପାର୍ଲାମେଣ୍ଟର ଉଭୟ ଗୃହକୁ ସମ୍ବୋଧିତ କରିବେ ଏବଂ ଏହି ଦିନ ଅର୍ଥନୈତିକ ସର୍ଭେ ରିପୋର୍ଟ ଆଗତ କରାଯିବ। ବଜେଟ ଅଧିବେଶନ ସାଧାରଣତଃ ଦୁଇଟି ପର୍ଯ୍ୟାୟରେ ବସିଥାଏ। ଏପ୍ରିଲ-ମେ'ରେ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ଏଥର ଏହା ଗୋଟିଏ ପର୍ଯ୍ୟାୟରେ ହୋଇପାରେ। ଏହା ହେବ ଷୋଡ଼ଶ ଲୋକ ସଭାର ଶେଷ ଅଧିବେଶନ।

## ୮.୨୪ ଲକ୍ଷ କୋଟି ...



ପଞ୍ଚଦଶ ଅର୍ଥ କମିଶନ ଅଧ୍ୟକ୍ଷ ନନ୍ଦ କିଶୋର ସିଂହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି।

ଦକ୍ଷତା ବିକାଶ , ବାତ୍ୟା ଆଶ୍ରୟ ସ୍ଥଳୀର ଭିତ୍ତିଭୂମି, ଓଡ୍ରାଫ, ତୀର୍ଥ ସ୍ଥଳୀଗୁଡିକର ଭିତ୍ତିଭୂମି, ବିକାଶ ପାଇଁ ୮୭,୫୨୦ କୋଟି, କ୍ୟାପିଟାଲ ଆସେଟ ରକ୍ଷଣା ବେକ୍ଷଣ ପାଇଁ ୭୮,୭୦୦ କୋଟିର ଅନୁଦାନ ଦେବାକୁ ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି। ଖଣିଜ ସମ୍ପଦ ଭରା ରାଜ୍ୟ ପାଇଁ ସ୍ୱତନ୍ତ୍ର ଅନୁଦାନ, ଅନୁସୂଚୀତ ଅଞ୍ଚଳବିକାଶ ପାଇଁ ସହାୟତା, ଦ୍ରବ୍ୟ ଓ ସେବା ଟିକସ( ଜିଏସଟି) କ୍ଷତିପୂରଣ ରାଶି ୨୦୨୨ ଅଗଷ୍ଟରୁ ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ରାଜ୍ୟ ସରକାର କମିଶନଙ୍କ ନିକଟରେ ଦାବି କରିଛନ୍ତି। କ୍ଲିନ ଏନଭାଇରନମେଣ୍ଟ ସେସ୍‌କୁ ଜିଏସଟି ପରିସରରୁ ଅଲଗା କରି କୋଇଲା ଉତ୍ପାଦନ ରାଜ୍ୟ ଭାବେ ସ୍ୱତନ୍ତ୍ର ଅନୁଦାନ ଦେବା ଏବଂ ଏଥିସହିତ ୨୦୧୧ ଜନଗଣନା ପରିବର୍ତ୍ତେ ୧୯୭୧ ଜନସଂଖ୍ୟାକୁ ମାନଦଣ୍ଡ ଆକାରରେ ଧରି ମାପଦଣ୍ଡ ପ୍ରସ୍ତୁତ କରିବାକୁ ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି। ବୁଧବାର ଦ୍ୱିତୀୟ ଦିବସରେ କମିଶନ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପଞ୍ଚଦଶ ଅର୍ଥ କମିଶନ ଅଧ୍ୟକ୍ଷ ନନ୍ଦ କିଶୋର ସିଂହ କହିଛନ୍ତି ଯେ, ଚାଷୀଙ୍କୁ ଋଣ ଛାଡ଼ କରିବା ରାଜ୍ୟ ସରକାରଙ୍କ ବ୍ୟାପାର। ସେଥିରେ ଅର୍ଥ କମିଶନଙ୍କର କୌଣସି ମତଦେବାର ନାହିଁ। କୃଷି ଋଣ ଛାଡ଼ ହେଲେ ଆଗାମୀ ୫ ବର୍ଷ ପାଇଁ ଜାତୀୟ ଅଭିବୃଦ୍ଧି ହାର ୧୦% ହାସଲ ଦିଗରେ ପ୍ରତିବନ୍ଧକ ହେବ ବୋଲି କମିଶନ ଚେତାଇ ଦେଇଛନ୍ତି। ତେବେ ଗରିବ ଚାଷୀମାନଙ୍କୁ ଋଣଭାରରୁ ରକ୍ଷା କରିବାକୁ ରାଜ୍ୟ ସରକାର ଆରମ୍ଭ କରିଥିବା କାଳିଆ ଯୋଜନା ଉଦ୍ଦେଶ୍ୟ ମହତ। ତେବେ ଏହି ଯୋଜନାର ହିତାଧୀକାର ଚୟନରେ ସ୍ୱଚ୍ଛତା ରହିବା ଦରକାର। ଏହା ହେଲେ କ୍ଷୁଦ୍ର, ନାମମାତ୍ର ଓ ଭାଗ ଚାଷୀ ଫାଇଦା ପାଇ ପାରିବେ। ଏଭଳି ଢଙ୍ଗରେ କମିଶନ ରାଜ୍ୟ ସରକାରଙ୍କୁ ପ୍ରଶଂସା ଓ ପରୋକ୍ଷରେ ସତର୍କ ମଧ୍ୟ କରାଇଛନ୍ତି। ଅଧ୍ୟକ୍ଷ ସିଂ କହିଛନ୍ତି ଯେ, ଓଡିଶା ସବୁଠାରୁ ବିକଶିତ ରାଜ୍ୟ ହେବା ନେଇ ପର୍ଯ୍ୟାପ୍ତ ସମ୍ଭାବନା ରହିଛି। ଏଠାରେ ରାଜନୈତିକ ସ୍ଥିରତା ରହିଥିବାରୁ ବିକାଶ କ୍ଷେତ୍ରରେ ଏହା ଯଥେଷ୍ଟ ସହାୟକ ହେବ। ରାଜ୍ୟର ସାମଗ୍ରିକ ଅଭିବୃଦ୍ଧି ହାର ସନ୍ତୋଷଜନକ ଥିଲେ ମଧ ଗତ ୨ ବର୍ଷ ହେବ ଜାତୀୟ ହାର ତୁଳନାରେ କମ୍ ରହିଛି। ଆର୍ଥିକ ବିକାଶ ହାରରେ ସ୍ଥିରତା ରହୁ ନାହିଁ। ଫଳରେ ରାଜ୍ୟରେ ମୁଣ୍ଡପିଛା ଆୟ କମ ରହିଛି। ଲଗାତର ପ୍ରାକୃତିକ ବିପର୍ଯ୍ୟୟ ଏହାର ମୁଖ୍ୟ କାରଣ ହୋଇପାରେ ବୋଲି ସିଂ କହିଛନ୍ତି। ଋଣ ହାର ଧାର୍ଯ୍ୟ ଲକ୍ଷ୍ୟଠାରୁ ଉପରକୁ ଯାଇ ନ ଥିବାରୁ କମିଶନ ସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟ ସରକାର ଦାରିଦ୍ର୍ୟ ଦୂର କରିବାରେ ସଫଳ ପଦକ୍ଷେପ ନେଇଛନ୍ତି। ତେବେ ଏ ଦିଗରେ ଆହୁରି ଅନେକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ରାଜ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକର ଅବସ୍ଥା ଭଲ ନାହିଁ। ପ୍ରତି ୧୦ ହଜାର ଜନସଂଖ୍ୟା ପାଇଁ ଜଣେ ଡାକ୍ତର ନିଯୁକ୍ତି ହୋଇଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାରାମେଡିକାଲ କର୍ମଚାରୀମାନଙ୍କର ସଂଖ୍ୟା ବଢାଇବା ଦରକାର। ଉଚ୍ଚଶିକ୍ଷା କ୍ଷେତ୍ରରେ ରାଜ୍ୟରେ ପ୍ରଗତୀ ହୋଇଛି, ତେବେ ଏ ଦିଗରେ ଆହୁରି ଅନେକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। କୃଷି କ୍ଷେତ୍ରରେ ଆଖିଦୃଶିଆ ପ୍ରଗତି ହୋଇ ନ ଥିବାରୁ କମିଶନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ଦିଗରେ ରାଜ୍ୟ ସରକାର ଆହୁରି ଅନେକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। କେନ୍ଦ୍ର ବଜେଟ ପ୍ରସ୍ତୁତ ହେବା ପୂର୍ବରୁ ଓଡିଶା ଗସ୍ତରେ ଆସିଥିବା ପଞ୍ଚଦଶ ଅର୍ଥ କମିଶନ ଦୁଇଦିନ ଧରି ରାଜ୍ୟର ଆର୍ଥିକ ସ୍ଥିତି, ବିକାଶ ଓ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ନେଇ ପଞ୍ଚାୟତିରାଜ ସଂସ୍ଥା, ପୌରସଂସ୍ଥା, ଶିଳ୍ପ ଓ ବାଣିଜ୍ୟ ସଂଗଠନର ପ୍ରତିନିଧି, ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ମାରାଥନ ଆଲୋଚନା କରିଛନ୍ତି। ସିଂହ କହିଥିଲେ ଯେ ଦୁଇଦିନ ଧରି ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳଙ୍କ ସହ ଫଳପ୍ରଦ ଆଲୋଚନା ହୋଇଛି। ଓଡିଶାରେ ପ୍ରଚୁର ଖଣିଜ ସମ୍ପଦ ରହିଛି। ୧୬ଟି ରାଜ୍ୟ ଗସ୍ତ କରିବା ପରେ ଓଡିଶାରେ ପହଞ୍ଚିଛୁ। ଚଳିତବର୍ଷ ଶେଷ ଆଡକୁ କମିଶନ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ। ୨୦୨୦ରୁ ୨୦୨୫ ପାଇଁ ଯୋଜନା ପ୍ରସ୍ତୁତ ହେବ। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡିଶା ଉତ୍ତମ ପ୍ରଦର୍ଶନ କରି ପାରିଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆରଏଫ୍) ବୃଦ୍ଧି କରିବାକୁ ରାଜ୍ୟ ସରକାର ଦାବି କରିଥିବା ଏନ.କେ.ସିଂ କହିଛନ୍ତି। ଆନ୍ଧ୍ର, ବିହାର, ଓଡିଶା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରୁଛନ୍ତି। ଓଡିଶା ଆର୍ଥିକ ସ୍ୱାଧିନତା ଦାବି କରୁଛି। ତାହା କମିଶନଙ୍କ ପରିସର ଭୁକ୍ତ ନୁହେଁ ବୋଲି କମିଶନ କହିଛନ୍ତି।

## ମହାମେଣ୍ଟରେ ଯୋଗଦେବ...

ନେଇ ରାଜନୀତି ସରଗରମ ହେଉଛି, ତ ପୁଣି କେଉଁଠି ଚାଷୀଙ୍କୁ ସୁହାଇବା ଭଳି ପ୍ୟାକେଜ୍ ଘୋଷଣା କରି ସେମାନଙ୍କୁ ନିଜ ସପକ୍ଷକୁ ଟାଣିବାକୁ ଚେଷ୍ଟା କରୁଛନ୍ତି ସଂପୃକ୍ତ ସରକାର। ଏଭଳି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ଧାନର ଏମ୍‌ଏସ୍‌ପି ଅପର୍ଯ୍ୟାପ୍ତ ଦର୍ଶାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ନୂଆଦିଲ୍ଲୀରେ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରି କାଠଗଡ଼ାରେ ଛିଡ଼ା କରାଇଥିଲେ। କେନ୍ଦ୍ର ସରକାର ଚାଷୀ ବିରୋଧୀ। ତେଣୁ କୃଷକଙ୍କ ସମସ୍ୟାଗୁଡିକର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନେଉନାହାନ୍ତି ବୋଲି ନବୀନ ମତ ରଖିଥିଲେ। କେନ୍ଦ୍ର ପ୍ରତି ତାଙ୍କର ଆଭିମୁଖ୍ୟ ଦେଖି ଜାତୀୟ ଗଣମାଧମରେ ବିଭିନ୍ନ ଚର୍ଚ୍ଚା ଜୋର ଧରିଥିଲା। ଏପରି କି ମହାମେଣ୍ଟରେ ସାମିଲ ସମ୍ପର୍କରେ ତାଙ୍କୁ ପଚରାଯିବାରୁ ଏଥିପାଇଁ ତାଙ୍କୁ ଅଧିକ ସମୟ ଦରକାର ଥିବା ନବୀନ ପଟ୍ଟନାୟକ କହିଥିଲେ। ହେଲେ ଏହାର ଗୋଟିଏ ଦିନ ପରେ ସେ ମେଣ୍ଟରେ ଯୋଗଦାନ ନେଇ ସମ୍ପୂର୍ଣ୍ଣ ମନା କରି ଦେଇଛନ୍ତି। ବିଜେଡିର ଏଭଳି ରଣନୀତି ନେଇ କଂଗ୍ରେସ ସମାଲୋଚନା କରିଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ବିଜେଡି ସମଦୂରତ୍ୱ ନୀତି ବିଷୟରେ ସମସ୍ତଙ୍କୁ ଜଣା। ଭାଜପା ସହ ବିଜେଡିର ସମ୍ପର୍କ ବିଷୟରେ କାହାକୁ କିଛି ଅଛପା ନାହିଁ। ବିଜେଡିକୁ ଯାଉଥିବା ପ୍ରତିଟି ଭୋଟ ଜାତୀୟସ୍ତରରେ ଜନବିରୋଧୀ ଭାଜପା ସରକାରକୁ ସୁଦୃଢ କରିବ। ତେଣୁ ଏ ଦୁଇ ଦଳର ପ୍ରକୃତ ବିକଳ୍ପ ହେଉଛି କଂଗ୍ରେସ। କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ନିଜର ଲୋକପ୍ରିୟତା ହରାଇଛନ୍ତି, ଯାହା ଆଗାମୀ ସାଧାରଣ ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ନିରଞ୍ଜନ କହିଛନ୍ତି। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ଏହି ପ୍ରସଙ୍ଗରେ ବିଜେଡି ଅପେକ୍ଷା କଂଗ୍ରେସ ମେଣ୍ଟକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, ଏସ୍‌ପି, ବିଏସ୍‌ପି ଏବଂ ଟିଏମ୍‌ସି କଂଗ୍ରେସର ହାତ ଛାଡ଼ି ସାରିଛନ୍ତି। ତେଣୁ ଆଲୋଚିତ ହେଉଥିବା ମହାମେଣ୍ଟର କୌଣସି ଆଧାରନାହିଁ।

## ରଞ୍ଜିତ କୁମାର ଆମିକସ୍...

ଖଣ୍ଡପୀଠ ନିଯୁକ୍ତ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୫କୁ ଧାର୍ଯ୍ୟ ହୋଇଛି। ଶ୍ରୀମନ୍ଦିରରେ ଭକ୍ତମାନେ ସେବକଙ୍କ ଦ୍ୱାରା ନାନା ହଇରାଣ ଓ ଶୋଷଣର ଶିକାର ହେଉଛନ୍ତି। ଏଣୁ ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ଆଇନଜୀବୀ ମୃଣାଳିନୀ ପାଢୀ ଗତ ଜୁନ୍ ୭ରେ ସୁପ୍ରିମ୍‌କୋର୍ଟରେ ଏକ ଆବେଦନ କରିଥିଲେ। ଜୁନ୍ ୮ରେ ୨ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରି ଦାନ, ଦକ୍ଷିଣା ଆଦାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏହି ମାମଲାରେ କୋର୍ଟଙ୍କୁ ସହଯୋଗ କରିବା ପାଇଁ ସୁବ୍ରମଣ୍ୟମ୍‌ଙ୍କୁ ଆମିକସ୍ କ୍ୟୁରି ଭାବେ ନିଯୁକ୍ତ କରିଥିଲେ। ଏହାପରେ ସୁବ୍ରମଣ୍ୟମ୍ ପୁରୀ ଆସି ସେପ୍ଟେମ୍ବର ୨୧ ଓ ୨୨ ତାରିଖରେ ସ୍ଥିତି ଅନୁଧ୍ୟାନ କରିବା ସହ ଶଙ୍କରାଚାର୍ଯ୍ୟ, ଗଜପତି, ଶ୍ରୀମନ୍ଦିର ପ୍ରଶାସନ ସମେତ ବିଭିନ୍ନ ପକ୍ଷଙ୍କ ମତ ସଂଗ୍ରହ କରିଥିଲେ। କିନ୍ତୁ ନଭେମ୍ବର ୩୦ରେ ହେବାକୁ ଥିବା ମାମଲାର ଶୁଣାଣି ପୂର୍ବରୁ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଦାୟିତ୍ୱରୁ ଓହରିଯାଇଥିଲେ। ତେବେ ସୁବ୍ରମଣ୍ୟମଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଅଣାଯିବାରୁ ସେ ଓହରିଗଲେ ବୋଲି ଓଡିଶା ସରକାରଙ୍କ ପକ୍ଷରୁ ଉପସ୍ଥିତ ଓକିଲ ଶିବାଶିଷ ମିଶ୍ର ଅଦାଲତଙ୍କୁ ଜଣାଇଥିଲେ।

## ଓଡ଼ିଶାରେ ହେବ ...

୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ସଫଳ ଭାବେ ଆୟୋଜିତ ହେବା ଯୋଗୁଁ ଏହି ସୁଯୋଗ ଏବେ ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନକୁ ମିଳିଛି। କଟକ କିମ୍ବା ଭୁବନେଶ୍ୱରରେ ଏହି ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ କରାଯିବ ବୋଲି ରାଜ୍ୟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍‌ଯାପନୀ ଉତ୍ସବରେ ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆର ସାଧାରଣ ସମ୍ପାଦକ ଏମ.ପି. ସିଂ ଯୋଗ ଦେଇ ଓଡ଼ିଶାରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍ ହେବାର ସବୁଜ ସଙ୍କେତ ଦେଇଛନ୍ତି। ତେବେ ଏଯାଏ ଭେନ୍ୟୁ ଚୂଡ଼ାନ୍ତ ହୋଇନାହିଁ। ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ହେଲେ ଖେଳାଳିଙ୍କ ରହଣି ନିମନ୍ତେ ପଞ୍ଚ ତାରକା ହୋଟେଲର ଆବଶ୍ୟକତା ରହିଛି।ଯାହା କଟକରେ ଉପଲବ୍ଧ ନାହିଁ। ଅନ୍ୟପପକ୍ଷରେ ଭୁବନେଶ୍ୱରରେ ପଞ୍ଚତାରକା ହୋଟେଲ ଥିବା ବେଳେ ବିଶ୍ୱ ସ୍ତରୀୟ ଟିଟି ଟୁର୍ନାମେଣ୍ଟ ନିମନ୍ତେ ଉପଯୁକ୍ତ ଭିତ୍ତିଭୂମିର ଅଭାବ ରହିଛି । ଏଣୁ ଖେଳାଳିମାନେ ଭୁବନେଶ୍ୱରରେ ରହିବା ସହ କଟକରେ ଟୁର୍ନାମେଣ୍ଟ ହେବାର ଆଶା ରହିଛି ବୋଲି ରାଜ୍ୟ ଟିଟି ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା କହିଛନ୍ତି। ଖୁବ୍‌ଶୀଘ୍ର ଜାତୀୟ ସଂଘର ଏକ ଟିମ ଟୁର୍ନାମେଣ୍ଟ ଆୟୋଜନ କରିବା ନିମନ୍ତେ ଅନୁଧ୍ୟାନରେ ଆସିବ ବୋଲି ସେ କହିଥିଲେ।

## ଋଣଭାରରୁ ଚାଷୀ...

ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ମିଳି ନ ଥିଲା। ବୁଧବାର ଭୋର ପ୍ରାୟ ୬ଟାରେ ତାଙ୍କ ମୃତଦେହ ରତ୍ନମାଳାପୁର ବୁଦ୍ଧେଶ୍ୱର ଶୈବପୀଠରୁ ପ୍ରାୟ ୫ ଶହ ମିଟର ଦୂରରେ ଥିବା ଚାଷଜମିରେ ପଡ଼ିଥିବା ଜଣା ପଡିଥିଲା । ନିକଟରେ ପ୍ରକାଶ ବାନ୍ତି କରିଥିବାରୁ ସେ କୌଣସି କୀଟନାଶକ ଖାଇ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି । ଅପରପକ୍ଷରେ ତିତ୍‌ଲି ଯୋଗୁ ଫସଲ ହାନୀ କାରଣରୁ ଋଣ ପରିଶୋଧ କରି ନ ପାରିବା ଆଶଙ୍କା କରି ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ତାଙ୍କ ଶଳା ଅଲେଖ ରେଡ୍ଡୀ, ସାନଭାଇ ଏନ୍. ସହଦେବ ରେଡ୍ଡୀ ଓ ଗ୍ରାମର ମୁଖିଆ ଅଭି ରେଡ୍ଡୀ ଅଭିଯୋଗ କରିଛନ୍ତି। ପ୍ରକାଶ ଧାରକରଜ କରି ଚଳିତ ବର୍ଷ ସେ ଚାଷ କରିଥିଲେ । ଫସଲ ହାନୀ କାରଣରୁ ସେ ଚିନ୍ତାରେ ରହୁଥିଲେ। ଏନେଇ ସାନଖେମୁଣ୍ଡି ବ୍ଲକ ସହକାରୀ କୃଷି ଅଧିକାରୀ ବିଶ୍ୱରଞ୍ଜନ ରାଉତଙ୍କୁ ପଚାରିବାରୁ ପ୍ରକାଶ ପଞ୍ଜୀକୃତ ଚାଷୀ ହୋଇ ନ ଥିବା କହିଛନ୍ତି । ସମ୍ପୃକ୍ତ ଇଲାକାରେ ଆଶାଜନକ ଧାନଫସଲ ଅମଳ ହୋଇଥିବା ସେ ଜଣାଇଛନ୍ତି।

## ୨ ଦିନିଆ ଧର୍ମଘଟ ...

ଏକ୍ସପ୍ରେସ, ପୁରୀ-କଟକ-ପୁରୀ ପାସେଞ୍ଜର, କଟକ-ବ୍ରହ୍ମପୁର-କଟକ ପାସେଞ୍ଜର ଟ୍ରେନକୁ ବାତିଲ କରାଯାଇଥିବା ବେଳେ ଅନେକ ଟ୍ରେନ ଗତିପଥ ବଦଳାଯାଇଥିଲା। କେତେକ ଟ୍ରେନ ଷ୍ଟେଶନରେ ଦୀର୍ଘ ସମୟ ଧରି ଅଟକି ରହିଥିଲା। ବସ୍ ଓ ଟ୍ରେନ ଚଳାଚଳ କରୁ ନ ଥିବାରୁ ଦୂର ଦୁରାନ୍ତକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ହୀନସ୍ତା ହୋଇଥିଲେ। ବସଷ୍ଟାଣ୍ଡ ଓ ରେଳ ଷ୍ଟେଶନରେ ଶହଶହ ଯାତ୍ରୀ ଦୀର୍ଘ ସମୟ ଧରି ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ଅପେକ୍ଷା କରି ରହିଥିବା ଦେଖାଯାଇଥିଲା। ସିଟୁର ରାଜ୍ୟ ସାଧାରଣ ସମ୍ପାଦକ ସୁରେଶ ରାଉତରାୟ କହିଛନ୍ତି, ଦୁଇଦିନ ଧରି ଦିଆଯାଇଥିବା ଧର୍ମଘଟ ସଫଳ ହୋଇଛି। ମୋଦି ସରକାରଙ୍କ ଶ୍ରମିକ ବିରୋଧୀ କାର୍ଯ୍ୟକ୍ରମ ବିରୋଧରେ ଜନ ଆକ୍ରୋଶ ସୃଷ୍ଟି ହୋଇଛି। ସଚିବାଳୟ କର୍ମଚାରୀମାନେ ଧର୍ମଘଟକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୯ଟା ୩୦ ପୂର୍ବରୁ କାର୍ଯ୍ୟାଳୟକୁ ଆସିଥିଲେ। ରାଜଧାନୀରେ ସିପିଆଇ, ସିପିଆଇ(ଏମ), ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚଏମ୍‌ଏସ, ସିଆଇଟିୟୁ, ଏଆଇସିସିଟିୟୁ, ୟୁଟିୟୁସି, ଏଲ୍‌ପିଏଫ ଆଦି ସଂଗଠନଗୁଡିକର ରାଜ୍ୟ ଶାଖାଗୁଡିକ ଧର୍ମଘଟରେ ସାମିଲ ହୋଇଥିଲେ।

## ପାର୍ଲାମେଣ୍ଟରେ ସମ୍ବିଧାନ ସଂଶୋଧନ ...

ଚାଷଜମି ୫ ଏକରରୁ କମ୍ ହୋଇଥିବ ସେମାନେ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସଂରକ୍ଷଣ ସୁବିଧା ପାଇପାରିବେ ବୋଲି ବିଲ୍‌ରେ ବ୍ୟବସ୍ଥା ରହିଛି। ସେହିପରି ଯେଉଁମାନଙ୍କର ୧୦୦୦ ବର୍ଗଫୁଟ୍ କିମ୍ବା ଏହାଠାରୁ ଅଧିକ ସ୍ଥାନରେ ଘର ଥିବ, ସହରାଞ୍ଚଳରେ ୧୦୦ ୟାର୍ଡ ଏବଂ ଗ୍ରାମାଞ୍ଚଳରେ ୨୦୦ ୟାର୍ଡରୁ ଅଧିକ ଜାଗାରେ ବାସଗୃହ ଥିବ ସେମାନଙ୍କୁ ସଂରକ୍ଷଣ ସୁବିଧା ମିଳିବ ନାହିଁ। ତେବେ ରାଜ୍ୟ ଚାହିଁଲେ ଏହି ମାନଦଣ୍ଡକୁ ବଦଳାଇପାରିବ ବୋଲି ଆଇନମନ୍ତ୍ରୀ ସ୍ପଷ୍ଟ କରିଥିଲେ। ବିଲ୍‌କୁ ପୂର୍ଣ୍ଣ ହୃଦୟରେ ସମର୍ଥନ ଦେବା ଲାଗି ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହା ସରକାରଙ୍କ ପ୍ରଥମ ଛକା ଏବଂ ଆଗକୁ ଆହୁରି ଛକା ଜାରି ରହିବ। ନିର୍ବାଚନରେ କିଏ ହାରିବ ତାହା ଜନସାଧାରଣ ନିଷ୍ପତ୍ତି ନେବେ ବୋଲି ପ୍ରସାଦ କହିଥିଲେ। କଂଗ୍ରେସ ନେତା କପିଲ ସିବଲ ବିଲ୍‌କୁ ସମର୍ଥନ କରିଥିଲେ ହେଁ ଏତେ ତରବରିଆ ଭାବେ ଏହାକୁ ଗୃହୀତ କରାଇବା ଲାଗି ହେଉଥିବା ଉଦ୍ୟମକୁ ବିରୋଧ କରିଥିଲେ। ତେବେ ଏହାକୁ କାର୍ଯ୍ୟକାରୀ କରିବାରେ ୩/୪ଟି ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିବ ବୋଲି ସେ କହିଥିଲେ। ସଂରକ୍ଷଣ ସୀମାକୁ ନେଇ ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ଧାର୍ଯ୍ୟ ୫୦ ପ୍ରତିଶତ ପରେ ଏହି ସଂରକ୍ଷଣ ବ୍ୟବସ୍ଥା କୋର୍ଟ ରାୟର ଉଲ୍ଲଂଘନ ବୋଲି ସିବଲ କହିଥିଲେ। ସରକାର ବିଲ୍ ସମ୍ପର୍କରେ କେଉଁ ଆଇନ ବିଶାରଦଙ୍କ ପରାମର୍ଶ ନେଇଛନ୍ତି ତାହା ପ୍ରକାଶ କରନ୍ତୁ ବୋଲି ସେ ଦାବି କରିଥିଲେ। ଅନ୍ୟପକ୍ଷରେ ସମ୍ବିଧାନ ସଂଶୋଧନ ବିଲ୍‌କୁ ବିଜୁ ଜନତା ଦଳ (ବିଜେଡି) ସମର୍ଥନ ଜଣାଇଛି। ରାଜ୍ୟ ସଭାରେ ବିଜେଡି ସଂସଦୀୟ ଦଳ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ବିଲ୍ ଉପରେ ପ୍ରଶ୍ନ ଉଠାଇବାର କିଛି ନାହିଁ। ତାଙ୍କ ଦଳ ବିଧେୟକକୁ ସମର୍ଥନ କରୁଛି। ତେବେ ଏହି ବିଲ୍ ପଛରେ ସରକାରଙ୍କ ଉଦ୍ଦେଶ୍ୟକୁ ନେଇ ସେ ପ୍ରଶ୍ନ ଉଠାଇଥିଲେ। କାହା ସହିତ ପରାମର୍ଶ ନ କରି ଏମିତି ତରବରିଆ ଭାବେ ବିଲ୍ ଆଣିବାର କ'ଣ ଆବଶ୍ୟକ ଥିଲା ବୋଲି ସେ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଥିଲେ। ଭାଜପା ନେତୃତ୍ୱାଧୀନ ସରକାର ରୋଗାକ୍ରାନ୍ତ ଥିବାରୁ କୋଟା ବିଲ୍‌କୁ ଅମ୍ଳାନ ଭାବେ ବ୍ୟବହାର କରୁଥିବା ସେ ସମାଲୋଚନା କରିଥିଲେ। ମଣ୍ଡଳ କମିଶନ କଥା ମନେପକାଇ ଆଚାର୍ଯ୍ୟ କହିଥିଲେ, ସେତେବେଳେ ଭୁବନେଶ୍ୱରରେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବିନା ସୁରକ୍ଷାରେ ଛାତ୍ରମାନଙ୍କ ପାଖକୁ ଯାଇ ଗରିବର କୌଣସି ଜାତି ନାହିଁ ବୋଲି କହିଥିଲେ। ବିଜୁବାବୁଙ୍କ ଉଦ୍‌ବୋଧନ ପରେ ଛାତ୍ରମାନେ ଶାନ୍ତ ପଡିଥିଲେ। ଏବେ ୯୮ ପ୍ରତିଶତ ଲୋକ ସଂରକ୍ଷଣ ବାହାରେ ରହିଥିଲାବେଳେ ସେମାନଙ୍କ ଲାଗି ୧୦ ପ୍ରତିଶତ ସଂରକ୍ଷଣ କେତେଦୂର ସମ୍ଭବ ହେବ ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଏହି ବିଲ୍‌କୁ ନେଇ ବ୍ୟବସ୍ଥାପକ ଏବଂ ନ୍ୟାୟପାଳିକା ମଧ୍ୟରେ ବିବାଦ ହୋଇପାରେ ବୋଲି ସେ ଚେତାଇ ଦେଇଥିଲେ। ବିଲ୍ ଗୃହୀତ ହେବା ପରେ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇବା ସହ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ଘୋଷଣା କରିଥିଲେ।

## ପୋଲ ତଳକୁ...

(୧୮)। ବୁଧବାର କ୍ଷତିପୂରଣ ଦାବିରେ ପରିବାର ଲୋକେ ମୃତଦେହକୁ ରଖି ରାସ୍ତାରୋକୋ କରିଥିଲେ । ଠିକାଦାର ୩ ପରିବାରଙ୍କୁ ୫ ଲକ୍ଷ ଟଙ୍କାର ସହାୟତା, ପ୍ରଶାସନ ତରଫରୁ ୧୨ ହଜାର ଟଙ୍କା ପ୍ରଦାନ କରାଯିବା ପରେ ରାସ୍ତାରୋକେ ହଟିଥିଲା। ସନ୍ଧ୍ୟାରେ ମୃତଦେହ ବ୍ୟବଚ୍ଛେଦ ପରେ ସମ୍ପୃକ୍ତ ପରିବାରକୁ ହସ୍ତାନ୍ତର କରାଯାଇଛି । ଏ ନେଇ ନୂଆପଡ଼ା ଥାନାରେ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି । ଉପରୋକ୍ତ ୩ ଯୁବକ ବରଗଡ଼ର ଏକ ଟାଇଲ୍ସ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। କିଛିଦିନ ତଳେ ସେମାନେ ଘରକୁ ଆସିଥିଲେ। ମଙ୍ଗଳବାର ରାତିରେ ସେମାନେ ନୂଆପଡାକୁ ଧନୁଯାତ୍ରା ଦେଖିବାକୁ ଯାଇଥିଲେ। ସେଠାରୁ ବିଳମ୍ବିତ ରାତିରେ ଏକ ବାଇକ୍‌ରେ ଫେରୁଥିଲେ । ପଗାରପାଣି ଗାଁ ନିକଟରେ ଏକ ନିର୍ମାଣାଧୀନ ପୋଲ ତଳକୁ ଭାରସାମ୍ୟ ହରାଇ ବାଇକ୍‌ଟି ଖସି ପଡ଼ିଥିଲା । ସେଠାରେ ଜମିଥିବା ପାଣିରେ ବୁଡି ୩ ଜଣଙ୍କ ମୃତ୍ୟୁ ଘଟିଥିଲା । ସକାଳୁ ସ୍ଥାନୀୟ ଲୋକେ ୩ଜଣଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ନୂଆପଡ଼ା ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ୩ ମୃତଦେହ ଉଦ୍ଧାର କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏପରି ଘଟଣା ଠିକାଦାରଙ୍କ ଦୋଷ ଯୋଗୁ ଘଟିଛି ବୋଲି ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। କ୍ଷତିପୂରଣ ନ ମିଳିବା ଯାଏ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଛାଡିବେ ନାହିଁ ବୋଲି ସେମାନେ ଜିଦ୍ କରିଥିଲେ। ଶେଷରେ ମୃତଦେହ ରଖି ନୂଆପଡ଼ା-ବରଗଡ଼ ରାସ୍ତାକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ନୂଆପଡ଼ା ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି, ଗୋଡଫୁଲା ସରପଞ୍ଚ ହରି ମାଝି, ନୂଆପଡ଼ା ବିକାଶ ଅଭିଯାନର ରାହୁଲ ଯାଦବ, ନିର୍ମଳ ରାଉତ ପ୍ରମୁଖ ପହଞ୍ଚି ସେମାନଙ୍କ ଆନ୍ଦୋଳନକୁ ସମର୍ଥନ କରିଥିଲେ । ଦିନ ୧ଟାରେ ଠିକାଦାରଙ୍କ ପ୍ରତିନିଧି ଆସି ମୃତକଙ୍କ ପରିବାରଙ୍କୁ ସହାୟତା ରାଶି ପ୍ରଦାନ କରିବା ପରେ ରାସ୍ତାରୋକୋ ହଟିଥିଲା। ପରେ ରେଡକ୍ରସରୁ ୧୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଚନ୍ଦ୍ର ଏକାଦଶ ସ୍ଥାନରେ ରହିଥିବାରୁ କାର୍ଯ୍ୟସିଦ୍ଧି ହେବା ସହ ଆର୍ଥିକ ଉନ୍ନତିରୁ ଖୁସୀ ହେବେ। ନିକଟ ସମ୍ପର୍କୀୟଙ୍କ ସହଯୋଗରେ ଆନୁଷ୍ଠାନିକ କାମ ସମ୍ପନ୍ନ ହୋଇପାରିବ। ଶିଳ୍ପ, ବ୍ୟବସାୟରେ ଟେନସନ୍ ଲାଗି ରହିବ, କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ପାଇବେ। ବନ୍ଧୁମିଳନରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ବୃଷ**
ତୃତୀୟାଧିପ ଚନ୍ଦ୍ର କର୍ମଭାବରେ ରହି ସାହାଯ୍ୟ, ସହଯୋଗ ମାଧମରେ ଲକ୍ଷ୍ୟ ପୂରଣରେ ସମର୍ଥ ହେବେ। ଆଜିର ଯାତ୍ରା କାଳରେ ପ୍ରତିଦ୍ୱନ୍ଦ୍ୱିତାରେ କିମ୍ବା ସଭାସମିତିରେ ଆପଣଙ୍କ ଅପବ୍ୟୟର ସୀମା ଟପିଯାଇପାରେ। ପରିବହନ,ଆଲୋଚନା, ବ୍ୟବସାୟ,ବାଣିଜ୍ୟରେ କିଛି ଅସୁବିଧା ନ ଥିଲେ ମଧ ବେପାର ସନ୍ତୋଷଜନକ ହେବନାହିଁ ।

**ମିଥୁନ**
ବନ୍ଧୁଙ୍କ ଆଲୋଚନା ସମୟରେ ଅନାବଶ୍ୟକ କଥା ପରିହାର କରିବା ଭଲ । ନଚେତ୍ ଅଯଥା କଳହ ସାଙ୍ଗକୁ ଅସାବଧାନତାରେ ଧନହାନିର ସୂଚନାକୁ ହେୟ ମନେକରିବା ଠିକ୍ ହେବନି । ମାଲିମକଦ୍ଦମା, ଘରୋଇ ଆଲୋଚନାରେ ଅଯଥା ଟେନ୍‌ସନ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅନିଷ୍ଟ କରିପାରେ।

**କର୍କଟ**
ଶନିକ୍ଷେତ୍ରସ୍ଥ ଚନ୍ଦ୍ରପ୍ରଭାବରେ ଥଣ୍ଡା, କାଶ, ଶ୍ୱାସରେ ପୀଡିତ ହୋଇପାରନ୍ତି । କୌଣସି ବନ୍ଧୁ କିମ୍ବା ନିଜ ପରିସରର ବ୍ୟକ୍ତିମାନେ ଆପଣଙ୍କ ସହଯୋଗ ଆଶା କରିବେ। ଜମିଜମା ସମ୍ପର୍କୀୟ କଥା, ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଓଲଟପାଲଟ ହୋଇଯିବ । କର୍ମକ୍ଷେତ୍ରରେ କୌଣସି ଈର୍ଷାପରାୟଣ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି।

**ସିଂହ**
ଆଜିର ଆଲୋଚନା ଓ ନିଷ୍ପତ୍ତି କାର୍ଯ୍ୟକାରୀ ହେବା କଷ୍ଟକର ହେବ । ଶାରୀରିକ ସୁସ୍ଥତାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇପାରେ । ଅଭାବ ଓ କେତେକ ପାରିବାରିକ ଅସୁବିଧା କର୍ମକ୍ଷେତ୍ରକୁ ବିଳମ୍ବିତ କରିପାରେ । ପୂର୍ବାଫାଲଗୁନୀ ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ ଏବଂ ପ୍ରତିବେଶୀଙ୍କ ସହ ସଂପର୍କ ମଧୁର ରହିବ ।

**କନ୍ୟା**
ଆଜିର ଗ୍ରହସ୍ଥିତି ପ୍ରତ୍ୟେକ ଦୃଷ୍ଟିରୁ ଭଲ ରହିଥିବାରୁ ଯାହା କରିବେ ସେଥିରେ ନିଶ୍ଚିତ ସଫଳତା ପାଇବେ । କିନ୍ତୁ ଅର୍ଥ ସମ୍ପର୍କିତ କିମ୍ବା ଦ୍ରବ୍ୟପ୍ରାପ୍ତି ଚନ୍ଦ୍ରଙ୍କ ସ୍ଥିତିରୁ ହୋଇ ନ ପାରେ । ଉତ୍ତରାଫାଲଗୁନୀ ନକ୍ଷତ୍ର ନିଜ କାମ ଛାଡି ବିଳାସବ୍ୟସନ, ଅନ୍ୟର କାମରେ ବୁଡ଼ି ରହିପାରନ୍ତି। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ ।

**ତୁଳା**
କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟରେ ଆଶା ଅପୂରଣ ରହିବାର ସୂଚନା ରହିଛି । ଅବଶ୍ୟ କର୍ମାଧିପ ନିଜ ରାଶିରୁ ଅଷ୍ଟମସ୍ଥ ହେତୁ ଅପରାହ୍ନରେ କିଛିଟା ଶୁଭ ସଂକେତ ପାଇବେ । ସମସ୍ୟାର ସମାଧାନ ଦିଗରେ ବିଜାତୀୟ ବ୍ୟକ୍ତିମାନଙ୍କ ସାହାଯ୍ୟ ଲାଭ କରିପାରନ୍ତି। ସାମାନ୍ୟ ଥଣ୍ଡାଜନିତ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରହିପାରିବ ।

**ବିଛା**
ଧନ ସ୍ଥାନରେ ପାପଗ୍ରହ ଓ ଚନ୍ଦ୍ର ଶନିକ୍ଷେତ୍ରସ୍ଥ ଯୋଗୁ ଭାବପ୍ରବଣତାବଶତଃ ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି। ଆପଣଙ୍କ କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତା କାରଣରୁ ସମ୍ମୁଖରେ ନ ହେଲେ ମଧ ପଛରେ ଶତ୍ରୁମାନେ ମଧ ପ୍ରଶଂସା କରିବେ । ଅନୁରାଧା ନକ୍ଷତ୍ର ସାମାଜିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ ।

**ଧନୁ**
ରାଶିର ଦ୍ୱାଦଶରେ ଗୁରୁ ଓ ଶୁକ୍ର ଧର୍ମକାର୍ଯ୍ୟ, ନୂତନ ପ୍ରକଳ୍ପ, ଆନୁଷ୍ଠାନିକ କାମରେ ବ୍ୟୟବରାଦ କରାଇପାରେ । କୌଣସି ଶୁଭଖବର ମନକୁ ଉଲ୍ଲସିତ କରାଇ ଦିନଟିକୁ ଖୁସିରେ ଅତିବାହିତ କରାଇବ । ସ୍ୱାସ୍ଥ୍ୟ, ପରିବାର, ବନ୍ଧୁସମ୍ପର୍କ କ୍ଷେତ୍ରରେ ଶୁଭଫଳ ପାଇବା କଷ୍ଟକର ହୋଇପାରେ । ବାଣିଜ୍ୟ,ବ୍ୟବସାୟ, ପରିବହନ, ନିର୍ମାଣ, ଶିଳ୍ପ,ବାଣିଜ୍ୟରେ ଲାଭାଂଶ ବଢ଼ିପାରେ ।

**ମକର**
ମନଭିତରେ ଯାହା ଥାଉନା କାହିଁକି ଆପଣ କଥାରେ ଅନ୍ୟମାନଙ୍କୁ ସହଜରେ ଆପଣାର କରିପାରିବେ । ଫଳତଃ କେତେକ କ୍ଷେତ୍ରରେ ଅଯାଚିତ ଭାବରେ ଅର୍ଥ, ସମ୍ମାନ ଓ ବନ୍ଧୁଙ୍କ ଅଭ୍ୟର୍ଥନା ମଧ ପାଇପାରନ୍ତି । କିନ୍ତୁ ସାମାଜିକ ଭାବରେ ଦାୟିତ୍ୱପୂର୍ଣ୍ଣ କାମଟିକୁ ପାସୋରି ଦେଇପାରନ୍ତି। ତଥାପି ବ୍ୟବସାୟ, ଯାତ୍ରା ସମ୍ବନ୍ଧୀୟ କେତେକ ଚିନ୍ତା ମନକୁ ବ୍ୟାକୁଳିତ କରିପାରେ ।

**କୁମ୍ଭ**
ମୁଖଭାଗ୍ଯ ମଙ୍ଗଳ ପ୍ରଭାବରେ ଆପଣଙ୍କ ସାମ୍ନାରେ ଅନ୍ୟମାନେ କଥାବାର୍ତ୍ତା ହେବା ପାଇଁ ପଛେଇ ରହିପାରନ୍ତି। କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମ ନିଶ୍ଚିତ ସମାପନ ହେବ । କଠିନ ପରିଶ୍ରମ ଜନିତ ସ୍ନାୟବିକ ଦୁର୍ବଳତା ଅନୁଭବ କରିବା ସହ ଶିଳ୍ପ, ବାଣିଜ୍ୟରେ ଲକ୍ଷ୍ୟ ହାସଲ କରିବେ । ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁସାହାଯ୍ୟ କରିପାରନ୍ତି।

**ମୀନ**
ଆପଣଙ୍କ ମନରେ ଯେମିତି ପ୍ରଫୁଲ୍ଲତା ଭରି ରହିବ ଠିକ୍ ସେହିପରି କାମଗୁଡିକ ମଧ ସୁବିଧାରେ ସମ୍ପନ୍ନ ହୋଇଯିବ । କର୍ମକ୍ଷେତ୍ରରେ, ସଭାସମିତିରେ, ବାଣିଜ୍ୟ ବ୍ୟବସାୟରେ ଅଭିଳଷିତ ଫଳ ପାଇବାରେ କୌଣସି ଅସୁବିଧା ରହିବ ନାହିଁ। ତଥାପି ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ବାକ୍‌ବିତଣ୍ଡାଜନିତ ଟେନସନ୍ ବଢିପାରେ ।

ଆଜି ପୌଷ ଶୁକ୍ଳ ଚତୁର୍ଥୀ ଗୁରୁବାର, ଜାନୁୟାରୀ ୧୦ ତାରିଖ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ, ଦିବା ଘ୧୦।୩୨ମି. ଗତେ ଘ୧୧।୫୪ମି.ମଧ୍ୟେ, ଘ୧।୧୬ମି. ଗତେ ଘ୨।୩୮ମି. ମଧ୍ୟେ ଅମୃତବେଳା । ସକାଳ ଘ୭।୪୮ମି. ମଧ୍ୟେ ଘ୧୧।୫୪ମି. ଗତେ ମାହେନ୍ଦ୍ରବେଳା । ଅପରାହ୍ନ ଘ୧।୧୫ମି. ଗତେ, ଘ୨।୩୭ମି. ମଧ୍ୟେ ରାହୁକାଳ ।



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।

- ଭଲଟାୟାର

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବରଗଡ଼ ଅଫିସ,୯।୧

ବରଗଡ଼ ଟାଉନ ଥାନାରେ ବୁଧବାର ବଧୂହତ୍ୟା ଅଭିଯୋଗ ହୋଇଛି। କନ୍ୟାପକ୍ଷଙ୍କ ଏତଲାକୁ ଭିତ୍ତି କରି ପୋଲିସ ମୃତା ମହିଳାଙ୍କ ଶାଶୁଘର ଲୋକଙ୍କ ବିରୋଧରେ ଦଫା ୩୦୨, ୩୦୪(ବି), ୪୯୮(ଏ), ୩୪ ଆଇପିସିରେ ଏକ ମାମଲା (ନଂ.୧୭/୧୯) ରୁଜୁ କରି ତଦନ୍ତ ଚଳାଇଛି। ଏହି ମାମଲାରେ ମୃତାଙ୍କ ସ୍ୱାମୀ ମନୋରଞ୍ଜନ ପାତ୍ରଙ୍କୁ ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁସାରେ, ୨୦୧୫ ଜୁନ୍ ୧୨ରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଦକ୍ଷିଣଦିଆ ଗ୍ରାମର ସ୍ୱର୍ଗତ ବିଭୂତି ଭୂଷଣ ଦାସଙ୍କ ଝିଅ ରାଜଶ୍ରୀ ଓରଫ୍ ଲିଲି ପଟ୍ଟାମୁଣ୍ଡାଇ ଥାନା ବଙ୍ଗାଳଦିଆ (ତନୁପୁର) ଗ୍ରାମର ବସନ୍ତ ପାତ୍ରଙ୍କ ଏକମାତ୍ର ପୁଅ ମନୋରଞ୍ଜନ ଓରଫ୍ ବାବୁନିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ



ଲିଲିଙ୍କ ଫାଇଲ ଫଟୋ

କନ୍ୟାପକ୍ଷ ବ୍ରାଇଁଙ୍କୁ ନଗଦ ୪ଲକ୍ଷ ଟଙ୍କା ସହିତ ସୁନା ଅଳଙ୍କାର ଦେଇଥିଲେ। ବିବାହର କିଛିଦିନ ପରେ ଲିଲି ଓ ବାବୁନି ବରଗଡ଼ ସହରର ଗଙ୍ଗାଧରନଗରକୁ ଆସି ରହିଥିଲେ। ତାଙ୍କର ୩ ବର୍ଷର ଏକ ଝିଅ ଅଛି। ବିବାହ ପୂର୍ବରୁ କୁଆଡେ ଅନ୍ୟ ଜଣେ ଯୁବତୀ ସହିତ ବାବୁନିଙ୍କ ପ୍ରେମ ସମ୍ପର୍କ ରହିଥିଲା। ସେହି ଯୁବତୀ ଭିନ୍ନ ଜାତିର ହୋଇଥିବାରୁ ତାଙ୍କ ସହିତ ବିବାହ ହୋଇ ପାରି ନ ଥିଲା। ତେବେ ବାବୁନି ସେହି ଯୁବତୀଙ୍କ ସହିତ ସମ୍ପର୍କ ରଖି ଆସୁଥିଲେ ବୋଲି ଜାଣିବା ପରେ ଲିଲି ଏ ନେଇ ବାପଘର ଓ ଶାଶୁଘର ଲୋକଙ୍କୁ ଜଣାଇଥିଲେ। ଏହାସତ୍ତ୍ୱେ ଶାଶୁଘର ଲୋକେ ସେହି କଥାକୁ ଗୁରୁତ୍ୱ ଦେଇ ନ ଥିଲେ ଏବଂ ଲିଲିଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଇ ଆସୁଥିଲେ ବୋଲି ମୃତା ମହିଳାଙ୍କ ଭାଇ ବିଜେନ୍ଦ୍ର ଅଭିଯୋଗ କରିଛନ୍ତି।

ଗତ ୮ତାରିଖରେ ଶାଶୁଘର ଲୋକେ ଫୋନ କରି ଲିଲି ବିଷ ପିଇ ଦେଇଥିବା ଜଣାଇଥିଲେ। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରମାନେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରିବା ପାଇଁ କହିଥିଲେ। ତେବେ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ତାଙ୍କ ଚିକିତ୍ସା କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଲିଲିଙ୍କ ମୃତ୍ୟୁ ହୋଇଥିବା ନେଇ ଶାଶୁଘର ଲୋକେ କହିଛନ୍ତି। ମାତ୍ର ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ବିଜେନ୍ଦ୍ର ଅଭିଯୋଗ କରିଛନ୍ତି।

# ବିମାନରେ ଯାତ୍ରୀଙ୍କ ଜରୁରୀ ଚିକିତ୍ସା କଲେ ବିଧାୟିକା

**ବାଲିଆ,୯।୧:** ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ସୋମବାର ଇଣ୍ଡିଆନ ଏୟାରଲାଇନ୍ସର ଏକ ବିମାନ ଯୋଗେ ଦିଲ୍ଲୀ ଯାତ୍ରା କରୁଥିବାବେଳେ ଜଣେ ଯାତ୍ରୀଙ୍କ ଜରୁରୀ ଚିକିତ୍ସା କରି ପ୍ରଶଂସାର ପାତ୍ର ହୋଇଛନ୍ତି। ସୂଚନା ଅନୁଯାୟୀ, ବିଧାୟିକାଙ୍କ ସାମ୍ନାରେ ଏକ ଦମ୍ପତି ବସିଥିଲେ। ବିମାନରେ ପରିବେଷିତ ପ୍ରାତଃ ଭୋଜନ ଖାଇବା ବେଳେ ସେମାନଙ୍କ ମଧ୍ୟରୁ ପୁରୁଷ ଜଣଙ୍କ ହଠାତ୍ ସଂଜ୍ଞାହୀନ ହୋଇପଡିଥିଲେ। ତାଙ୍କ ପାଟି ପଡିଯାଇଥିଲା ଓ ଖାଦ୍ୟ ଅଟକି ରହିଥିଲା। ତାଙ୍କ ସ୍ତ୍ରୀ ଏଥିରେ ବିବ୍ରତ ହୋଇ ଡାକ ପକାଇଥିଲେ। ଏହି ସମୟରେ ବିଧାୟିକା ନିଜ ଗୋଡ଼ ବ୍ୟାଣ୍ଡେଜ୍ ହୋଇଥିଲେ ମଧ୍ୟ ସେଥିପ୍ରତି ଦୃଷ୍ଟି ନ ଦେଇ ସେମାନଙ୍କ ପାଖକୁ ଉଠିଆସିଥିଲେ। ନିଜକୁ ଜଣେ ଡାକ୍ତର ବୋଲି ପରିଚୟ ଦେଇ ପ୍ରାଥମିକ ଚିକିତ୍ସା ସ୍ୱରୂପ ଆଙ୍ଗୁଠି ପୁରାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଟିରେ ରହିଥିବା ଖାଦ୍ୟ ବାହାର କରିଦେଇଥିଲେ। ଏହା ଦ୍ୱାରା ଖାଦ୍ୟ ଭିତରକୁ ଯାଇ ଶ୍ୱାସରୁଦ୍ଧ ହେବାର ଆଶଙ୍କାକୁ ଏଡାଇ ଦିଆଯାଇଥିଲା। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅମ୍ଳଜାନ ଦେଇ ପାଣି ସିଞ୍ଚନ କରି ସଂଜ୍ଞା ଫେରାଇ ଆଣିଥିଲେ। ବିଧାୟିକାଙ୍କ ଏଭଳି କାର୍ଯ୍ୟ ଦେଖି ବିମାନ ପରିଚାରିକା ଓ ଯାତ୍ରୀମାନେ ବେଶ୍ ପ୍ରଶଂସା କରିଥିଲେ। ଉକ୍ତ ଦମ୍ପତି ଜଗତ୍‌ସିଂହପୁର ଜିଲା ନାଉଗାଁ ଅଞ୍ଚଳର ବୋଲି ପ୍ରକାଶ କରିଥିଲେ। ମଧୁମେୟ ଓ ବିଳମ୍ବରେ ଖାଦ୍ୟ ଗ୍ରହଣ ଯୋଗୁ ଏଭଳି ହୋଇଥିବା ବିଧାୟିକା ସେମାନଙ୍କୁ କହିଥିଲେ। ଏଥିସହ ପ୍ରଥମେ ସେ ଜଣେ ଡାକ୍ତର ଓ ପରେ ରାଜନେତା ବୋଲି ପ୍ରକାଶ କରିଥିଲେ।

# ମାରଣାସ୍ତ୍ର ଦେଖାଇ ୧୪ ଲକ୍ଷ ୧୬ ହଜାର ଲୁଟ୍

ଖୋର୍ଦ୍ଧା ଅଫିସ,୯।୧

ଖୋର୍ଦ୍ଧା ଜିଲା ବାଣପୁର ଥାନା ବଡପଦର ମୌଜାର କଲେଜ ରୋଡରେ ଥିବା ଏଲଆଣ୍ଡଟି ଅର୍ଥଲଗାଣକାରୀ ସଂସ୍ଥାରୁ ମଙ୍ଗଳବାର ରାତି ସାଢ଼େ ୯ଟାରେ ୧୪ ଲକ୍ଷ ୧୬, ୬୭୩ ଟଙ୍କା ଲୁଟ୍ ହୋଇଛି। ଦୁଇ ମୁଖାଧାରୀ ଲୁଟେରା ଶାଖା ପରିଚାଳକଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ଲୁଟ୍ କରିଥିବା ରିଜିଓନାଲ ମ୍ୟାନେଜର ସୁନୀଲ କୁମାର ରଣା ଥାନାରେ ଅଭିଯୋଗ କରିଛନ୍ତି ।

ପୋଲିସ ସୂଚନା ମୁତାବକ ମଙ୍ଗଳବାର ସନ୍ଧ୍ୟାରେ କଲେକ୍ସନ ହୋଇଥିବା ୧୪ ଲକ୍ଷ ୧୬, ୬୭୩ ଟଙ୍କା ଗଣି କାର୍ଯ୍ୟାଳୟରେ ଶାଖା ପରିଚାଳକ ରାକେଶ ପାତ୍ର ଏକ ବ୍ୟାଗରେ ରଖିଥିଲେ। ସେହିପରି ୫ ଲକ୍ଷ ୨୨, ୮୦୭ ଟଙ୍କା ଏକ ଡ୍ରରେ ରଖାଯାଇଥିଲା। ଶାଖା ପରିଚାଳକ କାର୍ଯ୍ୟାଳୟରେ ଥିବାବେଳେ ୨ ଜଣ ମୁଖାଧାରୀ ଯୁବକ ପହଞ୍ଚି ତାଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ବ୍ୟାଗ ନେଇ ପଳାଇ ଯାଇଥିଲେ। ତେବେ ଲୁଟେରାମାନେ ଡ୍ରରେ ଥିବା ଟଙ୍କା ସମ୍ପର୍କରେ ଜାଣି ପାରି ନ ଥିଲେ। ଏ ନେଇ ବାଣପୁର ଥାନାର ନାଚୁଣୀ ଫାଣ୍ଡିରେ ଶାଖା ପରିଚାଳକଙ୍କ ଅଭିଯୋଗ ପରେ ଖୋର୍ଦ୍ଧା ଏସ୍‌ପି ଦୀପ୍ତି ରଞ୍ଜନ ରାୟ, ବାଲୁଗାଁ ଏସ୍‌ଡିପିଓ ସୁବାସ ପଣ୍ଡା ଓ ବାଣପୁର ଥାନା ଆଇଆଇସି ସଞ୍ଜୟ ପଟ୍ଟନାୟକ ଶାଖା କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ରିଜିଓନାଲ ମ୍ୟାନେଜର ରଣାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୨/୧୯ରେ ମାମଲା ରୁଜୁ କରିଛି। ଏହି ଘଟଣାର ତଦନ୍ତ ଜାରି ରହିଛି ବୋଲି ତଦନ୍ତକାରୀ ଅଫିସର ନାଚୁଣୀ ଫାଣ୍ଡି ଅଧିକାରୀ ପ୍ରଶାନ୍ତ ଦାଶ ସୂଚନା ଦେଇଛନ୍ତି। ଅର୍ଥ ଲଗାଣକାରୀ ସଂସ୍ଥାରୁ କେତେ ଟଙ୍କା ଲୁଟ୍ ହୋଇଛି, ଠିକ୍ ଭାବେ ଶାଖା ପରିଚାଳକ ଦିନବେଳା କହି ନ ଥିଲେ। ଗଣମାଧ୍ୟମ ଓ ପୋଲିସକୁ ଭିନ୍ନ ଭିନ୍ନ କଥା କହି ବାରମ୍ବାର ଲୁଟ୍ ଟଙ୍କା ସମ୍ପର୍କରେ ମତ ବଦଳାଉଥିଲେ। କେତେବେଳେ ଦା, ଭୁଜାଲି ଦେଖାଇଥିବା କହିଥିଲେ। ଶାଖା କାର୍ଯ୍ୟାଳୟରେ ଏତେ ଟଙ୍କା ରଖା ଯାଇଥିବାବେଳେ ସିସିଟିଭି କ୍ୟାମେରା ଲଗା ଯାଇ ନ ଥିଲା। ଲୁଟେରାମାନେ ଆକ୍ରମଣ ନ କରି କେବଳ ଭୟଭୀତ କରି ଟଙ୍କା ଲୁଟି ନେବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ସମ୍ବଲପୁରୀ ବସ୍ତ୍ରାଳୟ
ମକର ଓ ପୋଙ୍ଗଲ
ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ



ବିଶେଷ ସରକାରୀ ରିହାତି
୧୦% + ୨୦%
ଅବଧି
ତା.୦୮।୦୧।୨୦୧୯ ରୁ ତା.୧୩।୦୧।୨୦୧୯ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍‌ସେଟ୍
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର କେବଳ ଅନ୍‌ଲାଇନ ମାଧ୍ୟମରେ ବିକ୍ରୟ କରୁଥିବା ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କଠାରେ ଉପଲବ୍ଧ ଅଟେ ।
୧. ବରଗଡ଼ ପ୍ରଦର୍ଶନୀ, ବ୍ଲକ ଅଫିସ ସାମ୍ନା, ବରଗଡ଼



ON YOUR WEDDING
ARRIVE IN STYLE
Let the world be amazed by your gorgeous style statement. For a forever kind of wedding, choose from the trendiest collection of suits, sherwanis and the most breathtaking range of sarees and wedding lehengas from Kalamandir. Make your special day, **a truly special one!**
kalamandir କଳାମନ୍ଦିର
ODISHA'S MOST POPULAR FASHION SHOP
ଓଡ଼ିଶାର ସବୁଠୁ ଲୋକପ୍ରିୟ ଫ୍ୟାଶନ ଶପ୍
Shop with a smile.
3, Western Market, Bhubaneswar 751009
R K SWAMY BBDO KALA 2859/18
Benarasis | Kanjeevarams | Odissis | Printed Silks | Brocades | Jamevars
South Silks | Gadwals | Fancy Sarees | Lehengas | Suitings | Shirtings
Suits | Jackets | Kurta Pyjamas | Sherwanis | Exclusive Readymades
Women's Wear | Kidswear | Furnishings | Dress Materials

କୃଷି ଓ କୃଷକ ସଶକ୍ତିକରଣ ବିଭାଗ
ଓଡ଼ିଶା ସରକାର

CII
Confederation of Indian Industry



କୃଷି ଓଡ଼ିଶା
୧୫-୧୯ ଜାନୁଆରୀ, ୨୦୧୯ ଭୁବନେଶ୍ୱର, ଓଡ଼ିଶା
କୃଷକଙ୍କ ଆୟକୁ ବହୁଗୁଣିତ କରିବା
୧୫-୧୯ ଜାନୁଆରୀ, ୨୦୧୯
ବିଜୁ ପଟ୍ଟନାୟକ ଖେଳ ପଡ଼ିଆ
ବରମୁଣ୍ଡା, ଭୁବନେଶ୍ୱର





ଆଲୋଚନା ଚକ୍ର
- କୃଷକଙ୍କ ଆୟ ବହୁଗୁଣିତ କରିବା - କୃଷି ଉଦ୍ୟୋଗୀକରଣ
- ଜୈବିକ କୃଷି
- ସାମୁଦ୍ରିକ ଓ ମଧୁର ମାଛର ପ୍ରକ୍ରିୟାକରଣ
- ଶୀତଳୀକରଣ ଓ ଗୋଦାମ ଗୃହ
- କୃଷି ଯାନ୍ତ୍ରିକୀକରଣ ଓ କୃଷି କ୍ଷେତ୍ରରେ ଦକ୍ଷତା ବୃଦ୍ଧି
- ଜଳ ଉପଯୋଗ ଦକ୍ଷତା ବୃଦ୍ଧି
- କୃଷିରେ ମହିଳାଙ୍କ ଭୂମିକା
- ମସଲା ଓ ସୁଗନ୍ଧ ଜାତୀୟ ଦ୍ରବ୍ୟର ବଜାର ସଂଯୋଗୀକରଣ

ମୁଖ୍ୟ ଲକ୍ଷ୍ୟ
- କୃଷି ଯନ୍ତ୍ରପାତି, କୃଷି ବୈଷୟିକ ଜ୍ଞାନକୌଶଳ, ଅମଳ ପୂର୍ବ ଓ ପରବର୍ତ୍ତୀ ଯତ୍ନ, ସନ୍ତୁଳିତ ସାର ବ୍ୟବହାର, ଅଧିକ ଅମଳକ୍ଷମ ବିହନ କିସମର ଉନ୍ନତିକରଣ
- ଲୋକାଭିମୁଖୀ କୃଷକ ସହାୟକ ଜୈବିକ କୃଷି
- ଚାଷ ପ୍ରଣାଳୀ, ଖାଦ୍ୟ ପ୍ରକ୍ରିୟାକରଣ କୌଶଳ, ପ୍ୟାକେଜିଂ ଜ୍ଞାନକୌଶଳ, ଖାଦ୍ୟ ସଂରକ୍ଷଣ ଓ ବଣ୍ଟନ ଇତ୍ୟାଦି
- କ୍ଷୁଦ୍ର ନାମମାତ୍ର ଚାଷୀଙ୍କ ଆୟ ବୃଦ୍ଧି ନିମନ୍ତେ ସମନ୍ୱିତ କୃଷିର ଉନ୍ନତିକରଣ ସହିତ କୃଷି ଶ୍ରମିକଙ୍କ କର୍ମ ନିୟୋଜନ

ଉଦ୍‌ଘାଟନ କରିବେ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ

ସୁଦୃଶ୍ୟ ପ୍ରଦର୍ଶନୀ ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ

ପ୍ରଦର୍ଶନୀ ମଣ୍ଡପ ପାଇଁ ଯୋଗାଯୋଗ କରନ୍ତୁ, ସନ୍ତୋଷ କୁମାର, CII - ୮୩୩୭୯୪୪୮୬୬, ସତ୍ୟ ନାରାୟଣ ମିଶ, ନିର୍ଦ୍ଦେଶକ, ଇମେକ୍ସ - ୯୪୩୭୧୭୯୭୦୮
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

ଧର୍ମର ଯୁଗ ସରିଗଲାଣି । ଆମେ ବର୍ତ୍ତମାନ ସାର୍ବଜନୀନ ଆଧ୍ୟାତ୍ମିକ ଯୁଗରେ ପ୍ରବେଶ କଲୁଣି । ଆମେ ଆଧ୍ୟାତ୍ମିକତାର ମୌଳିକ ଶୁଦ୍ଧତାକୁ ଉପଲବ୍ଧି କରିବୁ । (ଧାର୍ମିକ ମତାନ୍ଧତାକୁ ନୁହଁ ।)
-ଶ୍ରୀମା



# ଭିଗନ୍ ବ୍ୟବସାୟ

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଭିଗନ୍ ବା ଶୁଦ୍ଧ ନିରାମିଷାଶୀମାନେ ମାଛ, ମାଂସ, କ୍ଷୀର, କ୍ଷୀରଜାତ ଦ୍ରବ୍ୟ, ଅଣ୍ଡା, ମହୁ ଇତ୍ୟାଦି କୌଣସି ପ୍ରକାର ପ୍ରାଣିଜ ଦ୍ରବ୍ୟ ଆହାର କରନ୍ତି ନାହିଁ। ସେମାନେ ପଶୁଲୋମ, ଚମଡ଼ା ଓ ଉଲ୍‌ରୁ ତିଆରି ଜିନିଷ ମଧ୍ୟ ବ୍ୟବହାର କରନ୍ତି ନାହିଁ। ଏପରି କି ଯେଉଁ ବଡି କେୟାର ଓ ପ୍ରସାଧନ ସାମଗ୍ରୀ ଆଦି ଉତ୍ପାଦନ ପୂର୍ବରୁ ପ୍ରାଣୀଙ୍କ ଉପରେ ପରୀକ୍ଷା କରାଯାଇଥାଏ କିମ୍ବା ଯେଉଁ ସାମଗ୍ରୀରେ ସାମାନ୍ୟତମ ପ୍ରାଣିଜ ଉପାଦାନ ଥାଏ, ସେମାନେ ତାକୁ ବ୍ୟବହାର କରନ୍ତି ନାହିଁ।

ସ୍ୱିଡେନ୍‌ର ରାଷ୍ଟ୍ରଦୂତ ମୋତେ ଥରେ କହିଲେ ଯେ, ଷ୍ଟକ୍‌ହୋମ୍‌ରେ ଥିବା ତାଙ୍କ ଘରେ ସେ ଯେତେବେଳେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ଡିନର ପାର୍ଟି ଦିଅନ୍ତି, ସେତେବେଳେ ସେ ସ୍ୱାଭାବିକ ଭାବେ ମାଂସଭୋଜୀ ଅତିଥି ପାଇଥାନ୍ତି। ମାତ୍ର ସେ ଯେତେବେଳେ ୪୦ ବର୍ଷରୁ କମ୍ ବୟସ୍କ ଲୋକଙ୍କୁ ଡିନର ପାର୍ଟି ଦିଅନ୍ତି, ସେତେବେଳେ ସେ ପ୍ରାୟ ପ୍ରତି ଛଅ ଜଣରେ ଦୁଇ ଜଣ ନିରାମିଷାଶୀ ବା ଶୁଦ୍ଧ ନିରାମିଷାଶୀ ପାଇଥାନ୍ତି। ଅର୍ଥାତ୍ ଯୁବବର୍ଗ ଭିତରେ ନିରାମିଷ ଓ ଶୁଦ୍ଧ ନିରାମିଷ ପ୍ରତି ଆଗ୍ରହ ବଢ଼ୁଛି।

ମୋ ମନ୍ତ୍ରଣାଳୟ ଏଇ ନିକଟରେ ଚତୁର୍ଥ ଜାତୀୟ ଜୈବ ମେଳା ଉଦ୍‌ଯାପନ କରିଛି। ଏଥିରେ ୪୫୦ଟା ଷ୍ଟଲ୍ ପଡ଼ିଥିଲା। ପ୍ରତିଦିନ ଅନେକ ହଜାର ଦର୍ଶକ ଆସୁଥିଲେ। ଏଥର ଆମେ ଭିଗନ୍ ବିଭାଗ ଓ ଭିଗନ୍ ଖାଦ୍ୟ ବିପଣିର ଆୟୋଜନ କରିଥିଲୁ। ତାହା ଖୁବ୍ ଭଲ ଚାଲିଲା। ବିଶେଷତଃ ଭିଗନ୍ ପିଜା ସମସ୍ତଙ୍କୁ ଆକର୍ଷିତ କରିଥିଲା, ଯାହା କାଜୁବାଦାମରୁ ପ୍ରସ୍ତୁତ ଛେନାରେ ତିଆରି ହୋଇଥିଲା। ମୁଁ ମୋ ଅଫିସ୍ ଷ୍ଟାଫ୍‌ଙ୍କୁ ନିମନ୍ତ୍ରଣ କରିଥିଲି। ସେମାନେ ଏହାକୁ ଖୁବ୍ ପସନ୍ଦ କଲେ। ମୋ ଜାଣିବାରେ କେହି ଜଣେ ଅନ୍‌ଲାଇନ୍ ଭିଗନ୍ ଶପିଂ ମଲ୍ ଖୋଲିଛନ୍ତି ଏବଂ ଏଥିରେ ଅଦ୍ୟାବଧି ୮୦୦ ପ୍ରକାର ଆଇଟମ୍ ଅଛି। ସେ ମୋତେ କହିଲେ ଯେ ତାଙ୍କ ଷ୍ଟାର୍ଟଅପ୍‌ରେ ପୁଞ୍ଜିନିବେଶ କରିବା ପାଇଁ ବହୁ ଅଫର ମିଳୁଛି। କିନ୍ତୁ ତାଙ୍କର ଗୋଟିଏ ସମସ୍ୟା ହେଲା, ବେପାରକୁ ବଢ଼ାଇବା ପାଇଁ ତାଙ୍କୁ ଭଲ ଦକ୍ଷ କର୍ମଚାରୀ ମିଳୁନାହାନ୍ତି।

ଯେହେତୁ ଦିନକୁ ଦିନ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକରୁ ଅଧିକ ଲୋକ ଭିଗନ୍ ଓ ନିରାମିଷାଶୀ ହେବାରେ ଲାଗିଛନ୍ତି, ତେଣୁ ଏହାକୁ ନେଇ ବ୍ୟବସାୟ କରାଯାଇପାରେ। ମୁଁ ଅଳ୍ପଦିନ ତଳେ ନାଗପୁରରେ ଦୁଇଜଣ ଯୁବ ଉଦ୍ୟୋଗୀଙ୍କୁ ଭେଟିଥିଲି, ଯେଉଁମାନେ ବାଦାମରୁ ସୁନ୍ଦର ସ୍ୱାଦିଷ୍ଟ କ୍ଷୀର ପ୍ରସ୍ତୁତ କରୁଛନ୍ତି। କିନ୍ତୁ ସେମାନେ ଏପରି ଲୋକ ଖୋଜୁଛନ୍ତି ଯେଉଁମାନେ ବଜାରରେ ଏହାର ବିକ୍ରିବଟା କରିବା ପାଇଁ ସାହାଯ୍ୟ କରିପାରିବେ।

ସାରା ପୃଥିବୀରେ ଏବେ ଭିଗନ୍ ବ୍ୟବସାୟ ଆରମ୍ଭ ହୋଇଗଲାଣି। ଲିଣ୍ଡା ମ୍ୟାକ୍‌କାର୍ଟ୍‌ନୀ ବିଶ୍ୱର ଜଣେ ପ୍ରମୁଖ ଡିଜାଇନର, ଯିଏ କି କେବଳ ଭିଗନ୍ ପୋଷାକ ହିଁ ତିଆରି କରନ୍ତି। ସେହିପରି ଗୁଡ଼ଗାଓଁର ସୋନାଲ ଏକ ଆଇସ୍‌କ୍ରିମ୍ କାରଖାନା ପ୍ରତିଷ୍ଠା କରିଛନ୍ତି, ଯେଉଁଥିରେ ସେ କ୍ଷୀର ବ୍ୟବହାର କରନ୍ତି ନାହିଁ।

କିଛିବର୍ଷ ପାଇଁ ମୁଁ ଏକ ଇଂଲିଶ ମାସିକ ପତ୍ରିକାର ବୋର୍ଡରେ ଥିଲି। ଏହି ପତ୍ରିକାର ନାମ ହେଉଛି ଭିଗନ୍। ଏହା ଏକ ସୁନ୍ଦର ପତ୍ରିକା। ଏଥିରେ ମାଂସାଶୀରୁ ଭିଗନ୍ ହୋଇଥିବା ଷ୍ଟାରମାନଙ୍କ ସାକ୍ଷାତ୍‌କାର ପ୍ରକାଶ ପାଏ। ତା'ଛଡ଼ା ଇଂଲଣ୍ଡରେ ପ୍ରତିଦିନ ଘଟୁଥିବା ଭିଗନ୍ ଇଭେଣ୍ଟଗୁଡ଼ିକର ବିବରଣୀ, ଭିଗନ୍ ଖାଦ୍ୟ ରନ୍ଧନ ପ୍ରଣାଳୀ ଏବଂ ଭିଗନ୍ କମ୍ପାନୀଗୁଡ଼ିକର ବିଜ୍ଞାପନ ପ୍ରକାଶ ପାଏ। ଏହା ୨୫ ବର୍ଷର ଏକ ପୁରୁଣା ପତ୍ରିକା, ଯାହା ଏବେ ବି ଲାଭରେ ଚାଲୁଛି।

ମାଇକେଲ ଓଫେଇ ଦ ମିନିମାଲିଷ୍ଟ ଭିଗନ୍ ନାମକ ଏକ ସାଇଟ୍‌ରେ ୩୮ଟି ବ୍ୟବସାୟିକ ଚିନ୍ତାଧାରା ସନ୍ନିବେଶିତ କରିଛନ୍ତି। ସେ ବିଶ୍ୱାସ କରନ୍ତି, ଏହାଦ୍ୱାରା ଉପଭୋକ୍ତାମାନେ ମାଂସାହାର ଛାଡ଼ି ନୈତିକ ଜୀବନ ଆଡ଼କୁ ଢଳିବେ। ମୁଁ ମଧ୍ୟ ବିଶ୍ୱାସ କରୁଛି ଯେ, ଯଦି ବିକଳ୍ପ ଉପଲବ୍ଧ ଥାଏ, ତେବେ ଲୋକମାନେ ନିଶ୍ଚୟ ନୈତିକ ଜୀବନ ଆଡ଼କୁ ଆକର୍ଷିତ ହେବେ। ଉଦାହରଣସ୍ୱରୂପ ଯଦି ସ୍ୱାଦିଷ୍ଟ ଭିଗନ୍ ମିଠା ଓ ଆଇସ୍‌କ୍ରିମ୍ ମିଳେ, ତେବେ ଲୋକମାନେ ଆଉ କ୍ଷୀର ବା କ୍ଷୀରଜାତ ସାମଗ୍ରୀରେ ତିଆରି ମିଠା ଓ ଆଇସ୍‌କ୍ରିମ୍‌କୁ ପସନ୍ଦ କରିବେ ନାହିଁ। ଯେତେବେଳେ ଭିଗନ୍ ଉତ୍ପାଦଗୁଡ଼ିକର ଚାହିଦା ବଢ଼ିବ, ସେତେବେଳେ ଯୋଗାଣକୁ ନେଇ ସମସ୍ୟା ଉପୁଜିବ। ତେଣୁ ଆମକୁ ଯୋଗାଣ ବୃଦ୍ଧି କରିବାକୁ ଉଦ୍ୟମ କରିବାକୁ ପଡ଼ିବ। ଏ ସମ୍ପର୍କରେ ଓଫେଇଙ୍କର କିଛି ଚିନ୍ତାଧାରା ଏଠାରେ ଉଲ୍ଲେଖଯୋଗ୍ୟ।

ଖାଦ୍ୟ ଓ ପାନୀୟ: ଭିଗନ୍ ଖାଦ୍ୟ ଓ ପାନୀୟ ପାଇଁ ଭିଗନ୍ ରେଷ୍ଟୁରାଣ୍ଟ ଓ କାଫେ ପ୍ରତିଷ୍ଠା ହେବା ଦରକାର। ଭିଗନ୍ ପିଜା ଆଦିର ହୋମ୍ ଡେଲିଭରି ବ୍ୟବସ୍ଥା ରହିବା ଉଚିତ। ଆଇସ୍‌କ୍ରିମ୍ ବାରଗୁଡ଼ିକରେ ଡାଇରିମୁକ୍ତ ଆଇସ୍‌କ୍ରିମ୍ ଉପଲବ୍ଧ ହେବା ଦରକାର। ବାଦାମ ପ୍ରଭୃତିରୁ ତିଆରି ହୋଇଥିବା ଛେନା ଉପଲବ୍ଧ ଥିବା ଦରକାର। ସେହିପରି ଭିଗନ୍ ବର୍ଗର ଉପଲବ୍ଧ ଥିଲେ, ଲୋକେ ଆଉ ଗୋରୁ ଓ ଘୁଷୁରି ମାଂସର ବର୍ଗର ପ୍ରତି ମନ ବଳାଇବେ ନାହିଁ। ଭିଗନ୍ ବେକରିର ମଧ୍ୟ ବ୍ୟବସ୍ଥା ହେବା ଦରକାର। କ୍ୱଚିତ୍ ଲୋକ ଜାଣନ୍ତି ଯେ, ପାଉଁରୁଟିରେ ଅଣ୍ଡା ଓ କ୍ଷୀର ଦିଆଯାଏ, ଏପରି କି ବେଳେବେଳେ ମାଂସ ବି।

ସେବା: ଭିଗନ୍-ଅନୁକୂଳ ଛୋଟ ବ୍ୟବସାୟ ପାଇଁ ସେବା ଯୋଗାଇଦେବା ଲାଗି ଫ୍ରିଲାନ୍ସ ଇଲଷ୍ଟ୍ରେଟର ରହିବା ଦରକାର। ଅନ୍‌ଲାଇନ୍ ଭିଗନ୍ ଉଦ୍ୟୋଗପତିଙ୍କ ପାଇଁ କମ୍ପାନୀ ଆକାଉଣ୍ଟାଣ୍ଟ ବା ବୁକ୍-କିପର ରହିବା ନିହାତି ଜରୁରୀ। ଭିଗନ୍ ବ୍ୟବସାୟ ପାଇଁ ଜଣେ ସାମାଜିକ ଗଣମାଧ୍ୟମ ପରିଚାଳକଙ୍କ ଆବଶ୍ୟକତା ରହିଛି। ଭିଗନ୍ ଉଦ୍ୟୋଗପତିଙ୍କର ପ୍ରୋଫାଇଲ ତିଆରି କରିବା ପାଇଁ କପିରାଇଟିଂ ସେବା ଯୋଗାଇଦେବା ନିମନ୍ତେ ଅଫର ଦିଆଯିବା ଦରକାର। ଅନ୍‌ଲାଇନ୍ ପାଠ୍ୟକ୍ରମମାଳା ରହିବା ଆବଶ୍ୟକ, ଯାହା ଲୋକଙ୍କୁ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଶୁଦ୍ଧ ନିରାମିଷ ଖାଦ୍ୟ ରନ୍ଧନ କୌଶଳ ଶିଖାଇବ। ଆପଣ ଭିଗନ୍ ପାର୍ଟିର ରୋଷେୟା ବନିପାରିବେ ଏବଂ ଭିଗନ୍ ରନ୍ଧନ କର୍ମଶାଳାର ଆୟୋଜନ କରିପାରିବେ। ଏକ ଡେଟିଂ ଆପ୍‌ର ମଧ୍ୟ ବିକାଶ କରାଯାଇପାରେ, ଯାହା ଭିଗନ୍ ଯୋଡ଼ିମାନଙ୍କ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିପାରିବ। ଭିଗନ୍ ଓ ନୈତିକ ବେପାରୀଙ୍କ ସହ ଭିଗନ୍ ଗ୍ରାହକଙ୍କ ସମ୍ବନ୍ଧ ଯୋଡ଼ିବା ପାଇଁ ଏକ ମୋବାଇଲ୍ ଆପ୍‌ର ବିକାଶ କରାଯାଇପାରେ।

ଫ୍ୟାଶନ୍: ଅନ୍‌ଲାଇନ୍ ଭିଗନ୍ ଜୋତା ଦୋକାନ ଖୋଲାଯାଇପାରେ। ଭିଗନ୍ ଜୈବ ବସ୍ତ୍ର ଯଥା ଚଡ଼ି, ଗଞ୍ଜି, ସ୍ୱେଟର, ସକ୍ସ ଇତ୍ୟାଦିର ବେପାର କରାଯାଇପାରେ। ପୁରୁଷଙ୍କ ପାଇଁ ଭିଗନ୍ ସୁଟ୍ ଏବଂ ମହିଳାଙ୍କ ପାଇଁ ଭିଗନ୍ ମେକ୍‌ଅପ୍ ଲାଇନ୍ ବନାଯାଇପାରେ। ଏକ ପରିବେଶ-ଅନୁକୂଳ ଓ ରାସାୟନିକମୁକ୍ତ ଭିଗନ୍ ନେଲ୍ ପଲିଶ୍ କମ୍ପାନୀ ଆରମ୍ଭ କରାଯାଇପାରେ।

ପୁଞ୍ଜିନିବେଶ: ବିଶେଷତଃ ନୈତିକ ବ୍ୟବସାୟ ପାଇଁ ଏକ ନିବେଶ ପାଣ୍ଠି ଆରମ୍ଭ କରାଯାଇପାରେ। ଭିଗନ୍ ବ୍ୟବସାୟ ପାଇଁ ଆପଣ ପୁଞ୍ଜିନିବେଶ କରିବାକୁ ଆଗଭର ହୋଇପାରନ୍ତି।

ଏଠାରେ ଆଉ କିଛି ଚିନ୍ତାଧାରା ଉଲ୍ଲେଖ କରାଯାଉଛି। ଭିଗନ୍ ପ୍ରାଣୀ ଖାଦ୍ୟ, ଭିଗନ୍ ୱାଇନ୍, ବଡି କେୟାର୍, ପ୍ରସାଧନ ସାମଗ୍ରୀ ଦୋକାନ ସହ ଗୋଟିଏ ବଡ଼ ଗ୍ରୋସରି ଷ୍ଟୋର୍ ଖୋଲାଯାଇପାରେ, ଯେଉଁଥିରେ ସବୁ ପ୍ରକାର ଭିଗନ୍ ସାମଗ୍ରୀ ଉପଲବ୍ଧ ହେଉଥିବ। ଗୋଟାଏ ବଡ଼ ଭିଗନ୍ ବ୍ୟବସାୟ ଆରମ୍ଭ କରିବା ଏକ କାମ, ଯାହା ଅନ୍ୟ ବହୁଲୋକଙ୍କୁ ଶୁଦ୍ଧ ନିରାମିଷାଶୀ ଜୀବନ ଜିଇଁବାରେ ସହାୟକ ହୋଇପାରିବ। ବହୁ ମାଂସାଶୀ ଲୋକ କହିବାର ମୁଁ ଶୁଣିଛି ଯେ ଯଦି ସହଜ ଓ ସୁବିଧାରେ ଭିଗନ୍ ସାମଗ୍ରୀ ମିଳିବ, ତେବେ ସେମାନେ ତାଙ୍କ ଜୀବନଶୈଳୀ ବଦଳାଇବାକୁ ପ୍ରସ୍ତୁତ ଅଛନ୍ତି। ତେଣୁ ଏକ ବଡ଼ ଭିଗନ୍ ବଜାର ବିକଶିତ କରାଇବା ଦରକାର। ଜର୍ଜ ବର୍ନାର୍ଡ ଶ କହିଥିଲେ- ''ପ୍ରାଣୀମାନେ ମୋର ବନ୍ଧୁ ଏବଂ ମୁଁ ମୋ ବନ୍ଧୁମାନଙ୍କୁ ମାରି ଖାଏ ନାହିଁ।''

ଏକ ଭିଗନ୍ ଷ୍ଟୋର୍‌ରେ କି କି ଜିନିଷ ରହିବା ଉଚିତ ନୁହେଁ: ବିଟି କଟନ୍‌ରେ ତିଆରି ହୋଇଥିବା ଟି-ଶାର୍ଟ (ସେମାନେ କହିବେ ଏହା ଅର୍ଗାନିକ୍ କଟନ୍), ଜେଲାଟିନ୍ ଥିବା ଭିଟାମିନ୍ ଓ ମିଠା, ପାମ୍ ତେଲ, ଧଳା ଚିନି (ଯାହାକୁ ଗୋରୁ ହାଡ଼ ବ୍ୟବହାର କରି ରିଫାଇନ୍ କରାଯାଉଛି), ବୋନ୍ ଚାଇନା ଯୁକ୍ତ ଚୀନା ବାସନ, ରାସାୟନିକ ରଙ୍ଗ (ଏହି ରଙ୍ଗ ଯୋଗୁ ରାଜସ୍ଥାନର ନଦୀଗୁଡ଼ିକ ନଷ୍ଟ ହୋଇଗଲାଣି) ଇତ୍ୟାଦି। ଭିଗନ୍ ଦୋକାନଟିଏ ଖୋଲିବାକୁ ଗଲେ ସବୁ ଜିନିଷ ତନ୍ନ ତନ୍ନ କରି ଦେଖିବା ଦରକାର। ଉଦାହରଣସ୍ୱରୂପ ଆଜିକାଲି ଗୋଟିଏ ବି ବିସ୍କୁଟ ମିଳିବ ନାହିଁ, ଯେଉଁଥିରେ ପାମ୍ ତେଲ ନ ଥିବ।

Email: gandhim@nic.in

# ସଞ୍ଚିବାବୁଙ୍କ ହାତବାକ୍ସ

ରାଧାମୋହନ ମହାପାତ୍ର

କଥାରେ ଅଛି, ଯେତେ ପୁଅ ସେତେ ଘର, ଯେତେ ଝିଅ ସେତେ ବର। ପୁଅମାନଙ୍କ ବ୍ୟାପାରରେ କଥାଟା ଟିକିଏ ଅଲଗା। ବିବାହ ପୂର୍ବରୁ ଭାଇମାନଙ୍କ ସମ୍ପର୍କ ଯେତେ ମଧୁର ଥିଲେ ମଧ୍ୟ ବିବାହ ପରେ ଭିନ୍ନେ ହେଲା ଅନ୍ତେ ସମ୍ପର୍କ ତିକ୍ତ ହୋଇଯାଇଥାଏ। ବିବାହ ଅନ୍ତେ ପୁତ୍ରମାନେ ଯେତେ ସ୍ଥାବର ଅସ୍ଥାବର ସମ୍ପତ୍ତି ଅର୍ଜିଲେ ମଧ୍ୟ ସମସ୍ତଙ୍କର ଆଖିଥାଏ ପିତୃସମ୍ପତ୍ତି ଉପରେ, ଯେମିତି ଘଟିଥିଲା ସଞ୍ଚିବାବୁଙ୍କ କ୍ଷେତ୍ରରେ।

ସଞ୍ଚିବାବୁ ତାଙ୍କ ପ୍ରିୟ କାଷ୍ଠନିର୍ମିତ ହାତବାକ୍ସଟିକୁ କେବେହେଲେ ହସ୍ତାନ୍ତର କରନ୍ତି ନାହିଁ। ସେଥିରେ କୋଳପ ପକାଇ ଖୁବ୍ ସାବଧାନରେ ରଖିଥାନ୍ତି। ୧ ଫୁଟ୍ ଲମ୍ବ, ୧୦ ଇଞ୍ଚ ଓସାର ଓ ୮ଇଞ୍ଚ ଉଚ୍ଚତା ବିଶିଷ୍ଟ ବାକ୍ସଟି ପ୍ରତି ତାଙ୍କର ଖୁବ୍ ଶ୍ରଦ୍ଧା। ସେଥିରେ ସେ କି କି ମୂଲ୍ୟବାନ ଦରବ ରଖିଛନ୍ତି, କାହାକୁ ଜଣାନାହିଁ, ଏପରି କି ସ୍ୱର୍ଗତା ସହଧର୍ମିଣୀ କୁନ୍ତଳା କୁମାରୀଙ୍କୁ ମଧ୍ୟ ଜଣା ନ ଥିଲା। କେତେବେଳେ ସେ ବାକ୍ସ ଖୋଲି ବ୍ୟବହାର କରନ୍ତି କେହି ଦେଖନ୍ତି ନାହିଁ। ଶୟନ ସମୟରେ ବାକ୍ସ ଉପରେ ମୁଣ୍ଡ ରଖି ଶୁଅନ୍ତି। ଶେଯ ବୋଲି ପଟା ଖଟଟିଏ, ସେଥିରେ ମଶିଣାଟିଏ କେବଳ। ନ ଥାଏ କୌଣସି ରେଜେଇ ଅବା ବିଛଣା ଚଦର। ଦେହରେ ଅଣ୍ଟାରୁ ଆଣ୍ଠୁ ପର୍ଯ୍ୟନ୍ତ ମୋଟା ଖଦି ବସ୍ତ୍ରଟିଏ ଏବଂ ଦେହ ଘୋଡାଇବା ପାଇଁ ଗାମୁଛା ଖଣ୍ଡିଏ। ବାସ୍।

ସଞ୍ଚିବାବୁଙ୍କ ତିନି ପୁତ୍ର। ସମସ୍ତେ ଶିକ୍ଷିତ। ଜ୍ୟେଷ୍ଠପୁତ୍ର ଅବିନାଶ ସୁଦୂର ଆମେରିକାରେ ଅବସ୍ଥାପିତ। ସେଠାରେ ସେ ଜଣେ ପ୍ରତିଷ୍ଠିତ ହୃଦ୍‌ରୋଗ ବିଶେଷଜ୍ଞ ଭାବେ ସୁପରିଚିତ। ପତ୍ନୀ, ପୁଅ, ଝିଅ ନେଇ ସପରିବାର ବାସ କରନ୍ତି ନ୍ୟୁୟର୍କରେ। ମଝିଆ ପୁଅ ଅଖିଳେଶ ଦିଲ୍ଲୀରେ ସୁପ୍ରିମ୍‌କୋର୍ଟରେ ଓକିଲ, ଦକ୍ଷତା ପାଇଁ ବେଶ୍ ପ୍ରସିଦ୍ଧ। ଦିଲ୍ଲୀରେ ଘରଦ୍ୱାର କରି ସ୍ଥାୟୀ ଭାବେ ବାସ କରୁଛନ୍ତି। କନିଷ୍ଠ ପୁତ୍ର ଅଲେଖଚନ୍ଦ୍ର ଅଧୁନା କଟକ ସମବାୟ ବ୍ୟାଙ୍କର ନିବନ୍ଧକ ଭାବେ ନିଯୁକ୍ତ। କଟକରେ ନିଜ ବାସଗୃହ ନିର୍ମାଣ କରି ସପରିବାର କାଳାତିପାତ କରୁଛନ୍ତି।

ବୃଦ୍ଧକାଳରେ ସ୍ୱାଧୀନଚେତା ସଞ୍ଚିବାବୁ କୌଣସି ପୁଅ ପାଖରେ ନ ରହି ଜନ୍ମମାଟି ନିଆଳିରେ ବାସ କରୁଛନ୍ତି। ପିଲାମାନଙ୍କୁ ମଣିଷ କରିବାକୁ ବହୁ ସ୍ଥାବର ଅସ୍ଥାବର ସମ୍ପତ୍ତି ବିକ୍ରି କରିଦେଇଥିଲେ। ଏବେ କେବଳ ନିଆଳିସ୍ଥ ତାଙ୍କ ବାସଗୃହଟି ପୈତୃକ ସମ୍ପତ୍ତିର ପ୍ରତୀକ ଭାବେ ଦଣ୍ଡାୟମାନ। ଶିକ୍ଷକ ଚାକିରିରୁ ଅବସର ଅନ୍ତେ ସଞ୍ଚିବାବୁ ଗାଁ ମାଟିକୁ ଆବୋରି ନେଇଛନ୍ତି। ଯାହା ପେନ୍‌ସନ୍ ମିଳେ ଚଳିବାକୁ ନିଅଣ୍ଟ ହୁଏନାହିଁ। ସଞ୍ଜବେଳେ ଦାଣ୍ଡପିଣ୍ଡାରେ ଗାଁ ବୃଦ୍ଧାବୃଦ୍ଧଙ୍କ ମେଳରେ ଭାଗବତ ଚର୍ଚ୍ଚା କରନ୍ତି। ଭଜନ, ଜଣାଣ ଓ ଆଧ୍ୟାତ୍ମିକ ରଚନାରେ ସମୟ ବିତାନ୍ତି। ଘର ପାଖରେ ଗୋପାଳଜୀଉ ମଠ। ଦୁଇ ଓଳି ଖାଦ୍ୟ ପାଇଁ ପ୍ରସାଦର ବ୍ୟବସ୍ଥା କରିଛନ୍ତି। ନିଃସଙ୍ଗ ବାର୍ଦ୍ଧକ୍ୟ ଜୀବନ ବିଜନ ଜରାଶ୍ରମ ଭଳି।

ଏବେ କିନ୍ତୁ ସମସ୍ତଙ୍କ ନଜର ସଞ୍ଚିବାବୁଙ୍କ ହାତବାକ୍ସ ଉପରେ। ବାକ୍ସଟିକୁ ଶ୍ରଦ୍ଧା କରୁଥିବାର କାରଣ କାହାକୁ ଅବୁଝା ରହେନାହିଁ। ଜୀବନର ସବୁ ସଞ୍ଚିତ ଧନ ଓ ଉପାର୍ଜନ ନିଶ୍ଚୟ ସେଇ ବାକ୍ସଟିରେ ଗଚ୍ଛିତ। ସଞ୍ଚିବାବୁଙ୍କ ଜେଜେବାପା କରୁଣାକର ଚୌଧୁରୀ ଅନେକ ଭୂସମ୍ପତ୍ତିର ମାଲିକ ଥିଲେ। ତାଙ୍କ ଅନ୍ତେ ତାଙ୍କ ପୁତ୍ର ଜଗଦାନନ୍ଦ ପିତୃଅର୍ଜିତ ଜମିବାଡି ସମ୍ଭାଳିଲେ। ସେତେବେଳକୁ ସଞ୍ଚିବାବୁ ଭଲ ପଢୁଥିଲେ। ମାଟ୍ରିକ୍ ପରେ ଉଚ୍ଚଶିକ୍ଷା ପାଇଁ ଓଡ଼ିଶାରେ ସୁବିଧା ନ ଥିଲା। ଓଡ଼ିଶା ବାହାରକୁ ଯାଇ ଅଧ୍ୟୟନ ପାଇଁ ପିତା ଜଗଦାନନ୍ଦ ଅନିଚ୍ଛୁକ। ଅଧିକ ଶିକ୍ଷା କ'ଣ ଆବଶ୍ୟକ? ବାପାଙ୍କ ପରେ ଜମିବାଡି ଦାୟିତ୍ୱ କିଏ ନେବ? ଏଣୁ ସଞ୍ଚିବାବୁଙ୍କ ପାଠପଢାରେ ପୂର୍ଣ୍ଣଚ୍ଛେଦ ପଡିଲା।

କିଛିଦିନ ପରେ ପିତା ଜଗଦାନନ୍ଦ ସ୍ୱର୍ଗାରୋହଣ କଲେ। ଭାରତବର୍ଷ ସ୍ୱାଧୀନତା ପାଇଲା। ଦେଶର ଆଇନ ବଦଳିଗଲା। ସଞ୍ଚିବାବୁଙ୍କ ସିଲିଂ ବହିର୍ଭୂତ ଜମି ସବୁ ସରକାରଙ୍କ ହାତକୁ ଚାଲିଗଲା। ପରିଶେଷରେ ସଞ୍ଚିବାବୁ ମାଷ୍ଟର ଚାକିରିଟିଏ ଆଦରିନେଲେ। ତିନି ସନ୍ତାନଙ୍କ ଲାଳନପାଳନ ଓ ଶିକ୍ଷା ପାଇଁ ନିଜ ରୋଜଗାର ଯଥେଷ୍ଟ ନ ହେବାରୁ ପ୍ରାୟ ସବୁ ସ୍ଥାବର ସମ୍ପତ୍ତି ବିକ୍ରି କରିଦେଲେ। ପୁତ୍ରମାନେ ଶିକ୍ଷିତ ହେଲେ, ନିଜ ନିଜ ଗୋଡରେ ଛିଡା ହେଲେ। ଏବେ ସେ ଦାୟିତ୍ୱମୁକ୍ତ। ମୁଖରେ କେବଳ ରାମ ରାମ। ସ୍ୱର୍ଗର ଡାକରାକୁ ଅପେକ୍ଷା।

ଶେଷରେ ସଂସାରର ସେଇ ଅନିବାର୍ଯ୍ୟ ଅନ୍ତିମ ଦିନଟି ଉପସ୍ଥିତ ହେଲା। ବିଛଣା ଉପରେ କାଠବାକ୍ସଟି ଉପରେ ମୁଣ୍ଡ ରଖି ସଚ୍ଚିଦାନନ୍ଦ ଆଖି ବୁଜିଲେ। ପୁଅମାନଙ୍କ ପାଖକୁ ଖବର ଗଲା।

ବଡପୁଅ ଅବିନାଶ କହିଲା, ବାପାଙ୍କର ବୟସ ହୋଇଯାଇଥିଲା, କାହାକୁ ହଇରାଣ ନ କରି ଭଲରେ ଭଲରେ ଚାଲିଗଲେ। ମୁଁ ଏତେ ଦୂରରୁ ଯାଇ କ'ଣ କରିବି ଯେ! ଏଇଠି ଶୁଦ୍ଧି ହୋଇପଡିବି। ସାନପୁଅର ଉତ୍ତର- ''ତୁମେ ବଡ଼, ତୁମ ଆସିବା ଜରୁରୀ, କାରଣ ବାପାଙ୍କ ହାତବାକ୍ସରେ ତାଲା। ତମେ ନ ଆସିଲେ ଭାଗବଣ୍ଟରା ହେବ କିପରି?'' ଆରେ ହଁ ତ! ଦିଅଁ ଦେଖା ଓ କଦଳୀ ବିକା, ଏକାବେଳକେ ଦୁଇଟି କାମ ହୋଇଯିବ ଭାବି ଅବିନାଶ କହିଲା- ହଉ ତେବେ। ଶୁଦ୍ଧିକ୍ରିୟାର ଦଶମ ଦିନ ପାରମ୍ପରିକ ତିଳତର୍ପଣ ଅନ୍ତେ, ସନ୍ଧ୍ୟା ଭଜନକୀର୍ତ୍ତନ ପରେ ଭଦ୍ରଲୋକଙ୍କ ସମ୍ମୁଖରେ ସଭା ବସିଲା, ଉଦ୍ଦେଶ୍ୟ- ହାତବାକ୍ସରେ ସଞ୍ଚିତ ଧନରେ କାହାର ଭାଗ କେତେ? ସାମାଜିକ ପ୍ରଥା ଅନୁଯାୟୀ ବଡ଼ପୁଅର ଭାଗ ଅଧିକ- କହିଲା ଅବିନାଶ। କିନ୍ତୁ ସାନ ଅଲେଖ ଏଥିରେ ଥିଲା ଅସମ୍ମତ। ତା'ର ଅଭିଯୋଗ- ବଡ଼ ଗଲା ବିଦେଶ। ସେ କ'ଣ କରିଥିଲା ସତ୍କାରରେ ସହଯୋଗ? ଶୁଖିଲାରେ ବାଳିଆ ମାରିବାକୁ ବଡ଼ର ମନ ଡହଳବିକଳ କାହିଁକି? ଆଇନ ଆଖିରେ ଭାଇଭାଗରେ ବଡ଼ସାନର ବିଚାର ନାହିଁ, ସମସ୍ତେ ସମାନ। ମଝିଆ ଅଖିଳେଶ ସାନର ଯୁକ୍ତିକୁ ସମର୍ଥନ କଲା। ଭଦ୍ରଲୋକଙ୍କ ନିଷ୍ପତ୍ତି- ବାକ୍ସର ସମ୍ପତ୍ତି ସମାନ ତିନିଭାଗ ହେବ।

ଚାବି ନ ମିଳିବାରୁ ତାଲା ଭାଙ୍ଗି ଦେଖାଗଲା, ସେଥିରେ ସଞ୍ଚିବାବୁଙ୍କ ହାତଲେଖା କାଗଜ ଟୁକୁଡାଟିଏ, ଯେଉଁଥିରେ ଲେଖା ଥିଲା- 'ପୁଅ ଯୋଗ୍ୟ ହେଲେ ଧନ କାହିଁକି ସଞ୍ଚୁ, ପୁଅ ଅଯୋଗ୍ୟ ହେଲେ ଧନ କାହିଁକି ସଞ୍ଚୁ।'

ମୋ-୯୮୬୧୧୮୯୯୩୬

## ଏଇ ଭାରତରେ

ଆଜିକାଲି ଧର୍ମଗୁରୁଙ୍କ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିବାରେ ଲାଗିଛି। ଏପରି କି ଗୁରୁଙ୍କ ବିରୋଧରେ ଯଦି କୌଣସି ଅଭିଯୋଗ ଆସୁଛି, ତାକୁ ସହଜରେ କେହି ଗ୍ରହଣ କରିବାକୁ ପ୍ରସ୍ତୁତ ହେଉନାହାନ୍ତି। ଏଭଳି ଏକ ଘଟଣା ରାଜସ୍ଥାନର ଆଜ୍‌ମେର ସହରରେ ଦେଖିବାକୁ ମିଳିଛି। ଏଠାରେ ଏକ ଘଟଣାକ୍ରମରେ ନିଜ ଧର୍ମଗୁରୁଙ୍କୁ ସୁରକ୍ଷା ଦେବାକୁ ଯାଇ ଏକ ଦମ୍ପତି ନିଜର ନାବାଳିକା କନ୍ୟା ପ୍ରତି ହୋଇଥିବା ବଳାତ୍କାର ଘଟଣାକୁ ଲୁଚାଇବାକୁ ମଧ୍ୟ ପଛଘୁଞ୍ଚା ଦେଇନାହାନ୍ତି। ଉକ୍ତ ନାବାଳିକା ଜଣକ ପଢ଼ିବାକୁ ଯାଉଥିବାବେଳେ ସମ୍ପୃକ୍ତ ଗୁରୁ ତାଙ୍କୁ ବଳାତ୍କାର କରିବା ଏବଂ ପରେ ସେ ଗର୍ଭବତୀ ହେବା ଜାଣିଥିଲେ ସୁଦ୍ଧା ମାତାପିତା ଏହାକୁ ଲୁଚାଇବାକୁ ଚେଷ୍ଟା କରିଛନ୍ତି। ଗୁରୁଙ୍କୁ ସୁରକ୍ଷା ଦେବାକୁ ଯାଇ ନାବାଳିକା କନ୍ୟାର ଗର୍ଭପାତ କରାଇଛନ୍ତି। ପୋଲିସ ମଧ୍ୟ ପୀଡ଼ିତା ନାବାଳିକାଙ୍କ ମାତାପିତାଙ୍କ କହିବାନୁସାରେ ଘଟଣାକୁ ଭିନ୍ନରୂପ ଦେଇଛି। ନାବାଳିକାଙ୍କୁ ବଳାତ୍କାର କରାଯାଇନାହିଁ ବରଂ ସେ କୌଣସି ପ୍ରେତାତ୍ମା ଦ୍ୱାରା ବଶୀଭୂତ ହୋଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରିଛି। ତେବେ ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳର ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପୋଲିସ ରିପୋର୍ଟ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଏବଂ ସେ ଗର୍ଭବତୀ ହୋଇଥିବାର ସମସ୍ତ ମେଡିକାଲ ରିପୋର୍ଟ ସଂଗ୍ରହ କରି କୋର୍ଟରେ ଉପସ୍ଥାପିତ କରିଛି। କୋର୍ଟ ଏହାକୁ ଗ୍ରହଣ କରି ଆଜ୍‌ମେର ପୋଲିସକୁ ଘଟଣାର ପୁଣି ଥରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଚିରନ୍ତନୀ

ସେ ଯେ ତବ ଶ୍ରେଷ୍ଠ ଆତ୍ମା, ତବ
ଅନ୍ତିମର ଶେଷଯାତ୍ରୀ
ମରଣର ପରପାରେ ସେ ଯେ ତବ
ଜୀବନର ସାଥୀ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | | | B | | 3 | | | | 2 | 7 | | | A | |
| A | | | | | 1 | B | | D | | | 6 | | E | 4 |
| | 5 | E | | C | 0 | | | | | A | 8 | | | |
| | 7 | | D | | | | 4 | | | | | | 6 | |
| 3 | 1 | | | 2 | | | C | 7 | D | | 9 | | 0 | |
| 6 | | 7 | | | | | E | | | | | | | 9 |
| | | D | 0 | E | | | | 5 | 9 | | | | | 7 |
| | A | 1 | | | 8 | | | B | | | | 3 | | |
| 0 | | B | | | A | | | 8 | | E | 2 | | | |
| 2 | | | | B | | | | | 4 | 5 | | A | | |
| E | | A | | | | 6 | | 0 | 5 | D | 4 | | | |
| | 4 | | 2 | | | | | | | 0 | 3 | | C | |
| 8 | C | | | | | 3 | 9 | 1 | 7 | | | 6 | 4 | |
| 1 | | | | | | 5 | | | 8 | | | | | 0 |
| | | 0 | 3 | | | 7 | | C | | 9 | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 9 | 4 | 8 | 0 | 3 | C | 7 | E | 1 | D | B | 5 | A | 2 |
| 1 | 5 | E | D | 7 | A | 8 | B | 6 | 9 | 2 | 4 | 0 | 3 | C |
| 8 | C | A | B | 4 | 6 | D | 2 | 9 | 5 | 0 | 3 | 7 | 1 | E |
| 0 | 3 | 2 | E | 1 | 9 | A | 4 | 5 | 7 | 6 | C | 8 | B | D |
| 7 | D | B | C | 5 | 2 | 0 | 3 | 1 | 8 | E | A | 9 | 4 | 6 |
| E | 0 | 3 | 4 | 6 | 7 | 9 | 1 | A | C | B | 8 | D | 2 | 5 |
| B | 7 | 9 | 5 | C | 1 | E | 6 | 4 | D | 3 | 2 | A | 8 | 0 |
| 5 | 6 | D | 3 | 9 | B | 7 | 8 | 2 | E | A | 0 | 1 | C | 4 |
| 4 | 2 | 1 | A | D | 8 | 3 | C | 0 | 6 | 7 | 5 | E | 9 | B |
| C | A | 8 | 2 | E | 0 | 5 | D | B | 4 | 1 | 9 | 3 | 6 | 7 |
| 3 | 4 | C | 9 | B | 5 | 6 | A | D | 0 | 8 | E | 2 | 7 | 1 |
| 2 | E | 7 | 6 | 3 | C | 4 | 0 | 8 | A | 5 | 1 | B | D | 9 |
| A | 1 | 6 | 0 | 2 | E | B | 9 | 7 | 3 | C | D | 4 | 5 | 8 |
| 9 | B | 0 | 7 | 8 | D | 1 | 5 | 3 | 2 | 4 | 6 | C | E | A |
| D | 8 | 5 | 1 | A | 4 | 2 | E | C | B | 9 | 7 | 6 | 0 | 3 |

ଗତକାଲିର ଉତ୍ତର

# ଋଣଛାଡ଼ ଆଶ୍ୱସ୍ତି, ସମାଧାନ ନୁହେଁ

ବିଚିତ୍ର ବିଶ୍ୱାଳ

ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ନୂଆ ହୋଇ ଗଠିତ ହୋଇଥିବା କଂଗ୍ରେସ ସରକାର ନିଜ ନିର୍ବାଚନୀ ଘୋଷଣା ଅନୁଯାୟୀ ଚାଷୀମାନଙ୍କର ଋଣଛାଡ଼ କରିଥିବାରୁ ଏହା କେବଳ ବିରୋଧୀ ଦଳ ଭାଜପା ନୁହେଁ, ଆମ ଦେଶର ଅନେକ ଅର୍ଥନୀତିଜ୍ଞ ଓ ବୁଦ୍ଧିଜୀବୀଙ୍କୁ ବି ନାପସନ୍ଦ ହୋଇଛି। ସେହି ବୁଦ୍ଧିଜୀବୀ ଓ ଅର୍ଥନୀତିଜ୍ଞମାନଙ୍କ ଆଶଙ୍କା ବି ଅମୂଳକ ନୁହେଁ। କାରଣ, ଋଣଛାଡ଼ ଚାଷୀମାନଙ୍କର ଦୀର୍ଘକାଳୀନ ସମସ୍ୟାର କଦାପି ସମାଧାନ ନୁହେଁ। ଚାଷୀମାନଙ୍କ କ୍ଷତ ଉପରେ ଏହା କେବଳ ଏକ ବ୍ୟାଣ୍ଡେଜ୍ ପରି ହୁଏତ କାମ ଦେବ। ତେବେ ବେଳେବେଳେ କ୍ଷତ ପାଇଁ ବ୍ୟାଣ୍ଡେଜ୍ ବି ଉପଯୋଗୀ ହୋଇଥାଏ। ନୋହିଲେ କ୍ଷତ ଏତେ ବଢ଼ିଯିବ ଯେ, ତାହାର ଆରୋଗ୍ୟ କଷ୍ଟସାଧ୍ୟ ହୋଇପଡ଼ିବ।

ଆମ ଦେଶରେ ଚାଷୀମାନେ ଯେପରି ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି, ତାହା ଋଣଛାଡ଼ ପରି ଘୋଷଣାରେ କେବେ ବି ସମାଧାନ ହେବନାହିଁ। କିନ୍ତୁ ଋଣଭାର ଆମ ଚାଷୀମାନଙ୍କର ଏକ ବଡ଼ ସମସ୍ୟା। ଚାଷୀ ସମସ୍ୟାର ଦୀର୍ଘକାଳୀନ ସମାଧାନ ସହିତ ଋଣଭାର ପରି ତାତ୍‌କାଳିକ ସମସ୍ୟାର ବି ସମାଧାନ କରାଯିବାର ପ୍ରୟୋଜନୀୟତା ରହିଛି। ଆମେ ବର୍ଷ ବର୍ଷ ଧରି ଦେଖିଆସୁଛୁ ଯେ, ଋଣଭାରଜନିତ ଚାପ ଯୋଗୁ ଚାଷୀ ଆତ୍ମହତ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ଚାଷୀ ମୁଣ୍ଡ ଉପରେ ଋଣଭାର ଆଜି ମସ୍ତବଡ଼ ବୋଝ। ଚାଷୀମାନଙ୍କୁ ଏହି ଋଣଭାରଜନିତ ବୋଝରୁ ମୁକୁଳାଇବା ତଥା ସାମୟିକ ଭାବେ ଆଶ୍ୱସ୍ତି ଦେବା ଲାଗି ଋଣଛାଡ଼ ପଦକ୍ଷେପର ଆବଶ୍ୟକତା ଅଛି। ନଚେତ୍ ଚାଷୀ ଆତ୍ମହତ୍ୟାର ସମସ୍ୟା ଆଗକୁ ଉତ୍କଟ ହେବ।

କୌଣସି ବିପର୍ଯ୍ୟୟର ଶିକାର ହୋଇଥିବା ଲୋକଙ୍କୁ ପ୍ରଥମେ ରିଲିଫ୍ ଯୋଗାଇ ଦିଆଯାଏ ଓ ପରେ ଦୀର୍ଘକାଳୀନ ଭିତ୍ତିରେ ସେମାନଙ୍କ ପାଇଁ ଥଇଥାନ ଯୋଜନା କରାଯାଏ। ତାତ୍‌କାଳିକ ଲାଭ ତଥା ରିଲିଫ୍ ପାଇ ସେମାନେ ବିପର୍ଯ୍ୟୟ ପରିସ୍ଥିତିରେ ତିଷ୍ଠି ରହିବାକୁ ସକ୍ଷମ ହୁଅନ୍ତି ଓ ପରେ ଥଇଥାନ ବ୍ୟବସ୍ଥା ଦ୍ୱାରା ସେମାନଙ୍କ ଭବିଷ୍ୟତ ଜୀବନ ସୁରକ୍ଷିତ ହୋଇଥାଏ। ସଂପ୍ରତି ଯଦି ଆମେ ଆମ ଦେଶର ଚାଷୀମାନଙ୍କ ଅବସ୍ଥାକୁ ଅବଲୋକନ କରିବା, ତେବେ ପାଇବା ଯେ ଚାଷୀଙ୍କର ଅବସ୍ଥା କୌଣସି ବିପର୍ଯ୍ୟୟର ଅବସ୍ଥାଠାରୁ ବି କମ୍ ନୁହେଁ। ପ୍ରତି ଅଧଘଣ୍ଟାରେ ଆମ ଦେଶରେ ଜଣେ ଚାଷୀ ଋଣବୋଝରେ ଅତିଷ୍ଠ ହୋଇ ଜୀବନ ହାରୁଛି। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋର ତଥ୍ୟ ଅନୁସାରେ, ଗତ ପନ୍ଦର ବର୍ଷ ମଧ୍ୟରେ ଆମ ଦେଶରେ ୩ ଲକ୍ଷରୁ ଅଧିକ ଚାଷୀ ଜୀବନ ହାରିଛନ୍ତି। ଅନ୍ୟ କୌଣସି ବୃତ୍ତିଧାରୀ ଗତ ପନ୍ଦର ବର୍ଷ ମଧ୍ୟରେ ଏତେ ସଂଖ୍ୟାରେ ଆତ୍ମହତ୍ୟା କରିନାହାନ୍ତି। ଏହା ତ ଯେକୌଣସି ବିପର୍ଯ୍ୟୟଠାରୁ ମଧ୍ୟ ଅଧିକ। ତେଣୁ ଆମ ଦେଶର ଚାଷୀକୁଳ ତଥା ଅନ୍ନଦାତାମାନଙ୍କୁ ଋଣବୋଝର ବିପର୍ଯ୍ୟୟରୁ ଉଦ୍ଧାର କରିବା ପାଇଁ ତଥା ସେମାନଙ୍କୁ ତୁରନ୍ତ ଆଶ୍ୱସ୍ତି ଦେବା ଲାଗି ସେମାନଙ୍କ ମୁଣ୍ଡରୁ ଋଣବୋଝକୁ ହାଲୁକା କରିବା ଜରୁରୀ। କିନ୍ତୁ କେବଳ ଋଣଛାଡ଼ କରିଦେଇ ଚାଷୀମାନଙ୍କ ଦୀର୍ଘକାଳୀନ ସମସ୍ୟାର ସମାଧାନ ପାଇଁ କିଛି ନ କରିବା ନିର୍ବୋଧତାର କାର୍ଯ୍ୟ। କୃଷିଋଣ ଛାଡ଼ କରିଥିବା ସରକାରମାନେ ଆଗକୁ ଚାଷୀମାନଙ୍କର ଦୀର୍ଘକାଳୀନ ସମସ୍ୟାର ସମାଧାନ ପାଇଁ କ'ଣ କରୁଛନ୍ତି, ତାହା ହିଁ ଗୁରୁତ୍ୱପୂର୍ଣ୍ଣ।

ଅର୍ଥନୀତି ବିଶାରଦମାନେ ମତ ଦେଉଛନ୍ତି ଯେ, ଚାଷୀମାନଙ୍କୁ ଋଣଛାଡ଼ କରିବା ଦ୍ୱାରା ଦେଶର ଅର୍ଥନୀତି ଉପରେ ଚାପ ପଡ଼ିବ। ସେମାନଙ୍କୁ ପ୍ରଶ୍ନ କର୍ପୋରେଟ୍ ତଥା କମ୍ପାନୀମାନଙ୍କୁ ଯେତେବେଳେ ଲକ୍ଷ ଲକ୍ଷ କୋଟି ଟଙ୍କା ଋଣଛାଡ଼ କରାଯାଉଛି, ସେତେବେଳେ କ'ଣ ଦେଶର ଅର୍ଥନୀତି ଉପରେ ଚାପ ପଡୁନି? ସେତେବେଳେ ଏହିସବୁ ବୁଦ୍ଧିଜୀବୀ ତଥା ଅର୍ଥନୀତି ବିଶାରଦମାନେ ତ ପାଟି ଖୋଲୁଥିବା ଦେଖାଯାଉନି। ଗତ ଦଶବର୍ଷ ମଧ୍ୟରେ ଭିନ୍ନ ଭିନ୍ନ କମ୍ପାନୀଙ୍କୁ ୫ ଲକ୍ଷ କୋଟିରୁ ଅଧିକ ଟଙ୍କା ଋଣଛାଡ଼ କରାଯାଇଛି। ସେହି ତୁଳନାରେ ଚାଷୀମାନଙ୍କୁ ହେଉଥିବା ଋଣଛାଡର ପରିମାଣ କିଛି ବି ନୁହେଁ। ଅସଲରେ ଅଧିକ ଟଙ୍କାର ଋଣଛାଡ଼ର ଫାଇଦା କମ୍ପାନୀମାନେ ହିଁ ନେଉଛନ୍ତି। କେବଳ ଏତିକି ନୁହେଁ, କମ୍ପାନୀମାନଙ୍କୁ ହେଉଥିବା ଋଣଛାଡ଼କୁ ବିଭିନ୍ନ ପ୍ରକାର ସକାରାତ୍ମକ ଶବ୍ଦ ମାଧ୍ୟମରେ ଗୌରବାନ୍ୱିତ କରାଯାଉଛି। ଯଥା ଆର୍ଥିକ ପ୍ରୋତ୍ସାହନ, ବ୍ୟାଙ୍କ୍ ଲୋନ୍ ଓ ଅନୁତ୍ପାଦକ ସମ୍ପତ୍ତି ଇତ୍ୟାଦି। କିନ୍ତୁ ଚାଷୀଙ୍କ ପାଇଁ ଋଣଛାଡ଼ ହେବାବେଳକୁ ସମସ୍ତେ ଅର୍ଥନୀତିର ଗୁରୁ ସାଜି ପାଠ ପଢ଼ାଉଛନ୍ତି। ଅନେକେ କହୁଛନ୍ତି, ଚାଷୀଙ୍କ ଋଣଛାଡ଼ କରିବା ଦ୍ୱାରା ଚାଷୀମାନେ ଭବିଷ୍ୟତରେ ଆଉ କେବେ ବି ଋଣ ଶୁଝିବେ ନାହିଁ। କିନ୍ତୁ ଯଦି ଆମେ ଶୁଝା ନ ହୋଇ ପଡ଼ିରହିଥିବା ଋଣର ପରିମାଣକୁ ଦେଖିବା ତେବେ ବୁଝିଯିବା ଯେ, ଚାଷୀମାନଙ୍କ ଅପେକ୍ଷା ବଡ଼ ବଡ଼ ବ୍ୟବସାୟୀ, କମ୍ପାନୀମାନେ ହିଁ ଜାଣି ଜାଣି ଋଣ ଖିଲାପି କରିବାରେ ଅଧିକ ଅଭ୍ୟସ୍ତ।

ଆମ ଦେଶରେ ଚାଷୀମାନଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଥମେ ସେମାନଙ୍କୁ ଉତ୍ପାଦନର ଉଚିତ ମୂଲ୍ୟ ଦେବାକୁ ପଡ଼ିବ। ଏତଦ୍‌ବ୍ୟତୀତ ଉତ୍ପାଦନର ସଂରକ୍ଷଣ ପାଇଁ ଆବଶ୍ୟକ ପରିମାଣର ଶୀତଳଭଣ୍ଡାର ଓ ଗୋଦାମ ଘରର ବ୍ୟବସ୍ଥା କରିବାକୁ ପଡ଼ିବ। ଚାଷୀମାନଙ୍କର ସବୁଠାରୁ ମୁଖ୍ୟ ଆବଶ୍ୟକତା ହେଉଛି, ସେମାନଙ୍କ ରୋଜଗାରର ସୁରକ୍ଷା ପାଇଁ ଏକ ନିଶ୍ଚିତ ପନ୍ଥା ନିରୂପଣ। ଅନେକ ସଙ୍ଗଠନ ସଂପ୍ରତି ଚାଷୀମାନଙ୍କ ସୁରକ୍ଷା, ପେନ୍‌ସନ ଇତ୍ୟାଦି ବିଷୟରେ ଦାବି ଉଠାଉଛନ୍ତି, ଯାହାକୁ ଯଥାଶୀଘ୍ର ବିଚାରକୁ ନେଇ ସରକାର ପଦକ୍ଷେପ ନେବା ଉଚିତ। କେବଳ ଋଣଛାଡ଼ ଦ୍ୱାରା ଚାଷୀମାନଙ୍କ ବର୍ଷ ବର୍ଷର ସମସ୍ୟାର ଯେ ସମାଧାନ ଅସମ୍ଭବ, ଏ କଥା ସରକାରଙ୍କୁ ଅବଶ୍ୟ ଭାବିବାକୁ ପଡ଼ିବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
bichitrabiswal@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ଯେବେ ହିସାବ ମାଗିବେ ଈଶ୍ୱର

ମହାଶୟ,

ପ୍ରକାଶବାବୁଙ୍କ ପ୍ରବନ୍ଧ 'ଯେବେ ହିସାବ ମାଗିବେ ଈଶ୍ୱର' ପଢି ମନେପଡିଲା ଓଡିଆ ଚଳଚ୍ଚିତ୍ର 'ହିସାବ କରିବ କାଳିଆ'। ଦି ଆର୍ଥ ସେଭିୟର୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ରବି କାଲରାଙ୍କୁ ଧନ୍ୟବାଦ, ଯିଏ କି ପ୍ରତ୍ୟାଖ୍ୟାତ ମଣିଷଙ୍କୁ ଆଶ୍ରୟ ଦେଉଛନ୍ତି। ସତରେ ସ୍ୱାସ୍ଥ୍ୟ, ନିଶାମୁକ୍ତି, ସଡ଼କ ସୁରକ୍ଷା ସଚେତନତା ପକ୍ଷ ପାଳନଠାରୁ ପାରିବାରିକ ସଚେତନତା ପାଇଁ କାହିଁ କାହାରି ଦୃଷ୍ଟି ନାହିଁ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା

### ବନ୍ଦୋବସ୍ତ ସ୍ୱତ୍ୱ ଫଏସଲା ଏକ ପ୍ରହସନ

ରାଜ୍ୟରେ ପଡି ରହିଥିବା ହଜାର ହଜାର ବନ୍ଦୋବସ୍ତ ସ୍ୱତ୍ୱ ଫଏସଲା ନିମନ୍ତେ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହା ଏପର୍ଯ୍ୟନ୍ତ କାର୍ଯ୍ୟରେ ପରିଣତ ହୋଇପାରୁ ନାହିଁ। ୧୯୨୭ ମସିହା ବନ୍ଦୋବସ୍ତର ଖତିୟାନ କପି ଦାଖଲ କଲେ ସ୍ୱତ୍ୱ ଫଏସଲା ହେବ ବୋଲି ବାବୁମାନେ କହିବା ପରେ ଲୋକମାନେ କପି ଆଣିବା ପାଇଁ ରେକର୍ଡ ରୁମ୍‌କୁ ବାରମ୍ବାର ଦୌଡି ନୟାନ୍ତ ହେଉଛନ୍ତି। କପି ଦାଖଲ କଲେ ମଧ୍ୟ କୌଣସି କାର୍ଯ୍ୟ ହେଉନାହିଁ। ତେଣୁ ଏସବୁ ପ୍ରହସନ ବନ୍ଦ କରି ଜନସାଧାରଣଙ୍କର ସୁବିଧା ନିମନ୍ତେ ସରକାରଙ୍କ ତରଫରୁ ୧୯୨୭ ମସିହାର ରେକର୍ଡ ତନଖି କରାଯାଇ ବନ୍ଦୋବସ୍ତ ସ୍ୱତ୍ୱକୁ ଫଏସଲା କରାଯାଉ। ସରକାର ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଏ ଦିଗରେ ଦୃଷ୍ଟିଦେବାକୁ ଅନୁରୋଧ।

ପଦ୍ମନାଭ ସ୍ୱାଇଁ, ଚନ୍ଦନପୁର, ପୁରୀ

### ମନୁଷ୍ୟ ପରିସ୍ଥିତିର ଦାସ

ଡିସେମ୍ବର ୨୪ରେ ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତ ସମୟରେ ରାଜ୍ୟ ସରକାର ଓ ବିଜୁ ଜନତା ଦଳ ପ୍ରତି ତାଙ୍କର ସମାଲୋଚନା ଅତି ନରମ ଥିଲା। କିନ୍ତୁ ୩ ମାସ ତଳେ ତାଙ୍କ ଓଡିଶା ଗସ୍ତ ସମୟରେ ରାଜ୍ୟ ସରକାରଙ୍କ ପ୍ରତି ତାଙ୍କର ସମାଲୋଚନା ଅତି କଠୋର ଥିଲା। ଏହା କିଛି ଲୋକଙ୍କୁ ବିସ୍ମିତ କରିଛି। ମାତ୍ର ଏହାର କାରଣ ସ୍ପଷ୍ଟ। ସଦ୍ୟ ଅନୁଷ୍ଠିତ ୫ଟି ରାଜ୍ୟର ନିର୍ବାଚନରେ ଭାଜପାର ନୈରାଶ୍ୟଜନକ ପ୍ରଦର୍ଶନ ସହ ୩ଟି ରାଜ୍ୟରେ କଂଗ୍ରେସ ଦ୍ୱାରା ଭାଜପା କ୍ଷମତାଚ୍ୟୁତ ହେବା ପରିପ୍ରେକ୍ଷୀରେ ଆଗାମୀ ୨୦୧୯ ଲୋକ ସଭା ନିର୍ବାଚନକୁ ଆଖିଆଗରେ ରଖି ପ୍ରଧାନମନ୍ତ୍ରୀ ଓଡ଼ିଶା ସରକାର ଓ ବିଜେଡି ପ୍ରତି ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ବାଧ୍ୟ ହେଲେ। ମନୁଷ୍ୟ ପରିସ୍ଥିତି ଓ ପରିବେଶର ଦାସ। ପରିସ୍ଥିତି ବଦଳିଲେ ମନୁଷ୍ୟର ଆଚରଣ ଓ ଉଚ୍ଚାରଣ ବଦଳିଯାଏ। ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତରୁ ଏହା ପ୍ରମାଣିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜାନୁୟାରୀ ୧୯୯୪

- ଦକ୍ଷିଣ ସୁଦାନରେ ଚାଲିଥିବା ଗୃହଯୁଦ୍ଧର ଅବସାନ ନିମନ୍ତେ କେନିଆ, ଉଗାଣ୍ଡା ଏବଂ ଇଥିଓପିଆ ମଧ୍ୟରେ କେନିଆର ରାଜଧାନୀ ନାଇରୋବିଠାରେ ଆଲୋଚନା ଆରମ୍ଭ।
- ଜନତା ଦଳର ଅଜିତ ଗୋଷ୍ଠୀ ନେତା ରାମସୁନ୍ଦର ଦାସ ଲୋକତାନ୍ତ୍ରିକ ସମାଜବାଦୀ ପାର୍ଟି ନାମରେ ଏକ ନୂଆ ଦଳ ଗଠନ କଥା ଘୋଷଣା କଲେ।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।

- ଜବାହରଲାଲ ନେହେରୁ

## ସଂକ୍ଷେପରେ



### ସର୍ବଭାରତୀୟ ନୃତ୍ୟ ପ୍ରତିଯୋଗିତାରେ ଲଳିତା ପଟେଲଙ୍କ କୃତିତ୍ୱ

**ସମ୍ବଲପୁର,୯।୧(ବ୍ୟୁରୋ)-** ବମ୍ବେ ଆଇଆଇଟିରେ ଅଖିଳ ଭାରତୀୟ କଲେଜସ୍ତରୀୟ ଆଧୁନିକ ନୃତ୍ୟ ପ୍ରତିଯୋଗିତାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ଡ. ଜାକୀର ହୁସେନ୍ କଲେଜରେ ଅଧ୍ୟୟନରତ ଓଡିଆ ଛାତ୍ରୀ ଲଳିତା ପଟେଲ ଭାଗନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଗତ ଡିସେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ହୋଇଥିଲା । ଗତ ବର୍ଷ ଅକ୍ଟୋବର ୧୮ରେ ଆଇଆଇଟି ରୁର୍କିରେ ସମ୍ପନ୍ନ ହୋଇଥିବା ଫେଷ୍ଟରେ ମଧ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସୂଚନାଯୋଗ୍ୟ ଯେ, ଲଳିତା ଭୁବନେଶ୍ୱରର ବାସିନ୍ଦା।

### ଅସୁସ୍ଥ, ରିକ୍ସାଚାଳକ ଡାକ୍ତରଖାନାରେ ଭର୍ତ୍ତି

**ସମ୍ବଲପୁର,୯।୧(ବ୍ୟୁରୋ)-** ସମ୍ବଲପୁର ରେମେଡ ଅଞ୍ଚଳର ସଞ୍ଜୟ ବଶଂଲ ନାମକ ଜଣେ ବ୍ୟକ୍ତିଙ୍କୁ ରାସ୍ତାକଡରୁ ଅସୁସ୍ଥ ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କୁ ଜିଲା ସଦର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସଞ୍ଜୟ ରେମେଡ ଅଞ୍ଚଳରେ ପ୍ରାୟ ୨୦ ବର୍ଷ ହେଲା ରିକ୍ସା ଚଳାଇ ପେଟ ପୋଷୁଥିଲେ। ହେଲେ ୩ ବର୍ଷ ହେଲା ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇଛି। ତାଙ୍କ ବାମ ହାତ ପାପୁଲିରେ ଘା ସୃଷ୍ଟି ହୋଇଛି। ସେ କୌଣସି କାମ କରି ପାରୁ ନାହାନ୍ତି। ଏପରିକି ଖାଇବା ପିଇବା ପାଇଁ କଷ୍ଟ ଅନୁଭବ କରୁଛନ୍ତି।

### ବୈରାଗିପାଲିରେ ଆଧ୍ୟାତ୍ମିକ ପ୍ରବଚନ

**ପଡିଆବାହାଲ, ୯।୧ (ଡି.ଏନ.ଏ.)-** ବୈରାଗିପାଲି ଗ୍ରାମ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀଙ୍କ ଉଦ୍ୟମରେ ବୁଧବାର ଦୁଇ ଦିବସୀୟ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପଣ୍ଡିତ ଶାଶ୍ୱତ ବଡପଣ୍ଡା ପ୍ରାରମ୍ଭିକ ପୂଜାପାଠ କରିଥିଲେ। କେଶବ ବିଶ୍ୱାଳଙ୍କ ପରିଚାଳନାରେ ଆଧାର ପଣ୍ଡା ପ୍ରବଚନ ଦେଇଥିଲେ । ସନାତନପାଲି, ଟାମ୍ପରଗଡ, ବାହାମ, ପଡିଆବାହାଲ, ମାନେଶ୍ୱର, ଠାକୁରମାଲ ପ୍ରଭୃତି ଗ୍ରାମର ଲୋକେ ସହଯୋଗ କରିଥିଲେ।

### ଅର୍ଥନୈତିକ ଅବରୋଧର ଶେଷ ଦିନରେ ଜୀବନଯାତ୍ରା ବ୍ୟାହତ

**କୁଚିଣ୍ଡା,୯।୧(ଡି.ଏନ.ଏ)-** ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ କେନ୍ଦ୍ରୀୟ କ୍ରାୟାନୁଷ୍ଠାନ କମିଟିର ନିଷ୍ପତ୍ତି କ୍ରମେ କୁଚିଣ୍ଡାରେ ମଧ ୭ ତାରିଖରୁ ଓକିଲ ସଂଘ ପକ୍ଷରୁ ଅର୍ଥନୈତିକ ଅବରୋଧ କରାଯାଇଛି। ଏହାଦ୍ୱାରା ଲୋକଙ୍କ ଜୀବନଯାତ୍ରା ୩ ଦିନ ହେଲା ବ୍ୟାହତ ହୋଇଛି। କୁଚିଣ୍ଡା ସହରକୁ ପ୍ରବେଶ କରୁଥିବା ସମସ୍ତ ଚାରୋଟି ଯାକ ରାସ୍ତାକୁ ଓକିଲ ସଂଘର ସଦସ୍ୟମାନେ ଅବରୋଧ କରି ରଖିଥିଲେ । ଓକିଲ ସଂଘର ସଭାପତି ରବୀନ୍ଦ୍ର ନାଏକ, ଉପସଭାପତି ପ୍ରଫୁଲ୍ଲ ବାରିକ, ସାଧାରଣ ସମ୍ପାଦକ ବରଦା ନନ୍ଦ ଶର୍ମା, ପ୍ରମୋଦ ଛୁରିଆ, ଅଇଁଠୁ ସାହୁ, ରଞ୍ଜନ ଶର୍ମା, ସଞ୍ଜୟ ବେହେରା, ଶୈଳେନ୍ଦ୍ର ନାୟକ, ଅତୁଲ୍ୟ ମିଶ୍ର, ପ୍ରଶାନ୍ତ କର, ସଚିଦାନନ୍ଦ ଶର୍ମା, ଅକ୍ଷୟ ନାଏକ ପ୍ରମୁଖ ଏହି ଅର୍ଥନୈତିକ ଅବରୋଧର ନେତୃତ୍ୱ ନେଇଥିଲେ।

### ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ସମ୍ବଲପୁର, ୯।୧ (ବ୍ୟୁରୋ)-** ଠେମରା ଗ୍ରାମ ଉପରପଡାଠାରେ ରାଧାକୃଷ୍ଣ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ବିଗ୍ରହ ପ୍ରାଣପ୍ରତିଷ୍ଠା, ହୋମ, ଯଜ୍ଞ, ରୁଦ୍ରାଭିଷେକ ପୂଜାର୍ଚ୍ଚନା ହୋଇଥିଲା । ଗ୍ରାମ ଗୌନ୍ତିଆ ରାମଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଞ୍ଜୀବ ପଣ୍ଡା ମୁଖ୍ୟକର୍ତ୍ତା ଥିଲେ । ଲକ୍ଷ୍ମଣ ବେହେରା, ପଣ୍ଡିତ ଲଳିତ ମୋହନ ନାଥ ଓ ପଣ୍ଡିତ ରବିନାରାୟଣ ନାଥ ପୂଜାର୍ଚ୍ଚନା କରିଥିଲେ ।

## ଗୁଣ୍ଡୁରୁଚୁଆଁରୁ ନାବାଳକ ଅପହରଣ ଘଟଣାର ଅଭିଯୁକ୍ତ ଗିରଫ

# ମୁଣ୍ଡ ଜାମିନ ରଖି ୧ ଲକ୍ଷ ଟଙ୍କା ମାଗିଥିଲେ

**କୁଚିଣ୍ଡା, ୯।୧ (ଡି.ଏନ.ଏ.)**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ଗୁଣ୍ଡୁରୁଚୁଆଁ ଗ୍ରାମରୁ ଜଣେ ନାବାଳକଙ୍କୁ ଗତ ୬ ତାରିଖ ଅପହରଣ କରାଯାଇଥିଲା। ବୁଧବାର ଏହି ଘଟଣାର ପର୍ଦ୍ଦାଫାଶ ହୋଇଛି । ନିଜର ବିବାହ ପାଇଁ ୧ଲକ୍ଷ ଟଙ୍କା ଯୋଗାଡ କରିବା ଉଦ୍ଦେଶ୍ୟରେ ଜଣେ ଯୁବକ ସମ୍ପୃକ୍ତ ନାବାଳକଙ୍କୁ ଅପହରଣ କରିଥିଲେ। ଏହି ଯୁବକ ଜଣକ ହେଲେ ନିରଞ୍ଜନ ସୁନାନୀ । ପୋଲିସ ତାଙ୍କୁ ଗିରଫ କରିଛି। ସୁନ୍ଦରଗଡ ଜର୍ଡା ବାଦିବାହାଲ ଗ୍ରାମର ମୁରଲୀ ନାଏକଙ୍କ ପୁ ସାହିଲ (୧୧) ମାମୁ ଘର ଗାଁ ଗୁଣ୍ଡୁରୁଚୁଆଁରେ ରହି ନିକଟସ୍ଥ ସୁବନପାଲି ଗ୍ରାମର ଅରବିନ୍ଦ ସ୍କୁଲରେ ପଞ୍ଚମ ଶ୍ରେଣୀରେ ପାଠ ପଢୁଛନ୍ତି। ଘଟଣା ଦିନ ସେ ନିଜ ସାଙ୍ଗ ସହିତ ସୁତେନମାଲ ଗ୍ରାମକୁ ଯାଇଥିଲେ। ସେଠାରୁ ଅପରାହ୍ନ ୪ଟାରେ ଗୁଣ୍ଡୁରୁଚୁଆଁ ଫେରୁଥିଲେ । ଗାଁ ମୁଣ୍ଡରେ ସାଙ୍ଗ ଜଣକ ନିଜ ଘରକୁ ଚାଲି ଯାଇଥିଲେ। ସାହିଲ ମାମୁଁ ଘରକୁ ଫେରୁଥିଲେ । ଏହି ସମୟରେ ନିକଟସ୍ଥ କାଲୋପଡା ଗ୍ରାମର ନିରଞ୍ଜନ ସୁନାନୀ ବାଇକ୍‌ରେ ଆସି ତାଙ୍କ ପାଖେ ପହଞ୍ଚିଥିଲେ। ବାଇକ୍‌ରେ ଥିବା ବ୍ୟାଗକୁ ଧରିଦେବା ପାଇଁ କହି ତାକୁ ମାମୁଁ ଘରେ ଛାଡି ଦେବା ପାଇଁ କହିଥିଲେ । ଏଣୁ ସାହିଲ ବି ବିଶ୍ୱାସରେ ବାଇକ୍‌ରେ ବସିଥିଲେ। ହେଲେ ନିରଞ୍ଜନ ସାହିଲଙ୍କୁ ମାମୁ ଘରେ ଛାଡି ନ ଥିଲେ। ଏହା ବଦଳରେ ରାତି ସାରା ଜଣକ ଘରେ ରଖିଥିଲେ । ୭ ତାରିଖ ସକାଳେ ନିକଟସ୍ଥ ମହାଲିଙ୍ଗକୁଦ ଜଙ୍ଗଲକୁ ନେଇଯାଇ ଗଛରେ ବାନ୍ଧି ଦେଇଥିଲେ। ଏହାପରେ ଏକ ମୋବାଇଲ ଦୋକାନରୁ ଚୋରି କରିଥିବା ମୋବାଇଲରେ ସାହିଲଙ୍କ ମାମୁଙ୍କୁ ଫୋନ କରି ସାହିଲ ମୁଣ୍ଡ ବାବଦକୁ ୧ ଲକ୍ଷ ଟଙ୍କା ଦାବି କରିଥିଲେ । ସାହିଲଙ୍କ ମାମୁଁ ଅଜିତ ନାଏକ ଘଟଣା ବାବଦରେ କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ।




ଅଭିଯୁକ୍ତ ମୁରଲୀ।

ପୋଲିସ ଏକ ମାମଲା (ନଂ. ୨/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ। ହେଲେ ସନ୍ଧ୍ୟାରେ ସାହିଲ କୌଣସି ପ୍ରକାରରେ ଜଙ୍ଗଲରୁ ଖସି ଆସିଥିଲେ। ରାସ୍ତା ନ ପାଇ କିନ୍ତୁ ରାତିରେ ଜଙ୍ଗଲରେ ରହିଥିଲେ। ୮ ତାରିଖ କିଛି ଗ୍ରାମବାସୀ କାନ୍ଦୁଥିବା ଅବସ୍ଥାରେ ଜଙ୍ଗଲରୁ ସାହିଲଙ୍କୁ ଉଦ୍ଧାର କରିବା ସହ ପୋଲିସକୁ ଖବର ଦେଇଥିଲେ । ପୋଲିସ ସାହିଲଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା । ଶେଷରେ ବୁଧବାର ଅଭିଯୁକ୍ତ ନିରଞ୍ଜନଙ୍କୁ ଗିରଫ କରିଛି। ପଚରା ଉଚୁରା ବେଳେ ନିରଞ୍ଜନ ନିଜର ବିବାହ ପାଇଁ ଆବଶ୍ୟକ ହେଉଥିବା ୧ଲକ୍ଷ ଟଙ୍କାକୁ ହାସଲ କରିବା ପାଇଁ ଏହି ଅପହରଣ କରିଥିବା ସ୍ୱୀକାର କରିଥିଲେ । କୁଚିଣ୍ଡା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଅପହରଣ ମାମଲାର ତଦନ୍ତ କରୁଥିଲେ ।

# ବନ୍ଦ୍ ଯୋଗୁ ଲୋକେ ହଇରାଣ

**ବାମରା, ୯।୧ (ସ୍ୱ.ପ୍ର.)**

ଜାତୀୟସ୍ତରରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆହ୍ୱାନ କ୍ରମେ ୮ ଓ ୯ ତାରିଖ ଦୁଇ ଦିନ ଧରି ସର୍ବଭାରତୀୟ ସାଧାରଣ ଧର୍ମଘଟ ଡାକରା ଦିଆଯାଇଥିଲା । ଭାରତ ବନ୍ଦ ହୋଇଥିବା ବେଳେ ବାମରା ଅଞ୍ଚଳରେ ଏହାର ବିଶେଷ ପ୍ରଭାବ ଦେଖିବାକୁ ମିଳିନି। ସୋମବାର ଶ୍ରମିକ ସଂଗଠନ ଏଆଇୟୁଟିୟୁସି ପକ୍ଷରୁ ବାମରାରେ ରାଲି କରାଯାଇ ଭାରତ ବନ୍ଦରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା । ୨ଦିନ ଧରି ବାମରା ଅଞ୍ଚଳରେ ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ ବନ୍ଦ ରହିଥିଲା । ହେଲେ ଦୋକାନ ବଜାର ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକ ଖୋଲା ରହିଥିଲା । ବିଭିନ୍ନ ଅଞ୍ଚଳରୁ ବାମରା ଦେଇ ଚଳାଚଳ କରୁଥିବା ବସ୍ ଗୁଡିକ ବନ୍ଦ ରହିଥିବାରୁ ଯାତ୍ରୀ ହଇରାଣ ହୋଇଥିଲେ ।

# କଳ୍ପତରୁ ଆଶ୍ରମ ଅନ୍ତେବାସୀଙ୍କୁ ଖାଦ୍ୟ, ପଢ଼ା ସାମଗ୍ରୀ ବଣ୍ଟନ

**ଚିପିଲିମା, ୯।୧ (ଡି.ଏନ.ଏ.)**

ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ମହିଳା କ୍ଲବ୍ ପକ୍ଷରୁ ଏକ ପ୍ରତିନିଧି ଦଳ ହୀରାକୁଦସ୍ଥିତ କଳ୍ପତରୁ ଅନାଥାଶ୍ରମ ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସେମାନଙ୍କ ସହ ସମୟ ବିତାଇବା ସହ ଖାଦ୍ୟପେୟ, ବସ୍ତ୍ର, ପଢା ସାମଗ୍ରୀ ଆଦି ବଣ୍ଟନ କରିଥିଲେ । ମହିଳା କ୍ଲବ ସଭାପତି ଝୁମ୍‌ଝୁମ୍ ଚୌଧୁରୀ, ଶର୍ମିଷ୍ଠା ପ୍ରଧାନ, ଶାନ୍ତି ବେହେରା, ସସ୍ମିତା ପାଢ଼ୀ, ସସ୍ମିତା ବେହେରା, ଉଷାରାଣୀ ମିଶ୍ର, ସୁମିତା ପତ୍ରି, ଧରିତ୍ରୀ ମହାନ୍ତି, ସ୍ମିତା ପଣ୍ଡା, ପ୍ରବୀଣା ସାହୁ, ବବିତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ସାମଗ୍ରୀ ବଣ୍ଟନ କରିଥିଲେ।




କେଶାଇବାହାଲ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

### କେଶାଇବାହାଲ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ସିନିୟରରେ ଆଶିଷ, ଟିଙ୍କୁ ବିଜୟୀ

**ବାମରା, ୯।୧ (ସ୍ୱ.ପ୍ର.)**

ବାମରା ବ୍ଲକ କେଶାଇବାହାଲରେ ଚାଲିଥିବା ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ଟୁର୍ନାମେଣ୍ଟର ଜୁନିୟର ବିଭାଗରେ ଜିଲାର ବିଭିନ୍ନ ସ୍ଥାନରୁ ୩୦ଜଣ ଓ ସିନିୟରରେ ୧୪୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସିନିୟରରେ ରିଙ୍କୁ ବେହେରା ଓ ସୁବାସ ମାଝିଙ୍କୁ ହରାଇ ଆଶିଷ ଚୌଧୁରୀ ଓ ଟିଙ୍କୁ ବେହେରା ବିଜୟୀ ହୋଇଥିଲେ। ଜୁନିୟରରେ ବିକାଶ କୁଲୁ ବିଜୟୀ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଝାରସୁଗୁଡା ବିଧାୟକ ନବ କିଶୋର ଦାସ ଯୋଗଦେଇ ବିଜେତା ଓ ଉପବିଜେତା ସହ ଅନ୍ୟ ପ୍ରତିଯୋଗୀଙ୍କୁ ନଗଦ ଅର୍ଥ ସହ ଟ୍ରଫି ଦେଇ ସମ୍ମାନୀତ କରିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ସଦାନନ୍ଦ କୁଜୁର, ରଜନୀକାନ୍ତ ପଟେଲ, ନୃପଲାଲ ଚୌଧୁରୀ, ସୁଶିଲ ନାଏକ, ସରୋଜ ଦାଶ, ତପେଶ୍ୱର ବେହେରା, ସତ୍ୟଜିତ ନାୟକ ଓ ଆକାଶ ଦୀକ୍ଷିତ ଯୋଗ ଦେଇଥିଲେ । ସସ୍ମିତା ରୋହିଦାସ ମଞ୍ଚ ପରିଚାଳନା କରିଥିଲେ । ଅବନୀ ଘୁଘର, ବିକାଶ ନାଏକ, କାମାକ୍ଷା ଗୌଡ, ପିଣ୍ଟୁ ରାୟ, ଜିତେନ ବେହେରା, ଓମ ଶର୍ମା, ପୀତାମ୍ବର ବାଘ ଓ ପ୍ରଫୁଲ୍ଲ ପୃଷେଠ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**କୁଚିଣ୍ଡା, ୯।୧ (ଡି.ଏନ.ଏ)**

କୁଚିଣ୍ଡା ବ୍ଲକ ବାଉରୀଗୋଡା ଗ୍ରାମ ପଞ୍ଚାୟତର ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବାଉରୀଗୋଡା ଖେଳ ପଡିଆଠାରେ ଏହାର ଉଦ୍‌ଯାପନୀ ସଭାରେ ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଲମ୍ବୋଦର କୁମୁରା ସଭାପତିତ୍ୱ କରିଥିଲେ। ସଭାରେ କୁଟୁରାଚୁଆଁ ମହାବିଦ୍ୟାଳୟର ଅଧକ୍ଷ ସୁବାସଚନ୍ଦ୍ର ନାୟକ, ସରପଞ୍ଚ ସବିତା ସିଂ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ କରୁଣାକର କିସାନ ପ୍ରମୁଖ ଉପସ୍ଥିତ ଥିଲେ । ଗୋବର୍ଦ୍ଧନ ବାଗ ଅତିଥି ପରିଚୟ ଦେଇଥିବା ବେଳେ ନିରୁପମା ସେଠ ଧନ୍ୟବାଦ ଅର୍ପଣ କରିଥିଲେ । ଉମେଶ ରକ୍ସା ଏବଂ ପ୍ରଶାନ୍ତ ଦାଶଙ୍କ ପରିଚାଳନାରେ ନାଚଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ମିସେସ୍ ଇଣ୍ଡିଆ ଟାଇଟଲ ଦୌଡ଼ରେ ମନୀଷା ମହାପାତ୍ର

**ସମ୍ବଲପୁର,୯।୧ (ବ୍ୟୁରୋ)**

ସମ୍ବଲପୁରର ମନୀଷା ମହାପାତ୍ର ମିସେସ୍ ଇଣ୍ଡିଆ ହୋମ୍ ମେକର୍ ସୌନ୍ଦର୍ଯ୍ୟ ଟାଇଟଲ୍ ଦୌଡର ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ସେ ଏମ୍‌ଆଇଏଚ୍‌ଏମ୍ କୁଇନ୍ ୟୁନିଭର୍ସ-୨୦୧୯ ଜାତୀୟ ପର୍ଯ୍ୟାୟ ଟାଇଟଲ୍ ସକାଶେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୨୬ ବର୍ଷୀୟା ମନୀଷା ଝାରସୁଗୁଡା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଗୋପାଳ ଚନ୍ଦ୍ର ମହାପାତ୍ର ଓ ଜ୍ୟୋସ୍ନାରାଣୀଙ୍କ ଝିଅ ଏବଂ ନରୋତ୍ତମ ଗୁରୁଙ୍କ ସ୍ତ୍ରୀ । ସେ ଓଡ଼ିଶାର ଜଣେ ମାତ୍ର ପ୍ରତିଯୋଗୀ ଭାବେ ଆସନ୍ତା ଏପ୍ରିଲ ମାସରେ ଦିଲ୍ଲୀରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବେ ।



ମନିଷା ମହାପାତ୍ର ।

ମନୀଷା ସମ୍ବଲପୁର ସିଦ୍ଧେଶ୍ୱରବର୍ଣ୍ଣ ଶିଶୁ ବିଦ୍ୟାମନ୍ଦିର, ସରକାରୀ ମହିଳା କଲେଜରେ ପଢ଼ିଛନ୍ତି। ଗଙ୍ଗାଧର ମେହେର ସ୍ୱୟଂଶାସିତ କଲେଜରୁ ମନସ୍ତତ୍ତ୍ୱ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ଏବେ ସେ ସମ୍ବଲପୁର ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନରେ ମନସ୍ତତ୍ତ୍ୱବିତ୍ ଭାବେ କାର୍ଯ୍ୟ କରୁଛନ୍ତି । ମିସେସ୍ ଇଣ୍ଡିଆ ହୋମମେକର୍ ନିର୍ଦ୍ଦେଶିକା ନାଚ ଯୋଶୀ, ଉପସଭାନେତ୍ରୀ ନେହା ଅଗ୍ରୱାଲଙ୍କ ମାର୍ଗଦର୍ଶନ ଏବଂ ଗତ ବର୍ଷର ଟାଇଟଲ୍ ବିଜୟିନୀ ସମ୍ବଲପୁର ଗୋପାଳମାଳର ପ୍ରିୟଦର୍ଶିନୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମନୀଷା ପ୍ରତିଯୋଗିତାରେ ଭାଗ ନେବାକୁ ପ୍ରସ୍ତୁତି ଚଳାଇଛନ୍ତି । ଏଥିପାଇଁ ସମ୍ବଲପୁରର ଜାତୀୟସ୍ତରୀୟ ଫଟୋଗ୍ରାଫର୍ ଶିଶିର କର, ଶାଶ୍ୱତ ପାଢ଼ୀ ଓ ସନ୍ତକ ପଣ୍ଡା ମନୀଷାଙ୍କ ବିଭିନ୍ନ ପ୍ରକାର ଫଟୋସୁଟ୍ କରିଥିଲେ । ଏହି ସଫଳତା ପାଇଁ ଫଟୋଗ୍ରାଫରମାନେ ମଧ ମନୀଷାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ପିଣ୍ଡାପଥରରେ ଅନୁଷ୍ଠିତ ଫୁଟବଲ ଟୁର୍ନାମେଣ୍ଟରେ ଅତିଥି ଓ ଆୟୋଜକଙ୍କ ସମେତ ଖେଳାଳି।

# ଲିଟିବେଡ଼ାକୁ ହରାଇଲା ମହୁଲଛାପଲ

**ବାମରା, ୯।୧ (ସ୍ୱ.ପ୍ର.)**

ବାମରା ବ୍ଲକ ପିଣ୍ଡାପଥର ପଞ୍ଚାୟତ ଖେଳ ପଡିଆଠାରେ ପଞ୍ଚ ଦିବସୀୟ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଉଦଘାଟନୀ ମ୍ୟାଚ ମହୁଲଛାପଲ ଓ ଲିଟିବେଡା ମଧରେ ଅନୁଷ୍ଠିତ ହୋଇଥିବା ବେଳେ ଟାଇବ୍ରେକର ମାଧମରେ ମହୁଲଛାପଲ ବିଜୟୀ ହୋଇଥିଲା । ଗଡପୋଷ ସରପଞ୍ଚ ବାଣ୍ଟୁ କେଛୁଆ, ସଗରା ସରପଞ୍ଚ ଦିଗାମ୍ବର ନାଏକ, କିନାବଗା ସରପଞ୍ଚ ନିଆରଜାନ୍ ଲୁଗୁନ, ରବଗା ସରପଞ୍ଚ ବିପିନ କିଶୋର ବିଲୁଙ୍ଗ, ପିଣ୍ଡାପଥର ସରପଞ୍ଚ କୌଶଲ୍ୟା ମିଞ୍ଜ ଓ ସମିତି ସଭ୍ୟ ବିରଞ୍ଚି ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# ଜୁଆ ଆଡ୍ଡାରୁ ୪ ଗିରଫ

**ଚିପିଲିମା, ୯।୧ (ଡି.ଏନ.ଏ.)**

ବୁର୍ଲା ପୋଲିସ ମଙ୍ଗଳବାର ରାତିରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଆ.କଟାପାଲିର ସଂକୀର୍ତ୍ତନ ଓରାମ, କୁମଦ ଚନ୍ଦ୍ର ପ୍ରଧାନ, ଗଣେଶ ବର୍ମାନ ଓ ମହମ୍ମଦ କିମ୍ରାନ୍। ପୋଲିସ ସେମାନଙ୍କଠାରୁ ୧୫ ହଜାର ୩୮୦ ଟଙ୍କା ସହ ୫୨ ପତା ତାସ ଜବତ କରିଛି। ବୁର୍ଲା ଥାନା ଆଇଆଇସି ମାନସ ରଞ୍ଜନ ପ୍ରଧାନ ଏହି ସୂଚନା ଦେଇଛନ୍ତି।

# ଚାଷରେ ଜୈବିକ ସାର ବ୍ୟବହାର ଜରୁରୀ

**ଧମା, ୯।୧ (ଡି.ଏନ.ଏ.)**

ମାନେଶ୍ୱର ବ୍ଲକ ସୁବନପୁର ଗ୍ରାମରେ ଏକ କୃଷକ କର୍ମଶାଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍ୟାନ ସଂପ୍ରସାରଣ କର୍ମୀ ରାଜେନ୍ଦ୍ର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ସମ୍ବଲପୁର ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୁଦର୍ଶନ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପସ୍ଥିତ କୃଷକମାନଙ୍କୁ ସେ କହିଥିଲେ ଯେ, ଆଜିର ଦିନରେ ପନିପରିବା ହେଉ ବା ଅଥବା ଫଳମୂଳ ହେଉ କୀଟନାଶକର ବହୁଳ ବ୍ୟବହାର ଯୋଗୁ ତାହା ମାନବଶରୀରରେ ବିଭିନ୍ନ ରୋଗବ୍ୟାଧି ସୃଷ୍ଟି କରୁଛି। ଏଣୁ ଚାଷୀମାନେ ଜୈବିକ ସାର ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସହକାରୀ କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡା ଯୋଗ ଦେଇ କୃଷକମାନଙ୍କ ପାଇଁ କୃଷି ବିଭାଗ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ପ୍ରୋତ୍ସାହନ, ଯୋଜନା ଉପରେ କହିଥିଲେ। ମିଶନ ଫର ଇଣ୍ଟିଗ୍ରେଟେଡ୍ ଡେଭଲପ୍‌ମେଣ୍ଟ ହର୍ଟିକଲଚର୍ ଜରିଆରେ ଫଳ, ଫୁଲ ଓ ହାଇବ୍ରିଡ୍ ପନିପରିବା ଚାଷ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଆଳୁ ଓ ପିଆଜ ଚାଷ କରି ସବ୍‌ସିଡି ଦ୍ୱାରା ଲାଭାନ୍ୱିତ ହେବା, ଷ୍ଟେଟ ପ୍ଲାନ ମାଧ୍ୟମରେ ଭୂମିହୀନମାନଙ୍କୁ ରିହାତି ଦରରେ ଫଳଚାରା ଇତ୍ୟାଦି ଯୋଗାଇ ଦିଆଯିବା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ସମୀର କୁମାର ସାମଲ, ଡକରା ସରପଞ୍ଚ ଗୀତାଞ୍ଜଳି କିଶାନ, ସମିତି ସଭ୍ୟା ମୟିସିନୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଆଲୋଚନାରେ ଅଞ୍ଚଳର ପୁରସ୍କୃତ ଚାଷୀ ସୁବାସ ପାଣିଗ୍ରାହୀ, ଲୋକନାଥ ମିଶ୍ର ନିଜ ନିଜର ଅନୁଭୂତି ଚାଷୀମାନଙ୍କୁ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚାଷୀ ସୁବାସ ମହାପାତ୍ର, ଦିଲୀପ ସାହୁ, ମହେଶ ଅଗ୍ରୱାଲ, ସନ୍ତୋଷ ଉନସେନା, ଭକ୍ତବନ୍ଧୁ ସାହୁ, ସରୋଜ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।



କୃଷକ କର୍ମଶାଳାରେ ଅତିଥି, ଉପସ୍ଥିତ ଚାଷୀ ।

## ଫଟୋରେ ଖବର






ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ ସୂଚନା ପ୍ରାଦ୍ୟୋଗିକ ସଂସ୍ଥାନ (ସୁଇଟ୍)ର ୪୧ଜଣ ତୃତୀୟ ବର୍ଷ ବିଟେକ୍ ଛାତ୍ରୀଛାତ୍ର, ୪ଜଣ ଅଧାପକ ଆନ୍ଧ୍ର ଶ୍ରୀହରିକୋଟା ଇସ୍ରୋର ସତୀଶ ଧାୱନ ଅନ୍ତରୀକ୍ଷ କେନ୍ଦ୍ରର ରକେଟ୍ ଉତ୍‌କ୍ଷେପଣ କେନ୍ଦ୍ରର ଯାନ୍ତ୍ରିକ କୌଶଳ ଓ ପରିଚାଳନା ପରିଦର୍ଶନ କରିବା ଅବସରରେ(ବାମ) । ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ସମ୍ବଲପୁର କଚେରି ଛକରେ ଚାଲିଥିବା ରିଲେ ଆମରଣ ଅନଶନରେ ବୁଧବାର ଜିଲା ଚଷା ସମାଜର କର୍ମକର୍ତ୍ତା ସାମିଲ ହୋଇଛନ୍ତି।







କଟକରେ ଅନୁଷ୍ଠିତ ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପର ପୁରୁଷ ବିଭାଗ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି (ବାମ)। ମହିଳା ସିଙ୍ଗଲ୍ସ ଫାଇନାଲରେ ବିଜୟୀ ହେବା ପରେ ଉଲ୍ଲସିତ ଅର୍ଚ୍ଚନା କାମଥ। (ଫଟୋ: ରାଜକିଶୋର ମହାନ୍ତି)

# ଟାଇଟଲ ହାସଲରେ ଶରଥଙ୍କ ରେକର୍ଡ

କଟକ ଅଫିସ,୯।୧

## ଜାତୀୟ ଟିଟି ଉଦ୍‌ଯାପିତ

- ସିଙ୍ଗଲ୍ସ ପୁରୁଷ-ଶରଥ କମଲ
- ସିଙ୍ଗଲ୍ସ ମହିଳା- ଅର୍ଚ୍ଚନା କାମଥ
- ପୁରୁଷ ଡବଲ୍ସ- ଅର୍ଜୁନ ଘୋଷ ଓ ରୋନିତ ଭଞ୍ଜ
- ମହିଳା ଡବଲ୍ସ- ନିଖତ ବାନୁ ଓ ଶ୍ରେଜା ଆକୁଲା
- ମିକ୍ସଡ ଡବଲ୍ସ- ଶରଥ କମଲ ଓ ମନିକା ବାତ୍ରା



ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ସିଙ୍ଗଲ୍ସ ପୁରୁଷ ଟାଇଟଲ ବିଜୟୀ ହୋଇଛନ୍ତି ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ(ପିଏସ୍‌ପିବି)ର ଶରଥ କମଲ। ଏହି ଟାଇଟଲ ସହିତ ଶରଥ ଜାତୀୟ ଟିଟି କ୍ରୀଡ଼ା କ୍ଷେତ୍ରରେ ଏକ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ସର୍ବାଧିକ ୯ଥର ଚାମ୍ପିୟନ ହେବାର ରେକର୍ଡ ଶରଥଙ୍କ ନାମରେ ଲିପିବଦ୍ଧ ହୋଇଛି। ୮ଥର ଜାତୀୟ ଚାମ୍ପିୟନଶିପ ଜିତିବାର ରେକର୍ଡ ପୂର୍ବତନ ଖେଳାଳି କମଳେଶ ମେହତା ଓ ଶରଥଙ୍କ ନାମରେ ଥିଲା। ଅନ୍ୟପକ୍ଷରେ ସିଙ୍ଗଲ୍ସ ମହିଳା ଟାଇଟଲ ଜିତିଛନ୍ତି ପିଏସପିବିର ଅର୍ଚ୍ଚନା କାମଥ। ପୁରୁଷ ଡବଲ୍ସ ଟାଇଟଲ ପଶ୍ଚିମବଙ୍ଗର ଅର୍ଜୁନ ଘୋଷ-ରୋନିତ ଭଞ୍ଜ, ମହିଳା ଡବଲ୍ସ ଟାଇଟଲ ତେଲେଙ୍ଗାନାର ନିଖତ ବାନୁ-ଶ୍ରେଜା ଆକୁଲା ହାସଲ କରିଛନ୍ତି।

ପୁରୁଷ ସିଙ୍ଗଲ୍ସର ଫାଇନାଲ ମୁକାବିଲା ଶରଥ ଓ ଜି ସାଥିୟାଁଙ୍କ ମଧ୍ୟରେ ହୋଇଥିଲା। ରୋମାଞ୍ଚକ ଭାବେ ଫାଇନାଲ ମୁକାବିଲା ଶେଷ ହୋଇଥିଲା। ପ୍ରଥମ ସେଟ ସାଥିୟାଁ ଜିତିଥିଲେ। ୧୩-୧୧ ପଏଣ୍ଟରେ ବିଜୟୀ ହୋଇ ସେ ଅଭିଯାନ ଆରମ୍ଭ କରିଥିଲେ। ପରବର୍ତ୍ତୀ ୨ ସେଟ ଜିତି ଶରଥ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ୧୧-୫, ୧୧-୬ ପଏଣ୍ଟରେ ସେ ୨ୟ ଓ ୩ୟ ସେଟକୁ ନିଜ ନାମରେ କରିଥିଲେ। ୪ର୍ଥ ଓ ୫ମ ସେଟ ପୁନର୍ବାର ସାଥିୟାଁଙ୍କ ଅକ୍ତିଆରକୁ ଯାଇଥିଲା। ୧୧-୫, ୧୨-୧୦ ପଏଣ୍ଟରେ ସେ ବିଜୟୀ ହୋଇ ୩-୨ ସେଟରେ ଅଗ୍ରଣୀ ନେଇଥିଲେ। ମାତ୍ର ୬ଷ୍ଠ ସେଟକୁ ୧୧-୬ ଓ ୭ମ ସେଟକୁ ୧୪-୧୨ ପଏଣ୍ଟରେ ତଥା ମ୍ୟାଚ୍‌କୁ ୪-୩ ସେଟରେ ଜିତି ଶରଥ ଚାମ୍ପିୟନ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ଅର୍ଚ୍ଚନା କାମଥ ୪-୨ ସେଟରେ ପଶ୍ଚିମବଙ୍ଗର କ୍ରୀତିକା ସିହ୍ନା ରାୟଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୧ମ, ୩ୟ, ୪ର୍ଥ ଓ ୬ଷ୍ଠ ସେଟକୁ ଅର୍ଚ୍ଚନା(୧୨-୧୦, ୧୧-୯, ୧୨-୧୦, ୧୧-୩) ଜିତିଥିବା ବେଳେ କ୍ରୀତିକା ୨ୟ ଓ ୫ମ (୮-୧୧, ୭-୧୧) ସେଟରେ ବିଜୟୀ ହୋଇଥିଲେ। ପୁରୁଷ ଡବଲ୍ସ ଫାଇନାଲରେ ପଶ୍ଚିମବଙ୍ଗର ଅର୍ଜୁନ ଘୋଷ-ରୋନିତ ଭଞ୍ଜ ୩-୧ ସେଟରେ ଆରଏସ୍‌ପିବିର ଅନିର୍ବାଣ ଘୋଷ-ଅନିର୍ବାଣ ନନ୍ଦୀଙ୍କୁ ଓ ମହିଳା ଡବଲ୍ସ ଫାଇନାଲରେ ତେଲେଙ୍ଗାନାର ନିଖତ ବାନୁ-ଶ୍ରେଜା ଆକୁଲା ୩-୧ ସେଟରେ ମହାରାଷ୍ଟ୍ରର ଅନନ୍ୟା ବଶକ-ଏଚ୍ ସୃଷ୍ଟିଙ୍କୁ ହରାଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ଡି.ପି. ବାଗଚୀ, ରାଜ୍ୟ କ୍ରୀଡ଼ା ବିଭାଗର କମିଶନର ତଥା ସଚିବ ବିଶାଲ କୁମାର ଦେବ, ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆର ସାଧାରଣ ସମ୍ପାଦକ ଏମ. ପି. ସିଂ, ଉପସଭାପତି ସଞ୍ଜୟ ସିଂ, ଉପଦେଷ୍ଟା ଧନରାଜ ଚୌଧୁରୀ, କୋଷାଧ୍ୟକ୍ଷ ଅରୁଣ ବାନାର୍ଜୀ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ମହେନ୍ଦ୍ର କୁମାର ମଲ୍ଲିକ, କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଇଲେଭେନ ସ୍ପୋର୍ଟ୍ସ ଅଧ୍ୟକ୍ଷ କମଲେଶ ମେହତା, ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ସଭାପତି ଏଲ ଏନ ଗୁପ୍ତା, ଉପସଭାପତି ସଞ୍ଜୟ ସିଂ, ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ମାର୍ଟିନ ଆହତ

ନୂଆଦିଲ୍ଲୀ, ୯।୧

ପୂର୍ବତନ ଭାରତୀୟ କ୍ରିକେଟର ଜ୍ୟାକବ ମାର୍ଟିନ ସଡ଼କ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଛନ୍ତି। ଗୋଟିଏ ସପ୍ତାହ ପୂର୍ବରୁ ମୋଟରସାଇକେଲରେ ଯିବା ବେଳେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଓ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲୁ ରହିଛି। ଏ ସଂକ୍ରାନ୍ତରେ କ୍ରିକେଟର ୟୁସୁଫ୍ ପଠାନ ଟୁଇଟ କରି ସୂଚନା ଦେଇଛନ୍ତି। ବରୋଦା ପକ୍ଷରୁ ଖେଳିଥିବା ୪୬ ବର୍ଷୀୟ ମାର୍ଟିନ ୧୯୯୯ ୨୦୦୧ ମଧ୍ୟରେ ୧୦ଟି ଦିନିକିଆ ଖେଳିଛନ୍ତି। ୧୯୯୯ ସେପ୍ଟେମ୍ବର ୧୧ ତାରିଖରେ ଟରଣ୍ଟୋରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସେ ଦିନିକିଆ ପଦାର୍ପଣ କରିଥିଲେ। ୨୨.୫୭ ରନ ହାରରେ ଗୁଜରାଟର ଏହି କ୍ରିକେଟର ୧୫୮ ରନ ସଂଗ୍ରହ କରିଛନ୍ତି। ବରୋଦାକୁ ବାଦ୍ ଦେଲେ ସେ ରେଲୱେ ତରଫରୁ ମଧ ଘରୋଇ କ୍ରିକେଟ ଖେଳିଛନ୍ତି। ୧୩୮ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା ମାର୍ଟିନ ୪୬. ୬୫ ରନ ହାରରେ ୯୧୯୨ ରନ ସଂଗ୍ରହ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉପରି ଲାଭରେ ନ ପୂରେ ପେଟ**
**ଯେଉଁ ନିଅଣ୍ଟକୁ ସେଇ ନିଅଣ୍ଟ ।**

ପାପଧନ କେବେହେଲେ ଭୋଗ୍ୟ ହୁଏ ନାହିଁ। ଅନ୍ୟାୟ, ଅନୀତି ତଥା ଅସତ୍ ଉପାୟରେ ଉପାର୍ଜନ କରାଯାଉଥିବା ଧନ କୌଣସି ସତ୍‌କର୍ମରେ ଲାଗିପାରେ ନାହିଁ ବରଂ ଏହା ଦୁଃଖର କାରଣ ପାଲଟିଥାଏ। ଅସତ୍ ମାର୍ଗରେ ଅଣାଯାଉଥିବା ଧନ କେବେ ବି ଲାଭପ୍ରଦ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଲୁଅ ଲଗେଇ ଗଲୁ,**
**ବାପା କରିଥିଲେ ବାଛି ବାଛି ଜୋଇଁ**
**ସେ ତ ନିପଟ ଓଲୁ ।**

ଶ୍ରେଷ୍ଠ ବୋଲି ବିଚାର କରି ଆପଣେଇ ନିଆଯାଉଥିବା ବ୍ୟକ୍ତି ଅଯୋଗ୍ୟ, ଅପଦାର୍ଥ ବୋଲି ପ୍ରମାଣିତ ହେଲେ ମଣିଷ ହତୋତ୍ସାହିତ ହୋଇଯାଏ। ସାଧାରଣତଃ ଓଲୁ ବା ହୁଣ୍ଡା ପ୍ରକୃତିର ବ୍ୟକ୍ତି କୌଣସି ଗୁଣକୁ ଯୋଗ୍ୟ ହୋଇ ନ ଥାନ୍ତି। ତାଙ୍କ ଦ୍ୱାରା କୌଣସି କାର୍ଯ୍ୟ ଠିକ୍ ଢଙ୍ଗରେ କରାଯାଇପାରୁ ନ ଥିବା ସ୍ଥଳେ ଏପରି ଗୁଣହୀନ ବ୍ୟକ୍ତିଙ୍କୁ ପତି ରୂପରେ ପାଇ ପତ୍ନୀ ମନ ଊଣା କରିବସିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**ODISHA HYDRO POWER CORPORATION LTD.**
OHPC
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT, AT/PO: BARINIPUT, DIST: KORAPUT- 764006
PHONE – 06854-242001, FAX – 06854-242038, E-mail: sgmel_ukhep@ohpcltd.com
CIN: U401010R1995SGC003963

**e-PROCUREMENT NOTICE NO.- UKHEP/ET - 13/2018-19, Dated 07.01.2019**

**No. CAD-1241:-** The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in Double cover system in ONLINE MODE only from eligible contractors for the works as mentioned below.

| Group | Name of the work | Approx. Estimated cost (in Rs.) | E.M.D. (in Rs.) (online) | Cost of bid document (online) | Class of Contractor | Availability of Bids online for Bidders | Due date and time of Opening of Technical Bid |
|---|---|---|---|---|---|---|---|
| A | Painting of wooden doors and windows of Power House Colony, UKHEP, Bariniput | 5,95,300/- | 6000/- (online) | 4720/- (Rs. 4000/- +18% GST) (online) | "C" & "D" | From 10:00 Hrs of 17.01.2019 to 17.00 Hrs. of 31.01.2019 | At 11.30 Hrs. of 04.02.2019 |
| B | Painting of wooden doors and windows of Bariniput Colony, UKHEP, Bariniput | 7,92,425/- | 8000/- (online) | 4720/- (Rs.4000/- +18% GST) (online) | "C" & "D" | From 10:00 Hrs of 17.01.2019 to 17.00 Hrs. of 31.01.2019 | At 13.00 Hrs. of 04.02.2019 |

1. The Bidders have to participate in ONLINE bidding only through the Govt.e-Procurement portal www.tendersorissa.gov.in by using their compatible Digital Signature Cetificate (DSC).
2. Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

04002/11/0078/1819 *Unit Head, UKHEP, Bariniput*

**ZILLA SWASTHYA SAMITI, BOUDH**
**Notification No. 21, Date : 07.01.2019**
**Objection Invitation (ANM & LT)**
No.749-E

The draft database of the candidates applied for the post of ANMs and LTs under NHM vide Advt. No. 2527, Dtd. 15.12.2018 has been prepared and uploaded in the district web portal www.boudh.nic.in. The candidates are advised to go through the badabase and submit their objection (if any) relating database to the CDM & PHO-cum-District Mission Director, At/ Po- Boudh, PIN- 762014 by 14.01.2019 (5 PM) through Speed Post / Regd. Post / Courier / By hand / Email (hrnhmboudh@gmail.com) in the prescribed format.

**CDM & PHO-cum-District Mission Director, Boudh**
10107/11/0034/1819

**[GOVERNMENT OF ODISHA]**
**OFFICE OF THE EXECUTIVE ENGINEER**
**BARGARH (R&B) DIVISION, BARGARH**
E-mail: eepwdbgh@gmail.com, Phone/Fax: 06646-234819
INVITATIONS FOR BIDS (I.F.B.)
No.1104-B:- e-Procurement Notice
IDENTIFICATION NO.IFB-EE PWD BGH No.49 of 2018-19
No. 100 Dt. 05.01.2019

| | | | |
|---|---|---|---|
| 1) | The Executive Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Double & Single Cover System in ONLINE MODE for the construction of Building works as detailed in the Detailed Tender Call Notice (D.T.C.N.) from the eligible class of contractors. | | |
| 2) | No. of works | : | 02 (Two) Nos. |
| 3) | Cost of Tender Paper | : | Rs. 10,000/- & Rs. 6,000/- |
| 4) | Class of contractor | : | "B" & "A" Class |
| 5) | Date & Time of available in website & receipt of Bids | : | 11.00 hrs of 30.01.2019 to 17.00 hrs of 08.02.2019. |
| 6) | Date of opening ofTechnical Bid | : | 12.02.2019 at 11.30 hrs. |
| 7) | The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in. | | |
| 8) | Any corrigendum/ Addendum will be displayed in the website https://tendersodisha.gov.in only. | | |

Sd./- (C.P. Gantayat)
Executive Engineer,
Bargarh (R&B) Division
34039/11/0024/1819

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**JHARSUGUDA (R&B) DIVISION, JHARSUGUDA**
E-mail ID: eepwdjsg2014@gmail.com, Telephone: 06645-271242, Kalimandir Road, Jharsuguda- 768202
No.1107-B:- "e"-Procurement Notice
Bid Identification NO-EE-R&B-JSG-22 OF 2018-19

| | | | |
|---|---|---|---|
| 1. | The Executive Engineer, Jharsuguda (R&B) Division on behalf of Governor of Odisha inviting percentage rate bid in Single cover system on ON-LINE mode from eligible contractors for Construction of Building (Composite Civil + EI + PH) and EI Works as detailed in DTCN. | | |
| 2. | Nature of Work | : | Building (Composite Civil + EI + PH) & EI Works |
| 3. | Estimated cost | : | Rs. 5.89 Lakhs to Rs. 49.70 Lakhs |
| 4. | No. of work | : | 02 (Two) Nos. |
| 5. | Tender Cost | : | Rs. 4000/- and Rs. 6000/- (as per DTCN) |
| 6. | Class of Contractor | : | "B", "A" & HT Class |
| 7. | Availability of bid document in the website | : | 10.00 AM of Dt. 14.01.2019 to 5.00 PM of Dt. 24.01.2019 |
| 8. | Date of opening of Technical Bid (Cover-I) | : | 11.30 AM on Dt. 28.01.2019 |
| 9. | The bidders have to participate in ON-LINE bidding only. Further details can be seen from the website https:// tendersodisha.gov.in. Any addendum/ corrigendum/ cancellation of tender can also be seen in the said website. | | |

Sd./- Executive Engineer,
Jharsuguda (R&B) Division
34094/11/0022/1819

**CLASSIFIED DISPLAY**
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଗୋଡ଼ାଗୋପୀନାଥ ପ୍ରସାଦ ଗୃହ ନିର୍ମାଣ ପ୍ରକଳ୍ପରେ ଗୃହ ନଂ-E-75 କୁ ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ମହାପାତ୍ର, ସ୍ୱାମୀ- ଶ୍ରୀ ନିରଞ୍ଜନ ମହାପାତ୍ର, ଗ୍ରାମ-ରାହାମ୍ବା, ପୋ-ପୋସ୍ତଳ, ଥାନା-ଗୋବିନ୍ଦପୁର, ଜିଲ୍ଲା-କଟକ, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ମହାପାତ୍ର ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଶାନ୍ତିଲତା ଦେବୀ, ସ୍ୱାମୀ-ଚନ୍ଦ୍ରକାନ୍ତ ପଣ୍ଡା, ଗ୍ରାମ-ପାଟପୁର, ପୋ-ଦଶରଥପୁର, ଥାନା-ମଙ୍ଗଳପୁର, ଜିଲ୍ଲା-ଯାଜପୁରଙ୍କ ନାମରେ ମାଲିକାନ ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।
ସ୍ୱା./- ଆବଣ୍ଟନ ଅଧିକାରୀ-୧

GOVERNMENT OF ODISHA No.: 1099-A
**DEPARTMENT OF WATER RESOURCES, OFFICE OF THE EXECUTIVE ENGINEER, JONK IRRIGATION DIVISION, NUAPADA**
e-Procurement Notice No-(JID)02/2018-19
e-mail address: ee.jid.npd@gmail.com

**PERCENTAGE RATE e-TENDER**

1. The Executive Engineer Jonk Irrigation Division, Nuapada, Dist-Nuapada, Pin-766105, (Odisha) on behalf of Governor of Odisha invites "PERCENTAGE RATE Bids" IN SINGLE COVER SYSTEM, in electronic tendering system for the construction works detailed in the table below, which are eventually to be draw on P1 agreement.

| | |
|---|---|
| Package No | BID ID No(JID)06 / 18-19 TO (JID)19/2018-19 |
| Name of Work | 14, (Fourteen) Nos. C.C. guard wall & protection wall |
| Approximate value of work | Varies Rs.8.83 to Rs.22.09 Lakhs (Excluding GST) |
| Period of Completion | 06 (Six) Calendar Months. |
| Classification of Bidder | 'D', 'C' & 'B' class Contractor only |
| Bid documents available Date and Time | 11.01.2019 to 25.01.2019 up to 17.00 Hrs. |
| Bid clarification start date & Closing date | 11.01.2019 to 25.01.2019 during office hours |
| Last date and time of Receipt of relevant document in hard copy | 28.01.2019 during office hours |
| Date, Time and Venue of opening of bid online | 29.01.2019 at 11.30Hrs. at O/o. the Executive Engineer, Jonk Irr. Division, Nuapada |
| If stipulation arises the Tender will be decided through Lottery System | 14.02.2019 at 11.30Hrs. at O/o. the Executive Engineer, Jonk Irr. Division, Nuapada |

Further details can be seen any addendum / corrigendum / cancellation to the above notice will be published in the Govt. website **www.tendersodisha.gov.in only**.
Executive Engineer,
32026/11/0010/1819 Jonk Irrigation Division, Nuapada

GOVT. OF ODISHA No.: 1103-A
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**CENTRAL IRRIGATION CIRCLE, BHUBANESWAR**
'e' Procurement Notice No. SECIC - 19/2018-19

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs) | Class of Contractors | Bid documents available online for bidding: From | Bid documents available online for bidding: To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| SE, CIC, Bhubaneswar | SECIC/ PID-05 of 2018-19 | Construction of Dry Weather control structure across Kanchi Nallah off taking of Dhaudia Nallah at Malatipatpur. | 186.72 | 186800/- (On-line) | 10000/- (On-line) | "B" Class & "A" Class | 14.01. 2019 at 11.00 A.M. | 29.01.2019 up to 5.00 P.M | 30 .01.2019 at 11.00 A.M. | 06 (Six) Calendar Months |

E-mail ID: secic_dowr@yahoo.com
Further details conditions can be seen from Govt. website: **www.tenderorissa.gov.in**.
32160/11/0033/1819 Sd./- Superintending Engineer, Central Irrigation Circle



# ଦାମୀ କଷ୍ଟ୍ୟୁମ୍

ମନଲାଖି କଷ୍ଟ୍ୟୁମ୍ ଗ୍ଲାମରକୁ ଆହୁରି ବଢ଼ାଇ ଦେଇଥାଏ। ତେଣୁ ସିନେମାର ସିକ୍ୟୁଏନ୍ସ ହେଉ କି ଗୀତ ସେଥିରେ ଅଭିନେତା-ଅଭିନେତ୍ରୀଙ୍କ କଷ୍ଟ୍ୟୁମ ଦର୍ଶକଙ୍କୁ ପ୍ରଭାବିତ କରିଥାଏ। ଥରେ ଏଥିପାଇଁ ଚର୍ଚ୍ଚାର ପରିସରକୁ ଆସିଥିଲେ କରୀନା। କଥା କ'ଣ କି 'ହିରୋଇନ୍' ଫିଲ୍ମ ପାଇଁ ସେ ୧୩୦ ପ୍ରକାର କଷ୍ଟ୍ୟୁମ ପିନ୍ଧିଥିଲେ। ସଂଖ୍ୟା ଦୃଷ୍ଟିରୁ ଦେଖିବାକୁ ଗଲେ ଏ ପର୍ଯ୍ୟନ୍ତ କୌଣସି ନାୟିକା ଏତେ ସଂଖ୍ୟକ କଷ୍ଟ୍ୟୁମ ପିନ୍ଧିନାହାନ୍ତି। କେବଳ ସେତିକି ନୁହେଁ ଏସବୁ କଷ୍ଟ୍ୟୁମ ଦାମିକିଆ ଥିଲା।

କରୀନା



ରୀନା ପଣ୍ଡା

ଅପେରା କଥା

## ରେକର୍ଡ ଡ୍ୟାନ୍ସରରୁ ନାୟିକା

ରୀନା ପଣ୍ଡା। ଜଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ଅଭିନେତ୍ରୀ ଭାବରେ ପରିଗଣିତ। ନିଜର ଅଭିନୟ ବଳରେ ସେ ଦର୍ଶକଙ୍କ ହୃଦୟରେ ହାସଲ କରିଛନ୍ତି ସ୍ୱତନ୍ତ୍ର ସ୍ଥାନ। ସମ୍ପ୍ରତି ଗୌରୀ ଗଣନାଟ୍ୟରେ ଅଭିନୟ ଜାରି ରଖିଛନ୍ତି ସେ। କିପରି ଅଭିନୟ ଜଗତକୁ ଆସିଲେ ପ୍ରଶ୍ନର ଉତ୍ତରରେ ରୀନା କହନ୍ତି, 'ପିଲାଟି ଦିନରୁ ଡ୍ୟାନ୍ସ ପ୍ରତି ଆଗ୍ରହ ଥିଲା। କେବଳ ସେତିକି ନୁହେଁ, ମୋର ଇଚ୍ଛା ଥିଲା ଯଦି ମୋତେ ସୁଯୋଗ ମିଳେ ତେବେ ଓଡ଼ିଆ ସିନେମାରେ ଅଭିନୟ କରିବାକୁ ପଛାଇବି ନାହିଁ। ସଂଯୋଗବଶତଃ ଥରେ ମୋର ଅପେରା ଜଗତର ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତିତ୍ୱ ନୟନ ଆଚାର୍ଯ୍ୟଙ୍କ ସହ ଭେଟ ହେଲା। ତାଙ୍କର କେଇପଦ କଥା ମୋତେ ଅପେରାଜଗତକୁ ଟାଣି ଆଣିଥିଲା। ସେତେବେଳେ ମୋତେ ହୋଇଥାଏ ମାତ୍ର ୧୨ବର୍ଷ। ପ୍ରଥମେ ରେକର୍ଡ ଡ୍ୟାନ୍ସରେ ନାଚିବାର ସୁଯୋଗ ମିଳିଲା ଆଉ ତା'ପରେ ଯେତେବେଳେ ମୋତେ ଅଭିନୟ କରିବାକୁ କୁହାଗଲା ତାକୁ ହାତଛଡ଼ା କରି ନ ଥିଲି। ସେତେବେଳେ ତ୍ରିନାଥ ଗଣନାଟ୍ୟରୁ ଏବେ ଗୌରୀ, ଯା ଭିତରେ ଯାହା ଘଟିଛି ତାହା ଇତିହାସ। ମୋ ଅଭିନୟକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ସବୁବେଳେ ଆଶୀର୍ବାଦ ଭାବରେ କାମ କରିଛି।' ଜଗତ୍‌ସିଂହପୁର ବାଲିପାଟଣା ଗ୍ରାମରେ ଜନ୍ମିତା ରୀନାଙ୍କ ବାପା ଶଙ୍କର୍ଷଣ ପଣ୍ଡା ଥିଲେ ସେ ସମୟର ଜଣେ ନାମୀ ଅଭିନେତା ଏବଂ ବାଲିପାଟଣା ଗଣନାଟ୍ୟର ମାଲିକ। ଚଳିତ ଯାତ୍ରା ସିଜନ୍‌ରେ ରୀନାଙ୍କ ଅଭିନୀତ ତଥା ଗୌରୀ ଗଣନାଟ୍ୟ ପରିବେଷିତ ହିଟ୍ ନାଟକଗୁଡ଼ିକ ମଧ୍ୟରେ ରହିଛି 'ବ୍ରହ୍ମାସ୍ତ୍ର' (କୁମ୍‌କୁମ୍), 'ବେଳେବେଳେ ଭୁଲ ହୋଇଯାଏ' (ପ୍ରାଚୀ), 'ଗୌରୀ ନାନୀର ନୂଆ ଠିକଣା (ପରୀ), 'ଏତେ ସରି ତତେ କିଏ କଲା' (ଆଶା) ଏବଂ 'ବାଘ ବୁଲୁଛି ରାଜଧାନୀରେ' (ଇନ୍ଦୁ)।

ରିଲିଜ ଅପେକ୍ଷାରେ

## ବାପା ତମେ ଭାରି ଦୁଷ୍ଟ

ମାଟ୍ରିକ ପରୀକ୍ଷାରେ ବାରମ୍ବାର ଫେଲ୍ ହୋଇ ଶେଷରେ ଏଥିରେ ଉତ୍ତୀର୍ଣ୍ଣ ହୁଏ ନାଲୁ। କଲେଜ ଯିବା ପରେ ସେ ସାଙ୍ଗ ପିଲାଙ୍କ ସହ ମିଶି ଆରମ୍ଭ କରେ ଦୁଷ୍ଟାମି। ହେଲେ ଏହାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ ତାଙ୍କର ପିତା। ସମୟକ୍ରମେ ବାପା-ପୁଅ ଭିତରେ ସମ୍ପର୍କ ତିକ୍ତ ହୁଏ। ପ୍ରାଚୀନ ପରମ୍ପରାକୁ ଜାବୁଡ଼ି ଧରିଥିବା ନାଲୁର ପିତା ହଠାତ ଆଧୁନିକ ଷ୍ଟାଇଲକୁ ଆପଣେଇ ନିଅନ୍ତି। ଆଉ ତା'ପରେ ସେ କ'ଣ ନିଜ ପୁଅର ସ୍ୱଭାବରେ ପରିବର୍ତ୍ତନ ଆଣିପାରନ୍ତି। ନିଜର ଦୁଷ୍ଟାମି ଭିତରେ ସ୍ୱପ୍ନା ପ୍ରେମରେ ଫସିଯାଇଥିବା ନାଲୁ କ'ଣ ସେଥିରେ ସଫଳ ହୁଏ ? ବାସ୍, ଏସବୁର ଉତ୍ତର ରହିଛି ଚଳିତ ମାସ ୧୧ରେ ରିଲିଜ ହେଉଥିବା 'ବାପା ତମେ ଭାରି ଦୁଷ୍ଟ' ଚଳଚ୍ଚିତ୍ରରେ। ପୂର୍ବରୁ ଧାରାବାହିକ 'ମାନିନୀ'ର ମୁଖ୍ୟ ଭୂମିକା ଏବଂ ଓଡ଼ିଆ ସିନେମା 'ଲୋକାଲ ଟୋକା ଲଭ୍ ଚୋଖା'ରେ ନେଗେଟିଭ ଚରିତ୍ରରେ ଅବତୀର୍ଣ୍ଣ ହୋଇଥିବା ଜୟଜିତ ଦାସ ଓରଫ ଜୟ ଏହାର ନାୟକ (ନାଲୁ) ଭୂମିକାରେ ଅଭିନୟ କରୁଥିବା ବେଳେ ସ୍ୱପ୍ନା ଚରିତ୍ରରେ ଆସୁଛନ୍ତି ସମିତା। ଏଥିରେ ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ ବାପା ଭୂମିକାରେ ଦେଖିବାକୁ ମିଳିବ। 'ଏଥିରେ ମୋତେ ଯେଉଁ ଭୂମିକା ମିଳିଛି ସେଥିପାଇଁ ବେଶ୍ ପରିଶ୍ରମ କରିଛି। ଫିଲ୍ମଟି ଦର୍ଶକଙ୍କୁ ସବୁ ଦୃଷ୍ଟିକୋଣରୁ ମନୋରଞ୍ଜନର ଖୋରାକ ଯୋଗାଇବ' ବୋଲି କହନ୍ତି ଜୟ। ସିଦ୍ଧାର୍ଥ ଟିଭି ବ୍ୟାନରରେ ଏହି ଚିତ୍ରର ପ୍ରଯୋଜନା ଦାୟିତ୍ୱ ସୀତାରାମ ଅଗ୍ରୱାଲ ତୁଲାଇ ଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଟି. ଗଣେଶ।



ଜୟ-ସମିତା

## ଡେଲିଭରି ସିକ୍ୟୁଏନ୍ସ

ନିଜ ସିନେମାକୁ ନେଇ ଜଣେ ନିର୍ଦ୍ଦେଶକ ବେଶ୍ କିଛି ଚିନ୍ତା କରିଥାଆନ୍ତି। ହେଲେ ବେଳେବେଳେ ସବୁ ଆଇଡିଆକୁ ସେହି ଫିଲ୍ମରେ ଉପଯୋଗ କରିହୋଇ ନ ଥାଏ। ଠିକ୍ ସେପରି ଏକ ଘଟଣାର ସାମ୍ନା କରିଥିଲେ ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ନିର୍ଦ୍ଦେଶକ ରାଜକୁମାର ହିରାନୀ। ତାଙ୍କ ନିର୍ଦ୍ଦେଶିତ 'ମୁନ୍ନା ଭାଇ ଏମ୍‌ବିବିଏସ୍' (ସଞ୍ଜୟ ଦତ୍ତ, ବିଦ୍ୟା ବାଲାନ୍) ସୁପରହିଟ୍ ହୋଇଥିଲା। ଏଥିରେ ଏକ ଡେଲିଭରି (ପ୍ରସବ) ଦୃଶ୍ୟକୁ ଏଥିରେ ସାମିଲ କରିବାକୁ ଚିନ୍ତା କରିଥିଲେ ନିର୍ଦ୍ଦେଶକ। କିନ୍ତୁ ତାହା ହୋଇପାରି ନ ଥିଲା। ହେଲେ ପରବର୍ତ୍ତୀ ସମୟରେ ସେଭଳି ଏକ ଦୃଶ୍ୟକୁ ବଡ଼ ପରଦାରେ ବେଶ୍ ସୁନ୍ଦର ଭାବରେ ଦୃଶ୍ୟାୟନ କରିଥିଲେ ସେ। ଚଳଚ୍ଚିତ୍ରଟି ଥିଲା 'ଥ୍ରୀ ଇଡିୟଟସ'। ଆମିର ଖାଁ, କରୀନା କପୁର ଅଭିନୀତ ତଥା ହିରାନୀଙ୍କ ନିର୍ଦ୍ଦେଶିତ ଉକ୍ତ ଫିଲ୍ମଟି ମଧ୍ୟ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା।

ନୂଆ ସିନେମା



ଦେବ୍- ମନସ୍ମିତା

## ଲଭ୍ ଟ୍ୱିଷ୍ଟ

ପ୍ରେମ କରିବା ସମୟରେ ଅନେକ ଘଟଣା ଘଟିଥାଏ। ସେଗୁଡ଼ିକ ମଧ୍ୟରୁ କେତେକକୁ ଭୁଲିବା ଅସମ୍ଭବ ହୋଇଯାଏ। ବେଳେବେଳେ ଏମିତି ଘଟଣା ଘଟେ, ଯାହା ପ୍ରେମରେ ଟ୍ୱିଷ୍ଟ ଆଣିଥାଏ। ଆଖି ପିଛୁଳାକେ ପ୍ରେମରେ ଦେଖାଦିଏ ପରିବର୍ତ୍ତନ। ସେପରି କିଛି ରୋମାଞ୍ଚକର କଥାକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଲଭ୍ ଟ୍ୱିଷ୍ଟ'। ଆନନ୍ଦ ଭାରତୀ ପ୍ରଡକ୍ସନ ବ୍ୟାନରରେ ଫିଲ୍ମର ପ୍ରଯୋଜନା କରିଛନ୍ତି ଅନନ୍ତ କୁମାର ସାମଲ। କାହାଣୀ ରଚନା ସହ ଚିତ୍ରନାଟ୍ୟ, ସଂଳାପ ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସଚ୍ଚିଦାନନ୍ଦ ସାମଲ। ଅରୁଣ ମନ୍ତ୍ରୀ, ବାପୁ ଗୋସ୍ୱାମୀ ଏବଂ ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକ ସ୍ୱର ଦେଇଛନ୍ତି ସୁଶୀଲ ଦଳାଇ। କଣ୍ଠଦାନ କରିଛନ୍ତି ହ୍ୟୁମନ ସାଗର, ଅସୀମା ପଣ୍ଡା, ସଞ୍ଜୁ, ବିଷ୍ଣୁମୋହନ କବି ଏବଂ ତାରିକ ଅଜିଜ। ଖାସ୍ କଥା ହେଲା, ଏଥିରେ ଦୁଇଜଣ ନବାଗତ ଓଲିଉଡ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସେମାନେ ହେଲେ ଉତ୍କଳ ସଂଗୀତ ମହାବିଦ୍ୟାଳୟର ଛାତ୍ର ଦେବ୍ ଏବଂ ମନସ୍ମିତା। ଏମାନଙ୍କ ବ୍ୟତୀତ ଅଜିତ ଦାସ, ମିହିର ଦାସ, ପୁଷ୍ପା ପଣ୍ଡା, ପ୍ରଜ୍ଞା, କାଳୀ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।

## ଅତୀତରୁ...

ଦୀପିକା

❖ସନ୍ଦୀପ ଫିଲ୍ମସ ପ୍ରା.ଲି. କଲିକତା ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମେଘମୁକ୍ତି', ଯାହାର ନିର୍ଦ୍ଦେଶନା ଦେଇଥିଲେ ବିନୁ ବର୍ଦ୍ଧନ। ଅଜିତ ଦାସ, ଶ୍ରୀରାମ ପଣ୍ଡା, ଜ୍ୟୋତ୍ସ୍ନା ମହାପାତ୍ର (ମିନୁ), କାଶୀ ରଥ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଶାନ୍ତନୁ ମହାପାତ୍ର।

❖ଦୀପା ସାହୁ, ପ୍ରସନ୍ନ ମିଶ୍ର, ଜୟାଙ୍କ ଅଭିନୀତ 'ଜୟ ମା ମଙ୍ଗଳା' ସିନେମାରେ ଅଭିନୟ କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ଜଟାଧାରୀ ମିଶ୍ରଙ୍କ ପ୍ରଯୋଜିତ ଏହି ଚିତ୍ରର ସ୍ୱର ସଂଯୋଜନା କରିଥିଲେ ବାସୁଦେବ ରଥ।



## ଅପେକ୍ଷାରେ ଦୀପିକା

କଥାରେ ଅଛି ଅପେକ୍ଷାର ଫଳ ମିଠା। ହେଲେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟ ରହିବା ନିହାତି ଦରକାର। ତେଣୁ ସେତେବେଳ ଯାଏ ଥଣ୍ଡା ମିଜାସରେ ସେ ଅପେକ୍ଷା କରିବାକୁ ମାଇଣ୍ଡ ମେକଅପ କରିସାରିଛନ୍ତି। ଏହି ଅଭିନେତ୍ରୀ ଜଣକ ହେଲେ ଦୀପିକା ପାଦୁକୋନ୍। ବଲିଉଡ୍‌ରେ ପାଦ ଦେବା ପରେ ତାଙ୍କୁ ବେଶ୍ ନେମ୍-ଫେମ୍ ମିଳିଛି। ହେଲେ ତାଙ୍କ ମନରେ ଗୋଟିଏ ଅବଶୋଷ ରହିଯାଇଛି। ତାହା ହେଲା ମନଲାଖି କାହାଣୀଟିଏ ରଚନା କରିବା। କଥା କ'ଣ କି ନିକଟରେ ସେ ତାଙ୍କର ଜଣେ ସାଙ୍ଗଙ୍କର ବାର୍ଥ ଡେ' ପାର୍ଟିରେ ଯୋଗ ଦେଇଥିଲେ। ସେଠାରେ କଥା ପ୍ରସଙ୍ଗରେ ଜଣେ ସାଙ୍ଗ ତାଙ୍କୁ କାହାଣୀ ରଚନା କରିବାକୁ କହିଥିଲେ। ଆଉ ଏହା ପରେ ସେଥିପାଇଁ ନିଜକୁ ପ୍ରସ୍ତୁତ କରିବାରେ ସେ ଲାଗିପଡିଛନ୍ତି। ଅପେକ୍ଷା କରିବାକୁ ପଡୁ ପଛକେ ହେଲେ ଭଲ କାହାଣୀଟିଏ ରଚନା କରି ତାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ଯୋଜନାରେ ମଧ୍ୟ ଅଛନ୍ତି। ତେବେ ଏହି ଦିନ କେବେ ଆସୁଛି ତାହା ଦେଖିବାକୁ ବାକି ରହିଲା।

| Dollar | Sensex | Nifty | Gold | Silver |
|---|---|---|---|---|
| 70.46 (25) | 36,212.91 (231.98) | 10,855.15 (53) | 32,800.00 (`110) | 40,100.00 (`300) |

" ଦେଶରେ ସ୍ମାର୍ଟ ମିଟର ଲାଗିଯିବା ପରେ ବିଲ୍ ପ୍ରଦାନ ଓ ପେମେଣ୍ଟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅନ୍‌ଲାଇନ ହୋଇଯିବ ।
– ଆର୍.କେ ସିଂ, କେନ୍ଦ୍ର ଶକ୍ତିମନ୍ତ୍ରୀ



" ଡାଟା ସୁରକ୍ଷାକୁ ନେଇ ଭାରତକୁ ମଧ୍ୟମ ମାର୍ଗ ଆପଣାଇବାକୁ ପଡିବ ।
– ରାଜୀବ କୁମାର, ନୀତି ଆୟୋଗ ଉପାଧ୍ୟକ୍ଷ



## ସଂକ୍ଷେପରେ

### ୭.୩% ରହିବ ଜିଡିପି

**ୱାଶିଂଟନ,୯-୧:** ଚଳିତ ଆର୍ଥିକ ବର୍ଷ ୨୦୧୮-୧୯ରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ଅଭିବୃଦ୍ଧି ହାର ୭.୩ ପ୍ରତିଶତ ରହିବ। ସେହିଭଳି ପରବର୍ତ୍ତୀ ଦୁଇଟି ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ହାର ୭.୫ ପ୍ରତିଶତ ରହିବ ବୋଲି ବିଶ୍ୱବ୍ୟାଙ୍କ ରିପାର୍ଟରେ ଅନୁମାନ କରାଯାଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ, ପୁଞ୍ଜିନିବେଶ ଧାରା ଓ ବ୍ୟୟ ବୃଦ୍ଧି ପାଇବାକୁ ଏହା କାରଣ ବୋଲି ଦର୍ଶାଇଛି। ବିଶ୍ୱରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଭାବେ ତା'ର ଅର୍ଥନୀତିକୁ ଆଗେଇ ନେବ ବୋଲି ରିପୋର୍ଟରେ କୁହାଯାଇଛି। ଏହି ସମୟରେ ଚାଇନାର ଜିଡିପି ୬.୨% ରହିବ ଏବଂ ୨୦୧୯ ଓ ୨୦୨୦ରେ ଏହା ୬ ପ୍ରତିଶତକୁ ଖସି ଆସିବ ବୋଲି ଅନୁମାନ କରାଯାଇଛି।

### ଆୟକର ଛାଡ଼ ସୀମା ୫ ଲକ୍ଷକୁ ବୃଦ୍ଧି ହେଉ: ସିଆଇଆଇ

**ନୂଆଦିଲ୍ଲୀ,୯-୧:** ଭାରତୀୟ ଉଦ୍ୟୋଗ ମହାସଂଘ (ସିଆଇଆଇ) ଅନ୍ତରୀଣ ବଜେଟ୍‌ରେ ଆୟକର ଛାଡ଼ ସୀମାକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛି। ଏଥିସହିତ ସଞ୍ଚୟକୁ ପ୍ରୋତ୍ସାହନ ଦେବା ଲାଗି ଆୟକର ଧାରା ୮୦ସି ଅନ୍ତର୍ଗତରେ ଛାଡ଼ସୀମାକୁ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଉଦ୍ୟୋଗ ମହାସଂଘ କହିଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟକୁ ଦାଖଲ କରିଥିବା ବଜେଟ ପୂର୍ବ ସୁପାରିସରେ ମହାସଂଘ କହିଛି ଯେ, ବ୍ୟକ୍ତିଗତ ଆୟକରର ସର୍ବାଧିକ ଟିକସ ସ୍ଲାବ୍‌କୁ ମଧ୍ୟ ୩୦ରୁ ୨୫% ଚିକିତ୍ସା ଖର୍ଚ୍ଚ ଓ ପରିବହନ ଭତ୍ତା ଉପରେ ମଧ୍ୟ ଆୟକର ଛାଡ଼ ମିଳିବା ଆବଶ୍ୟକ।

## ■ ଟୋକନ ସିଷ୍ଟମ ଆଣୁଛି ଆରବିଆଇ

# ଡେବିଟ୍-କ୍ରେଡିଟ୍ କାର୍ଡ ହେବ ଅଧିକ ସୁରକ୍ଷିତ

**ମୁମ୍ବାଇ,୯-୧**

ଡେବିଟ୍ ଓ କ୍ରେଡିଟ୍ କାର୍ଡ ମାଧ୍ୟମରେ ନେଣଦେଣକୁ ଅଧିକ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ 'ଟୋକନ' ବ୍ୟବସ୍ଥା ଆଣିବାକୁ ଯାଉଛି। ଏଥିପାଇଁ ଗାଇଡଲାଇନ ଜାରି କରାଯାଇଛି।

ଗାଇଡଲାଇନ ଅନୁଯାୟୀ, କାର୍ଡର ବାସ୍ତବିକ ତଥ୍ୟକୁ ଏକ ୟୁନିକ କୋଡ୍ 'ଟୋକନ'ରେ ବଦଳାଇ ଦିଆଯିବ। ପଏଣ୍ଟ ଅଫ୍ ସେଲ୍(ପିଓଏସ୍) ଟର୍ମିନାଲ, କ୍ୱିକ୍ ରେସପନ୍ସ(କ୍ୟୁଆର୍) କୋଡ୍ ସହ ସମ୍ପର୍କ ରହିତ ପେମେଣ୍ଟ ଲାଗି କାର୍ଡର ବାସ୍ତବିକ ତଥ୍ୟ ସ୍ଥାନରେ ଟୋକନ ବ୍ୟବହାର କରାଯିବ। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ଟୋକନ କାର୍ଡ ଦ୍ୱାରା ନେଣଦେଣ କରିବାର ସୁବିଧା ବର୍ତ୍ତମାନ କେବଳ ମୋବାଇଲ ଓ ଟ୍ୟାବ୍‌ଲେଟ ଜରିଆରେ ଉପଲବ୍ଧ ହେବ। ଏଥିରୁ ପ୍ରାପ୍ତ ଅନୁଭବ ଆଧାରରେ ଏହାକୁ ଅନ୍ୟ କାର୍ଡ ପ୍ରଦାନ ବ୍ୟବସ୍ଥାରେ ବିସ୍ତାର କରାଯିବ। ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, କାର୍ଡର ଟୋକେନାଇଜେଶନ ଓ ଟୋକନ ବ୍ୟବସ୍ଥାରୁ ହଟିବା କାମ କେବଳ ଅଧିକୃତ କାର୍ଡ ନେଟୱାର୍କ ଦ୍ୱାରା ହି କରାଯିବ। ଏଥିରେ ମୂଳ ପ୍ରାଥମିକ ଆକାଉଣ୍ଟ ନମ୍ବର(ପିଏଏନ୍)ର ରିକଭରି ମଧ୍ୟ ଅଧିକୃତ କାର୍ଡ ନେଟୱାର୍କ ଦ୍ୱାରା ସମ୍ଭବ ହେବ। ଗ୍ରାହକ ଏହି ସେବା ପାଇବା ଲାଗି କୌଣସି ଶୁଳ୍କ ଦେବେ ନାହିଁ। କାର୍ଡ ଲାଗି ଟୋକନ ସେବା ଆରମ୍ଭ କରିବା ପୂର୍ବରୁ ଅଧିକୃତ କାର୍ଡ ପେମେଣ୍ଟ ନେଟୱର୍କ କମ୍ପାନୀକୁ ନିଶ୍ଚିତ ଅବଧି ଭିତରେ ଅଡିଟ ପ୍ରଣାଳୀ ସ୍ଥାପନ କରିବାକୁ ହେବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ କହିଛି। ଏହି ଅଡିଟ ବର୍ଷରେ ଅତିକମ୍‌ରେ ଥରେ କରିବାକୁ ହେବ। ଯେକୌଣସି କାର୍ଡକୁ ଟୋକନ ବ୍ୟବସ୍ଥା ଲାଗି ପଞ୍ଜୀକୃତ କରିବାକୁ ହେଲେ ଉପଭୋକ୍ତାଙ୍କ ସ୍ୱତନ୍ତ୍ର ସହମତି ନେବାକୁ ପଡିବ।

### ଗାଇଡଲାଇନ ଜାରି

- ■ କାର୍ଡର ବାସ୍ତବିକ ତଥ୍ୟ ସ୍ଥାନରେ ଟୋକନ ବ୍ୟବହାର କରାଯିବ
- ■ ଅଧିକୃତ କାର୍ଡ ନେଟ୍‌ୱର୍କ କମ୍ପାନୀକୁ ଏଥିପାଇଁ ମିଳିବ କ୍ଷମତା
- ■ ନେଟ୍‌ୱର୍କ ପକ୍ଷରୁ ଅଡିଟ୍ ବ୍ୟବସ୍ଥା କରାଯିବ
- ■ ବର୍ଷକରେ ଅନ୍ତତଃପକ୍ଷେ ଥରେ ହେବ ଅଡିଟ୍



## ନିର୍ମାଣାଧୀନ ଫ୍ଲାଟ୍‌ରେ ଜିଏସ୍‌ଟି ହ୍ରାସ: ଆଜି ଆସିପାରେ ନିଷ୍ପତ୍ତି

**ନୂଆଦିଲ୍ଲୀ,୯-୧**

ଜିଏସ୍‌ଟି କାଉନସିଲ୍‌ର ୩୨ତମ ବୈଠକ ଗୁରୁବାର ଏଠାରେ ବସିବାକୁ ଯାଉଛି। ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। କାଉନସିଲ୍‌ର ୩୧ତମ ବୈଠକରେ କେତେକ ସାମଗ୍ରୀ ଦର ହ୍ରାସ କରାଯାଇଥିଲା। ଏହି ବୈଠକରେ ନିର୍ମାଣାଧୀନ ଫ୍ଲାଟ ଅଥବା ଘର ଉପରେ ଜିଏସ୍‌ଟି ଦରକୁ ୫%କୁ ହ୍ରାସ କରିବା, ଏମ୍‌ଏସ୍‌ଏମ୍‌ଇଙ୍କ କାରବାର ସୀମା ବୃଦ୍ଧି ଆଦି ପ୍ରସଙ୍ଗରେ ନିଷ୍ପତ୍ତି ହୋଇପାରେ। ଏହାଛଡ଼ା ୨୮% ସ୍ଲାବ୍‌ରେ ରହିଥିବା ସିମେଣ୍ଟ ଓ ଟାୟାରକୁ ଏଥିରୁ ବାଦ୍ ଦେଇ ଟିକସ ହ୍ରାସ ନେଇ ଆଲୋଚନା ହୋଇପାରେ। ଏହା ହେଲେ ରିଏଲ ଇଷ୍ଟେଟ ସେକ୍ଟରରେ ଅଭିବୃଦ୍ଧି ବଢ଼ିବ ବୋଲି ଆଶାକରାଯାଉଛି। କାରଣ ଘର କିଣିବା ଅଧିକ ଶସ୍ତା ହେବ। ଅନ୍ୟପକ୍ଷରେ ଦୁଇଚକିଆ ଯାନ ନିର୍ମାତାମାନେ ଜିଏସ୍‌ଟି ଦରକୁ ୨୮ରୁ ୧୮% ହ୍ରାସ ପାଇଁ ଦୀର୍ଘଦିନ ହେଲା ଦାବି କରି ଆସୁଛନ୍ତି। ଏ କ୍ଷେତ୍ରରେ ମଧ୍ୟ ନିଷ୍ପତ୍ତି ହେବାର ସମ୍ଭାବନା ରହିଛି। ସେହିପରି ମାଲ୍ ଯୋଗାଣକାରୀଙ୍କ ଲାଗି ସୀମା ବଢ଼ିପାରେ। ଏହାକୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ସେହିପରି କମ୍ପୋଜିଶନ ସ୍କିମ୍‌କୁ ନେଇ କାଉନସିଲ ବଡ଼ ନିଷ୍ପତ୍ତି ନେଇପାରନ୍ତି। ଏହାଦ୍ୱାରା ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ଅଧିକ ଛାଡ଼ ମିଳିବ। ଫଳରେ କାରବାର ବୃଦ୍ଧି ପାଇବ। ମନ୍ତ୍ରିଗୋଷ୍ଠୀ କାରବାର ସୀମାକୁ ୧ କୋଟିରୁ ଦେଢ଼ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ସୁପାରିସ କରିସାରିଛନ୍ତି।

## ପିଏନ୍‌ଜି, ବାୟୋଗ୍ୟାସ୍‌ରେ ମିଳିପାରେ ସବ୍‌ସିଡି

**ନୂଆଦିଲ୍ଲୀ,୯-୧**

ଆସନ୍ତା ଲୋକ ସଭା ନିର୍ବାଚନ ବୈତରଣୀ ପାରିହେବା ପାଇଁ ଭାଜପା ନେତୃତ୍ୱାଧୀନ ଏନଡିଏ ସରକାର ଗରିବ ଓ ମଧ୍ୟବିତ୍ତଙ୍କୁ ଆଉ ଏକ ଥୋପ ଦେବାକୁ ଚାହୁଁଛନ୍ତି। କୁକିଂ ସବ୍‌ସିଡି ପରିସରକୁ ବୃଦ୍ଧି କରି ପାଇପ୍ ନାଚୁରାଲ ଗ୍ୟାସ୍ (ପିଏନ୍‌ଜି) ଓ ବାୟୋଗ୍ୟାସ୍‌ରେ ସବ୍‌ସିଡି ଦେବାକୁ ସରକାର ଚିନ୍ତା କରୁଛନ୍ତି। ଏନେଇ ନୀତି ଆୟୋଗ ପକ୍ଷରୁ ଆଗତ ଏକ ପ୍ରସ୍ତାବ ବିଚାରାଧୀନ ରହିଛି। କେନ୍ଦ୍ର ସରକାର ଆଗାମୀ ନିର୍ବାଚନ ପୂର୍ବରୁ ଏ ସମ୍ପର୍କରେ ଘୋଷଣା କରିପାରନ୍ତି। ସରକାରଙ୍କ ଉକ୍ତ ପଦକ୍ଷେପ ଯୋଗୁ ଯେକୌଣସି ଇନ୍ଧନ ବ୍ୟବହାର କରି ରୋଷେଇ କରୁଥିବା ଉପଭୋକ୍ତାଙ୍କୁ ଫାଇଦା ମିଳିବ। ବର୍ତ୍ତମାନ ଏଲ୍‌ପିଜି ଓ କିରୋସିନରେ ହିଁ କେବଳ ସବ୍‌ସିଡି ଦିଆଯାଉଛି। ରୋଷେଇରେ ବ୍ୟବହୃତ ସମସ୍ତ ପ୍ରକାର ଇନ୍ଧନ ଉପରେ ସବ୍‌ସିଡି ଦିଆଯିବା ଆବଶ୍ୟକ ବୋଲି ଗତ ବର୍ଷ ନୀତି ଆୟୋଗ ପେଟ୍ରୋଲିୟମ ମନ୍ତ୍ରଣାଳୟକୁ ପତ୍ର ଲେଖି ପ୍ରସ୍ତାବ ଦେଇଥିଲେ। ଏଲ୍‌ପିଜି ଓ କିରୋସିନ ଭଳି ଏଭଳି ସବ୍‌ସିଡିକୁ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାକୁ ଯୋଜନା ହେଉଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପେଟ୍ରୋଲିୟମ ମନ୍ତ୍ରଣାଳୟ ଏହି ସବ୍‌ସିଡି ଯୋଗୁ ହେବାକୁ ଥିବା ଖର୍ଚ୍ଚ ଆକଳନ କରୁଛି।

## ଏୟାର ଇଣ୍ଡିଆ ବିକ୍ରିରୁ ମିଳିବ ୭ ହଜାର କୋଟି

**ନୂଆଦିଲ୍ଲୀ,୯-୧**



ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ବୋଝକୁ କେନ୍ଦ୍ର ସରକାର ଆଉ ମୁଣ୍ଡାଇବାକୁ ଚାହୁଁନାହାନ୍ତି। ଆସନ୍ତା ଆର୍ଥିକ ବର୍ଷରେ ଏହାକୁ ବିକିବାକୁ ସରକାରଙ୍କ ଲକ୍ଷ୍ୟ ରହିଛି। ଏହି ବିକ୍ରିରୁ ପ୍ରାୟ ୧ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୭ ହଜାର କୋଟି ଟଙ୍କା ପାଇବାକୁ ଯୋଜନା ପ୍ରସ୍ତୁତ ହେଉଛି। ଜଣେ ଅଧିକାରୀ ପ୍ରକାଶ କରିଛନ୍ତି ଯେ, ସରକାର ୨୦୧୯-୨୦ ଦ୍ୱିତୀୟାର୍ଦ୍ଧରେ ଉକ୍ତ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀକୁ ବିକ୍ରି କରିବାର ପ୍ରକ୍ରିୟା ଆରମ୍ଭ କରିବେ। ଏଥିପୂର୍ବରୁ ଏହାର କିଛି ସହାୟକ କମ୍ପାନୀ ଓ ସମ୍ପତ୍ତିକୁ ବିକ୍ରି କରାଯିବ।

# ନିବେଶ ବେଳେ ସଂସ୍ଥାର କ୍ରେଡିଟ୍ ରେଟିଂକୁ ଦେଖନ୍ତୁ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER CM
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**▶▶ସର୍ବାଧିକ ୫୦,୦୦୦ ଟଙ୍କାର ବ୍ୟାଙ୍କ ସ୍ଥାୟୀ ଜମା ସୁଧରାଶି ଉପରେ ଆୟକର ଛାଡ଼ ସୁବିଧା ରହିଛି କି? ସବୁ ଭାରତୀୟ ନାଗରିକ ଏହି ସୁବିଧା ପାଇବେ କି? ଏ ସମ୍ପର୍କରେ ପରାମର୍ଶ ଦେବାକୁ ଅନୁରୋଧ।**
**– ସଂଗ୍ରାମ ସାହୁ, ଅନୁଗୋଳ**

■ଆୟକର ନିୟମ ଧାରା ୮୦ ଟିଟିବି ଅନୁସାରେ ବ୍ୟାଙ୍କ ସ୍ଥାୟୀ ଜମା, ରେକରିଂ କିମ୍ବା ସଞ୍ଚୟ ଜମା ଖାତାରୁ ମିଳୁଥିବା ସୁଧରାଶି ସର୍ବାଧିକ ୫୦,୦୦୦ ଟଙ୍କା ଉପରେ ଛାଡ଼ ସୁବିଧା ପାଇ ପାରିବେ। ଡାକଘର ସଞ୍ଚୟ ସ୍କିମ୍‌ସବୁର ସୁଧରାଶି ମଧ୍ୟ ଅନ୍ତର୍ଭୁକ୍ତ। ଏହି ୫୦,୦୦୦ ଟଙ୍କା ଆୟକର ଛାଡ଼ କେବଳ ବରିଷ୍ଠ ନାଗରିକଙ୍କ ପାଇଁ ଉପଲବ୍ଧ। ବିଗତ ବଜେଟରେ ଏଭଳି ସୁବିଧା କରାଯାଇଛି।

**▶▶ଜମା କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକର ସୁଧହାର ତୁଳନାରେ କମ୍ପାନୀଗୁଡ଼ିକ ଅଧିକ ସୁଧ ହାର ପ୍ରଦାନ କରୁଛନ୍ତି। ଏଭଳି ସ୍ଥିତିରେ ଏକ ଭଲ କମ୍ପାନୀର ସ୍ଥାୟୀ ଜମା ସ୍କିମ କିଭଳି ଭାବେ ଚୟନ କରିବି? ଏଭଳି ନିବେଶ ଲାଗି କେଉଁ ପ୍ରକାରର ପଦକ୍ଷେପ ନେବା ଉଚିତ ହେବ?**
**– ମଦନ ମୋହନ ସୁବୁଦ୍ଧି, ବ୍ରହ୍ମପୁର**

■ସର୍ବାଧିକ କ୍ରେଡିଟ୍ ରେଟିଂ ଥିବା ସ୍ଥାୟୀ ଜମା ସ୍କିମ୍ ଚୟନ କରିବା ଉଚିତ। ସର୍ବାଧିକ କ୍ରେଡିଟ ରେଟିଂ ଥିବା କମ୍ପାନୀର ସ୍ଥାୟୀ ଜମା ଚୟନ କଲେ ହୁଏତ ଆପଣଙ୍କୁ କମ୍ ସୁଧହାର ପ୍ରଦାନ କରିବ କିନ୍ତୁ ପ୍ରକୃତ କ୍ଷେତ୍ରରେ ଏଥିରେ ନିବେଶ କରିବା ନିରାପଦ ଏବଂ ସୁରକ୍ଷିତ। ବ୍ୟାଙ୍କ ସ୍ଥାୟୀ ଜମା ତୁଳନାରେ କମ୍ପାନୀର ସ୍ଥାୟୀ ଜମା ସୁଧହାର ଅଧିକ ରହିଲେ ସେଥିରେ ନିବେଶ କରି ପାରନ୍ତି, ଯାହାକି ୩ରୁ ୪% ଅଧିକ ସୁଧ ପ୍ରଦାନ କରିଥାଏ। ଏହି କ୍ଷେତ୍ରରେ ଆପଣ ଯେତେ କମ୍ ବର୍ଷ ପାଇଁ (ସ୍ୱଳ୍ପ କାଳୀନ ନିବେଶ ୧-୩ ବର୍ଷ ପାଇଁ) ନିବେଶ କରିବା ଉଚିତ ହେବ। ଯେତେ ଅଧିକ ବର୍ଷ ପାଇଁ ନିବେଶ କରିବେ ଆପଣ ସେତେ ଅଧିକ ରିସ୍କ ବହନ କରିବେ। ଅର୍ଥାତ ଆପଣଙ୍କ ସ୍ଥାୟୀ ଜମା ରାଶି ଉପରେ କମ୍ପାନୀର ପ୍ରତିକୂଳ ପରିସ୍ଥିତିର ଖରାପ ପ୍ରଭାବ ପଡ଼ିବ। କମ୍ପାନୀର ଭବିଷ୍ୟତ ଉପରେ ଏହାର ପ୍ରଭାବ ପକାଇବ। ସର୍ବଶେଷରେ ଆପଣ କମ୍ପାନୀର ପରିଚାଳନାଗତ ଶୈଳୀ ଓ କାର୍ଯ୍ୟଶୈଳୀ ଉପରେ ନଜର ରଖିବା ନିହାତି ଜରୁରୀ। ଯଦି କମ୍ପାନୀ ଦେବାଳିଆ ହୋଇଗଲା ହୁଏତ ଆପଣଙ୍କ ମୂଳଧନ ଫେରିପାଇବା ମଧ୍ୟ କଷ୍ଟକର ହୋଇଯିବ କିମ୍ବା ଆପଣ ନିଜର ମୂଳଧନର କ୍ଷତି ହୋଇ ପାରେ।

ଯଦି ଆପଣ ଜଣେ ବରିଷ୍ଠ ନାଗରିକ ତେବେ ଆପଣ ବ୍ୟାଙ୍କ ସ୍ଥାୟୀ ଜମା କିମ୍ବା ଡାକଘର ସଞ୍ଚୟ ସ୍କିମସବୁ ଯଥା-ବରିଷ୍ଠ ନାଗରିକ ସଞ୍ଚୟ ସ୍କିମରେ ନିବେଶ କରିପାରିବେ। କମ୍ପାନୀ ସ୍ଥାୟୀ ଜମା ସ୍କିମରେ ନିବେଶ କରି ନିଜର ମୂଳଧନକୁ ନିବେଶ କରି ରିସ୍କ ନିଅନ୍ତୁ ନାହିଁ।

କୌଣସି କମ୍ପାନୀର ସ୍ଥାୟୀ ଜମାର ସୁଧହାର ପ୍ରଦାନ ଓ କେତେ ସୁରକ୍ଷିତ ଏହା କମ୍ପାନୀର ରେଟିଂ ଉପରେ ନିର୍ଭର କରିଥାଏ। ଆମ ଦେଶରେ କ୍ରିସିଲ, ଇକ୍ରା, କେୟାର ଭଳି ବିଭିନ୍ନ ରେଟିଂ ଏଜେନ୍ସି ରହିଛନ୍ତି। ଏହି ଏଜେନ୍ସିଗୁଡ଼ିକ ବିଭିନ୍ନ କମ୍ପାନୀର ସ୍ଥାୟୀ ଜମା ଏବଂ ଡିବେଞ୍ଚର ଇତ୍ୟାଦିକୁ ରେଟିଂ ଦେଇଥାନ୍ତି। ଆମର ପରାମର୍ଶ କମ୍ପାନୀର ରେଟିଂ ଦେଖନ୍ତୁ। ଯଦି କମ୍ପାନୀର ରେଟିଂ ଭଲ ନାହିଁ ତେବେ ନିବେଶ କରନ୍ତୁ ନାହିଁ।

**▶▶ମୋର ବୟସ ୩୧ ବର୍ଷ । ଆସନ୍ତା ୧୫ ବର୍ଷରେ ୧ କୋଟି ଟଙ୍କାର ପାଣ୍ଠି ଗଠନ କରିବାକୁ ଚାହୁଁଛି। ଏଥି ଲାଗି ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାକୁ ଚାହୁଁଛି। ମାସିକ କେତେ ଟଙ୍କା ନିବେଶ କରିବାକୁ ପଡ଼ିବ?**
**– ସୁନିତା ମିଶ୍ର, କଟକ**

■ଦୈନିକ ଯଦି ୫୦୦ ଟଙ୍କା ସଞ୍ଚୟ କରନ୍ତି ଓ ମ୍ୟୁଚୁଆଲ ଫଣ୍ଡର ବାର୍ଷିକ ସୁଧହାର ୧୫% ଧରି ନେବା ତେବେ ୧୫ ବର୍ଷରେ ୧ କୋଟି ଟଙ୍କାର ପାଣ୍ଠି ଗଠନ କରିପାରିବେ। ଉପରୋକ୍ତ ଟେବୁଲକୁ ଦେଖିଲେ ବୁଝି ପାରିବେ।

ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ପୂର୍ବରୁ ଏ ସମ୍ପର୍କିତ ସମସ୍ତ ତଥ୍ୟ ଓ ରିସ୍କ ବୁଝି ନିବେଶ କରନ୍ତୁ। ଆମର ପରାମର୍ଶ ଆପଣ ଜଣେ 'ସାର୍ଟିଫାଏଡ ଫାଇନାନ୍‌ସିଆଲ୍ ପ୍ଲାନର' କିମ୍ବା ଚାର୍ଟାର୍ଡ ୱେଲଥ ମ୍ୟାନେଜରଙ୍କୁ ସାକ୍ଷାତ୍ କରି ଭଲ ଭାବେ ସବୁ ବିଷୟ ଅବଗତ ହେବା ପରେ ନିବେଶ କରନ୍ତୁ।

**ଆର୍ଥିକ ଲକ୍ଷ୍ୟ-୧ କୋଟି ଟଙ୍କାର ପାଣ୍ଠି ଗଠନ**

| ଦୈନିକ ସଞ୍ଚୟ | ମାସିକ ନିବେଶ (ଟଙ୍କା) | ନିବେଶ ଅବଧି | ମାସ | ବାର୍ଷିକ ସୁଧହାର ଧରିନେବା | ୧୫ବର୍ଷ ପରେ ପାଣ୍ଠି ଗଠନ |
|---|---|---|---|---|---|
| ୫୦୦ ଟଙ୍କା | ୧୫,୦୦୦ | ୧୫ ବର୍ଷ | ୧୮୦ | ୧୫% | ୧,୦୧,୫୨,୯୪୯ |

## ଟ୍ରେନ୍ ୧୮ ଗଡ଼ିବା ବିଳମ୍ବିତ ହେଉଛି

**ନୂଆଦିଲ୍ଲୀ,୯-୧**

ରେଳ ମନ୍ତ୍ରଣାଳୟ ଅଧୀନରେ ଦୁଇଟି ବିଭାଗ ମଧ୍ୟରେ ଶୀତଳଯୁଦ୍ଧ ଆରମ୍ଭ ହୋଇଯିବାରୁ ଦେଶର ସବୁଠୁ ଦ୍ରୁତଗାମୀ ଟ୍ରେନ କୁହାଯାଉଥିବା 'ଟ୍ରେନ ୧୮'ର ଗଡ଼ିବା ବିଳମ୍ବିତ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ନୂଆ ଟ୍ରେନ ପ୍ରଚଳନକୁ ନେଇ ଦୁଇ ବିଭାଗ ଇଲେକ୍ଟ୍ରିକାଲ ଓ ମେକାନିକାଲ ମଧ୍ୟରେ ସର୍ବଦା ଟଣାଓଟରା ଲାଗିଥାଏ। ଟ୍ରେନ ୧୮ କ୍ଷେତ୍ରରେ ମଧ୍ୟ ତାହା ଦେଖିବାକୁ ମିଳିଛି। ରେଳ ମନ୍ତ୍ରଣାଳୟ ଅଧୀନ ଚିଫ୍ କମିଶନର ଅଫ୍ ରେଲୱେ ସେଫ୍‌ଟି(ସିସିଆର୍‌ଏସ) ଗତ ବର୍ଷ ଡିସେମ୍ବର ୨୧ରେ ଟ୍ରେନ ୧୮ର ବାଣିଜ୍ୟିକ ଚଳାଚଳ ଲାଗି ସୁରକ୍ଷା ସାର୍ଟିଫିକେଟ ଦେଇଥିଲେ ମଧ୍ୟ ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ଜେନେରାଲ (ଇଆଇଜି) ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି।

**ପୂର୍ବ ତଟ ରେଳପଥ**
**ଶୁଦ୍ଧିପତ୍ର**
ବିଜ୍ଞପ୍ତି ସଂ. SDCM/KUR/YTSK, ତାରିଖ. 01.01.2019, ରେ ନନ୍ ସବ୍-ଅର୍ବାନ ଗ୍ରେଡ୍ (NSG)-5, ରେ ଷ୍ଟେସନ ର ନାମ ଅନଗୁଳ, ଛତ୍ରପୁର, ଧାନମଣ୍ଡଳ, ଢେଙ୍କାନାଳ, ଇଚ୍ଛାପୁରମ, କେନ୍ଦୁଝରଗଡ଼, ଖଲିକୋଟ, ପାରାଦ୍ୱୀପ, ସୋମପେଟା, ତାଳଚେର ଏବଂ ତାଳଚେର ରୋଡ଼ ପଢ଼ିବା ଆବଶ୍ୟକ । ବିଜ୍ଞପ୍ତିର ଅନ୍ୟ ସମସ୍ତ ବିବରଣୀ ଅପରିବର୍ତ୍ତିତ ରହିବ ।
ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ(ସମନ୍ୱୟ), ଖୋର୍ଦ୍ଧା ରୋଡ୍
PR-426/J/18-19

See Career Appointment on every Wednesday & Saturday

**NATIONAL INSTITUTE OF FASHION TECHNOLOGY, BBSR**
(Ministry of Textile, Govt. of India)
**EXPRESSION OF INTEREST(EOI)- NOTICE**
Applications for Expression of Interest (EOI) are invited by NIFT Bhubaneswar for Empanelment of Event Management and Organization Agency/Company/Institute for organization of Fashion Show at Institutional level/India and Abroad, last date for receipt of applications for Expression of Interest are 31.01.2019 at 2:00 PM. For more details please visit our website: www.nift.ac.in
- Director

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
PLOT NO.C/2, NAYAPALLI, BHUBANESWAR-751012
**REQUEST FOR PROPOSAL**
**Selection of Recruitment Agency To Conduct Computer Based Test (CBT) For Recruitment of Different Posts For & on Behalf Of OSCSC LTD.**
**RFP No.03/OSCSC/2019 Dated-10.01.2019**
Proposals / Tenders are invited from interested bidders i.e. companies registered under Companies Act in India / partnership firms or firm of proprietorship registered under relevant Acts in India and having eligibility as per the criteria of the RFP published in the official website **www.foododisha.in, www.oscsc.in, www.odisha.gov.in, www.tendersodisha.gov.in** for "Selection of Recruitment Agency to Conduct Computer Based Test (CBT) for appointment to Different Posts of OSCSC LTD.". The bidder must deposit Rs.10,000/- (Rupees Ten Thousand Only) as Bid Processing Fee and EMD of Rs.3.00 Lakhs ( Rupees Three Lakhs Only) at the time of submission of application through online payment gate way service.

| | | |
|---|---|---|
| 1 | Availability of RFP document | From 10.01.2019 |
| 2 | Pre-Bid Meeting | On 18.01.2019 at 15.00 Hours at the Conference Hall of OSCSC, Bhubaneswar |
| 3 | Last date and time for **online** submission of completed proposal | Through e-Procurement Portal : <**www.tendersodisha.gov.in**> on 02.02.2019 up-to 17.00 Hours. |
| 4 | Date, time and venue for opening of Technical Proposal & Pre-qualification Evaluation | On 04.02.2019 at 1130 Hours at the Conference Hall of OSCSC, Bhubaneswar |
| 5 | Technical Presentation by the qualified Bidders only | To be communicated to the qualified bidders only via E-mail. |
| 6 | Date & time of Financial Bid opening (Only of Technically Qualified Bidders) | To be announced after technical bid evaluation. |

For amendment/ cancellation/ eventual re-tender/ corrigendum please refer to the website i.e. www.tendersodisha.gov.in.The authority reserves the right to cancel in part or the entire tender process without assigning any reason there off.
**MD, OSCSC Ltd.**

**BHUBANESWAR MUNICIPAL CORPORATION**
**No.1087 COMPETITIVE BIDDING THROUGH e-Procurement Dt.08/01/19**
**NOTICE INVITING TENDER**
**Bid Reference No. BMC-EED-II-35/2018-19 Dt.08.01.2019**
On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-II, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.
Only the Bid Reference **No.(BMC-EED-II-35/2018-19)** should be written clearly over (superscribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information furnished in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, (during office hours only) till the stipulated last date and time of submission of on-line tender.
1. Total No. of works for which Tenders invited: **19** Nos.
2. Place of Execution : Different locations in **Division-II** of Bhubaneswar Municipal Corporation
3. Estimated Cost of Individual Work : Rs. **3,61,084/- to Rs. 19,85,448/-**
4. Eligible Class of Contractors –: Registered Class of Contractors as indicated against each work mentioned in the tender call Notice Column No.7.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 A.M on 10.01.2019 to 5.00 P.M on 19.01.2019** for online bidding.
7. Bids received online will be opened at **11.30 A.M on 25.01.2019.** The bidder must possess valid and Compatible **Digital Signature Certificate** (**DSC**).
8. The bidders bidding @ less than the estimated cost has to furnish A.P.S (Additional Performance Security) as per OPWD Code amendment to Para-3.5.5(V) failing which the bid shall not be considered.
9. The DTCN of works shall be available in the e-procurement portal https://www.tendersodisha.gov.in for on-line bidding .

**On behalf of Commissioner, BMC, Bhubaneswar**
**Executive Engineer**
**BMC Division No.-II**
**Progress Through Partnership for a Better Bhubaneswar**

**OFFICE OF THE CHAIRMAN, DISTRICT LEGAL SERVICES AUTHORITY, GANJAM, BERHAMPUR**
**SHORT ADVERTISEMENT**
**Dated the 7th January, 2019**
Applications in the prescribed format are invited from the desirous candidates for recruitment to the posts of Junior Clerk of District Legal Services Authority (DLSA), Ganjam/Junior Clerk-cum-Typist of Taluk Legal Services Committees (TLSC), Bhanjanagar. Such appointment shall be governed by G.A. Department Notification No. 32010/Gen. Dtd.12.11.2013 and G.A. Department Notification No. 19574/Gen/Dtd.12.09.2017.
Sience the posts of Junior Clerk in DLSA and Junior Clerk-cum-Typist in TLSC are identical for all practical purposes, the candidates are required to submit only one application. The candidates shall be selected for appointment on the basis of their position in the common merit list and may be posted either as Jr. Clerk of DLSA or Jr. Clerk-cum-Typist of TLSC functioning under the terrotorial jurisdiction of DLSA, Ganjam, Berhampur as per decision of the appointing authority.
The decision of the District Judge-cum-Chairman, District Legal Services Authority (DLSA), Ganjam, Berhampur as to the result of the Examination shall be final and in no case, shall liable to be challenged. The authority reserves the right to cancel the recruitment process at any time without any prior notice.
**CATEGORY WISE VACANCY POSITION:**

| Name of the Post | UR (W) | SEBC | SC | ST | Total | Scale of Pay |
|---|---|---|---|---|---|---|
| Jr. Clerk/ Junior Clerk-cum-Typist | 1 | - | - | 1 | 2 | Rs.8,880/- |

(The number of posts as indicated above may increase or decrease).
Reservation in respect of different categories of candidates shall be as per applicable Rules/Policies/ Guidelines. Last date of receipt of application is **25.01.2019**. For details visit Distirct Court website **https://districts.ecourts.gov.in/ganjam** or Distirct Portal website **www.ganjam.nic.in**. The candidates shall have to carefully study the details advertisement from the website prior to filling of application forms.
**Sd./- Shri B.P. Routray**
**07.01.2019**
**Chairman, District Legal Services Recuritment Committee, Ganjam, Berhampur**



“ବିଶ୍ୱର ଯେ କୌଣସି ସ୍ଥାନ କିମ୍ବା ପରିବେଶରେ ଭାରତୀୟ ବୋଲରମାନେ ବୋଲିଂ କରିବାର ଦକ୍ଷତା ରଖିଥିବା ପ୍ରମାଣିତ କରିଛନ୍ତି ।

– ସଚିନ ତେନ୍ଦୁଲକର, ପ୍ରାକ୍ତନ ଭାରତୀୟ ବ୍ୟାଟିଂ କିମ୍ବଦନ୍ତୀ



“ଆଫ୍ରିକାର ଶ୍ରେଷ୍ଠ ଫୁଟ୍‌ବଲ ଖେଳାଳି ପୁରସ୍କାର ଜିତିବା ପିଲାଦିନରୁ ସ୍ୱପ୍ନ ରହିଥିଲା । ଏବେ ଏହାକୁ ଲଗାତର ୨ ବର୍ଷ ହେଲା ଜିତି ଆସୁଛି ।

– ମହମ୍ମଦ ସାଲ୍‌ହ, ଇଜିପ୍ଟର ଷ୍ଟାର୍ ଫରୱାର୍ଡ

## ସଂକ୍ଷେପରେ

### ବେଦୀଙ୍କ ୪୪ ବର୍ଷର ରେକର୍ଡ ଭାଙ୍ଗିଲେ ବିହାରର ଅମନ



ପାଟନା, ୯।୧- ବିହାରର ବାମହାତୀ ସ୍ପିନର ଆଶୁତୋଷ ଅମନ ରଣଜୀ ଟ୍ରଫି ଇତିହାସରେ ଗୋଟିଏ ସିଜନରେ ସର୍ବାଧିକ ଉଇକେଟ୍ ନେବାରେ ସୌଭାଗ୍ୟ ଲାଭ କରିଛନ୍ତି। ଅମନ ଚଳିତ ରଣଜୀ ଟ୍ରଫିରେ ୬୮ ଉଇକେଟ୍ ଅକ୍ତିଆର କରି ବୋଲିଂ ତାଲିକାର ଶୀର୍ଷରେ ରହିଛନ୍ତି। ଏଥିସହ ସେ କିମ୍ବଦନ୍ତୀ ବୋଲର ବିଶେନ ସିଂ ବେଦୀଙ୍କ ନାମରେ ବହୁବର୍ଷ ଧରି ରହିଥିବା ଏହି ପୁରୁଣା ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ବେଦୀ ୧୯୭୪-୭୫ ସିଜନରେ ଦିଲ୍ଲୀ ପକ୍ଷରୁ ପ୍ରତିନିଧିତ୍ୱ କରି ୬୪ଟି ଉଇକେଟ୍ ନେଇ ଗତ ୪୪ ବର୍ଷ ଧରି ଏହି ରେକର୍ଡର ଅଧିକାରୀ ଥିଲେ। ବହୁ ବର୍ଷ ପରେ ବିହାର ରଣଜୀ ଟ୍ରଫି କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଅମନ ଏଥିରେ ପ୍ରଥମଶ୍ରେଣୀ କ୍ୟାରିୟର ଆରମ୍ଭ କରିଥିଲେ। ପଦାର୍ପଣରେ ତାଙ୍କୁ ଦଳର ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପ୍ଲେଟ୍ ଗ୍ରୁପ୍‌ରେ ବିହାର ନିଜର ଅନ୍ତିମ ମ୍ୟାଚ୍‌ରେ ୩ ଉଇକେଟ୍‌ରେ ମଣିପୁରକୁ ପରାସ୍ତ କରିଛି। ୩୨ ବର୍ଷୀୟ ଅମନ ଏହି ମ୍ୟାଚର ପ୍ରଥମ ଇନିଂସରେ ୪ ଓ ୨ୟ ଇନିଂସରେ ୭ ଉଇକେଟ୍ ସହ ମୋଟ୍ ୧୧ଟି ସଫଳତା ପାଇଥିଲେ।

### ‘ଭାରତୀୟ ବିଶ୍ୱକପ୍ ଦଳର ଅଂଶବିଶେଷ ପନ୍ତ’

ନୂଆଦିଲ୍ଲୀ, ୯।୧: ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ଅନ୍ତର୍ଜାତୀୟ ଦିନିକିଆ ଦଳର ସ୍ଥାନ ପାଇନାହାନ୍ତି। କିନ୍ତୁ ମୁଖ୍ୟ ଚୟନକର୍ତ୍ତା ଏମ୍.ଏସ୍.କେ. ପ୍ରସାଦଙ୍କ କହିବା ଅନୁଯାୟୀ ପନ୍ତ ଭାରତୀୟ ବିଶ୍ୱକପ୍ ଦଳର ଅଂଶବିଶେଷ। ୨୧ ବର୍ଷୀୟ ଯୁବ ବ୍ୟାଟ୍ସମ୍ୟାନ ମାତ୍ର ଏପର୍ଯ୍ୟନ୍ତ ୩ଟି ଦିନିକିଆ ମ୍ୟାଚ୍ ଖେଳି ମାତ୍ର ୪୧ ରନ୍ କରିପାରିଛନ୍ତି। ତାଙ୍କର ଖରାପ ପ୍ରଦର୍ଶନ ଯୋଗୁ ଦୀନେଶ କାର୍ତ୍ତିକ ଭାରତୀୟ ଦିନିକିଆ ଦଳରେ ନିଜ ସ୍ଥାନ ଦୃଢ଼ କରି ନେଇଥିଲେ। ଉଇକେଟକିପିଂ ଦାୟିତ୍ୱ ଲାଗି ମହେନ୍ଦ୍ର ସିଂ ଧୋନୀ ପ୍ରଥମ ବିକଳ୍ପ। ହେଲେ ଭାରତୀୟ ଦଳର ବିଶ୍ୱକପ୍ ଯୋଜନା ଲାଗି ଉଇକେଟକିପରଙ୍କ ଦୌଡ଼ରେ ପନ୍ତ ନିଶ୍ଚିତ ଅଛନ୍ତି। ପ୍ରତ୍ୟେକ ଉଇକେଟକିପର ଭଲ ପ୍ରଦର୍ଶନ କରୁଛନ୍ତି। ତାଙ୍କ ଲାଗି କେତେକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ପ୍ରସାଦ କହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସିଡ୍‌ନୀ ଟେଷ୍ଟ ପନ୍ତଙ୍କ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ ଥିଲା। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସେ ଦ୍ୱିତୀୟ ସର୍ବାଧିକ ରନ୍ ସ୍କୋରର ଥିଲେ। ସେ ୩୫୦ ରନ୍ କରିଥିଲେ। ପନ୍ତ ଏବେ ଭାରତ ଏ’ ଦଳ ସହ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବେ। ଆସନ୍ତା ୧୨ ତାରିଖଠାରୁ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଦିନିକିଆ ସିରିଜ୍ ଖେଳାଯିବ। ସିରିଜର ପ୍ରଥମ ମ୍ୟାଚ୍ ସିଡ୍‌ନୀଠାରେ ଖେଳାଯିବ। ଏହି ଦ୍ୱିପାକ୍ଷିକ ସିରିଜ୍ ପରେ ନ୍ୟୁଜିଲାଣ୍ଡରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ଖେଳିବ।

# ବିଜୟ ସହ ଓଡ଼ିଶାର ଅଭିଯାନ ଶେଷ

ଭୁବନେଶ୍ୱର, ୯।୧(ସ୍ପୋର୍ଟ୍ସ ବ୍ୟୁରୋ)

ହରିୟାଣା ସହ ଡ୍ର’ରୁ ସିଜନ ଆରମ୍ଭ କରିଥିବା ଓଡ଼ିଶା କ୍ରିକେଟ ଟିମ୍ ଗୋଆ ବିପକ୍ଷରେ ବୃହତ ବିଜୟ ସହ ଚଳିତ ରଣଜୀ ଟ୍ରଫି ସିଜନ ଶେଷ କରିଛି। ଭୁବନେଶ୍ୱର ଡେରାସ୍ଥିତ ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଗୋଆ ବିପକ୍ଷ ଅନ୍ତିମ ମ୍ୟାଚ୍‌କୁ ଓଡ଼ିଶା ୨୭୬ ରନର ବୃହତ ବ୍ୟବଧାନରେ ଜିତିନେଇଛି। ଘରୋଇ ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୩୮୭ ରନର ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରିଥିବା ଗୋଆ ବୁଧବାର ୩ୟ ଦିବସରେ ୧୧୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ମ୍ୟାଚ୍‌ରେ ମୋଟ୍ ୮୨ ରନ ସହ ୫ ଉଇକେଟ୍ ଅକ୍ତିଆର କରିଥିବା ସୂର୍ଯ୍ୟକାନ୍ତ ପ୍ରଧାନ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ବିଜୟ ସହ ଓଡ଼ିଶା ମ୍ୟାଚ୍‌ରୁ ୬ ପଏଣ୍ଟ ହାସଲ କରିଛି। ପୂର୍ବରୁ ନକ୍‌ଆଉଟ୍ ଦୌଡ଼ରୁ ବାଦ୍ ପଡ଼ିସାରିଥିବା ଓଡ଼ିଶା ଏଥିସହ ୯ ମ୍ୟାଚ୍‌ରୁ ୪ ବିଜୟ, ୩ ପରାଜୟ ଓ ୨ ଡ୍ର’ସହ ୨୬ ପଏଣ୍ଟ ପାଇ ଗ୍ରୁପ୍-ସି’ର ୪ର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଅପରପକ୍ଷରେ ଗୋଆ ୭ମ ପରାଜୟ ସହ ୧୦ ଦଳୀୟ ଏହି ଟେବୁଲ ତାଲିକାର ସର୍ବନିମ୍ନ ସ୍ଥାନ ହାସଲ କରିଛି।

୨୩୬ ରନରେ ଅଗ୍ରଣୀ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ବୁଧବାର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବଦିନର ଅସମାପ୍ତ



ଗୋଆ ବିପକ୍ଷରେ ବିଜୟ ହାସଲ ପରେ ଉଲ୍ଲସିତ ଓଡ଼ିଶା ରଣ୍‌ଜୀ ଦଳ।

**ରଣ୍‌ଜୀ ଟ୍ରଫି**

୨ୟ ଇନିଂସ ସ୍କୋର ୩୭/୧ରୁ ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୩ୟ ଦିନରେ ଆଉ ୧୧୪ ରନ ଯୋଡ଼ି ବଳକା ୯ଟି ଉଇକେଟ୍ ହରାଇଥିଲା। ଓଡ଼ିଶା ପକ୍ଷରୁ କୌଣସି ବ୍ୟାଟ୍ସମ୍ୟାନ ବଡ଼ ଇନିଂସ ଖେଳିବାରେ ସଫଳ ହୋଇପାରି ନ ଥିଲେ। ଉଇକେଟ୍‌କିପର ସୁଜିତ ଲେଙ୍କା ସର୍ବାଧିକ ୩୯ ରନ କରିଥିବାବେଳେ ଦେବାଶିଷ ସାମନ୍ତରାୟ ୩୧, ଅନୁରାଗ ଷଡ଼ଙ୍ଗୀ ୨୩, ସୂର୍ଯ୍ୟକାନ୍ତ ୧୭, ଶାନ୍ତନୁ ମିଶ୍ର ୧୪, ଅଧିନାୟକ ଶୁଭ୍ରାଂଶୁ ୯, ବିପ୍ଳବ ସାମନ୍ତରାୟ ୨, ଅଭିଷେକ ରାଉତ ୧୦ ରନ କରିଥିଲେ। ଭ୍ରମଣକାରୀ ଗୋଆ ପକ୍ଷରୁ ଦୁଇ ଦ୍ରୁତ ବୋଲର ଲକ୍ଷ୍ୟ ଗର୍ଗ (୫) ଓ କ୍ରିଷ୍ଣା ଦାସ (୪) ୯ଟି ଉଇକେଟ୍ ବାଣ୍ଟି ନେଇଥିଲେ। ଜବାବରେ ୩୮୭ ରନର ଟାର୍ଗେଟ୍‌କୁ ପିଛା କରିଥିବା ଗୋଆ ପ୍ରଥମ ଇନିଂସ ପରି ଏଥର ମଧ୍ୟ ଘରୋଇ ଦଳର ଦ୍ରୁତ ବୋଲିଂକୁ ସାମ୍ନା କରି ନ ପାରି ମାତ୍ର ୧୧୧ ରନରେ ସମସ୍ତ ଉଇକେଟ୍ ହରାଇ ପରାଜୟବରଣ କରିଥିଲା। ଅମୋଘ ସୁନୀଲ ଦେଶାଇ (୨୮), ଦର୍ଶନ ମିଶାଲ (୨୦), ସୂର୍ଯ୍ୟାଶ ପ୍ରଭୁଦେଶାଇ (୧୮) ଭଲ ଆରମ୍ଭ କରିଥିଲେ ମଧ୍ୟ ଏହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ବିଜୟୀ ଓଡ଼ିଶା ପକ୍ଷରୁ ଯୁବ ସୁଇଂ ବୋଲର ରାଜେଶ ମହାନ୍ତି (୫/୪୯) ଓ ବସନ୍ତ ମହାନ୍ତି (୪/୨୧) ସୁନ୍ଦର ବୋଲିଂ ଫିଗର ହାସଲ କରିଥିଲେ। ବିପ୍ଳବଙ୍କୁ ଏକମାତ୍ର ସଫଳତା ମିଳିଥିଲା। ପ୍ରଥମ ଇନିଂସରେ ୫ ଉଇକେଟ୍ ନେଇଥିବା ସୂର୍ଯ୍ୟକାନ୍ତ ଉଇକେଟ୍ ଶୂନ୍ୟ ରହିଥିଲେ। ପୂରା ମ୍ୟାଚ୍‌ରେ ରାଜେଶ ୮, ବସନ୍ତ ୬, ସୂର୍ଯ୍ୟକାନ୍ତ ୫ ଉଇକେଟ୍ ନେଇଛନ୍ତି।

## ଶୁଭ୍ରାଂଶୁ, ବସନ୍ତ ଶୀର୍ଷରେ

ଭୁବନେଶ୍ୱର, ୯।୧(ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା କ୍ରିକେଟ ଦଳ ବିଜୟ ସହ ଏହାର ଅଭିଯାନ ଶେଷ କରିଛି। ଓଡ଼ିଶା ତା’ର ଅନ୍ତିମ ମ୍ୟାଚ୍‌ରେ ଗୋଆକୁ ୨୭୬ ରନର ବୃହତ ବ୍ୟବଧାନରେ ପରାସ୍ତ କରିଥିଲେ ମଧ୍ୟ ନକ୍‌ଆଉଟ୍ ଦୌଡ଼ରୁ ବାଦ୍ ପଡ଼ିଛି। ତେବେ ବ୍ୟକ୍ତିଗତ ପ୍ରଦର୍ଶନରେ ଶୁଭ୍ରାଂଶୁ ସେନାପତି ଓ ବସନ୍ତ ମହାନ୍ତି ଯଥାକ୍ରମେ ବ୍ୟାଟିଂ ଓ ବୋଲିଂରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି। ସିଜନରେ ପୂରା ୯ଟି ଯାକ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିବା ଶୁଭ୍ରାଂଶୁ ୧୭ ଇନିଂସରୁ ୬୧୭ ରନ କରିଛନ୍ତି। ଓଡ଼ିଶା ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ସେ ସର୍ବାଧିକ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ଅପରାଜିତ ୧୫୭ ରନର ଶତକୀୟ ଇନିଂସ ରହିଥିବାବେଳେ ୩ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିଭଳି ବୋଲିଂ ବିଭାଗକୁ ନଜର ପକାଇଲେ ବସନ୍ତ ଶୀର୍ଷରେ ରହିଛନ୍ତି। ପିତାଙ୍କ ବିୟୋଗ ଯୋଗୁ ହରିୟାଣା ବିପକ୍ଷ ସିଜନ ପ୍ରଥମ ମ୍ୟାଚ୍ ଖେଳିପାରି ନ ଥିବା ବସନ୍ତ ଉତ୍ତରପ୍ରଦେଶ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍‌ରେ ୬ ଉଇକେଟ୍ ନେଇ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ସିଜନରେ ସେ ୮ ମ୍ୟାଚ୍‌ରୁ ୧୧.୭୦ ଆଭରେଜରେ ୪୪ ଉଇକେଟ୍ ନେଇଛନ୍ତି। ସେହିଭଳି ଏହି ସିଜନରେ ସେ ୧୦୦ଟି ମେଡେନ ଓଭର ବୋଲିଂ କରିବାର ଆଉ ଏକ ସଫଳତା ପାଇଛନ୍ତି। ସେହିଭଳି ଚଳିତ ସିଜନରେ ପଦାର୍ପଣ କରିଥିବା ରାଜେଶ ମହାନ୍ତି ମଧ୍ୟ ୮ ମ୍ୟାଚ୍‌ରୁ ୪୦ ଉଇକେଟ୍ ନେଇ ପ୍ରଦର୍ଶନର ଛାପ ଛାଡ଼ିବାରେ ସଫଳ ହୋଇଛନ୍ତି। ଅପରପକ୍ଷରେ ସୂର୍ଯ୍ୟକାନ୍ତ ପ୍ରଧାନ ଦଳ ପକ୍ଷରୁ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ସୂର୍ଯ୍ୟକାନ୍ତ ୭ ମ୍ୟାଚ୍‌ରୁ ୨୨୯ ରନ କରିଥିବାବେଳେ ବୋଲିଂରେ ୨୫ଜଣ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇବାରେ ସକ୍ଷମ ହୋଇଛନ୍ତି। ସିଜନରେ ସେ ୩ଟି ଅର୍ଦ୍ଧଶତକ ମାରିଥିଲେ।

## ଅଙ୍ଗୁଳାଇ କପ୍ ଫାଇନାଲରେ ବାଲାବାବା

ମାର୍ଶାଘାଇ, ୯।୧ ( ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ୧୪ତମ ଅଙ୍ଗୁଳାଇ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ବୁଧବାର ୨ୟ ସେମିଫାଇନାଲରେ କଟକର ଜୁଭେନାଇଲ୍ ଟିମ୍‌କୁ ହରାଇ କେନ୍ଦ୍ରାପଡ଼ାର ବାଲାବାବା ଟିମ୍ ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରି ବାଲାବାବା ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ୍ ହରାଇ ୨୩୦ ରନ୍ କରିଥିଲା । ଦଳ ତରଫରୁ ସଞ୍ଜୀବ ସାହୁ ୫୩ (୩୦) ଏବଂ ଅମିତ୍ ସାହୁ ୬୦(୪୦) ରନ୍ ସଂଗ୍ରହ କରିଥିଲେ। ଜବାବରେ ଜୁଭେନାଇଲ୍ ୧୦୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ବାଲାବାବା ଟିମ୍ ପ୍ରଥମ ସେମିଫାଇନାଲର ବିଜେତା କଟକର ୟୁନିୟନ୍ ସ୍ପୋର୍ଟିଂକୁ ଆସନ୍ତା ୧୪ ତାରିଖ ଫାଇନାଲରେ ଭେଟିବ । ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସଞ୍ଜୀବ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

## ଭକ୍ତରାମଙ୍କୁ ସ୍ୱର୍ଣ୍ଣ, ମୁନାଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୯।୧(କ୍ରୀଡ଼ା ପ୍ରତିନିଧି)

ପୁଣେଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଭାରୋତ୍ତୋଳନର ୪୯ କେଜି ବର୍ଗରେ ଓଡ଼ିଶାର ଭକ୍ତରାମ ଦେହୁରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୫୫ କେଜି ବିଭାଗରେ ମୁନା ନାୟକ ରୌପ୍ୟ ପଦକ ହାସଲ କରିଛନ୍ତି।



ଭକ୍ତରାମ ଦେହୁରି ଓ ମୁନା ନାୟକ କୋଚ୍ ସୀତା ଶର୍ମାଙ୍କ ସହ।

## ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା

ଢେଙ୍କାନାଳ ଅଫିସ, ୯।୧

ଢେଙ୍କାନାଳ ରିଜର୍ଭ ପୋଲିସ ପଡ଼ିଆରେ ଚାଲିଥିବା ୫୨ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତାର ବୁଧବାର ଥିଲା ତୃତୀୟ ଦିବସ। ରିଭଲଭର, ରାଇଫଲ, ପିସ୍ତଲ ଚାଳନାର ବିଭିନ୍ନ ବିଭାଗରେ ଆୟୋଜିତ ଫାୟାରିଂରେ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି ପ୍ରତିଯୋଗୀ।

୫୦ମିଟର ରିଭଲଭର ଚାଳନା କାଟେଗୋରି-୨ରେ ବି.ଏସ୍. ବନିହା, କେ.ସି. ବଳବନ୍ତରାୟ, ଏ.କେ. ପ୍ରଧାନ, କାଟେଗୋରି-୩ରେ ଆର.ସି. ମହାନ୍ତି, ଜି. ଥାପ୍ପା, ବାବୁଲା ସାହୁ, କାଟେଗୋରି-୪ରେ ଆର୍. ଗୁରୁଙ୍ଗ, ଏସ୍ଏନ୍ ଧଳସାମନ୍ତ, ଏସ୍. ବିଶ୍ୱାଳ, କାଟେଗୋରି-୫ରେ ଦେବାଶିଷ ସ୍ୱାଇଁ, ଡବ୍ଲ୍ୟୁ. ହେମ୍ବ୍ରମ୍, ପି. ନାୟକ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

୩୦୦ ମିଟର ରାଇଫଲ କାଟେଗୋରି-୨ରେ ଏସ୍.କେ. ସୁନା, ଏମ୍.ଏସ୍. ଫରିଦ୍, କେ.ଜି. ବଳବନ୍ତରାୟ, କାଟେଗୋରି-୩ରେ ଏ.କେ. ବାରିକ, ଆଇ. ଖାନ୍, ବାଲକ୍ରିଷ୍ଣ ଥାପ୍ପା, କାଟେଗୋରି-୪ରେ ବାହାଦୁର ଥାପ୍ପା, ଏ.କେ. ଗୁରୁଙ୍ଗ, କେ.କେ. ପରିଡ଼ା, କାଟେଗୋରି-୫ରେ ଡି.ଏଲ୍. ପାଣ୍ଡେ, ଆର. ସାହୁ, ଏମ୍.ଆର. କୁଜୁର୍ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି।

୨୫ମିଟର ରିଭଲଭର ଏବଂ ପିସ୍ତଲ ଚାଳନା କାଟେଗୋରି-୨ରେ ଏମ୍.ଏସ୍. ଫରିଦ, ବି.ଏସ୍. ବନିହା, ଏ.କେ. ପ୍ରଧାନ, କାଟେଗୋରି-୩ରେ ଜି. ଥାପ୍ପା, ପି.କେ. ଦେହୁରୀ, ଆର. ମହାଣା, କାଟେଗୋରି-୪ରେ ଆର. ଗୁରୁଙ୍ଗ, ବି.କେ. ଯାଦବ, ଏସ୍.କେ. କର, କାଟେଗୋରି-୫ରେ ୟୁ. କାଣ୍ଡି, ଡବ୍ଲ୍ୟୁ. ହେମ୍ବ୍ରମ, ପି. ନାୟକ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ହାତେଇବାରେ ସଫଳ ହୋଇଛନ୍ତି। ୩୦ମିଟର ରିଭଲଭର ଏବଂ ପିସ୍ତଲ ଚାଳନା କେଟେଗୋରି-୨ରେ ବି.ଏସ୍ ବନିହା ସ୍ୱର୍ଣ୍ଣ, କେ.ସି. ବଳବନ୍ତରାୟ ରୌପ୍ୟ, ବି. ଜେନା ବ୍ରୋଞ୍ଜ, କାଟେଗୋରି-୩ରେ ବି. ଥାପ୍ପା ସ୍ୱର୍ଣ୍ଣ, ବାବୁଲା ସାହୁ ରୌପ୍ୟ, ଜି. ଥାପ୍ପା ଏବଂ ଆର୍.ସି. ମହାନ୍ତି ଯୁଗ୍ମ ଭାବେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। କାଟେଗୋରି-୪ରେ ଆର୍. ଗୁରୁଙ୍ଗ ସ୍ୱର୍ଣ୍ଣ, ୟୁ.ଏସ୍. ନାୟକ ରୌପ୍ୟ, ଏସ୍.କେ. କର ବ୍ରୋଞ୍ଜ୍, କାଟେଗୋରି-୫ରେ ଦେବାଶିଷ ସ୍ୱାଇଁ ସ୍ୱର୍ଣ୍ଣ, ବି. ନାୟକ ରୌପ୍ୟ ଏବଂ ଦେବାଶିଷ ନାୟକ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।

ଏସ୍‌ପି ସନ୍ତୋଷ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସିନର୍ଜି ଇଞ୍ଜିନିୟରିଂ କଲେଜର ପ୍ରିନ୍ସିପାଲ ଇତିଶ୍ରୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।





ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ପୁରୁଷ ହକି କୋଚ୍ ପଦରୁ ହରେନ୍ଦ୍ର ବିଦା

ନୂଆଦିଲ୍ଲୀ, ୯।୧(ପି.ଟି.)

ଭାରତୀୟ ପୁରୁଷ ହକି କୋଚ୍ ପଦରୁ ହରେନ୍ଦ୍ର ସିଂଙ୍କୁ ବୁଧବାର ବହିଷ୍କୃତ କରାଯାଇଛି। ୨୦୧୮ରେ ଭାରତୀୟ ଦଳର ପ୍ରଦର୍ଶନ ଆଶାନୁରୂପ ହୋଇ ନ ଥିବାରୁ ହରେନ୍ଦ୍ରଙ୍କୁ କୋଚ୍ ପଦରୁ ଅବ୍ୟାହତି ଦିଆଯାଇଛି। ତେବେ ତାଙ୍କୁ ଜୁନିୟର ଦଳର ପ୍ରଶିକ୍ଷକ ଦାୟିତ୍ୱ ଅର୍ପଣ କରାଯାଇଛି। ଗତ କିଛିବର୍ଷର ଘଟଣାକୁ ଦେଖିବାକୁ ଗଲେ ଭାରତୀୟ ହକି ଦଳର କୋଚ୍ ପରିବର୍ତ୍ତନ ପ୍ରକ୍ରିୟା ଜାରି ରହିଛି। ହରେନ୍ଦ୍ର ଏହାର ସଦ୍ୟତମ ଶିକାର ହୋଇଛନ୍ତି। ଗତ ମେ’ ମାସରେ ସେ ଭାରତୀୟ ସିନିୟର ଦଳର କୋଚ୍ ଦାୟିତ୍ୱ ନେଇଥିଲେ। ‘୨୦୧୮ରେ ଭାରତୀୟ ହକି ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ବଡ଼ ଟୁର୍ଣ୍ଣାମେଣ୍ଟଗୁଡ଼ିକରେ ଫଳାଫଳ ଆଶାନୁରୂପ ହୋଇ ନ ଥିଲା। ଅନ୍ୟପକ୍ଷରେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଦୀର୍ଘକାଳୀନ ଭିତ୍ତିରେ ହରେନ୍ଦ୍ରଙ୍କୁ ଜୁନିୟର ଦଳର କୋଚ୍ ଭାବେ ନିଯୁକ୍ତ କରାଯାଇଛି’ ବୋଲି ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି।

ହରେନ୍ଦ୍ରଙ୍କ ପ୍ରଶିକ୍ଷଣରେ ଭାରତୀୟ ଜୁନିୟର ହକି ଦଳ ବିଶ୍ୱକପ୍ ବିଜୟୀ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଗତବର୍ଷ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପଦକଶୂନ୍ୟ ରହିବାରୁ ହରେନ୍ଦ୍ରଙ୍କୁ ସିନିୟର ଦଳର କୋଚ୍ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମାତ୍ର ତାଙ୍କ କାର୍ଯ୍ୟକାଳ ସମୟରେ ଭାରତର ଭାଗ୍ୟ ପରିବର୍ତ୍ତନ ହୋଇ ନ ଥିଲା। ଚାମ୍ପିୟନ ଦଳ ଭାବେ ଭାରତ ଇଣ୍ଡୋନେସିଆ ଏସିଆନ ଗେମ୍ସରେ ଖେଳିଥିଲେ ହେଁ ନୈରାଶ୍ୟଜନକ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲା। ଭୁବନେଶ୍ୱରରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଭାରତର ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଯାଇଥିଲା। “ଭାରତୀୟ ପୁରୁଷ ହକି ଦଳର ମୁଖ୍ୟ କୋଚ୍ ପାଇଁ ଖୁବ୍‌ଶୀଘ୍ର ବିଜ୍ଞାପନ ଦିଆଯିବ। ମାର୍ଚ୍ଚ ୨୩ରୁ ଆରମ୍ଭ ହେଉଥିବା ସୁଲତାନ ଆଜଲାନଶାହ କପ୍ ପାଇଁ ଫେବୃୟାରୀରେ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହେବ। ନୂଆ କୋଚ୍ ନିଯୁକ୍ତ ହେବା ପର୍ଯ୍ୟନ୍ତ ହାଇ ପରଫର୍ମାନ୍ସ ଡାଇରେକ୍ଟର ଡେଭିଡ୍ ଜନ୍ ଏବଂ ଆନାଲିଟିକାଲ କୋଚ୍ କ୍ରିସ୍ ସିରିଏଲୋଙ୍କ ତତ୍ତ୍ୱାବଧାନରେ ଦଳ ରହିବ” ବୋଲି ହକି ଇଣ୍ଡିଆ ପକ୍ଷରୁ ସ୍ପଷ୍ଟ କରାଯାଇଛି।

୨୦୨୧ ଜୁନିୟର ହକି ବିଶ୍ୱକପ୍ ଏବଂ ୨୦୨୦ ଓ ୨୦୨୪ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ହାଇ ପରଫର୍ମାନ୍ସ ଏବଂ ଡେଭ୍‌ଲପ୍‌ମେଣ୍ଟ କମିଟି ବୈଠକ ଗତ ସୋମବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କମିଟି ଅଧ୍ୟକ୍ଷ ଆର୍.ପି. ସିଂ, ଅଲିମ୍ପିଆନ ହରବିନ୍ଦର ସିଂ, ବି.ପି. ଗୋବିନ୍ଦା ଓ ସୟଦ ଅଲୀ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ଜୁନିୟର ହକି ଦଳର କ୍ୟାମ୍ପ ଆସନ୍ତା ମାର୍ଚ୍ଚରେ ଆରମ୍ଭ ହେବ। ତେଣୁ ହରେନ୍ଦ୍ରଙ୍କୁ ଜୁନିୟର ଦଳର ଦାୟିତ୍ୱ ଦେବାକୁ ନିଷ୍ପତ୍ତି ହୋଇଥିଲା। ହରେନ୍ଦ୍ରଙ୍କ ପ୍ରଶିକ୍ଷଣରେ ଜୁନିୟର ଭାରତୀୟ ଦଳ ୨୦୧୬ରେ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା। ଏହାପରେ ସେ ଭାରତୀୟ ସିନିୟର ମହିଳା ଦଳର କୋଚ୍ ହୋଇଥିଲେ। ପରେ ଗତବର୍ଷ ଅଗଷ୍ଟ-ସେପ୍ଟେମ୍ବରରେ ଏସିଆନ ଗେମ୍ସ ପୂର୍ବରୁ ନେଦରଲାଣ୍ଡର ଜୋର୍ଡ ମାରିଜ୍‌ନେଙ୍କୁ ମହିଳା ଦଳର କୋଚ୍ କରାଯାଇ ହରେନ୍ଦ୍ରଙ୍କୁ ପୁରୁଷ ଦଳର ଦାୟିତ୍ୱ ଦିଆଯାଇଥିଲା। ତେବେ ବାରମ୍ବାର କୋଚ୍ ପରିବର୍ତ୍ତନକୁ କିମ୍ବଦନ୍ତୀ ଅଷ୍ଟ୍ରେଲିଆନ ଅଧିନାୟକ ତଥା କୋଚ୍ ରିକ୍ ଚାର୍ଲ୍ସୱର୍ଥଙ୍କ ସମେତ ଅନେକେ ନାପସନ୍ଦ କରିଥିଲେ। ୧୯୭୫ ପରେ ଗତ ବିଶ୍ୱକପ୍‌ରେ ଭାରତ ପଦକ ଜିତିବ ବୋଲି ଆଶା କରାଯାଉଥିଲା। ମାତ୍ର କ୍ୱାର୍ଟର ଫାଇନାଲରେ ହାରି ଭାରତ ବିଦାୟ ନେଇଥିଲା। ଫଳରେ ସପୋର୍ଟ ଷ୍ଟାଫ୍ ପରିବର୍ତ୍ତନ ହେବା ଆଶଙ୍କା ଉପୁଜିଥିଲା। ଶେଷରେ କୋଚ୍ ହରେନ୍ଦ୍ରଙ୍କୁ ବିଦା ହେବାକୁ ପଡ଼ିଲା। ଏହାକୁ କିନ୍ତୁ ପସନ୍ଦ କରିନାହାନ୍ତି ପୂର୍ବତନ ଭାରତୀୟ ହକି ଅଧିନାୟକ ଜାଫର ଇକ୍‌ବାଲ। “ହକି ଇଣ୍ଡିଆର ଏହା ଏକ ଅଣପେସାଦାର ନିଷ୍ପତ୍ତି। ଅଲିମ୍ପିକ୍ସ ଆଉ ୨ ବର୍ଷରୁ କମ୍ ସମୟ ଥିବାବେଳେ ବାରମ୍ବାର କୋଚ୍ ପରିବର୍ତ୍ତନ ଶୁଭଙ୍କର ନୁହେଁ। ଏହା ଆଉ ବିସ୍ମୟକର ହୋଇ ରହିନାହିଁ। ତେବେ ଏପରି ଜାରି ରହିଲେ ଦଳଠାରୁ ବିଜୟ ଆଶା କରାଯାଇପାରିବ ନାହିଁ। ଜର୍ମାନୀ ସେମିଫାଇନାଲରେ ପରାଜିତ ହୋଇଥିଲା। ସେଥିପାଇଁ ଦଳକୁ ଖରାପ କୁହାଯାଇପାରିବ ନାହିଁ” ବୋଲି ଇକ୍‌ବାଲ ପ୍ରକାଶ କରିଛନ୍ତି।



ହରେନ୍ଦ୍ର ସିଂ



ଓଡ଼ିଶା ସରକାର

# 'କାଳିଆ' ଯୋଜନା

## ସବୁଜ ଫର୍ମ ଆବେଦନର ସମୟସୀମା ୧୫ ଜାନୁୟାରୀକୁ ବୃଦ୍ଧି

- ନାମ ସଂଯୋଗ କରିବା ପାଇଁ ସବୁଜ ଫର୍ମ ଜରିଆରେ ଆବେଦନ କରି କାଳିଆ ଯୋଜନାରେ ସାମିଲ ହୁଅନ୍ତୁ।
- ଦ୍ୱିତୀୟ ପର୍ଯ୍ୟାୟ ହିତାଧିକାରୀ ଚିଠା ତାଲିକା ଜାନୁୟାରୀ ୨୫ ରୁ ଫେବୃୟାରୀ ୫ ତାରିଖ ମଧ୍ୟରେ ପ୍ରକାଶ ପାଇବ।
- ପରବର୍ତ୍ତୀ ସମୟରେ ତୃତୀୟ ପର୍ଯ୍ୟାୟ ହିତାଧିକାରୀ ଚିଠା ତାଲିକା ପ୍ରକାଶ ପାଇବ।

**କାଳିଆ ହେଲପ୍‌ଲାଇନ୍**

- ୧୮୦୦ ୫୭୨ ୧୧୨୨ ହେଲପ୍‌ଲାଇନ୍‌ରେ ନିଃଶୁଳ୍କ ଫୋନ୍ କରି କାଳିଆ ଯୋଜନା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ।
- କାଳିଆ ଯୋଜନା ସମ୍ବନ୍ଧୀୟ ଅଭିଯୋଗ ବାବଦରେ ଫୋନ୍ କରି ହେଲପ୍‌ଲାଇନ୍ ସହଯୋଗୀଙ୍କୁ ଅବଗତ କରାନ୍ତୁ।

**କାଳିଆ ବାର୍ତ୍ତା**

- ନିଜ ନାମକୁ ପଞ୍ଜିକୃତ କରାଇବା ପାଇଁ ୦୮୦୬୧୧୭୪୨୨୨ ରେ ମିସ୍ କଲ୍ କରନ୍ତୁ।
- କାଳିଆ ସମ୍ବନ୍ଧୀୟ ସମସ୍ତ ତଥ୍ୟ ନିଜ ପଞ୍ଜିକୃତ ମୋବାଇଲ ଫୋନ ନମ୍ବରରେ ଏସ୍.ଏମ୍.ଏସ୍. ଏବଂ ଭଏସ୍ କଲ୍ ମାଧ୍ୟମରେ ପାଇପାରିବେ।



କାଳିଆ

କୃଷି କଲେ ଉନ୍ନତ ସକଳ ଉନ୍ନତି

DSPL-337

www.kalia.co.in

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଜାନୁୟାରୀ ୧୦/୨୦୧୯ Sambalpur, Thursday, January 10/ 2019

## ସଂକ୍ଷେପରେ

### ଖଳାଶୁଣୀ ଅଭୟାରଣ୍ୟରୁ ୨ ଶିକାରୀ ଗିରଫ

ନାକଟିଦେଉଳ,୯।୧(ଡି.ଏନ.ଏ.) ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକର କିସିଣ୍ଡା ଥାନା ଅନ୍ତର୍ଗତ ଖଳାଶୁଣୀ ଅଭୟାରଣ୍ୟ ଭିତରୁ ମଙ୍ଗଳବାର ରାତିରେ କିସିଣ୍ଡା ୱାଇଲ୍ଡ ଲାଇଫ ରେଞ୍ଜର ପାଟ୍ରୋଲିଂ ଟିମ୍ ୨ ଜଣ ଶିକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ କିସିଣ୍ଡା ଥାନା ଅନ୍ତର୍ଗତ କଞ୍ଚନପୁର ଗ୍ରାମର ନୀଳାମ୍ବର ପଧାନ ଏବଂ ବେଲାରସେନ ନାଏକ। ଏମାନଙ୍କଠାରୁ ୨୦ଟି ବନ୍ଧୁକ ଗୁଳି, ୨ଟି ଚାକୁ, ୧୦୦ଗ୍ରାମ ଗନ୍ ପାଉଡ଼ର, ୫୦ଗ୍ରାମ ପଟାସ ପାଉଡ଼ର, ୨ଟି ହେଡ଼ଲାଇଟ ଟର୍ଚ୍ଚ, ଗୋଟିଏ ହାତ ଟର୍ଚ୍ଚ ଏବଂ ଗୋଟିଏ ଦିଆସିଲଇ ଜବତ ହୋଇଛି। ଗିରଫ ଶିକାରୀ ଦ୍ୱୟଙ୍କୁ ବନ୍ୟଜନ୍ତୁ ସୁରକ୍ଷା ଆଇନ-୧୯୭୨ ଅନୁସାରେ ବୁଧବାର ରେଢ଼ାଖୋଲ କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଜାମିନ ମଞ୍ଜୁର ହୋଇଥିବା ଜଣାପଡିଛି। ରେଞ୍ଜ ଅଧିକାରୀ ଲକ୍ଷ୍ମୀନାରାୟଣ ନାଏକ, ଫରେଷ୍ଟର ହେମନ୍ତ କୁମାର ମିଶ୍ର, ଫରେଷ୍ଟଗାର୍ଡ଼ ପଦ୍ମଲୋଚନ ବଡ଼ଗୋଛିଆ ଏବଂ ସୁଜିତ କୁମାର ପଟେଲ ପ୍ରମୁଖ ରାତିରେ ପଟ୍ରୋଲିଂ ବେଳେ ଏମାନଙ୍କୁ ଧରିଥିଲେ।

# ଘରେ ପଶି ପରିବାର ଲୋକଙ୍କୁ ଆକ୍ରମଣ

## ଝାରସୁଗୁଡ଼ାରେ ଚାପା ଉତ୍ତେଜନା, ୭ ଗିରଫ

**ଝାରସୁଗୁଡ଼ା ଅଫିସ,୯।୧**

ସାମାନ୍ୟ କଥାକୁ କେନ୍ଦ୍ରକରି ମଙ୍ଗଳବାର ସନ୍ଧ୍ୟାରେ ମଙ୍ଗଳବଜାରଠାରେ ତୁମୁଳକାଣ୍ଡ ଘଟିଛି। ୨୫ରୁ ୩୦ଜଣ ଅସାମାଜିକ ତଥା ଅପରାଧିକ ପୃଷ୍ଠଭୂମି ଥିବା ଯୁବକ ପ୍ରମୋଦ ମିଶ୍ର ନାମକ ବ୍ୟକ୍ତିଙ୍କ ଘରେ ପଶି ମାର୍‌ପିଟ କରିବା ସହ ମହିଳାଙ୍କୁ ଅଶାଳୀନ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏଥିରେ ମିଶ୍ରଙ୍କ ପରିବାରର ଦୁଇଜଣ ମହିଳାଙ୍କ ସମେତ ମୋଟ ୪ଜଣ ଆହତ ହୋଇଛନ୍ତି। ଅପରପକ୍ଷରେ ଅସାମାଜିକଙ୍କ ଆତଙ୍କ ଏତେ ଉଗ୍ର ଥିଲା ଯେ ସେମାନେ ପୋଲିସକୁ ବି ଠେଲାପେଲା କରିବା ସହ ଦୁର୍ବ୍ୟବହାର କରିଥିଲେ। ଶେଷରେ ପୋଲିସ ଫୋର୍ସ ସହ ପହଞ୍ଚି ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ମଙ୍ଗଳବଜାରର ଇଜାଜ ଅହମ୍ମଦ (୨୫), ନେହାଲ ଅହମ୍ମଦ (୨୧), ୱସିମ୍ ଖାନ୍ (୨୭), ରାଜା ଅହମ୍ମଦ (୨୩), ଇମ୍ରାନ୍ ଅନସାରୀ (୨୫), ଆୟୁବ ଖାଁ (୨୨) ଏବଂ କାଳୀମନ୍ଦିର ରୋଡ୍‌ର ରାହୁଲ କୁମାର ସିଂ (୨୪)। ଆକ୍ରମଣକାରୀଙ୍କ ନାମରେ ଝାରସୁଗୁଡ଼ା ଟାଉନଥାନାରେ ଏକ ମାମଲା (ନଂ.୨୨/୧୯) ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ପବିତ୍ର କିଷାନ କହିଛନ୍ତି।

ପୋଲିସର କହିବା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଦୁର୍ବୃତ୍ତମାନେ ହଠାତ୍ ମିଶ୍ର ଟକିଜ୍ ଗଳିରେ ରହୁଥିବା ପ୍ରମୋଦ ମିଶ୍ରଙ୍କ ଘର ଉପରେ ଆକ୍ରମଣ କରିଥିଲେ। ସେମାନେ ଘର ବାହାରେ ଥିବା ଏକ କାର୍ ଓ କେତେକ ବାଇକ୍ ଭଙ୍ଗାରୁଜା କରିଥିଲେ। ଏପରି କି ମିଶ୍ରଙ୍କ ଘରେ ପଶି ଦୁଇ ମହିଳାଙ୍କୁ ଅଶାଳୀନ ବ୍ୟବହାର କରିବା ସହ ମାରପିଟ କରିଥିଲେ, ଯେଉଁଥିରେ ଦୁଇ ମହିଳାଙ୍କ ସମେତ ୪ଜଣ ଆହତ ହୋଇଥିବା ମିଶ୍ରଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏହାପରେ ପୋଲିସ ପହଞ୍ଚି ୭ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପ୍ରାଥମିକ ତଦନ୍ତ ପରେ ପୋଲିସ ଦେଇଥିବା ସୂଚନା ମୁତାବକ, ମଙ୍ଗଳବଜାରର ନେହାଲ ଅହମ୍ମଦ ଏବଂ ମିଶ୍ର ଟକିଜ୍ ଗଳିର ପ୍ରମୋଦ ମିଶ୍ରଙ୍କ ପୁତୁରା ସୌରଭ ମିଶ୍ର ପୂର୍ବରୁ ସାଙ୍ଗ ଥିଲେ। ଦୁହେଁ ଏକାଠି ନିଶା ସେବନ କରୁଥିଲେ। ନେହାଲଙ୍କୁ ନିଶା ନିବାରଣ କେନ୍ଦ୍ରକୁ ପଠାଯାଇଥିଲା ଏବଂ ଗତ କିଛିଦିନ ହେବ ସେଠାରୁ ସେ ଫେରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ନେହାଲଙ୍କ ଭାଇ ଇଜାଜ୍ ସୌରଭଙ୍କୁ ଫୋନ କରି ନେହାଲ କେଉଁଠି ଥିବା ପଚାରିଥିଲେ। ହେଲେ ସୌରଭ ଜାଣି ନ ଥିବା କହିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ୨୫ରୁ ୩୦ଜଣ ଯୁବକ ସଂଘବଦ୍ଧ ଭାବେ ସୌରଭଙ୍କ ଘରେ ପଶି ଭଙ୍ଗାରୁଜା, ମାରପିଟ ଏବଂ ମହିଳାଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ସହରରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ଉଭୟ ପକ୍ଷର ଲୋକଙ୍କୁ ଡକାଇ ଆଲୋଚନା କରିଛି।


ଗିରଫ ଅଭିଯୁକ୍ତମାନେ।

## ସର୍ବଭାରତୀୟ ୱାଇଏମସି କପ: ୟୁନିୟନ ସ୍ପୋର୍ଟିଂ ବିଜୟୀ

ନୂଆପଡା ଅଫିସ,୯।୧ ସ୍ଥାନୀୟ ମିନିଷ୍ଟାଡିୟମରେ ଚାଲିଥିବା ୨୭ତମ ସର୍ବଭାରତୀୟ ୱାଇଏମସି କପ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଥିଲା ତୃତୀୟ ଦିବସ। ସେମିଫାଇନାଲରେ ୟୁନିୟନ ସ୍ପୋର୍ଟିଂ କଟକ ଦଳ ନୂଆପଡା ୱାଇଏମସି ଦଳକୁ ୭ ଉଇକେଟରେ ହରାଇ ଫାଇନାଲକୁ ଉନ୍ନୀତ ହୋଇଛି। ଦ୍ୱିତୀୟ ଦିବସର ମ୍ୟାଚକୁ ପୂର୍ବତନ ଉପମୁଖ୍ୟ ସଚେତକ ସତ୍ୟଭୂଷଣ ସାହୁ ମୁଖ୍ୟଅତିଥି, ବରିଷ୍ଠ ଆଇନଜୀବୀ ପ୍ରସନ୍ନ ଚନ୍ଦ୍ର ମହାପାତ୍ର, ସୁପରକ୍ଲାସ ଠିକାଦାର ଗୋପାଳ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୱାଇଏମସି ଦଳ ନିର୍ଦ୍ଧାରିତ ୩୦ ଓଭରରେ ୧୪୫ ରନ କରିଥିଲା। ଦଳର ସ୍କୋର ୩୩ ରନ ଥିଲାବେଳେ ୬ଟି ଉଇକେଟର ପତନ ହୋଇଥିଲା। କିନ୍ତୁ ଦଳର ରୁଦ୍ରବାଗ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ବ୍ୟକ୍ତିଗତ ରୂପେ ୭୦ ରନ କରି ଦଳକୁ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ। ଜବାବରେ ୟୁନିୟନ ସ୍ପୋର୍ଟିଂ ଦଳ ଆରମ୍ଭରୁ ଭଲ ବ୍ୟାଟିଂ ପ୍ରଦର୍ଶନ କରି ମାତ୍ର ୨୩.୩ ଓଭରରେ ୧୪୯ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପକ୍ଷରୁ ଜ୍ୟୋତି ଦଳେଇ ୬୦ରନ, ଲୀଳାଧର ପ୍ରଧାନ ୫୫ ରନ ସଂଗ୍ରହ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଆକ୍ସିସ ବ୍ୟାଙ୍କ ଶାଖା ପରିଚାଳକ ପ୍ରଶାନ୍ତ କୁମାର ଗୌଡ ମୁଖ୍ୟଅତିଥି, ଜିଲା ଯୁବ କଂଗ୍ରେସ ସଭାପତି ସୌରଭ ଚନ୍ଦ୍ରକାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମ୍ୟାଚକୁ ସଞ୍ଜୟ କୁମାର ନାୟକ ଓ ଅମିୟ ସାହୁ ପରିଚାଳନା କରିଥିଲେ।

# ଇଟାଭାଟିରେ ମେଧାବୀ ନାବାଳିକା

## ଆହତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

**ଝାରସୁଗୁଡ଼ା ଅଫିସ,୯।୧**

ସରକାରଙ୍କ ନାରା ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ। ହେଲେ ସରକାରଙ୍କ ଏହି ନାରା କେଉଁଠି ନା କେଉଁଠି ଅପହଞ୍ଚ ହୋଇପଡୁଛି। ଫଳରେ ପାଠ ପଢ଼ିବାକୁ ଚାହୁଁଥିବା ପିଲାଟି ପାଠ ଛାଡ଼ି ଶ୍ରମିକ ହେଉଛି। ଏଭଳି ଜଣେ ଛାତ୍ରୀ ଅର୍ଥାଭାବରୁ ପାଠ ଛାଡ଼ି ଇଟାଭାଟିରେ କାମ କରୁଥିବାବେଳେ ସେଠାରେ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ହସ୍ପିଟାଲରେ ଭର୍ତ୍ତି ହେବାର ୫ଦିନ ହେଲାଣି। କିନ୍ତୁ ସମ୍ପୃକ୍ତ ଇଟାଭାଟି ମାଲିକଙ୍କ ଦେଖାନାହିଁ। ଝାରସୁଗୁଡ଼ା ଜିଲା ଲଇକେରା ଅଞ୍ଚଳରର ୧୭ବର୍ଷିଆ ଏହି ବାଳିକା ଜଣକ ପିଲାଦିନୁ ମା'ଙ୍କୁ ହରାଇଛନ୍ତି। ସେ ମାଟ୍ରିକ୍ ପାସ୍ କରିବା ପରେ ସ୍ଥାନୀୟ କଲେଜରେ ଯୁକ୍ତ ଦୁଇ ଶ୍ରେଣୀରେ ନାମ ଲେଖାଇଥିଲେ। ହେଲେ ବାପାଙ୍କ ଦାୟିତ୍ୱହୀନତା ଏବଂ ଅର୍ଥାଭାବ ଯୋଗୁ ପାଠ ପଢ଼ାରେ ଡୋରି ବାନ୍ଧିଲେ। ପଡ଼ୋଶୀଙ୍କ ସହାୟତାରେ ଝାରସୁଗୁଡ଼ା ଶ୍ରୀପୁରା ଅଞ୍ଚଳରେ ଥିବା ସମ୍ବଲପୁର ଜିଲା କୁଚିଣ୍ଡାର ପ୍ରଦୀପ ନାଏକଙ୍କ ଇଟାଭାଟିରେ କାମ କରିବାକୁ ଚାଲି ଆସିଲେ। ଜାନୁୟାରୀ ୪ରେ ଭାଟିରେ କାମ କରୁଥିବାବେଳେ ଦୁର୍ଘଟଣା ଘଟି ତାଙ୍କର ଦୁଇ ଗୋଡ଼ ଭାଙ୍ଗିଯାଇଛି। କାମ କରୁଥିବା ଅନ୍ୟ ଶ୍ରମିକମାନେ ନାବାଳିକାଙ୍କୁ ଉଦ୍ଧାର କରି ଝାରସୁଗୁଡ଼ା ହସ୍ପିଟାଲରେ ଭର୍ତ୍ତି କରି ପଳାଇଛନ୍ତି। ହସ୍ପିଟାଲରେ ନାବାଳିକାଙ୍କୁ ଜଗି ରହିଛନ୍ତି ତାଙ୍କ ସାନ ଭାଇ। ଟଙ୍କା ନ ଥିବାରୁ ଡାକ୍ତର ବି ଠିକ୍‌ରେ ଦେଖିବାକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ବୁଧବାର ଏହି ଖବର ଚାଇଲ୍ଡଲାଇନ୍ ନିକଟରେ ପହଞ୍ଚିବା ପରେ ତୁରନ୍ତ ପଦକ୍ଷେପ ଆରମ୍ଭ ହୋଇଥିଲା। ଚାଇଲ୍ଡଲାଇନ୍ ସଂଯୋଜକ ଆଶିଷ ପଣ୍ଡା ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ସମିତିକୁ ସୂଚନା ଦେଇଥିଲେ। ନାବାଳିକା ଚାଲିବାକୁ ଅକ୍ଷମ ଥିବାରୁ ସମିତି ଅଧ୍ୟକ୍ଷା ଆନନ୍ଦିନୀ ପାଢ଼ୀ, ମମତା ତ୍ରିପାଠୀ, ଅହଲ୍ୟା ନାଏକ, ଗୁଣନିଧି ଭଏଁଷା ପ୍ରମୁଖ ହସ୍ପିଟାଲରେ ପହଞ୍ଚି ତାଙ୍କର ସମସ୍ତ ସୁବିଧା କରିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଭାଟି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରମ ବିଭାଗ ଏବଂ ବଡ଼ମାଲ ଥାନାକୁ ଅବଗତ କରାଯାଇଛି।

## ବୁଲାଣିରେ ବୋଲେରୋ ଓଲଟିଲା

**ରେଢ଼ାଖୋଲ,୯।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ସହର ଉପକଣ୍ଠ ରେଳ ଷ୍ଟେଶନ ନିକଟସ୍ଥ ବୁଲାଣିରେ ବୁଧବାର ରାତି ୮ଟା ବେଳେ ଏକ ବୋଲେରୋ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଗାଡିରେ ଥିବା ସୋନପୁର ଜିଲା ତରଭାର ୮ଜଣ ଆହତ ହୋଇଛନ୍ତି। ଏମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ଅଣାଯାଇଛି। ଏମାନେ ହେଲେ ବାଞ୍ଛା ନାୟକ (୫୮), ଅଗସ୍ତି ସ୍ୱାଇଁ (୧୮), ଟୁମକି ସ୍ୱାଇଁ(୨୦), ସୌଦାମିନୀ ନାୟକ(୨୦), ବନ୍ଧୁଆ ସ୍ୱାଇଁ(୬୦), ଅଶୋକ ସେଠୀ (୨୮), ଗୋପାଳ ଦଳବେହେରା (୧୦), ସୁଶୀଲ ଦଳବେହେରା ୨୫)। ତରଭାରୁ ଏକ ବୋଲେରୋରେ ଏମାନେ ଅନୁଗୋଳ ଜିଲା ହଣ୍ଡପା ଥାନା ଇଚ୍ଛାପୁର ଗ୍ରାମକୁ ଯାଉଥିଲେ। ତେବେ ଦୁର୍ଘଟଣା ଘଟିବା ପରେ ଗାଡିଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ବାର୍‌ହା ଆକ୍ରମଣରେ ୩ ଆହତ

**ସମ୍ବଲପୁର,୯।୧(ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ପଡିଆବାହାଲ ରେଞ୍ଜ ଭୋଇପାଲି ଗ୍ରାମରେ ହାତୀ ଉପଦ୍ରବ ନିୟମିତ ଲାଗି ରହିଥିବା ବେଳେ ବୁଧବାର ଗୋଟିଏ ବାର୍‌ହା ଗାଁକୁ ପଶିଆସି ଆତଙ୍କ ସୃଷ୍ଟି କରିଛି। କେନାଲ ଓ ବନ୍ଧକୁ ଗାଧୋଇବାକୁ ଯାଉଥିବା ବେଳେ ୩ ଜଣଙ୍କୁ ଅକ୍ରମଣ କରିଛି। ଫଳରେ ଗ୍ରମାର ନିରାଶି ମୁଣ୍ଡା (୫୦) ନାମକ ଜଣେ ମହଳାଙ୍କ ସମେତ ଚୈତନ୍ୟ ମିର୍ଦ୍ଧା (୬୦), ନୀଳମାଧବ ମୁଣ୍ଡା ( ୪୫) ଆହତ ହୋଇଛନ୍ତି। ନୀଳ ମାଧବ ଜିଲା ସଦର ଡାକ୍ତରଖାନାରେ ଚିକସା ପରେ ଘରକୁ ଫେରିଛନ୍ତି। ଚୈତନ୍ୟ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ନିରାଶିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଛି। ବନ ବିଭାଗ ଆହତଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିଛି। ଏମାନଙ୍କୁ ଅବଶ୍ୟକ କ୍ଷତିପୂରଣ ମଧ୍ୟ ଦିଆଯିବ ବୋଲି ଫରେଷ୍ଟର ପ୍ରମୋଦ ମିଶ୍ର କହିଛନ୍ତି।

ଭୋଇପାଲିକୁ ଏକ ଅଣ୍ଡିରା ବାର୍‌ହ ଦିନ ୧୦ଟାରେ ନିକଟସ୍ଥ କେଣ୍ଡରାପାଟ ଜଙ୍ଗଲରୁ ଚାଲି ଆସିଥିଲା। ପ୍ରଥମେ ଗାଁ ବନ୍ଧକୁ ଯାଉଥିବା ନିରାଶୀଙ୍କୁ ଆକମ୍ରଣ କରିଥିଲା। ପରେ କେନାଲ ନିକଟରେ ନୀଳମାଧବଙ୍କୁ ଓ ଗାଁରେ ପଶି ଚୈତନ୍ୟଙ୍କୁ ଆକ୍ରମଣ କରିଥିଲା। ସମସ୍ତଙ୍କ ହାତ ଓ ଗୋଡକୁ କାମୁଡି ଖଣ୍ଡିଆ କରି ଦେଇଥିଲା। ଲୋକେ ପ୍ରଥମେ ବନ ବିଭାଗକୁ ଖବର ଦେଇଥିଲେ। ହେଲେ ବନ ବିଭାଗରୁ ଖବର ପାଇ ପ୍ରଥମେ ସଦର ଥାନା ପୋଲିସ ଗ୍ରାମରେ ପହଞ୍ଚିଥିଲା। ପିସିଆର ଭ୍ୟାନରେ ଆହତମାନଙ୍କୁ ନେଇ ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବନ ବିଭରାଗ କର୍ମଚାରୀ ଡାକ୍ତରଖାନରେ ପହଞ୍ଚି ଆହତମାନଙ୍କଠାରୁ ରିର୍ପୋଟ ସଂଗ୍ରହ କରିଥିଲେ। ଅନ୍ୟପଟେ କେତେକ ପ୍ରତ୍ୟକ୍ଷ ଦର୍ଶୀ କହିଛନ୍ତି ଯେ, ବାର୍‌ହଟି ଆହତ ହୋଇଥିବା ଜଣା ପଡୁଥିଲା। ଗୁଳି ବାଜିଥିବାରୁ ସେ ଗାଁ ମୁଖା ହୋଇ ଲୋକମାନଙ୍କୁ ଅକ୍ରମଣ କରୁଛି ବୋଲି ଲୋକେ କହିଛନ୍ତି।

## ବିଷମିଶା ମଦ ପିଇ ୨ ଜଣଙ୍କ ମୃତ୍ୟୁ, ଜଣେ ଗୁରୁତର ଘଟଣା

# ଶେଷରେ ଆଖି ବୁଜିଲେ ଫକୀର

**ନାକଟିଦେଉଳ,୯।୧(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ଗୌଡ଼ପଡ଼ା ଗ୍ରାମରେ ବିଷମିଶା ମଦ ପିଇ ତିନିଜଣ ବ୍ୟକ୍ତି ମେଡିକାଲରେ ଭର୍ତ୍ତି ହୋଇଥିଲେ। ପୂର୍ବରୁ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ବୁଧବାର ତୃତୀୟ ବ୍ୟକ୍ତି ଜଣକ ମଧ୍ୟ ଆଖି ବୁଜିଛନ୍ତି। ସେ ହେଲେ ଗୌଡ଼ପଡ଼ା ଗ୍ରାମର ଫକୀର ଖୁରା (୬୦)। ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ବୁଧବାର ଅପରାହ୍ନ ୪ଟାରେ ଫକୀରଙ୍କ ମୃତ୍ୟୁ ହୋଇଛି। ପୂର୍ବରୁ ଗୌଡ଼ପଡ଼ା ଗ୍ରାମର କପିଳେଶ୍ୱର ବାଦୀ ଏବଂ କିସିଣ୍ଡା ଥାନା ଅନ୍ତର୍ଗତ ମହୁଲପାଲି ଗ୍ରାମର ଗ୍ରାମରକ୍ଷୀ ପବିତ୍ର ଦୀପଙ୍କ ମୃତ୍ୟୁ ଘଟିଥିଲା।

ଜମିବାଡ଼ି ବିବାଦ ନେଇ ଗୌଡ଼ପଡ଼ା ଗ୍ରାମର ରାଜକିଶୋର ଖୁରା (୪୫)ଙ୍କର ଫକୀରଙ୍କ ସହ ଶତ୍ରୁତା ଲାଗି ରହିଥିଲା। ମଦ ପ୍ରତି ଫକୀରଙ୍କ ଦୁର୍ବଳତା ଥିଲା। ଏଣୁ ମଦରେ ବିଷ ମିଶାଇ ଫକୀରଙ୍କୁ ହତ୍ୟା କରିବାକୁ ରାଜକିଶୋର ଯୋଜନା କରିଥିଲେ। ସେହି ଅନୁସାରେ ଗତ ୪ ତାରିଖ ରାତିରେ ଫକୀରଙ୍କ ଘର ସମ୍ମୁଖରେ ରାଜକିଶୋର ବିଷ ମିଶାଇ ମଦ ରଖିଦେଇଥିଲେ। ପରଦିନ ସକାଳେ ଫକୀର ଘର କବାଟ ଖୋଲିବା ପରେ ମଦ ବୋତଲ ରଖାଯାଇଥିବା ଦେଖିଥିଲେ। ଲୋଭ ସମ୍ବରଣ କରି ନ ପାରି ବନ୍ଧୁ କପିଳେଶ୍ୱର ଓ ପବିତ୍ରଙ୍କୁ ଡାକି ସେମାନଙ୍କ ସହ ଉକ୍ତ ମଦ ପିଇଥିଲେ। କିଛି ସମୟ ପରେ ତିନିଜଣଯାକ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଦିନ ପବିତ୍ରଙ୍କ ମୃତ୍ୟୁ ଘଟିଥିଲା। ପରଦିନ ବୁର୍ଲା ଡାକ୍ତରଖାନାରେ କପିଳେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ଫକୀରଙ୍କ ଜୀବନ ଯାଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ରାଜକିଶୋରଙ୍କୁ ପୂର୍ବରୁ ଗିରଫ କରିଛି।

# ଉଦ୍ଧାର ହରିଣକୁ ମୋତିଝରଣ ଡିଅର ପାର୍କରେ ଛଡ଼ାଯିବ

## ୨ ମାସ ଧରି ଲଛିପୁର ସେକ୍ସନ ଅଫିସରେ ରହିଥିଲା

**ସୋନପୁର,୯।୧(ନି.ପ୍ର.)**

ଉଦ୍ଧାର ପରେ ଗତ ୨ ମାସ ଧରି ସୁବର୍ଣ୍ଣପୁର ଜିଲା ଲଛିପୁର ଫରେଷ୍ଟ ସେକ୍ସନ ଅଫିସରେ ରହିଥିବା ହରିଣକୁ ସମ୍ବଲପୁର ଜିଲା ମୋତିଝରଣ ଡିଅର ପାର୍କରେ ଛଡ଼ାଯିବ। ଏ ନେଇ ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ବନ୍ୟପ୍ରାଣୀଙ୍କ ନିର୍ଦ୍ଦେଶ ରହିଛି। ପିସିସିଏଫ୍ ବନ୍ୟପ୍ରାଣୀଙ୍କ ଚିଠି ସୁବର୍ଣ୍ଣପୁର ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ହରିଣର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ପ୍ରାଣୀ ଚିକିତ୍ସା ଅଧିକାରୀଙ୍କଠାରୁ ସ୍ୱାସ୍ଥ୍ୟ ଭଲ ଥିବା ରିପୋର୍ଟ ମିଳିଲେ ସେହିଦିନ ହରିଣକୁ ମୋତିଝରଣ ପାର୍କରେ ଛଡ଼ାଯିବ ବୋଲି ସୋନପୁର ରେଞ୍ଜର ରଞ୍ଜନ କୁମାର ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ଡୁଙ୍ଗୁରିପାଲି ଥାନା ବାଲପୁର ଗାଁରୁ ଏହି ଅଣ୍ଡିରା ହରିଣଟି ଉଦ୍ଧାର ହୋଇଥିଲା। ବଲାଙ୍ଗୀର ଜିଲା କଣ୍ଟାପାଲି ଜଙ୍ଗଲରୁ ହରିଣଟି ବାଟହୁଡ଼ି ଛେଳିଗୋଠ ସହ ବାଲପୁର ଗାଁର ତରଣୀ ଥାନପତିଙ୍କ ଗୁହାଳକୁ ଚାଲି ଆସିଥିଲା। ତରଣୀଙ୍କଠାରୁ ସୂଚନା ପାଇ ଲଛିପୁର ବନପାଳ ବିନୋଦ ସାହୁ ହରିଣକୁ ସେକ୍ସନ ଅଫିସକୁ ନେଇ ଆସିଥିଲେ। ହରିଣର ବୟସ ପ୍ରାୟ ୧ ବର୍ଷ ହେବ। ତା'ର ଦାନ୍ତ ଉଠିନାହିଁ। ଲମ୍ବ ୩ ଫୁଟ ୮ ଇଞ୍ଚ, ଉଚ୍ଚତା ୨ ଫୁଟ ୮ ଇଞ୍ଚ ଓ ଓଜନ ପ୍ରାୟ ୬୨ କିଲୋଗ୍ରାମ। ଏହି ହରିଣକୁ ଜଙ୍ଗଲରେ ଅବା ପାର୍କରେ ଛଡ଼ାଯିବା ନେଇ ପିସିସିଏଫଙ୍କ ଅନୁମତି ମଗାଯାଇଥିଲା। ତେବେ ଅନୁମତି ପ୍ରଦାନରେ ବହୁ ବିଳମ୍ବ ହୋଇଥିବା ଅଭିଯୋଗ ହେଉଛି।


ଉଦ୍ଧାର ହୋଇ ଲଛିପୁର ଫରେଷ୍ଟ ସେକ୍ସନ ଅଫିସରେ ଥିବା ଅଣ୍ଡିରା ହରିଣ।

# ଫେରିଲେ ହରିୟାଣାରେ ବିକ୍ରି ନାବାଳିକା

**ଝାରସୁଗୁଡ଼ା ଅଫିସ/ବ୍ରଜରାଜନଗର,୯।୧(ଡି.ଏନ୍.ଏ.)**

ହରିୟାଣାର ଭିୱାନୀରେ ବିକ୍ରି ହୋଇଥିବା ଝାରସୁଗୁଡ଼ାର ନାବାଳିକାଙ୍କୁ ପୋଲିସ ଉଦ୍ଧାର କରି ଆଣିଛି। ଉଦ୍ଧାରକାରୀ ଟିମ୍ ମଙ୍ଗଳବାର ରାତିରେ ଝାରସୁଗୁଡ଼ାରେ ପହଞ୍ଚିବା ପରେ ବୁଧବାର ନାବାଳିକାଙ୍କୁ ଜିଲା ଶିଶୁମଙ୍ଗଳ ସମିତିରେ ହାଜର କରାଯାଇଛି। ସମିତିର ନିର୍ଦ୍ଦେଶକ୍ରମେ ନାବାଳିକାଙ୍କୁ ଥଇଥାନ ଲାଗି ଓପନ୍ ଶେଲ୍‌ଟରକୁ ପଠାଯାଇଛି। ଏହି ମାମଲାରେ ସମ୍ପୃକ୍ତ ମଧ୍ୟପ୍ରଦେଶ କଟନୀର ଅନ୍ୟ ଜଣେ ଦଲାଲ ପ୍ରୀତମ ତିୱାରୀଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ମା'ଙ୍କ ମୃତ୍ୟୁ ପରେ ନାବାଳିକାଙ୍କୁ ତାଙ୍କ ବାପା ଝାରସୁଗୁଡ଼ା ସତନାମୀପଡ଼ାରେ ରହୁଥିବା ତାଙ୍କ ବଡ଼ବାପାଙ୍କ ଘରେ ଛାଡ଼ିଥିଲେ। ବଡ଼ବାପା ପ୍ରତାରଣା ପୂର୍ବକ ନାବାଳିକାଙ୍କୁ କଟନୀ ନେଇ ସେଠାରେ ପ୍ରୀତମ ତିୱାରୀଙ୍କୁ ୨ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିଲେ। ପ୍ରୀତମ ନାବାଳିକାଙ୍କୁ ହରିୟାଣା ଭିୱାନୀର ସନ୍ଦୀପଙ୍କୁ ବିକ୍ରି କରିଥିଲେ। ପରେ ସନ୍ଦୀପ ନାବାଳିକାଙ୍କୁ ବଳପୂର୍ବକ ଏକ ମନ୍ଦିରରେ ବିବାହ କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିଛିଦିନ ପୂର୍ବରୁ ନାବାଳିକା ଜଣକ ସନ୍ଦୀପଙ୍କ ଘରର ଉପର ମହଲାରୁ ଡେଇଁ ଆହତ ଅବସ୍ଥାରେ ଫେରାର ହୋଇଥିଲେ। ଭିୱାନୀ ପୋଲିସ ଆଗରେ ଘଟଣା ସମ୍ପର୍କରେ ପ୍ରକାଶ କରିଥିଲେ। ସେଠାକାର ଶିଶୁ ସୁରକ୍ଷା ସମିତି ଜରିଆରେ ଓଡ଼ିଶା ସରକାରଙ୍କୁ ଏ ନେଇ ଅବଗତ କରାଯାଇଥିଲା। ୪ ତାରିଖ ଝାରସୁଗୁଡ଼ା ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଝାରସୁଗୁଡ଼ା ପୋଲିସର ୪ଜଣ ଲେଖାଏଁ ଦୁଇଟି ଟିମ୍ ହରିୟାଣା ଯାଇ ନାବାଳିକାଙ୍କୁ ଉଦ୍ଧାର କରି ଆଣିଛନ୍ତି। ସୂଚନାଯୋଗ୍ୟ, ଏହି ମାମଲାରେ ବ୍ରଜରାଜନଗର ପୋଲିସ ଅଜୟ ବଞ୍ଜାରା ନାମକ ଜଣେ ଦଲାଲଙ୍କୁ ପୂର୍ବରୁ ଗିରଫ କରିଥିଲା।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



"ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ନାରାୟଣୀ ମନ୍ଦିର ପ୍ରତିଷ୍ଠା ସମାରୋହ

ଚିପିଲିମା/ ଅତାବିରା, ୯।୧ (ଡି.ଏନ.ଏ): ବରଗଡ ଓ ସମ୍ବଲପୁର ଜିଲା ସୀମାନ୍ତରେ ଥିବା ଅନ୍ଧାରିପାଲି ନାରାୟଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାଁଙ୍କ ମନ୍ଦିରରେ ପ୍ରତ୍ୟହ ପୂଜା ସହ ଚଣ୍ଡୀପାଠ, ଚଣ୍ଡୀହବନ, ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ବଲାଙ୍ଗୀରର ଘୁବୁକୁଡୁ ଓ ଯୋଯୋଙ୍କ ପ୍ରଦର୍ଶିତ ସମ୍ବଲପୁରୀ କମେଡି ଦର୍ଶକମାନଙ୍କୁ ବେଶ୍ ଆକର୍ଷିତ କରିଥିଲା। ମନ୍ଦିର କମିଟି ସଭାପତି ରୂପନାରାୟଣ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ସମ୍ପାଦକ କପିଳାସ ଛୁରିଆ, କୋଷାଧକ୍ଷ ପ୍ରତାପ ଛୁରିଆଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

### ଭାରତ ବନ୍ଦ, ଆଂଶିକ ପ୍ରଭାବ

ଭେଡ଼େନ, ୯।୧ (ଡ଼ି.ଏନ.ଏ): ଦୁଇଦିନ ଧରି ଶ୍ରମିକ ସଙ୍ଗଠନଙ୍କ ଦ୍ୱାରା ଡ଼ାକରା ଦିଆଯାଇଥିବା ଭାରତ ବନ୍ଦର ପ୍ରଭାବ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଞ୍ଚଳରେ ଆଂଶିକ ଅନୁଭୂତ ହୋଇଛି। ସମସ୍ତ ସ୍କୁଲ, କଲେଜ ଶିକ୍ଷାନୁଷ୍ଠାନ ବନ୍ଦ ଥିବା ବେଳେ ଗାଡ଼ି ମୋଟର ଚଳାଚଳ ବନ୍ଦ ଥିଲା। ସେହିପରି ବ୍ୟାଙ୍କ ବନ୍ଦ ରହିଥିବାରୁ ଆର୍ଥିକ କାରବାର ପ୍ରଭାବିତ ହୋଇଥିଲା। ଅନ୍ୟପକ୍ଷରେ ଦୋକାନ ବଜାର, ବ୍ଲକ, ତହସିଲ ଅଫିସ ତଥା ବିଭିନ୍ନ ଗ୍ରାମପଞ୍ଚାୟତ ଅଫିସ ସବୁ ଖୋଲା ରହିଥିଲା ।

### ତଳିଟାମ୍ପରସରାରେ ଶୁଲିଆ ଯାତ୍ରା

ଜାମଟିକ୍ରା, ୯।୧ (ଡି.ଏନ.ଏ): ଅତାବିରା ବ୍ଲକ ଅନ୍ତର୍ଗତ ଟାମ୍ପରସରା ଗ୍ରାମପଞ୍ଚାୟତର ତଳି ଟାମ୍ପରସରା କୁଲେରଯୋର ସ୍ଥିତ କଂସାରି ବୁରେଇରେ ପାରମ୍ପରିକ ରୀତିନୀତି ଅନୁସାରେ ଶୁଲିଆ ପୂଜା ଅନୁଷ୍ଠିତ ହୋଇଛି । ଏଥର ମାଁ ଶୁଲିଆ ଦେବୀଙ୍କ ପାଖରେ ୫ଟି ବୋଦା ଓ ୧୦ଟି କୁକୁଡ଼ା ବଳି ଦିଆଯାଇଥିଲା । ସମୀର ଭୁଏ ବରୁଆ ଦାୟିତ୍ୱ ବହନ କରିଥିଲେ। ଏହି ଯାତ୍ରାରେ ଶତାଧିକ ଭକ୍ତଙ୍କ ଜନସମାଗମ ହୋଇଥିଲା । ଆଜିକୁ ୫୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ହେବ ଗୁରୁ ମହାଦେବ ଦାସ ଓ ତାଙ୍କ ଭାଇ ଗୁରୁ ବଳରାମ ଦାସ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ ।

### ବଡ଼ପିପିଲିପାଲିରେ ଅନ୍ଧାରିପାଟ ପୂଜା

ଭେଡ଼େନ, ୯।୧ (ଡ଼ି.ଏନ.ଏ): ଭେଡ଼େନ ବ୍ଲକ ବଡ଼ପିପିଲିପାଲି ଠାରେ ଦେବୀ ଅନ୍ଧାରିପାଟଙ୍କ ବାର୍ଷିକ ପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଛି । ପ୍ରଥମେ ଗ୍ରାମର ସମସ୍ତ ପରିବାରରୁ ପୂଜା ସାମଗ୍ରୀ ଠୋଲ କରାଯାଇଥିଲା। ପରେ ଗ୍ରାମର ଗୌନ୍ତିଆ ଏବଂ ଗ୍ରାମବାସୀ ଶୋଭାଯାତ୍ରାରେ ପପଙ୍ଗା ପାହାଡ଼ ପାଦଦେଶରେ ଥିବା ଦେବୀଙ୍କ ଆସ୍ଥାନ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ମୁଖ୍ୟ ପୂଜକ ଗୌତମ ଝାଙ୍କର ଏବଂ ସହଯୋଗୀ ଗଣ ଦେବୀଙ୍କ ପୂଜାର୍ଚ୍ଚନା କରିବା ପରେ ବଳି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପପଙ୍ଗା ସରପଞ୍ଚ ପୁରୁଷୋତ୍ତମ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

### ଭୋଟର ସଚେତନତା କାର୍ଯ୍ୟକ୍ରମ

ପଦ୍ମପୁର, ୯।୧ (ଡି.ଏନ.ଏ): ରାଜବୋଡାସମ୍ବର ବ୍ଲକ ପରିସରରେ ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଦୌଲତ ଚନ୍ଦ୍ରାକର ପତାକା ଦେଖାଇ ଭୋଟର ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପଦ୍ମପୁର ଉପଖଣ୍ଡର ପ୍ରତି ବ୍ଲକରେ ୨ଟି ଲେଖାଏଁ ଟିମ୍ ଗଠନ କରାଯାଇଛି । ପ୍ରତି ଟିମ୍ ଦୈନିକ ୪ଟି ଲେଖାଏଁ ଗାଁରେ ଇଭିଏମ ଏବଂ ଭିଭିପାଟ୍ର ବ୍ୟବହାର ଉପରେ ଭୋଟରମାନଙ୍କୁ ସଚେତନତା କରିବେ। ଏହି ସଚେତନତା କାର୍ଯ୍ୟକ୍ରମ ଆସନ୍ତା ୨୫ ତାରିଖ ଜାତୀୟ ଭୋଟର ଦିବସ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ ଅନୀଲ କୁମାର ହୋତା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଜନୀକାନ୍ତ ବହିଦାର, ଜିପିଇଓ ଗିରିନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବରଗଡ଼ ଧନୁଯାତ୍ରା ପ୍ରସ୍ତୁତି



ବରଗଡ଼ ହାଟପଦା ଠାରେ ରାଜଦରବାର ସାଜସଜ୍ଜା ପାଇଁ କାରିଗରମାନେ ବ୍ୟସ୍ତ ।




ବରଗଡ଼ ଲୋକମଣ୍ଡପ ପଡିଆରେ ରଙ୍ଗମହଲ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।



ଧନୁଯାତ୍ରା ପାଇଁ ବରଗଡ଼ ୱାର୍ଡ ନଂ-୧ରେ ମହିଳା ଆରୋଗ୍ୟ ସମିତିର କର୍ମକର୍ତ୍ତା ସଫେଇ କରୁଛନ୍ତି ।



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଗୋପପୁର ଯାତ୍ରା ପ୍ରସ୍ତୁତି ବୁଲି ଦେଖୁଛନ୍ତି ।

### ଟ୍ରାକ୍ଟର ଧକ୍କାରେ ବୃଦ୍ଧ ମୃତ
## କ୍ଷତିପୂରଣ ଦାବିରେ ୩ ଘଣ୍ଟା ରାସ୍ତାରୋକୋ

ପାଇକମାଲ, ୯।୧ (ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଳ-ଝାରବନ୍ଧ ରାସ୍ତାର ହିରାପୁର ଛକ ନିକଟରେ ବୁଧବାର ମଧ୍ୟାହ୍ନରେ ଟ୍ରାକ୍ଟର ସହ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଝାରବନ୍ଧ ବ୍ଲକ କାଶିପାଲି ଗ୍ରାମର ଭୁବନେଶ୍ୱର ପ୍ରଧାନ (୭୦) । କ୍ଷତିପୂରଣ ଦାବିରେ ପରିବାର ଓ ଗ୍ରାମବାସୀ ମୃତଦେହ ରଖି ରାସ୍ତାରୋକୋ କରିଥିଲେ । ଖବର ପାଇ ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ପାଇକମାଳ ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ଝାରବନ୍ଧ ବ୍ଲକ ଅଧକ୍ଷ ବିଜୟ କେତନ ପ୍ରଧାନ ସେଠାରେ ପହଞ୍ଚିଥିଲେ। ରେଡକ୍ରସ୍‌ରୁ ୧୦ହଜାର, ରାସ୍ତାକାମ କରୁଥିବା ଠିକାଦାର ୧ଲକ୍ଷ ୧୦ହଜାର, ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ମୃତକଙ୍କ ପରିବାର ଲୋକଙ୍କୁ ପ୍ରଦାନ କରାଯିବା ପରେ ଅପରାହ୍ନ ୪ଟାରେ ରାସ୍ତାରୋକୋ ଉଠିଥିଲା । ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୯/୧୯) ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଛି ।

### ବେଆଇନ ବାଲି, ପଥର ଚାଲାଣ
## ୨.୪୦ଲକ୍ଷ ଜରିମାନା ଆଦାୟ



ପଥର ଖାଦାନରେ ତହସିଲଦାର ଚଢ଼ାଉ କରୁଛନ୍ତି ।

ଭଟଲି,୯।୧(ଡି.ଏନ୍.ଏ.)

ଭଟଲି ତହସିଲ ଅଞ୍ଚଳରେ ବାଲି ଓ ପଥର ବେଆଇନ ଭାବେ ଖନନ କରି ଚୋରାଚାଲାଣ କରାଯାଉଥିବା ଅଭିଯୋଗ ହୋଇଆସୁଥିଲା । ଏହାକୁ ରୋକିବା ପାଇଁ ତହସିଲଦାର ଅଞ୍ଜଳିନା ପଧାନଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ବିଭିନ୍ନ ପଥର ଏବଂ ବାଲି ଖାଦାନକୁ ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ଧରି ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ସେମାନେ ୮ଟି ଟ୍ରାକ୍ଟର ଏବଂ ଗୋଟିଏ ହାଇୱା ବାଲି ଓ ପଥର ନେଉଥିବା ଦେଖି ଅଟକାଇଥିଲେ । ସେହି ଗାଡ଼ିଗୁଡିକରୁ ରୟାଲ୍‌ଟି ଏବଂ ପେନାଲ୍‌ଟି ବାବଦକୁ ମୋଟ ୨ଲକ୍ଷ ୪୦ ହଜାର ଟଙ୍କା ଆଦାୟ କରାଯାଇଥିବା ଜଣାପଡ଼ିଛି । ଆଗାମୀ ଦିନରେ ବ୍ୟାପକ ଚଢ଼ାଉ କରି ଏଭଳି ବେଆଇନ ଚୋରା କାରବାରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର ପଧାନ ପ୍ରକାଶ କରିଛନ୍ତି। ଏହି ସମୟରେ ସୁପରଭାଇଜର ବଳରାମ ପଧାନ, ନିରୀକ୍ଷକ ଜୀବର୍ଦ୍ଧନ ମେହେର, ଅମିନ ସଞ୍ଜୟ ପଧାନ ଓ ଶ୍ରୀକାନ୍ତ ପଧାନ ସାମିଲ ହୋଇଥିଲେ ।

# ଭିଖ୍‌ମାଗି କୁଟୁମ ପୁଷୁଛନ୍ ଦିବ୍ୟାଙ୍ଗ

ଗଣ୍ଡତୁରୁମ, ୯।୧ (ଡି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ କୁଦୋପାଲି ଗାଁର ଅଗ୍ନି ମଲ୍ଲିକ(୬୦)। ଜମିବାଡ଼ି ବଲି କିଛି ନାଇଁ, ପୂରା ସୁଖବାସୀ ଆଏ। ସେ ବିହାଚୁରା ହେଇ ଘର ସଁସାର କରିଛନ୍। ହେଲେ ବିହାର ବଛର କେତେଟା ଉତାରୁ କେହେନ୍‌ସି କାରନ୍‌ରୁ ତାକର ଗୋଡ଼ ଦୁଇଟାକ ଅଚଲ ହେଇଗଲା। ସେ ସବୁଦିନର ଲାଗି ଦିବ୍ୟାଙ୍ଗ ପାଲଟି ଗଲେ। ଏନ୍‌ତାଥି ତାକର ମାଏକିନା ବୁଇ ପର୍‌ହର କାମବୁତା କରି ପରିବାର ଚଲାଲେ। ହେଲେ ବିଧିର ବିଧାନ ଥିଲା ଅଲଗ। ହଠାତ୍ ଦିନେ ତାକର ମେରୁହାଡ଼ରେ ଦରଦ୍ ହେଲା, ସେ ଅସୁସ୍ଥ ହେଇଗଲେ। ଅଗ୍ନି ମାଏକିନାର ଚିକିତ୍ସା ଲାଗି ଘରର ଖୁରିଗିନା ବଁଧା ପକେଇ ବୁର୍ଲାରେ ଚିକିତ୍ସା କରାଲେ। ହେଲେ କିଛି ଲାଭ ନାଇଁହେଲା। ଦିନୁ ଦିନ୍‌କେ ସେ ଚଲାବୁଲା ନାଇଁ କରିପାରି ଖଟେ ପଡ଼ି ରହେଲେ। ଏନ୍‌ତାଥି ଡାକ୍‌ତର ବୁଇର ଉଚ ଚିକିତ୍ସା ଲାଗି କଟକ ବଡ଼ ଡାକ୍‌ତରଖାନା ନେବାକେ କହେଲେ। ହେଲେ ଅଗ୍ନି ଟଁକା ପଏସା ଅଭାବୁ ଉପେ ଶୁଇନ୍ ହେଇ ହାତ୍ ଟେକିଦେଲେ। ଏନ୍‌ତାଥି ଭିନ୍ନକ୍ଷମ ଅଗ୍ନିର ମୁଡ଼େ ପରିବାର୍ ବୋଝ ରହେଲା। ଫିଦିନ୍ ସେ ନିଜର ଫଟା ଦଦ୍‌ରା ତିନ୍‌ଚକିଆ ସାଇକେଲରେ ଗାଁ ଗାଁ ବୁଲି ଭିଖ୍‌ମାଗି କୁଟୁମ ପୁଷୁଛନ୍। ଅଗ୍ନିର ଗୁଟେ ପୁଓ ଗୁଟେ ଝି। ହେଲେ ପୁଓକେ ଯେତେବେଲେ ୫ ବଛର ହେଉଥିଲା ସେ ଆରପାରକେ ଚାଲିଗଲା, ଝି ଏହେଦେ ଶାଶ୍ ଘରେ ଖଟୁଛେ। ଏହେଦେ ଅସାହା ଦିବ୍ୟାଙ୍ଗ ଅଗ୍ନି ପାଉଥିବାର ସରକାରୀ ସାହାଯ୍ କହେଲେ ସେ ମାସିକ ପାଉଥିବାର ୩୦୦ ଟଁକା ଭତା, ୧୦ କେ.ଜି. ଚାଉଲ, ଯେନ୍‌ଟା ଦୁଇ ପରାନୀକେ ଚଲବାରେ ନିହଁଟ୍ ହେଉଛେ। ସେନ୍‌ତା ବହୁତ ଆଗ୍‌ରୁ ଅଗ୍ନି ସରକାରକଁର ତରଫୁ ପାଇଥିବାର ତିନ୍‌ଚକିଆ ସାଇକେଲଟା ବି ଦଦ୍‌ରା ହେଇଗଲାନ। ଯେନ୍‌ଥିରଲାଗି ବଡ଼ା କଷ୍‌ଟେ ସେ ସାଇକେଲ ଚଲେଇ ଭିଖ୍‌ମାଗି ଯାଉଛନ୍। ଭିଖ୍‌ରେ ଯାହା ମିଲୁଛେ ସେଥିରେ ଦୁଇ ଘଏତା ମାଏପୋ ଦୁଖେସୁଖେ ଚଲି ଯାଉଛୁଁ, ମାଏକିନା ତ ଖଟୁ ଉଠି ନାଇଁ ପାରବାର, ମୁଇଁ ଯାହା ପାରୁଛେଁ ତାର ସେବା ଯତନ୍ କରୁଛେଁ ବଲି ଅଗ୍ନି କହିଥିଲେ। ଯଦି ଆମକୁ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜ୍‌ନାରେ ମାସିକ ୩୫ କେ.ଜି. ଚାଉଲ ଆର ମୋର ମାଏକିନାର ଚିକିତ୍ସା ଲାଗି ପରଶାସନ ସାହାଯ୍ କରତା ଆମେ ଦୁଇପରାନି ଇ ଦୁଖ୍‌ରୁ ତରିଯାଏତୁଁ ବଲି ଅଗ୍ନି କହିଛନ୍। ଇ ବାବ୍‌ଦେ ଭେଡ଼େନ ବିଡିଓ ମୁରଲୀଧର ନାଏକୁଁ ପଚରାଲାରୁ ଘଟନାର ତଦଁତ୍ କରି ତାହାକୁ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ କରାଯିବା। ସେନ୍‌ତା ତାଁକର ମାଏକିନାର ଚିକିତ୍ସା ଲାଗି ଜିଲାପାଳଙ୍କୁଁ ଜନେଇ ରେଡକ୍ରସରୁ କିଛି ସାହାଯ୍ ଆର ଦରକାର ପଡ଼ଲେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ବି ସାହାଯ୍ ମଗାଯିବା ବଲି କହିଥିଲେ।

କୁଦୋପାଲି ଗାଁ



ଅଗ୍ନି ନିଜର ଦଦ୍‌ରା ତିନିଚକିଆ ସାଇକେଲରେ ଭିଖ୍ ମାଗି ଯାଉଛନ୍ ।

## ଝାରବନ୍ଧ ଜୁନିୟର କଲେଜର ବାର୍ଷିକ କ୍ରୀଡା ଉତ୍ସବ

ଝାରବନ୍ଧ, ୯।୧ (ଡି.ଏନ.ଏ)

ବରଗଡ଼ ଜିଲା ଝାରବନ୍ଧ ପଞ୍ଚାୟତ ସମିତି ଜୁନିୟର କଲେଜର ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଦୁଇ ଦିନ ଚାଲିଥିବା କ୍ରୀଡା ଉତ୍ସବରେ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବାଳକ ବିଭାଗରୁ ଲୁକୁ ସତନାୟୀ ଓ ବାଳିକା ବିଭାଗରୁ ସେବତୀ ଭୁଏ ଚାମ୍ପିୟନ ହୋଇଥିଲେ । ଖେଳ ଶିକ୍ଷକ ଛତ୍ରପାଳ ଗିରି ଖେଳ ପରିଚାଳନା କରିଥିବା ବେଳେ ଚିନ୍ତାମଣି ମିଶ୍ର, ସୁରେନ୍ଦ୍ର କୁମାର ସାହୁ, ଉମେଶ ସାହୁ, ପ୍ରମୋଦ କୁମାର ସାହୁ, ପୁଷ୍ପାମଞ୍ଜରୀ ପାଣିଗ୍ରାହୀ, ବେଣୁଧର ପାଣିଗ୍ରାହୀ, ସରିତା ମିଶ୍ର, କୁମୁଦ ସାହୁ, ସୁରେନ୍ଦ୍ର ସା, ପଠାଣି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । କଲେଜ ଅଧକ୍ଷ ସାନନ୍ଦ କୁମାର ସାହୁଙ୍କ ସଭାପତିତ୍ୱରେ ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ର ମୋହନ ବିଲାସ ମୁଖ୍ୟଅତିଥି, ତହସିଲଦାର ନାରାୟଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଅଧାପକ ମେଘନାଦ ସୁନା ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ କାର୍ତ୍ତିକ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

## ସରଣ୍ଡା ହାଇସ୍କୁଲର ରୌପ୍ୟ ଜୟନ୍ତୀ ପାଇଁ ମଶାଲ ଯାତ୍ରା



ସରଣ୍ଡା ପଞ୍ଚାୟତ ହାଇସ୍କୁଲର ରୌପ୍ୟ ଜୟନ୍ତୀ ପାଇଁ ମଶାଲ ଶୋଭାଯାତ୍ରା ଚାଲିଛି ।

ସରଣ୍ଡା, ୯।୧ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ପଞ୍ଚାୟତ ହାଇସ୍କୁଲର ରୌପ୍ୟ ଜୟନ୍ତୀ ଆସନ୍ତା ୧୧ ଓ ୧୨ ଦୁଇ ଦିନ ଧରି ଅନୁଷ୍ଠିତ ହେବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ରୌପ୍ୟ ଜୟନ୍ତୀ ପୂର୍ବରୁ ବୁଧବାର ହାଇସ୍କୁଲର ପୁରାତନ ଛାତ୍ରୀଛାତ୍ର ଓ ରୌପ୍ୟ ଜୟନ୍ତୀ କମିଟି ପକ୍ଷରୁ ମଶାଲ ଯାତ୍ରା କରାଯାଇଥିଲା । ସ୍ଥାନୀୟ ବିଶେଶ୍ୱର ଶୈବପୀଠରୁ ପୂଜାର୍ଚ୍ଚନା କରାଯାଇ ମଶାଲ ଯାତ୍ରା ଶୁଭାରମ୍ଭ କରାଯାଇଥିଲା। ମଶାଲ ଶୋଭାଯାତ୍ରା ସରଣ୍ଡା, ଚକୁଲି, କଟାପାଲି ଗ୍ରାମ ପରିକ୍ରମା କରି ହାଇସ୍କୁଲକୁ ପହଞ୍ଚିଥିଲା । ପରେ ସ୍କୁଲରେ ସତ୍ୟନାରାୟଣ ପୂଜା କରାଯାଇଥିଲା । ରୌପ୍ୟ ଜୟନ୍ତୀ କମିଟି ସଭାପତି ଦୀପକ କୁମାର ପ୍ରଧାନ, ସମ୍ପାଦକ ରାଜେଶ ମହାପାତ୍ର, ଆବାହକ ତଥା ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମେହେର, ପରିଚାଳନା କମିଟି ଅଧକ୍ଷ ଆନନ୍ଦ ମେହେର କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ରୌପ୍ୟ ଜୟନ୍ତୀ ଅବସରରେ ସ୍କୁଲର ଏକ ସ୍ମରଣିକା ପ୍ରକାଶ କରାଯିବ ଏବଂ ଦୁଇ ଦିନ ଧରି ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରହିଛି । ଉଦ୍‌ଘାଟନୀ ଉତ୍ସବରେ ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏବଂ ଉଦ୍‌ଯାପନୀ ଉତ୍ସବରେ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ପାଚିକା, ସହାୟିକାଙ୍କ ରାସ୍ତାରୋକୋ

ପାଇକମାଲ, ୯।୧ (ଡି.ଏନ.ଏ)




ପାଇକମାଳରେ ପାଚିକା ଓ ସହାୟିକାମାନେ ରାସ୍ତାରୋକୋ କରିଛନ୍ତି ।

୧୨ ଦଫା ଦାବି ନେଇ ନିଖିଳ ଓଡିଶା ଏମଡିଏମ ପାଚିକା ଓ ସହାୟିକା ସଂଘର ବନ୍ଦ ଡାକରାରେ ବୁଧବାର ପାଇକମାଳ ଓ ଝାରବନ୍ଧ ସଂଘ ସାମିଲ ହୋଇଥିଲା। ଏହି କ୍ରମରେ ସଂଘ ପକ୍ଷରୁ ପାଇକମାଳ ମୁଖ୍ୟଛକଠାରେ ସକାଳ ୫ଟାରୁ ଦିନ ସାଢେ ୧୧ଟା ପର୍ଯ୍ୟନ୍ତ ରାସ୍ତାରୋକୋ ହୋଇଥିଲା । ଜାନକୀ ବେହେରା, ଉର୍ମିଳା ଚୋକି, ରାଇବାରି ଏଣ୍ଡଜା, କଳାବତୀ କେସରାଲ, ସାମବାଇ ରାଉତ, ସୁନୀତା କଲାରି, ସୁବାସିନୀ ବାଗ, ସୁସୟା ବରିହା, ଚନ୍ଦ୍ରମା ବରିହା, ସୁନୀତା ବାଗ ପ୍ରମୁଖ ନେତୃତ୍ୱ ନେଇଥିଲେ । ରାସ୍ତାରୋକୋ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ପାଇକମାଳ ବିଡିଓ ସଦାଶିବ ନାୟକ, ଆଇଆଇସି ବିଶ୍ୱଜିତ ମନବୋଧ, ବ୍ଲକ ଶିକ୍ଷା ଅଧିକାରୀ ଚୂଡାମଣି ବାରିକ ଘଟଣାସ୍ଥଳକୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା ।

### ଜନସମ୍ପର୍କ ପଦଯାତ୍ରା

ଭେଡ଼େନ, ୯।୧ (ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଗ୍ରାମପଞ୍ଚାୟତରେ ଭାଜପା ପକ୍ଷରୁ ବୁଧବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି । ଏଥିରେ ଅତାବିରା ନିର୍ବାଚନ ମଣ୍ଡଳୀ ପଦଯାତ୍ରା ପ୍ରମୁଖ ବିପିନ ଭୁସାଗର, ଜିଲା ଉପସଭାପତି ଉର୍କୁଲୁ ତାଣ୍ଡି, ଜିଲା ହରିଜନ ମୋର୍ଚ୍ଚା ଉପସଭାପତି ଯଶୋବନ୍ତ ସେଠ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଠ, ଜୋନ୍ ସଭାପତି ଲକ୍ଷ୍ମଣ ପଣ୍ଡାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସାମିଲ ହୋଇଥିଲେ । ଏହି ଗ୍ରାମପଞ୍ଚାୟତର ଧୁବେନପାଲି, ବରଗାଁ, ରୁଗୁଡ଼ି ବରଗାଁ, କଟାପାଲି, ଅଏଁଲାକଟା, ତେନ୍ତୁଲିଟିକ୍ରା, ତାଲଗାଁ, ଅଏଁଲାପାଲି ଆଦି ଗ୍ରାମରେ ଦଳୀୟ କର୍ମୀମାନେ ଘର ଘର ବୁଲି ଜନସମ୍ପର୍କ ରକ୍ଷା କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ସୁବର୍ଣ୍ଣପୁରରେ ସାଧାରଣ ଧର୍ମଘଟ ସଫଳ

**ସୋନପୁର,୯।୧(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ସାଧାରଣ ଧର୍ମଘଟର ପ୍ରଭାବ ବୁଧବାର ଦେଖିବାକୁ ମିଳିଥିଲା । ଟ୍ରେଡ୍ ୟୁନିୟନ ସଂଗଠନ ପକ୍ଷରୁ ୧୧ ଦଫା ଦାବି ନେଇ ଦେଶବ୍ୟାପୀ ୨ ଦିନିଆ ବନ୍ଦ ଡାକରା ଦିଆ ଯାଇଥିଲା । କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ ବିରୋଧ କରି ଶ୍ରମିକ ସଂଗଠନ ଗୁଡିକ ପକ୍ଷରୁ ଏହି ଧର୍ମଘଟ ହୋଇଥିଲା। ଆନ୍ଦୋଳନର ଦ୍ୱିତୀୟ ଦିବସରେ ଜିଲା ସଦର ମହକୁମାରେ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ, କୋର୍ଟ କଚେରି ବନ୍ଦ ରହିଥିଲା। ଆନ୍ଦୋଳନକାରୀମାନେ ପିକେଟିଂ କରି ଅଫିସଗୁଡିକ ବନ୍ଦ କରିଥିଲେ । ଦେଶବ୍ୟାପୀ ଧର୍ମଘଟ ଯୋଗୁ ରାସ୍ତାରେ ବସ୍ ଓ ଟ୍ରକ୍ ଭଳି ଯାନବାହାନ ଚଳାଚଳ ସ୍ୱତଃ ବନ୍ଦ ରହିଥିଲା । ଜିଲାପାଳ ମଧୁସୂଦନ ମିଶ୍ର ଶିକ୍ଷାନୁଷ୍ଠାନଗୁଡିକୁ ବନ୍ଦ କରିବାକୁ ସମସ୍ତ ବିଇଓଙ୍କୁ ମଙ୍ଗଳବାର ଚିଠି କରି ଥିବାରୁ ସ୍କୁଲ, କଲେଜଗୁଡିକ ବନ୍ଦ ଥିଲା । ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପାର୍ଟି ନେତା ଗୋବିନ୍ଦ ମହାରଣାଙ୍କ ନେତୃତ୍ୱରେ ଶ୍ରମିକ ନେତା କୁଶ ମହାକୁର, ଲଳିତ ମେହେର, ନିତ୍ୟାନନ୍ଦ ମଲ୍ଲିକ, କର୍ଣ୍ଣରାଜ ପ୍ରଧାନ, ଉମେଶ ପ୍ରଧାନ, ଲକ୍ଷ୍ମଣ ବସ୍ତିଆ, ଦିଲ୍ଲିପ ଦନ୍ତାଙ୍କ ସମେତ ବ୍ୟାଙ୍କ କର୍ମଚାରୀ ଏହି ବନ୍ଦରେ ସାମିଲ ହୋଇଥିଲେ ।

### ଟ୍ରକ୍ ପଛରେ ଟ୍ରକ୍ ପିଟିଲା, ଜଣେ ମୃତ

**ଜହ୍ନାପଙ୍କ, ୯।୧ (ଡି.ଏନ.ଏ):** ବୌଦ୍ଧ-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ମଧୁପୁର ଛକଠାରୁ ଅଧ କିମି ଦୂରରେ ବୁଧବାର ଭୋର ୩ଟାରେ ରାସ୍ତାରେ ଠିଆ ହୋଇଥିବା ସିମେଣ୍ଟ ବୋଝେଇ ଟ୍ରକ୍‌କୁ ଏକ ଟମାଟୋ ବୋଝେଇ ଟ୍ରକ ଧକ୍କା ଦେଇଥିଲା । ଫଳରେ ଟମାଟୋ ବୋଝେଇ ଟ୍ରକର ସମ୍ମୁଖ ପଟ ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଥିବା ବେଳେ ଡ୍ରାଇଭର ରାଜେଶ କୁମାର ପାତ୍ର (୪୩)ଙ୍କ ମୃତ୍ୟୁ ଘଟିଛି । ସେ ବ୍ରହ୍ମପୁର ବଡବଜାରର ବାସିନ୍ଦା । ସୂଚନାମତେ ଏକ ଟ୍ରକ୍ (ନଂ.ଓଆର୍୦୪କେ/୮୧୫୬) କେସିଙ୍ଗାରୁ ସିମେଣ୍ଟ ନେଇ ଦଶପଲ୍ଲା ଯାଉଥିବା ବେଳେ ମଧୁପୁରଠାରେ ଚକ ପମ୍ପଚର୍ ହୋଇଯିବାରୁ ଅଟକି ରହିଥିଲା । ଭୋର୍ ସମୟରେ ଟମାଟୋ ବୋଝେଇ ଟ୍ରକ (ନଂ. ଓଡି୦୭ୱାଇ/୪୭୭୫) ସିମେଣ୍ଟ ବୋଝେଇ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା ।

### ମକ୍‌ପୋଲ ମାଧ୍ୟମରେ ଆରମ୍ଭ ହେଲା ମତଦାନ ସଚେତନତା

**ବୀରମହାରାଜପୁର, ୯।୧(ଡି.ଏନ୍.ଏ.) :** ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକ୍ରମେ ଆଗାମୀ ସାଧାରଣ ନିର୍ବାଚନରେ ଇଭିଏମ୍ ସହିତ ଭିଭିପାଟ୍ ମେଶିନ୍ ମତଦାନ ପ୍ରକ୍ରିୟା ସକାଶେ ବ୍ୟବହୃତ ହେବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହାର ବ୍ୟବହାର ସମ୍ପର୍କରେ ମତଦାତାମାନଙ୍କୁ ସଚେତନ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ୬୪-ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ପାଇଁ ଉକ୍ତ ଅଭିଯାନର ଶୁଭାରମ୍ଭ କରାଯାଇଛି। ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରାଙ୍କ ଠାରୁ ପ୍ରାପ୍ତ ସୂଚନା ମତେ ଗତ ୭ ତାରିଖରୁ ଏହାର ଆରମ୍ଭ ହୋଇ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏହି ମକ୍‌ପୋଲ ପ୍ରକ୍ରିୟା ଜାରି ରହିବ। ଏ ନେଇ ୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ପଣ୍ଡା ବୀରମହାରାଜପୁରଠାରେ ମକ୍‌ପୋଲ ଅଭିଯାନର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ସୁବ୍ରତ କୁମାର ବେହେରା, ବିଡିଓ ଅଭିମନ୍ୟୁ ମାଝି ଏବଂ ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କ ସହ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।





ପର୍ଏଁରୀ ଅନୁଷ୍ଠାନର କଳାକାରମାନେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରୁଛନ୍ତି(ବାମ) । ଜଗତସିଂହପୁରର କଳାକାରମାନେ ଶାରଳା ଘଣ୍ଟନୃତ୍ୟ ପରିବେଷଣ କରୁଛନ୍ତି ।

ସୁବର୍ଣ୍ଣ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା

# କଳା, ସଂସ୍କୃତି ସମସ୍ତଙ୍କୁ ଏକାଠି କରେ

**ସୋନପୁର,୯।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଛି ୨୬ ତମ ସୁବର୍ଣ୍ଣ ଲୋକ ମହୋତ୍ସବ। ସ୍ଥାନୀୟ ଗାନ୍ଧୀ ପଡିଆର ଫକୀର ପଟ୍ଟନାୟକ ମୁକ୍ତମଞ୍ଚରେ ଚାଲିଥିବା ମହୋତ୍ସବର ବୁଧବାର ତୃତୀୟ ସନ୍ଧ୍ୟାରେ ଜଗତସିଂହପୁର ଜିଲାର କଳାକାରଙ୍କ ଶାରଳା ଘଣ୍ଟ ନୃତ୍ୟରୁ ମହୋତ୍ସବର ସନ୍ଧ୍ୟା ଆସର ଆରମ୍ଭ ହୋଇଥିଲା । ପରେ ସୋନପୁର ପର୍ଏଁରୀ ଅନୁଷ୍ଠାନର କଳାକାରଙ୍କ ସମ୍ବଲପୁରୀ ଲୋକନୃତ୍ୟ, ବରଗଡର ବିନ୍ଦୁ ଓ ସାଥିଙ୍କ କମେଡି କାଯର୍ୟକ୍ରମ, ପଶ୍ଚିମବଙ୍ଗ ନାଟୁଆ ଅନୁଷ୍ଠାନର କଳାକାରଙ୍କ ଲୋକନୃତ୍ୟ, ନୂଆପଡ଼ା କମଳା ଡ୍ୟାନ୍ସ ଗ୍ରୁପ୍‌ର ସମ୍ବଲପୁରୀ ଲୋକନୃତ୍ୟ, ଆସାମ କଳାକାରଙ୍କ ବୋଡୋ ଆଦିବାସୀ ଲୋକନୃତ୍ୟ, ସମ୍ବଲପୁର ଉଜିଆ ଅନୁଷ୍ଠାନର କଳାକାରଙ୍କ ପଞ୍ଚରସୀ ଲୋକନୃତ୍ୟ, ଗଞ୍ଜାମର ପଶୁ ନୃତ୍ୟ, କୋରାପୁଟର ଦୁରୁଆ ନୃତ୍ୟ, ସୋନପୁର ସାଗରପାଲିର କଳାକାରମାନେ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। କଳାକାରଙ୍କ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା ।



ସାଂସ୍କୃତିକ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ବୃନ୍ଦ ।

ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ବାଦ୍ୟଶିଳ୍ପୀ ପଦ୍ମଶ୍ରୀ ଡ. ଚତୁର୍ଭୁଜ ମେହେର। ସୁବର୍ଣ୍ଣପୁର ଜିଲାର କଳା, ସଂସ୍କୃତି ଓ ଐତିହ୍ୟ ସ୍ୱତନ୍ତ୍ର ବୋଲି କହିଥିଲେ ଡ. ମେହେର । କଳା, ସଂସ୍କୃତି ମାଧ୍ୟମରେ ସାମାଜିକ, ସାଂସ୍କୃତିକ ଏକତା ପ୍ରତିଷ୍ଠା ହୋଇପାରୁଛି ବୋଲି ସେ କହିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ସିନେ ଅଭିନେତା ତଥା ନିର୍ଦ୍ଦେଶକ ପଦ୍ମଶ୍ରୀ ଡ. ସାଧୁ ମେହେର, ବରିଷ୍ଠ ଅଭିନେତା ଅଟଳ ବିହାରୀ ପଣ୍ଡା, ବୌଦ୍ଧ ଜିଲାର ପିଡି ଡିଆର୍‌ଡିଏ ରାଜେନ୍ଦ୍ର କୁମାର ପଟ୍ଟନାୟକ ସେମାନଙ୍କ ବକ୍ତବ୍ୟରେ କଳା ହିଁ ମଣିଷର ପରିଚୟ ବୋଲି କହିଥିଲେ । ସୁବର୍ଣ୍ଣପୁର ଜିଲାର କଳା ଓ ସଂସ୍କୃତି ଅନ୍ୟ ଅଞ୍ଚଳର କଳା, ସଂସ୍କୃତି ଠାରୁ ଉନ୍ନତ ବୋଲି ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ । ଏହି ମହୋତ୍ସବ ସ୍ଥାନୀୟ କଳାର ସୁରକ୍ଷା ଓ ବିକାଶ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଅତିଥି ବୃନ୍ଦ ଆଶା ବ୍ୟକ୍ତ କରିଥିଲେ । ଅତିରିକ୍ତ ଜିଲାପାଳ ପଣ୍ଡା ତାଙ୍କ ସଭାପତିତ୍ୱ ଅଭିଭାଷଣରେ ଜିଲାର ସଂସ୍କୃତି, କଳା ଓ ପରମ୍ପରାର ଉଚ୍ଚ ପ୍ରଶଂସା କରିଥିଲେ । ସେହିପରି ଶାନ୍ତିପ୍ରୀୟ ଜିଲାବାସୀ କେବଳ ବିକାଶ ଚାହାନ୍ତି ବୋଲି କହିଥିଲେ । ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ମଧୁସୂଦନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସୁବର୍ଣ୍ଣପୁର ପିଡି ଡିଆରଡିଏ ସୂଯର୍ୟନାରାୟଣ ଦାଶ ମଞ୍ଚାସିନ ଥିଲେ । ଏହି ଅବସରରେ ବୃଦ୍ଧା, ବୃଦ୍ଧ, ଭିନ୍ନକ୍ଷମଙ୍କୁ ଭତ୍ତା ପ୍ରଦାନ କ୍ଷେତ୍ରରେ ଓ ବାଲ୍ୟ ବିବାହ ପ୍ରତିରୋଧ କ୍ଷେତ୍ରରେ ରାଜ୍ୟରେ ସୁବର୍ଣ୍ଣପୁର ଜିଲା ପ୍ରଥମ ହୋଇ ଥିବାରୁ ଜିଲା ସାମାଜିକ ସୁରକ୍ଷା ବିଭାଗ ଓ ଜିଲା ଶିଶୁ ସୁରକ୍ଷା ବିଭାଗକୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ । ଅଭିନେତା ପ୍ରଦ୍ୟୁମ୍ନ ସାହୁ କାଯର୍ୟକ୍ରମକୁ ସଂଯୋଜନା କରିଥିଲେ । ଭୀମଭୋଇ କଳା ପରିଷଦର କଳାକାରମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ସାଂସ୍କୃତିକ କାଯର୍ୟକ୍ରମକୁ ମାନଭଞ୍ଜନ ମିଶ୍ର, ଜିତେନ୍ଦ୍ର ହୋତା ଓ ପ୍ରତିତି ମିଶ୍ର ପରିଚାଳନା କରିଥିଲେ ।

### ବନ୍ଦ ହେଲା ଦେଶୀ ମଦଭାଟି

**ସିଂଘିଯୁବା,୯।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ କଟାପାଳି ଗ୍ରାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପ୍ରତିବାଦରେ ଗାଁରେ ଥିବା ଦେଶୀ ମଦଭାଟି ବନ୍ଦ ହୋଇଯାଇଛି । ପ୍ରଥମେ ମହିଳାମାନେ ଗାଁରେ ଥିବା ଦେଶୀ ମଦଭାଟିକୁ ଦଳଗତ ହୋଇ ଯାଇ ସେଠାରେ ଧାରଣା ଦେଇ ବିଭିନ୍ନ ନାରାବାଜି ଦେଇଥିଲେ। ପରେ ମଦ ଭାଟିର ମ୍ୟାନେଜର ମହିଳାମାନଙ୍କ ନିକଟକୁ ଆସି ୧୫ଦିନ ମହଲତ ମାଗିଥିଲେ। ମାତ୍ର ମହିଳାମାନେ ଏହି ମହଲତକୁ ଖଣ୍ଡନ କରି ଆଜି ହିଁ ବନ୍ଦ କର ବୋଲି କହି ଧାରଣାରେ ଅଡି ବସିଥିଲେ । ପରେ କଏଁତରା ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଦୁର୍ବାସା ସାହୁ ଓ ସମିତି ସଭ୍ୟାଙ୍କ ପ୍ରତିନିଧି ରୀତ ସା ଧାରଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ। ହେଲେ ମହିଳାମାନେ ନିଜ ଜିଦ୍‌ରେ ଅଡି ବସିଥିଲେ। ପରେ ବାଧ ହୋଇ ସେଠାରୁ ମଦ ଭାଟି ଉଠାଇନେବାକୁ ମ୍ୟାନେଜର ରାଜି ହୋଇଥିଲେ। ଏହି ଆନ୍ଦୋଳନରେ କଏଁତରା ନାଏବ ସରପଞ୍ଚ ବିରଞ୍ଚି କୁମରା, ୱାର୍ଡମେମ୍ବର ପରମାନନ୍ଦ ଭୂଏ, ରନ ବାଘ, ଚର୍ତୁଭୂଜ ବାଘ, ପ୍ରସନ୍ନ ସା, ଚାପ ପାଣ୍ଡେ, ବନମାଳୀ ସା, ରମେଶ ସା, ଗଏନୁ ଭୋଇ, ଆନନ୍ଦ ଦାଶ, ଅଶୋକ ଦ୍ୱାରୀ, ସୂର୍ଯ୍ୟଦେବ ଭୂଏ, ଚିନ୍ତାମଣୀ ପଟ୍ଟନାୟକ, ଭଗବତ ସା, ଗଙ୍ଗାଧର ସା, ବ୍ରଜ ସା ଓ ଗ୍ରାମବାସୀ ସାମିଲ ହୋଇଥିଲେ।

ପାଣିରେ ବୁଡ଼ି ଭିନ୍ନକ୍ଷମ ଯୁବକଙ୍କ ମୃତ୍ୟୁ

# ସହାୟତା ଦାବିରେ ରାସ୍ତାରୋକୋ

**ବୀରମହାରାଜପୁର,୯।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସଦର ମହକୁମାର ଚମ୍ପାପୁର ବସ୍ତିରେ ରହୁଥିବା ଜଣେ ଭିନ୍ନକ୍ଷମ ଯୁବକ ପାଣିରେ ବୁଡି ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ସେହେଲେ ଇନ୍ଦ୍ରମଣି ମେହେରଙ୍କ ପୁଅ ନରେଶ ମେହେର(୩୨) ବୋଲି ଜଣାପଡିଛି। ମିଳିଥିବା ସୂଚନାମୁତାବକ, ବୁଧବାର ପୂର୍ବାହ୍ନରେ ନରେଶ ଅନ୍ୟ ଦିନ ଭଳି ନିକଟବର୍ତ୍ତୀ ରଜା ବନ୍ଧକୁ ଗାଧୋଇବାକୁ ଯାଇଥିଲେ। ହେଲେ କୋଣସି କାରଣରୁ ସେ ପୋଖରୀ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଦାବି କରି ସ୍ଥାନୀୟ ଲୋକେ ବୀରମହାରାଜପୁର ମୁଖ୍ୟ ଛକଠାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଖବରପାଇ ପ୍ରଶାସନ ପକ୍ଷରୁ ସ୍ଥାନୀୟ ତହସିଲଦାର ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଏସ୍‌ଡିପିଓ ଧିରୋଜ ଚୋପଦାର ଏବଂ ଥାନା ଆଇଆଇସି କୁଶ ପାଣିଗ୍ରାହୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏପରି କି ମୃତ ଯୁବକଙ୍କ ପରିବାର ଲୋକଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ସରକାରଙ୍କ ନୀୟମ ଅନୁଯାୟୀ ଆବଶ୍ୟକ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନରେ ଅବସର ପ୍ରାପ୍ତ ଶିକ୍ଷକ ଭଗବାନ ବାଘ, ଯୁବନେତା ପ୍ରିୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ବୀରମହାରାଜପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଅନ୍ୟପକ୍ଷରେ ରାସ୍ତାରୋକ ଆନ୍ଦୋଳନକୁ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।



ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ବୀରମହାରାଜପୁର ବସ୍ତି ମୁଖ୍ୟଛକରେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

୨୩ ତମ ଚ୍ୟାଲେଞ୍ଜ କପ୍ କ୍ରିକେଟ

# ଡୁମାଲପାଲି ଏକାଦଶ ସେମିରେ

**ଭଟଲି,୯।୧(ଡି.ଏନ୍.ଏ.)**

ଭଟଲି ବ୍ଲକ ଅନ୍ତର୍ଗତ ସୁକୁଡ଼ା ଖେଳ ପଡ଼ିଆରେ ୨୩ତମ ଚ୍ୟାଲେଞ୍ଜ କପ୍ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଛି। ନଟବର ବନଛୋର କ୍ରୀଡ଼ା ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ଭଟଲି ମାର୍କେଟ ୟାର୍ଡ଼ ଇନ୍‌ଚାର୍ଜ ନିମାଇଁ ଚରଣ ମହାପାତ୍ର ମୁଖ୍ୟଅତିଥି, ଦୁର୍ଯ୍ୟୋଧନ ପଧାନ, ଆଇନଜୀବୀ ଅନୂପ ଶତପଥି ଏବଂ ଶେଷଦେବ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସରପଞ୍ଚ ସହଦେବ ବନଛୋର ସଭାପତିତ୍ୱ କରିଥିଲେ । ଏହି ପ୍ରତିଯୋଗିତାରେ ମୋଟ୍ ୧୬ଟି ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ ଲିଗ୍ ମ୍ୟାଚରେ ଦ୍ୱାରୀ ଏକାଦଶ ଏବଂ ସମ୍ବରଧରା ଏକାଦଶ ମୁହାଁମୁହିଁ ହୋଇଥିଲେ । ଏଥିରେ ଦ୍ୱାରୀ ଏକାଦଶ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୩୭ ରନ୍ କରିଥିଲା । ୩୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବରଧରା ଏକାଦଶ ମାତ୍ର ୫.୨ ଓଭରରେ ବିଜୟଲକ୍ଷ୍ୟ ହାସଲ କରି କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ଦଳ ପକ୍ଷରୁ ସୁରଜ ଖର୍ସେଲ ୨୨ଟି ବଲ୍‌ର ସାମ୍ନା କରି ୩୨ ରନ୍ କରିଥିଲେ । ସେହିପରି ଦ୍ୱିତୀୟ ଲିଗ୍ ମ୍ୟାଚରେ ଡୁମାଲପାଲି ଏକାଦଶ ଏବଂ କୁରୁମ୍‌କେଲ ଏକାଦଶ ମୁହାଁମୁହିଁ ହୋଇଥିଲେ । ଏଥିରେ କୁରୁମକେଲ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୬୪ ରନ୍ ସଂଗ୍ରହ କରିଥିଲା । ୬୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଡୁମାଲପାଲି ଏକାଦଶ ୭.୪ ଓଭରରେ ୨ଟି ଉଇକେଟ ହରାଇ ୬୫ ରନ୍ ସଂଗ୍ରହ କରି କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ପରେ ଉଭୟ ବିଜୟୀ ଦଳ ସମ୍ବରଧରା ଏକାଦଶ ଏବଂ ଡୁମାଲପାଲି ଏକାଦଶ ମଧ୍ୟରେ ତୃତୀୟ ତଥା କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ବରଧରା ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୪ ଉଇକେଟ ବିନିମୟରେ ୭୮ ରନ୍ ସଂଗ୍ରହ କରିଥିଲା । ଜବାବରେ ଡୁମାଲପାଲି ଏକାଦଶ ମାତ୍ର ୬.୩ ଓଭର ଖେଳି ଗୋଟିଏ ଉଇକେଟ ବିନିମୟରେ ୮୧ ରନ୍ ସଂଗ୍ରହ କରି ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ଦଳ ପକ୍ଷରୁ ବସୁଦେବ ବରିହା ୨୦ଟି ବଲ୍ ଖେଳି ୩୪ ରନ୍ ସଂଗ୍ରହ କରିଥିଲେ । ସରୋଜ ତାଣ୍ଡି, କାହ୍ନୁଚରଣ ତନସନା, ପଙ୍କଜ ପଶାୟତ, ରାଜୀବ ଭୋଇ ଏବଂ ଉମେଶ ବଡ଼େଇ ଖେଳ ପରିଚାଳନା କରିଥିଲେ । ଭାଗ୍ୟଧର ତନସନା ଧାରା ବିବରଣୀ ପ୍ରଦାନ କରିଥିଲେ ।

# ବୌଦ୍ଧରେ ଭାରତ ବନ୍ଦ ସଫଳ

**ବୌଦ୍ଧ,୯।୧(ସ୍ୱ.ପ୍ର)**

ମୋଦି ସରକାରଙ୍କ ଶ୍ରମିକ କର୍ମଚାରୀ ମାରଣନୀତିକୁ ବିରୋଧ କରି ବିଭିନ୍ନ ଟ୍ରେଡ ୟୁନିୟନ ଗୁଡ଼ିକ ପକ୍ଷରୁ ଚାଲିଥିବା ଦୁଇଦିନିଆ ସର୍ବଭାରତୀୟ ଧର୍ମଘଟ ଓ ଭାରତ ବନ୍ଦର ବୁଧବାର ଦିତୀୟ ଦିନ ଧର୍ମଘଟ ବୌଦ୍ଧ ଜିଲାରେ ସଫଳ ହୋଇଛି। ଧର୍ମଘଟର ଦ୍ୱିତୀୟ ଦିନରେ ବହୁ ଆଶାକର୍ମୀ ଏନଏସି ଛକରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ଉପରେ ପିକେଟିଂ କରିଥିଲେ । ଫଳରେ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା । ସେମାନେ ଏକ ବିକ୍ଷୋଭ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡିକ ବନ୍ଦ କରିଥିଲେ । ସେହିପରି ବୌଦ୍ଧ ଜିଲାରେ ସିପିଆଇ ଓ ଏଆଇସିଟିୟୁ କର୍ମୀମାନେ ବିଭିନ୍ନ ସ୍ଥାନରେ ବନ୍ଦର ନେତୃତ୍ୱ ନେଇଥିଲେ । ବନ୍ଦର ପ୍ରଭାବରେ ସମଗ୍ର ବୌଦ୍ଧ ଜିଲାରେ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଥିଲା। ବନ୍ଦ ପାଳନକୁ ଆଖି ଆଗରେ ରଖି ପୋଲିସ ପକ୍ଷରୁ ଜିଲା ସଦର ମହକୁମା ସମେତ ବ୍ଲକର ପ୍ରମୁଖ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା ।



ଟ୍ରେଡ୍ ୟୁନିୟନ କର୍ମକର୍ତ୍ତା ରାଜରାସ୍ତାରେ ପିକେଟିଂ କରୁଛନ୍ତି ।

# ବଡଦେଓ ଲୋକ ମହୋତ୍ସବ ଉଦ୍‌ଯାପିତ

**ଅମରପାଲି,୯।୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଲା ପଞ୍ଚାୟତର କୁଞ୍ଜାପାଲି ଗ୍ରାମରେ ଦୁଇ ଦିନ ଧରି ଚାଲିଥିବା ୧୮ତମ ବଡଦେଓ ଲୋକ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଗଣ୍ଡସମାଜର ଆନୁକୂଲ୍ୟରେ ହେଉଥିବା ମହୋତ୍ସବରେ ଜିଲାର ପ୍ରତ୍ୟେକ ଅଞ୍ଚଳର ଲୋକେ ଉପସ୍ଥିତ ଥିଲେ । ବୁଧବାର ସକାଳୁ ଗଣ୍ଡ ସମାଜର ଆରାଧ୍ୟ ଦେବତା ବଡଦେଓଙ୍କ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା । ଏଥିରେ ସ୍ୱରବଂଶ ପୂଜା, ଚନ୍ଦ୍ରବଂଶ ପୂଜା, ସୂର୍ଯ୍ୟବଂଶ ପୂଜା, କଦମ୍ବବଂଶ ପୂଜା, ଯଦୁବଂଶ ପୂଜା ଆଦି ପାରମ୍ପରିକ ପଦ୍ଧତିରେ ପୂଜାର୍ଚ୍ଚନା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଲବ କୁମାର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ସୁବର୍ଣ୍ଣପୁର ଜିଲା ଗଣ୍ଡସମାଜର ସଭାପତି ଜଗନ୍ନାଥ ଧରୁଆ ଅଧ୍ୟକ୍ଷତା କରିଥିଲେ । ବଲାଙ୍ଗୀର ବିଧାୟକ ତଥା ବିରୋଧୀ ଦଳ ନେତା ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସେ ବକ୍ତବ୍ୟରେ ଗଣ୍ଡ ସମାଜର ଏକତା ଓ ଶୃଙ୍ଖଳାକୁ ପ୍ରଶଂସା କରିଥିଲେ । ସମାଜକୁ ଆଗକୁ ଯିବାକୁ ହେଲେ ଶିକ୍ଷା, ଶୃଙ୍ଖଳା ଓ ଏକତାକୁ ଗୁରୁତ୍ୱ ଦେବାକୁ ପଡିବ ବୋଲି କହିଥିଲେ । ଆଦିବାସୀ ହେଉଛନ୍ତି ପ୍ରକୃତି ପ୍ରେମୀ ଓ ପ୍ରକୃତିର ଉପାସକ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ସୋନପୁରର ପୂର୍ବତନ ବିଧାୟକ ବିନୋଦ ପାତ୍ର ଯୋଗଦେଇ କହିଥିଲେ ଯେ, ଗଣ୍ଡ ସମାଜ ସବୁବେଳେ ଶୃଙ୍ଖଳିତ ଓ ସଂଘବଦ୍ଧ ଅଛନ୍ତି । ଏବେ ସମାଜରେ ଆଦିବାସୀ, ଦଳିତ ଓ ପଛୁଆ ବର୍ଗ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହେଉଛନ୍ତି। ହକ୍ ପାଇବା ପାଇଁ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁବର୍ଣ୍ଣପୁର ଗଣ୍ଡ ସମାଜର ସମ୍ପାଦକ ବିରଞ୍ଚି କୁଅଁର, ଜିଲା ଗଣ୍ଡ ସମାଜର ଉପସଭାପତି ଅମର ସିଂ, ବଲାଙ୍ଗୀର ଜିଲା ଗଣ୍ଡ ସମାଜର ସଭାପତି ଶ୍ୟାମସୁନ୍ଦର ଭୋଇ, ସମ୍ପାଦକ ବିପିନ ବିହାରୀ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମରେ ଅରୁଣ କୁମାର ରାଏ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଚ୍ୟୁତ ପଧାନ ସ୍ୱାଗତ ଭାଷଣ ଓ ବିଶ୍ୱାମିତ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସମାଜର ମକରଧ୍ୱଜ ପଧାନ, ଲକ୍ଷ୍ମୀପ୍ରିୟା ବାରିକ, ବୈଷ୍ଣବ ଭୋଇ, ତେଜରାଜ ଭୋଇ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଗଣ୍ଡ ସମ୍ପ୍ରଦାୟକୁ ନେଇ ସର୍ବପୁରାତନ ଗଣ୍ଡୱାନା ରାଜ୍ୟ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସଭାପରେ ସମ୍ବଲପୁର, ଝୁମୁମୁରା, ଉଲୁଣ୍ଡା, ବୌଦ୍ଧ, ବଲାଙ୍ଗୀର, ବୀରମହାରାଜପୁର, ଆଠମଲ୍ଲିକ ଓ ଅନଗୋଳରୁ ଆସିଥିବା ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ ।



ବଡ଼ଦେଓ ଲୋକ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ୯ ବୋତଲ କୋରେକ୍ସ ସହ ନିଶା ବଟିକା ଜବତ, ଜଣେ ଗିରଫ

ଖପ୍ରାଖୋଲ,୯।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ନିଶା ଔଷଧ କାରବାର ହେଉଥିବା ଅଭିଯୋଗ ହୋଇଥିଲା। ଏନେଇ ଖପ୍ରାଖୋଲ ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ଚଢାଉ କରି ଧଣ୍ଡାମୁଣ୍ଡା ହାଇସ୍କୁଲ ଛକ ନିକଟରେ ସନ୍ଦେହ ଅବସ୍ଥାରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ସେତିକିବେଳେ ପୋଲିସ ଯୁବକଙ୍କ ନିକଟରୁ ବ୍ୟାଗରେ ଥିବା ୯ ବୋତଲ କୋରେକ୍ସ କଫ୍ ସିରପ୍ ଏବଂ ୪୦ ଷ୍ଟ୍ରିପ୍ ଅଲ୍ଟ୍ରା ଓଇନ୍ ନିଶା ଟାବଲେଟ ଜବତ କରିଥିଲା। ଏ ନେଇ ଖପ୍ରାଖୋଲ ପୋଲିସ ଏକ ମାମଲା(ନଂ. ୩/୧୯) ରୁଜୁ କରି ସୁଧୀର ପଧାନ ନାମକ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି। ଆଗକୁ ନିଶା କାରବାର ବିରୋଧରେ ଚଢାଉ ଜୋର୍‌ଦାର କରାଯିବ ବୋଲି କହିଛନ୍ତି।

### ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣା: ଜେଲ ଗଲେ ସ୍ୱାମୀ

ଲୋଇସିଂହା,୯।୧(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ କୁଟାସିଂହା ଗ୍ରାମର ୩୫ ବର୍ଷିୟ ବିବାହିତା ମହିଳାଙ୍କ ଶନିବାର ସନ୍ଦେହ ଜନକ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲସ ମୃତ ମହିଳାଙ୍କ ସ୍ୱାମୀ ସୁରେନ୍ଦ୍ର ଧରୁଆଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ଜେଲ ହାଜତକୁ ପଠାଯାଇ ଦିଆଯାଇଥିବା ଥାନା ଆଇଆଇସି ଏଲ୍.ଏଲ୍ ବାର୍ଲା କହିଛନ୍ତି। ପୋଲିସ ସୂଚନା ମୁତାବକ, ଆଗଲପୁର ବ୍ଲକ ବଡଟିକା ପଞ୍ଚାୟତ ଅଧୀନ ବୁରୋଭାଡି ଗ୍ରାମର ବୃନ୍ଦବନ ରାଏଙ୍କ ଝିଅ ମୁକ୍ତା ରାଏଙ୍କୁ କୁଟାସିଂହା ଗ୍ରାମର ଜଗନ୍ନାଥ ଧରୁଆଙ୍କ ପୁଅ ସୁରେନ୍ଦ୍ର ୧୫ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ୧୧ ବର୍ଷର ଗୋଟିଏ ଝିଅ ଅଛନ୍ତି। ହେଲେ ମୁକ୍ତାଙ୍କୁ ଶାଶୁ ଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ନିର୍ଯାତନା ସହି ନ ପାରି ମୁକ୍ତା ବିଭିନ୍ନ ସମୟରେ ବାପାଘରକୁ ଆସି ରହୁଥିଲେ। ହେଲେ ଗତ ୩ ତାରିଖରେ ଗଣ୍ଡ ସମାଜର ଏକ ବୈଠକ ବସିଥିଲା। ବୈଠକରେ ଉଭୟ ପରିବାରର ମଧ୍ୟରେ ଆପୋଷ ବୁଝାମଣାପରେ ସୁରେନ୍ଦ୍ରେ ତାଙ୍କର ସ୍ତ୍ରୀ ମୁକ୍ତାଙ୍କୁ ଘରକୁ ନେଇଥିଲେ। ଅନ୍ୟପକ୍ଷେ ଗତ ଶନିବାର ସନ୍ଧ୍ୟାରେ ମୁକ୍ତା ଗୁରୁତର ହୋଇପଡିଥିବା ବାପଘର ଲୋକଙ୍କୁ ଖବର ମିଳିଥିଲା। ଏନେଇ ବାପଘର ଲୋକେ କୁଟାସିଂହା ଗ୍ରାମରେ ପହଞ୍ଚିବା ପରେ ଝିଅ ମୁକ୍ତାଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ଶାଶୁଘର ଲୋକେ ମୁକ୍ତା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କହିଥିଲେ। ଏହାକୁ ମୁକ୍ତାଙ୍କ ବାପା ବୃନ୍ଦାବନ ବିଶ୍ୱାସ ନ କରି ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଲୋଇସିଂହା ଥାନା ପୋଲିସ ଦଫା ୪୯୮(ଏ), ୩୦୨ ଓ ୩୪ରେ ଏକ ମାମଲା (ନଂ.୬।୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ପରେ ପୋଲିସ ସୁରେନ୍ଦ୍ରଙ୍କୁ ଗିରଫ କରିଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ପରିବାର ଉପରେ ସଂଘବଦ୍ଧ ଆକ୍ରମଣ ଘଟଣା

# ଏସ୍‌ପିଙ୍କ ତଦନ୍ତ, ଗିରଫ ସଂଖ୍ୟା ୧୦ ବୃଦ୍ଧି

ବଲାଙ୍ଗୀର ଅଫିସ,୯।୧

ବଲାଙ୍ଗୀର ସହରର ତେଲିଗୋଠପଡ଼ାରେ ଶନିବାର ଅପରାହ୍ନରେ ଓଡ଼ିଶା ମହିଳା କ୍ରିକେଟ୍ ଦଳର କ୍ରିକେଟିୟର ସରିତା ମେହେରଙ୍କ ଘର ଓ ପରିବାର ଉପରେ ଏକ ନିଦ୍ଦିଷ୍ଟପଡ଼ାର ୪୦ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ମେହେରଙ୍କ ପରିବାରର ୫ ସଦସ୍ୟ ଆହତ ହୋଇଥିଲେ। ଏପରି କି ଆକ୍ରମଣକାରୀମାନେ ୩ଟି ବାଇକ୍ ଭାଙ୍ଗି ଦେଇଥିଲେ। ଏହି ଘଟଣାକୁ ନେଇ ତେଲିଗୋଠପଡାରେ ଉତ୍ତେଜନା ଦେଖାଯାଇଥିଲା। ରବିବାର ତେଲିଗୋଠ ପଡାବାସୀ ଆଦର୍ଶ ଥାନା ଘେରାଉ କରିବା ସହ ସୋମବାର ଏସ୍‌ପିଙ୍କ ଅଫିସକୁ ଆସି ଏସଥପି କେ ଶିବା ସୁବ୍ରମଣିଙ୍କୁ ସାକ୍ଷାତ କରି ଆକ୍ରମଣରେ ସାମିଲ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଆକ୍ରମଣର ଶୀକାର ହୋଇଥିବା ମେହେରଙ୍କ ପରିବାର ଲୋକଙ୍କୁ ସୁରକ୍ଷା ଓ ପଡାରେ ଶାନ୍ତି ପ୍ରତିଷ୍ଠା ପାଇଁ ନିବେଦନ କରିଥିଲେ।



ତେଲିଗୋଠପଡା ଛକରେ ଏସପି କେ ଶିବା ସୁବ୍ରମଣି ତଦନ୍ତ କଲାପରେ ଆଲୋଚନା କରୁଛନ୍ତି।

ଏହି ଘଟଣାରେ ଆଦର୍ଶ ଥାନା ପୋଲିସ ରବିବାର ୨ ଅଭିଯୁକ୍ତ ଟମାଟୋ ନାଏକ ଓ ଆନନ୍ଦ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନ ଯିବାରୁ ପଡାବାସୀ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ମଙ୍ଗଳବାର ପୋଲିସ ୮ ଜଣ ମହିଳାଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଫଳରେ ଗିରଫଦାରୀ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ଅଭିଯୁକ୍ତ ମାଧବୀ ପଲାଇ, ମଞ୍ଜୁ ନାଏକ, ବଡକାଲି ପଲାଇ, ସାନକାଲି ପଲାଇ, କଡ଼ି ନାଏକ, ସଞ୍ଜୁ ନାଏକ, ଅର୍ଚ୍ଚନା ବେହେରା, ରଙ୍ଗିଲା ନାଏକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗକାରୀ ହରେକୃଷ୍ଣ ମେହେର ତାଙ୍କ ଅଭିଯୋଗରେ ୧୭ ଜଣଙ୍କ ନାଁ ଉଲ୍ଲେଖ କରିଛନ୍ତି। ତେବେ ଅନ୍ୟମାନେ ଫେରାର ଥିବାରୁ ସେମାନଙ୍କୁ ଗିରଫ କରାଯାଇ ନ ଥିବା ପୋଲିସ କହିଛି। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଏସ୍‌ପି ସୁବ୍ରମଣି ତେଲିଗୋଠପଡାକୁ ଆସି ପୀଡିତ ମେହେର ପରିବାର ସହ ଆଲୋଚନା କରିବା ସହ ଘଟଣାସ୍ଥଳର ସରଜମିନ୍ ତଦନ୍ତ କରିଥିଲେ। ସେଠାରୁ ଆସିବା ପରେ ପଡାବାସୀ ଏସ୍‌ପିଙ୍କୁ ବିଭିନ୍ନ ଅସୁବିଧା ସମ୍ପର୍କରେ କହିଥିଲେ। ରାଧାକୃଷ୍ଣ ମନ୍ଦିର ଛକରେ ବିଭିନ୍ନ ସମୟରେ ଅସାମାଜିକ ଲୋକ ରୁଣ୍ଡ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ କରିବା ସହ ଘର ସମ୍ମୁଖରେ ରିକ୍ସା, ଅଟୋ ରଖି ହଇରାଣ ହରକତ କରୁଥିବା ଅଭିଯୋଗ କରିଥିଲେ। ଅନ୍ୟ କୌଣସି ଲୋକଙ୍କ ଘର ସମ୍ମୁଖରେ କେହି ଯେପରି ରିକ୍ସା, ଅଟୋରିକ୍ସା ନ ରଖିବେ ସେନେଇ ଦୃଷ୍ଟି ଦେବାକୁ ଟାଉନ୍ ଥାନା ଆଇଆଇସି ଗୋକୁଳାନନ୍ଦ ସାହୁଙ୍କୁ ନିର୍ଦ୍ଦେଶ ଦେବା ସହ ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ କହିଥିଲେ। କୌଣସି ପରିସ୍ଥିତିରେ ବିଶୃଙ୍ଖଳାକୁ ବରଦାସ୍ତ କରାଯିବା ନାହିଁ ଓ ଅସାମାଜିକ ତତ୍ତ୍ୱଙ୍କୁ ଦମନ କରାଯିବ ବୋଲି କହିଥିଲେ। ଏସ୍‌ପି ସୁବ୍ରମଣିଙ୍କ ସହ ଏଡିସ୍‌ନାଲ ଏସ୍‌ପି ସୁବାସ ଜମାଦାର, ଏସ୍‌ଡିପିଓ କ୍ଷୀରସାଗର ନାୟକ ଓ ଅନ୍ୟ ପୋଲିସ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପୀଡିତ ପରିବାର ପକ୍ଷରୁ ରାଧେକୃଷ୍ଣ ମେହେର ଓ ଅନ୍ୟମାନେ ନ୍ୟାୟ ପ୍ରଦାନ ନେଇ ଏସପିଙ୍କୁ ନିବେଦନ କରିଥିଲେ।

**ଅସାମାଜିକ ତତ୍ତ୍ୱଙ୍କୁ ଦମନ କରାଯିବ**

- ଏସ୍‌ପି ନିକଟରେ ପୀଡିତ ପରିବାର ପକ୍ଷରୁ ନ୍ୟାୟ ପ୍ରଦାନ ଦାବି
- ବଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ନିର୍ଦ୍ଦେଶ

### ଭୁଜାଲିରେ ଆକ୍ରମଣ ଅଭିଯୋଗ, ଯୁବକ ଗିରଫ

ଖପ୍ରାଖୋଲ ୯।୧(ଡି.ଏନ୍.ଏ.)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁରେ ଜଣେ ଯୁବକକୁ ଅନ୍ୟ ଜଣେ ଯୁବକ ମଙ୍ଗଳବାର ସନ୍ଧ୍ୟାରେ ଭୁଜାଲିରେ ଆକ୍ରମଣ କରିଥିବା ନେଇ ଖପ୍ରାଖୋଲ ଥାନାରେ ଅଭିଯୋଗ ହୋଇଥିଲା। ସୂଚନା ମୁତାବକ, ମଙ୍ଗଳବାର ସନ୍ଧ୍ୟାରେ ଗାଁର ଶ୍ରୀକାନ୍ତ ସାହୁ ଗାଁ ଛକରେ ମୁଢି ଖାଉଥିବା ବେଳେ ଗାଁର କାଳିଆ ପଟେଲ(୩୭) ଭୁଜାଲିରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଶ୍ରୀକାନ୍ତଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। ଅନ୍ୟପକ୍ଷେ କାଳିଅ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଆହତ ହୋଇଥିବାବେଳେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଏ ନେଇ ଶ୍ରୀକାନ୍ତ ଖପ୍ରାଖୋଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯାଗକୁ ଭତ୍ତି କରି ଏକ ମାମଲା(ନଂ.୨/୧୯) ରୁଜୁ କରି ତଦନ୍ତ କରିଥିଲା। ପୋଲିସ କାଳିଆଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

ସଇଁତଲା,୯।୧(ଡି.ଏନ୍.ଏ.)

ସଇଁତଲା ବ୍ଲକ ନିକଟରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ(ଏସଏସଡ଼ି)ର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଇଁତଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ବନଗୁଲା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏଡିଡବ୍ଲ୍ୟୁ ଜୟନ୍ତ ଜେନା, ରାମପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ଦାଶ, ଏସ୍‌ଏମ୍‌ସି ସଭାପତି ଭାରତ ଭୋଇ, ଦୟାନିଧି ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଲ୍ଲୋଲୀନୀ ସରାଫ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସଙ୍ଗୀତା ରଥ ଅତିଥି ପତିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରାଣୀ ଗହୀର, ବିଜୟଲକ୍ଷ୍ମୀ ଦାଶଙ୍କ ନେତୃତ୍ୱରେ ପୁରସ୍କାର ବିତରଣୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗୀତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ଉପସ୍ଥିତ ଅତିଥିଗଣ ସମ୍ମାନିତ କରିଥିଲେ। କଳ୍ପନା ପାଣିଗ୍ରାହୀ ଓ ସୁବାଷିନୀ ମିଶ୍ରଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରେଣୁଧର ନାଏକ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ଦେଇ, ଶିକ୍ଷୟିତ୍ରୀ ପ୍ରତ୍ୟାଶିନି ବାଗ, ନମିତା ମେହେର, ଅନ୍ନପୂର୍ଣ୍ଣା ମାଝି, ଶିକ୍ଷକ ଚନ୍ଦ୍ରଶେଖର ସାହୁ, ଗୋପାଳ ଧରୁଆ, ବେଣୁଧର ଧରୁଆଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଖେଳ ଶିକ୍ଷୟିତ୍ରୀ ସାଧନା ବହିଦାରଙ୍କ ତତ୍ତ୍ୱାବଧାନରେ ହୋଇଥିବା ବାର୍ଷିକ ଉତ୍ସବ ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀଲତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ମା' ଲଙ୍କେଶ୍ୱରୀ ଫୁଟବଲ: ଟିଟିଲାଗଡ଼ ଚାମ୍ପିୟନ

ଜୁନାଗଡ,୯।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ପଞ୍ଚାୟତ ମିଚାଗାଁ ମା' ମାଉଳି ଖେଳ ପଡିଆଠାରେ ଚାଲିଥିବା ମା' ଲଙ୍କେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଟିଟିଲାଗଡ ଓ ନୂଆପଡା ମଧ୍ୟରେ ହୋଇଥିଲା। ଏଥିରେ ଟିଟିଲାଗଡ ୬-୨ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫାଇନାଲ ଖେଳକୁ ସନ୍ତୋଷ ପ୍ରଧାନୀ ପରିଚାଳନା କରିଥିବା ବେଳେ ନବିନ ପ୍ରଧାନୀ ଧାରାବିବରଣି ପ୍ରଦାନ କରିଥିଲେ। ସ୍ଥାନୀୟ ମା' ଲଙ୍କେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଜୁନାଗଡ ପୂର୍ବତନ ଏନଏସି ଅଧ୍ୟକ୍ଷ ମହେଶ କୁମାର ସାହୁ, ବରିଷ୍ଟ ରସାୟନବିତ ସତ୍ୟ ପ୍ରକାଶ ନାଏକ, ଖେଳ ଶିକ୍ଷକ ବିମ୍ବାଧର ପ୍ରଧାନୀ, ପଦ୍ମ ଲୋଚନ ପ୍ରଧାନୀ, ବେଣୁଧର ପ୍ରଧାନୀ, ବବୃବାହାନ ସରାଫ, ଯୁଧିଷ୍ଟିର ବିଶ୍ୱାଲ ପ୍ରମୁଖ ଯୋଗଦେଇଥିଲେ।

# ୭୦ଦିନରେ ଟିଟିଲାଗଡ଼ ଜିଲା ଆନ୍ଦୋଳନ: ମହାସମାବେଶ ପ୍ରସ୍ତୁତି



ଟିଟିଲାଗଡ଼ ଜିଲା ଆନ୍ଦୋଳନର ବୁଧବାର ଧାରଣାରେ ମାମିଲ ହୋଇଥିବା ନାରେନ ପଞ୍ଚାତୟବାସୀ ଓ ଅନ୍ୟମାନେ।

ଟିଟିଲାଗଡ଼,୯।୧(ଡି.ଏନ.ଏ.)

ଟିଟିଲାଗଡ଼ ଜିଲା ଦାବି ନେଇ ବୁଧବାର ଆନ୍ଦୋଳନ ୭୦ ଦିନରେ ପହଞ୍ଚିଛି। ଅନ୍ୟପକ୍ଷେ ପ୍ରମୁଖ ରାଜନୈତକ ଦଳ ୨୦୧୯ ନିର୍ବାଚନ ନେଇ ବିଗୁଲ ବଜାଇ ଥିବାବେଳେ ଜିଲା ଏବେ ନୁହେଁ ତ କେବେ ନୁହେଁ ଆଶଙ୍କାରେ ଜିଲା ସଂଗ୍ରାମୀ କର ବା ମର ଡାକରା ଦେଇଛନ୍ତି। ବୁଧବାର ଜିଲା ଦାବିକୁ ନେଇ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଅପରପକ୍ଷରେ ଆସନ୍ତା ଜାନୁୟାରୀ ୨୬ ତାରିଖରେ ଉପଖଣ୍ଡସ୍ତରୀୟ ଗଣତନ୍ତ୍ର ଦିବସ ଉତ୍ସବକୁ ଧୁମ୍‌ଧାମ୍‌ରେ ପାଳନ ନ କରିବାକୁ ଜିଲା କ୍ରିୟାନୁଷ୍ଠାନ କମିଟି ନିଷ୍ପତ୍ତି ନେଇଛି। ଏପରି କି ପ୍ରତି ବର୍ଷ ପରି ପ୍ୟାରେଡ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ନାହିଁ ବୋଲି କମିଟି ପକ୍ଷରୁ କୁହାଯାଇଛି। ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ପରିସରରେ ବୁଧବାର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଗଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକରେ ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ, ସହାୟକ ଜିଲାପାଳ ଦେବାଶିଷ ସାମଲ, ଥାନା ଏସଆଇ ସରୋଜ ରଞ୍ଜନ ରଥ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜିଲା କ୍ରିୟାନୁଷ୍ଠାନ କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଜିଲା ସଂଗ୍ରାମୀ ଉପସ୍ଥିତ ରହି ଗଣତନ୍ତ୍ରର କଣ୍ଠରୋଧ କରି ସରକାର ଉପଖଣ୍ଡ ଅଞ୍ଚଳର ଦୀର୍ଘ ୨୬ ବର୍ଷର ଜିଲା ଦାବିକୁ ପୂରଣ କରୁ ନ ଥିବା ନେଇ ଗଣତନ୍ତ୍ର ଦିବସରେ କୌଣସି ଚାକଚକ୍ୟ କରାଯିବ ନାହିଁ ବୋଲି କହିଥିଲେ। ଏପରି କି ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନର ଏନ୍‌ଏସି, ସ୍କାଉଟ, ଗାଇଡ ତଥା ସାଂସ୍କୃତିକ ଦଳ ମଧ୍ୟ ଗଣତନ୍ତ୍ର ଦିବସରେ ସାମିଲ ହେବେ ନାହିଁ ବୋଲି ଜଣାଯାଇଛି। ଅପରପକ୍ଷରେ ଜିଲା ସଂଗ୍ରାମୀଙ୍କ ବିରୋଧ ନେଇ ଉପଜିଲାପାଳଙ୍କ ଦ୍ୱାରା ପତାକା ଉତ୍ତୋଳନ ପରେ କାର୍ଯ୍ୟକ୍ରମ ସମାପନ ହେବ ବୋଲି ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବେହେରା କହିଛନ୍ତି। ବୁଧବାର ଧାରଣାରେ ନାରେନ ପଞ୍ଚାତୟର ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ। ଏନେଇ ସ୍ଥାନୀୟ ସରପଞ୍ଚ ଦୟାରାମ ଅଗ୍ରୱାଲ, ମା ବୀଣାପାଣି ପାଠାଗାର ସଭାପତି ମୀନକେନତ ବଗର୍ତ୍ତଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା ପରେ ଧାରଣାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଦିବାସୀ ନେତା ଥବିର ପୁଝାରୀ, ତବନ୍ତ ପୁଟେଲ, ଅନିଲ ସ୍ୱାଇଁ, ସତ୍ୟାନନ୍ଦ ରଣା, ଭାଗବତ ସ୍ୱାଇଁ, ସଞ୍ଜୀବ ସ୍ୱାଇଁ, ନିଳମଣୀ ଆଡ଼ୟୁଆଡ, ସେନାରି ସ୍ୱାଇଁ, ଗୋପାଳ ସ୍ୱାଇଁ, ଭକ୍ତରାମ ରଣା, ମେତନା ପରାଭୋଇ, ବୈଦ ସାନ୍ତ, ଲକ୍ଷ୍ମୀ ସ୍ୱାଇଁ, ବିଶାଖା ମାଝି, କୌଶଲ୍ୟା ମାଝୀ, ସରୋଜିନୀ ଦୀପ, ବରନା ମହାନନ୍ଦ, ଗୌରି ଶିକା, କପୁର ମହାନନ୍ଦ, ଭାରତୀ ମହାନନ୍ଦ, ସୁମିତ୍ରା ଦୀପ, ରମା ମହାନନ୍ଦ, ସାବିତ୍ରୀ ରଣା, ବବି ସ୍ୱାଇଁ, ଦୟମନ୍ତୀ ପୂଝାରୀ ପ୍ରମୁଖ ସାମିଲ ହୋଇଥିଲେ।

# କନ୍‌ଭେଣ୍ଟ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଲୋଇସିଂହା,୯।୧୧ (ଡି.ଏନ.ଏ.)

ଲୋଇସିଂହା ବ୍ଲକ ଅଧୀନ ଝାରମୁଣ୍ଡା ଗ୍ରାମର ବେଥାନୀ କନ୍‌ଭେଣ୍ଟ ସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗୀତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ପ୍ରତିଯୋଗଗିତାରେ ୩୦ଟି ବିଭାଗରେ ସ୍କୁଲର ୩ଶହ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସ୍କୁଲ ପ୍ରିନ୍ସିପାଲ ଅନୁଜ୍ୟୋତିଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅବସର ପ୍ରାପ୍ତ ନୌସେନା କର୍ମଚାରୀ ନୟୁରୁଲ୍ଲା ଖାନ ମୁଖ୍ୟଅତିଥି, ଯୋଶେଫ ଆଣ୍ଟୋନୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟାନ୍ୟା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରୀ ଉତ୍ସବକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।



ମୁଖ୍ୟଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ବଲାଙ୍ଗୀରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ଝାରମୁଣ୍ଡା ପଞ୍ଚାୟତବାସୀ ଆନ୍ଦୋଳନରେ ସାମିଲ

ଲୋଇସିଂହା,୯।୧ (ଡି.ଏନ.ଏ)

ବଲାଙ୍ଗୀରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଜିଲା ଓକିଲ ସଂଘ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ଦିର୍ଘ ଦିନ ହେଲା ଆନ୍ଦୋଳନ କରି ଆସୁଛନ୍ତି। ଅନ୍ୟପକ୍ଷେ ଆନ୍ଦୋଳନ ଦିନକୁ ଦିନ ତିବ୍ରତର ହେବାରେ ଲାଗିଛି। ବୁଧବାର ଆନ୍ଦୋଳନରେ ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତବାସୀ ସାମିଲ ହୋଇ ଦାବି ପୂରଣରେ ସମର୍ଥନ ଜଣାଇଛନ୍ତି। ଝାରମୁଣ୍ଡା ସରପଞ୍ଚ ସୁନୀଲ ଅଗ୍ରୱାଲ, ଉପାଧକ୍ଷ ଜତୀନ୍ଦ୍ର ପଟେଲ, ଶ୍ୟାମସୁନ୍ଦର ମେହେରଙ୍କ ନେତୃତ୍ୱରେ ଝାରମୁଣ୍ଡା ଗ୍ରାମର ଆଥଲେଟିକ ଆସୋସିଏଶନ, ଆଦିବସୀ କ୍ଲବ ଓ ଧନୁଯାତ୍ରା କମିଟି କର୍ମକର୍ତ୍ତାଙ୍କ ସମେତ ପଞ୍ଚୟତର ଆମ୍ବପାଲି, ପରଧିଆପାଲି, ଲୁଚକିବାହାଲ ଓ ମନସାପାଲି ଗ୍ରାମବାସୀ ଶହରୁ ଉର୍ଦ୍ଧ୍ୱ ବାଇକ୍‌ରେ ଝାରମୁଣ୍ଡାରୁ ରାଲିରେ ବାହାରି ଲୋଇସିଂହା ଦେଇ ୩୨ କି.ମି ବାଇକ ଆନ୍ଦୋଳନରେ ସାମିଲ ହୋଇଥିଲେ।




ଲୋଇସିଂହା ଅଗ୍ରସେନ ଭବନରୁ ବାଇକ୍ ରାଲିରେ ବଲାଙ୍ଗୀର ଅଭିମୁଖେ ବାହାରି ଥିବା ଝାରମୁଣ୍ଡା ପଞ୍ଚାୟତବାସୀ।

ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

# ଝାରସୁଗୁଡ଼ା, ଟିଟିଲାଗଡ଼ ଫାଇନାଲ ମୁକାବିଲା

ଟିକ୍ରାପଡ଼ା,୯।୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ପଞ୍ଚାୟତ ଅଧୀନ ଛନଛଡାଠାରେ ପାଟଣେଶ୍ୱରୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ବାର୍ଷିକ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଥିଲା ଷଷ୍ଠ ଦିବସ। ଏହି ଅବସରରେ ଝାରସୁଗୁଡ଼ା ଦଳ ଏବଂ ବରଗଡ ଦଳ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ୧-୧ ଗୋଲରେ ଅମିମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ବରଗଡ ଦଳକୁ ୪-୨ ଗୋଲରେ ହରାଇ ଝାରସୁଗୁଡା ଦଳ ଫାଇନାଲରେ ପ୍ରବେଶ କରିଛି। ପାଣ୍ଡବ ବିଶି, ରିଙ୍କୁ ବିଶି, ପିଣ୍ଟୁ ବିଶି, ଲୋକନାଥ ବିଶି ଖେଳ ପରିଚାଳନା କରିଥିଲେ। ରାହୁଲ ଶର୍ମା, ହେମନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ। ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ବ୍ଲକ କଂଗ୍ରେସ ସଭାପତି ଗୁଣସାଗର ମାଝି, କରମତଲା ପ୍ୟାକ୍ସ ସଭାପତି ବିକ୍ରମ ସିଂ ବୁଡେକ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁବାର ଝାରସୁଗୁଡ଼ା ଏବଂ ଟିଟିଲାଗଡ଼ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଅୟୋଜକ କମିଟି ପକ୍ଷରୁ କୁହାଯାଇଛି।



ବୁଧବାର ଅନୁଷ୍ଠିତ ମ୍ୟାଚରେ ଅତିଥିଙ୍କ ସହ ୨ ଦଳର ଖେଳାଳି।

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୧୦ ଜାନୁୟାରୀ, ୨୦୧୯



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### କାଳିଆ ଯୋଜନାର ସମୀକ୍ଷା କଲେ ତହସିଲଦାର

ଭବାନୀପାଟଣା,୯।୧(ଡି.ଏନ.ଏ.)- କଳାହାଣ୍ଡି ତହସିଲଦାର ଲକ୍ଷ୍ମଣ ଅମାତ ମଙ୍ଗଳବାର ଭବାନୀପାଟଣା ବ୍ଲକ ବିଭିନ୍ନ ପଞ୍ଚାୟତ ଗସ୍ତ କରି କାଳିଆ ଯୋଜନାର ସମୀକ୍ଷା କରିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ କାଳିଆ ଯୋଜନାରେ ସାମିଲ ପାଇଁ ପଞ୍ଜୀକରଣ ଓ ଆବେଦନ କାର୍ଯ୍ୟ ଭବାନୀପାଟଣା ସଦର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଚାଲିଛି। ସରକାରଙ୍କ ଏହି ଯୋଜନାରେ କ୍ଷୁଦ୍ର, ନାମମାତ୍ର ଓ ଅସହାୟ ଚାଷୀମାନେ ଯେଭଳି ବଞ୍ଚିତ ନ ହେବେ ସେ ଦିଗରେ ଯତ୍ନବାନ ହେବା ପାଇଁ ପଞ୍ଜୀକରଣ ଅଧିକାରୀମାନଙ୍କୁ ତହସିଲଦାର ପରାମର୍ଶ ଦେଇଥିଲେ। ତହସିଲଦାର ଡୁମୁରିଆ, ବୋର୍ଡା, ଅର୍ତ୍ତଲ, ପଲନା, କେନ୍ଦୁପାଟି, ବୋରଭଟା, ସେଁପୁର ଆଦି ପଞ୍ଚାୟତ ଯାଇ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସମୀକ୍ଷା କାର୍ଯ୍ୟକ୍ରମରେ ଡୁମୁରିଆ ସରପଞ୍ଚ ସଞ୍ଜୀବ କୁମାର ମିଶ୍ର, ବୋର୍ଡା ସରପଞ୍ଚ ରିନାରାଣୀ ଜାଲ, କେନ୍ଦୁପାଟି ସରପଞ୍ଚ ନାଗେଶ୍ୱର ବାଗ, ସେଁପୁର ପଞ୍ଚାୟତ ରାଜେଶ ସାହୁ, ପଲନା ସରପଞ୍ଚ ଡି.ବାଗ, ପିଇଓ ସିଦ୍ଧେଶ୍ୱର ଦେବ, କୃଷି ଅଧିକାରୀ ଚିତ୍ତରଞ୍ଜନ ସା, ଖଗପତି ଛୁରା ପ୍ରମୁଖ ଉପସ୍ଥିତ ଥିଲେ।

---

ରାଜ୍ୟସ୍ତରୀୟ ସୁରେନ୍ଦ୍ର ମେମୋରିଆଲ ଭଲିବଲ

# ଭବାନୀପାଟଣାକୁ ହରାଇ ଦର୍ଲିମୁଣ୍ଡା ଚାମ୍ପିୟନ

ନୂଆପଡା ଅଫିସ,୯।୧



ବିଜେତା ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି ।

ସ୍ଥାନୀୟ ଦର୍ଲିମୁଣ୍ଡାସ୍ଥିତ ହାଇସ୍କୁଲ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ସୁରେନ୍ଦ୍ର ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଆୟୋଜକ ଦର୍ଲିମୁଣ୍ଡା ଦଳ ଭବାନୀପାଟଣାକୁ ହରାଇ ଚାମ୍ପିୟନ ହୋଇଛି । ଦିନିକିଆ ଟୁର୍ନାମେଣ୍ଟରେ ନୂଆପଡା ସମେତ ବରଗଡ, କଳାହାଣ୍ଡି ଜିଲାର ମୋଟ ୮ଟି ଦଳ ଭାଗ ନେଇଥିଲେ । ଆୟୋଜକ ଦର୍ଲିମୁଣ୍ଡା ଏବଂ ଭବାନୀପାଟଣା ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା । ଲାଗ ଲାଗ ଦୁଇ ସେଟରେ ଯଥାକ୍ରମେ ୨୫-୨୨ ଏବଂ ୨୫-୧୮ସେଟରେ ହରାଇଥିଲେ । ଫାଇନାଲ ମ୍ୟାଚ ବହୁ ସଂଘର୍ଷପୂର୍ଣ୍ଣଥିଲା । ଉଦ୍‌ଯାପନୀ ଉତ୍ସବରେ ମ୍ୟାଚର ଆୟୋଜକ ଗିରିଧାରୀ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି, ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ସରୋଜ କୁମାର ସାହୁ, ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରକାଶ ସାହୁ, ଠିକାଦାର ସଂଘ ପୂର୍ବତନ ସଭାପତି ସଞ୍ଜୁ ପୁରୋହିତ, ବଲାଙ୍ଗୀର ଜିଲା କ୍ରିଡାଧିକାରୀ ରାଜେନ୍ଦ୍ର ବଢେଇ, ଟଙ୍କଧର ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ଡୋଲାମଣୀ ପ୍ରଧାନ, ଈଶ୍ୱର ଚନ୍ଦ୍ର ସାହୁ, ମୂରଲୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ୫ ହଜାର ଏବଂ ରନର୍ସ ଅପ୍ ଦଳକୁ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଅବସରରେ ଦଲିମୁଣ୍ଡା ଭଳି ଏକ ଉପାନ୍ତ ମଫସଲରେ ଭଲିବଲ ପ୍ରତି ଉତ୍ସାହ ଦେଖାଉଥିବାରୁ ଅତିଥିମାନେ ଭୁୟସୀ ପ୍ରଶଂସା କରିଥିଲେ। ଏଠାରେ କ୍ରିଡାର ଉନ୍ନତି ସକାଶେ ସହଯୋଗ କରିବେ ବୋଲି ମୁଖ୍ୟ ଅତିଥି ଢୋଲକିଆ, ସରୋଜ ସାହୁ ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ରେଫରି ଭାବରେ ହେମକୁମାର ଖର୍ସେଲ, ପରଖିତ ଖର୍ସେଲ, ଭାରତ ପ୍ରଧାନ, ଶଙ୍କର ସତନାମୀ ଥବିର ଭୋଇ ପରିଚାଳନା କରିଥିବାବେଳେ ତପିରାମ ଘିଭେଲା, ମୁକେଶ ଭୋଇ, ରାମପ୍ରସାଦ ବନଛୋର ପ୍ରମୁଖ ଖେଳକୁ ସହଯୋଗ କରିଥିଲେ । ଯଶୋବନ୍ତ ସେନାପତି ଧାରାବିବରଣୀ ପ୍ରଦାନ କରିଥିଲେ ।

---

# ପତୋରାରେ ବୁଡ଼ଦେଇ କ୍ଷମା ପ୍ରାର୍ଥନା କଲେ କଂସାସୁର

ନୂଆପଡା ଅଫସ,୯।୧

ମଙ୍ଗଳବାର ନୂଆପଡା କୋଶଳୀ ଧନୁଯାତ୍ରାର ଶେଷ ରଜନୀ ହୋଇଥିବାବେଳେ ବୁଧବାର ମହାରାଜ କଂସାସୁର ପାଟ ପାରିଷଦଙ୍କୁ ନେଇ ସ୍ଥାନୀୟ ପତୋରାସ୍ଥିତ ଶୈବ ପୀଠକୁ ଯାଇ ଡ୍ୟାମରେ ବୁଡ ପକାଇଛନ୍ତି। ବୁଡଦେବା ପରେ ବାବା ଯୋଗେଶ୍ୱରଙ୍କୁ ଦର୍ଶନ କରି କ୍ଷମାପ୍ରାର୍ଥନା କରିଛନ୍ତି । ଏହି ଅବସରରେ ମନ୍ଦିରରେ ଭୋଗ ଖାଇଥିବା ପ୍ରକାଶ ।

ପୂର୍ବାହ୍ନ ୧୧ଟାବେଳେ ମହାରାଜ କଂସାସୁର ନିଜର ପାଟମନ୍ତ୍ରୀ ସହ ଧନୁଯାତ୍ରା ପରିଚାଳନା କମିଟି ସଦସ୍ୟମାନଙ୍କୁ ନେଇ ପତୋରା ଅଭିମୁଖେ ବାହାରିଥିଲେ। ଠିକ ୧୨ଟାରେ ସେଠାରେ ପହଞ୍ଚିଥିଲେ । ସେଠାରେ ମନ୍ଦିରର ଅତିଥିଶାଳାରେ ସ୍ୱତନ୍ତ୍ର ଭାବେ ବନ୍ଦପନା କରି ସ୍ୱାଗତ କରାଯାଇଥିଲା। ନିଜର ସମସ୍ତ ମୁକୁଟ ଏବଂ ଆଭୁଷଣକୁ ଓହ୍ଲାଇ ଡ୍ୟାମରେ ବୁଡ ପକାଇଥିଲେ । ମନ୍ତ୍ରପାଠ କରି ପ୍ରାୟଶ୍ଚିତ କରିଥିଲେ । ସେଠାରୁ ବାହାରି ଯୋଗେଶ୍ୱର ମନ୍ଦିର ଦର୍ଶନ କରିଥିଲେ



କଂସ ଭୂମିକାରେ ଥିବା ମଧୁସୂଦନ ପାଣିଗ୍ରାହୀ ବାବା ଯୋଗେଶ୍ୱରଙ୍କୁ କ୍ଷମାପ୍ରାର୍ଥନା କରୁଛନ୍ତି ।

। ପୂଜାପାଠ କରି ଭୋଗଶାଳାକୁ ଯାଇ ଅନ୍ନଭୋଗ କରିଥିଲେ। ଏଥିରେ କଂସ ଭୂମିକାରେ ମଧୁସୂଦନ ପାଣିଗ୍ରାହୀ, ପରିଚାଳନା କମିଟି କୋଷାଧ୍ୟକ୍ଷ ସଞ୍ଜୟ କୁମାର ପାଢୀ, ଲୋକନାଥ ରଥ, ଆଶୁତୋଷ ଦାଶ, ଅବନୀ ରଞ୍ଜନ ଘୋଷ,। ଶରତ କୁମାର ପଣ୍ଡା, ସୁରଜିତ ସିଂ ମହାରଥା ପ୍ରମୁଖ ସାମିଲ ଥିଲେ । ଏହି କାର୍ଯ୍ୟକ୍ରମ ପରେ ଧନୁଯାତ୍ରା ଟିମ ପ୍ରତ୍ୟାବର୍ତନ କରିଯାଇଥିଲେ।

---

# ନୃତ୍ୟକଳା ପ୍ରତିଯୋଗିତା ଉଦ୍‌ଯାପିତ

ମଣ୍ଡଳ,୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ନୂଆଗାଁ ପଞ୍ଚାୟତ ଭାଲୁଗୁଡା ଡମ୍ ସମାଜ ଆନୁକୂଲ୍ୟରେ ଲକ୍ଷ୍ମୀପୂଜା ଉପଲକ୍ଷେ ହେବାକୁ ଥିବା ନୃତ୍ୟକଳା ପ୍ରତିଯୋଗିତା ମଙ୍ଗଳବାର ରାତିରେ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଉକ୍ତ ଗ୍ରାମ୍ୟବ୍ୟାଙ୍କ ଅବସର ମ୍ୟାନେଜର ରମେଶ ଚନ୍ଦ୍ର ମୁଣ୍ଡଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିଯୋଗିତାରେ ୧୫ଟି ନୃତ୍ୟ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ମୁଖ୍ୟଅତିଥି ଜିଲ୍ଲା କଂଗ୍ରେସ ଉପସଭାପତି ଦିଗାମ୍ବର ଦୁରିଆ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଗ୍ରାମର ବିଶିଷ୍ଟ କଳାକାର କେଶବ ଶବର, ସମ୍ମାନିତ ଅତିଥି ଅବସର କୃଷି ଅଧିକାରୀ ମାଧବ ବାଗ, କଳମପୁର ୧ ନଂ ଜୋନ ଉପସଭାପତି ପଦ୍ମକିଶୋର ନାଏକ, ଅନଙ୍ଗସେନ୍ ବାଗ, ଅଜିତ ମୁଣ୍ଡ,



ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଫୁଲସିଂଗ ମାଝି, ସନ୍ତୋଷ ମୁଣ୍ଡ, ସୁମେଶ୍ୱର ସେଠି, ଗୋବିନ୍ଦଲାଲ, ଧରଣୀଧର ଧାଙ୍ଗଡା ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ନୃତ୍ୟ ପ୍ରତିଯୋଗିତାରେ ମିସ୍ ଅଞ୍ଜଳି କେସିଙ୍ଗା ପ୍ରଥମ, ବିକି ଟାଇଗର୍ ବଡସିଙ୍ଗୁଡା ଦ୍ୱିତୀୟ, ମିସ୍ ନିରୁପମା ଭୁରସିଙ୍ଗୁଡା ତୃତୀୟ, ମା' ଠାକୁରାଣୀ କରଞ୍ଜିଗୁଡା ଚତୁର୍ଥ, ମା' ମାଉଳୀ ଡ୍ୟାନ୍ସ ଗ୍ରୁପ ମହିପାଣି ପଞ୍ଚମ, ମିସ୍ ଅଞ୍ଜୁ ଭବାନୀପାଟଣା ଷଷ୍ଠ ସ୍ଥାନ ଅଧିକାର କରିଥିଲେ । ବିଚାରପତି ଭାବେ ଅନୁଷ୍ଠାନର ଛତିଶ ପାନ, କେଶବ ଶବର, ଡମ୍ବରୁଧର ଦୁର୍ଗା, ସଦନ ପାନ କାର୍ଯ୍ୟ ତୁଲାଇଥିଲେ । ଜଳନ୍ଧର ପାନ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ବିଶିକେଶ ପାନ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ମହେନ୍ଦ୍ର ତାଣ୍ଡି, ଶ୍ରୀମୁଖ ପାନ, ଯୁଧିଷ୍ଠିର ପାନ, ରଘୁଦୁର୍ଗା, କଳବେଦ ପାନ୍, ଜଗଦିଶ ପାନ୍, ବିବାକର ପାନ, ଦୁର୍ଗା ପାନ୍, ଦେବାନନ୍ଦ ପାନ୍, ଶୁର୍ଶେଲ ପାନ୍ ତଥା ପଡାର ସମସ୍ତଙ୍କ ଉଦ୍ୟମରେ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା । ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ।

---

# ଯୁବ ସାମାଜିକ କର୍ମୀ ରାଜେଶ ମହାରଣାଙ୍କୁ ଓଡିଶା ଯୁବ ସ୍ୱେଚ୍ଛାସେବୀ ସମ୍ମାନ

ଭବାନୀପାଟଣା,୯।୧(ଡି.ଏନ.ଏ.)

ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ୍ ଓ କାଞ୍ଚନ ଫାଉଣ୍ଡେସନ୍ ତରଫରୁ ଭୁବନେଶ୍ୱରସ୍ଥିତ ରେଡକ୍ରସ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭବାନୀପାଟଣାର ରାଜେଶ ମହାରଣାଙ୍କୁ 'ଓଡିଶା ଯୁବ ସ୍ୱେଚ୍ଛାସେବୀ ସମ୍ମାନ- ୨୦୧୮' ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରାଜଧାନୀ ପୁସ୍ତକମେଳା ସମ୍ପାଦକ ବିଭୁତି ଭୂଷଣ ପଟ୍ଟନାୟକ, ମୁଖ୍ୟବକ୍ତା ନିର୍ମାଣ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ସମାଜ ସେବା କ୍ଷେତ୍ରରେ ଯୁବପିଢିଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବିଭିନ୍ନ ଉଦାହରଣ ଦେଇଥିଲେ। ଏହି ଅବସରରେ ଓଡିଶାର ଅନ୍ୟ ଜିଲ୍ଲା ଯୁବ ସାମାଜିକ କର୍ମୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ମହାରଣା ଛାତ୍ର ଜୀବନରୁ ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ଶିକ୍ଷା ଆଦି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ସମ୍ମାନିତ ହୋଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର ଓ କାଞ୍ଚନ ଫାଉଣ୍ଡେସନ୍ ସମ୍ପାଦକ ତାପସ ରଞ୍ଜନ ମଲ୍ଲିକ୍ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ରାଜେଶଙ୍କୁ ଏଭଳି ଏକ ସମ୍ମାନ ମିଳି ପରେ ତାଙ୍କୁ ଜିଲ୍ଲାର ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

---

ହାତୀବନ୍ଧା-ମା' ପାହାରଭଣ୍ଡାର ଫୁଟବଲ୍ ଟୁର୍ନାମେଣ୍ଟ

# ଚତୁର୍ଥ ଦିବସରେ ରାୟପୁର ବିଜୟୀ

ସିନାପାଲି,୯।୧ (ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ହାତୀବନ୍ଧାଠାରେ ସ୍ପୋର୍ଟସ୍ କ୍ଲବ୍ ହାତୀବନ୍ଧା ଆନୁକୂଲ୍ୟରେ ଗତ ୬ ତାରିଖଠାରୁ ଆରମ୍ଭ ହୋଇଥିବା ମା' ପାହାରଭଣ୍ଡାର ନକ୍‌ଆଉଟ୍ ଫୁଟବଲ୍ ଟୁର୍ନାମେଣ୍ଟ-୨୦୧୯ର ଚତୁର୍ଥ ଦିବସରେ ସୋନପୁର ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରାକୁ ହରାଇ ରାୟପୁର (ଛ.ଗ.) ପେନାଲଟି ଜରିଆରେ ୩-୧ରେ ବିଜୟ ଲାଭ କରିଛି। ଏହି ମ୍ୟାଚ୍ ଅବସରରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ହରେକୃଷ୍ଣ ପଣ୍ଡା, ସ୍ପୋର୍ଟସ୍ କ୍ଲବ୍ ସଭାପତି ପ୍ରମୋଦ କୁମାର ପଣ୍ଡା, ସମ୍ପାଦକ ଭରତ ଚନ୍ଦ୍ର ମିଶ୍ର, ଉପଦେଷ୍ଟା ଚିତ୍ରଭାନୁ ସିଂ ମାଝି, ସମ୍ମାନିତ ଅତିଥି ଭାବେ ମଖାପଦର ସରପଞ୍ଚ ବଳଦେବ ମାଝି, ବରଗାଁ ସରପଞ୍ଚ ଗୌର ବଗର୍ତ୍ତୀ, ହୁକୁମଚନ୍ଦ୍ର ଅଗ୍ରୱାଲ, ଧରମସିଂ ମାଝି, ରମେଶ ଚନ୍ଦ୍ର ମେହେର, ନରେନ୍ଦ୍ର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। କମଳ ପ୍ରସାଦ ମିଶ୍ର ଖେଳ ପରିଚାଳନା କରିଥିବା ବେଳେ ଉପେନ୍ଦ୍ର ବାଗ ଏବଂ ଦେବାଶିଷ ମିଶ୍ର ଲାଇନ୍ ମ୍ୟାନ୍ ଭାବରେ ସହଯୋଗ କରିଥିଲେ । ଗୋଲ ଜଜ୍ ଭାବରେ ଧନଞ୍ଜୟ ମେହେର ଓ ଜଗନ୍ନାଥ ଭୋଇ ଦାୟିତ୍ୱ ତୁଲାଇଥିଲେ। ଖିରସିନ୍ଧୁ ମେହେର, ଆନନ୍ଦାନନ୍ଦ ମେହେର, ପ୍ରକାଶ ପାତ୍ର ପ୍ରମୁଖ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ସାମିଲ ହୋଇଛନ୍ତ। ପୁଲ-ଏରେ ଦାମନଯୋଡି, ସମ୍ବଲପୁର, ରାୟଗଡା ଏବଂ ବିଳାସପୁର ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏହି ପୁଲ୍‌ରୁ ବିଳାସପୁରକୁ ହରାଇ ଦାମନଯୋଡି ଫାଇନାଲ୍‌କୁ ଉନ୍ନୀତ ହୋଇଛି। ପୁଲ-ବିରେ ରାୟପୁର, ସୋନପୁର, ନବରଙ୍ଗପୁର ଓ ବିଶାଖାପାଟନମ୍ ଅଛନ୍ତି। ଏମାନଙ୍କୁ ମଧ୍ୟରୁ ଯିଏ ଫାଇନାଲକୁ ଉନ୍ନୀତ ହେବ ସେହି ଦଳ ଆଗାମୀ ୧୨ ତାରିଖରେ ଦାମନଯୋଡି ସହିତ ଫାଇନାଲ୍ ମୁକାବିଲା ହେବ । ଏହି ଟୁର୍ନାମେଣ୍ଟ ପରିଚାଳନାରେ ସଭାପତି ଭାବରେ ପ୍ରମୋଦ କୁମାର ପଣ୍ଡ, ଉପସଭାପତି ଅଖିଳ ସିଂ ମାଝି, ସମ୍ପାଦକ ଭରତ ଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ରମେଶ ଦୁବେ ଓ କୋଷାଧ୍ୟକ୍ଷ ଆନନ୍ଦାନନ୍ଦ ମେହେର ଦାୟିତ୍ୱ ତୁଲାଉଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ଚିତ୍ରଭୁନୁ ସିଂ ମାଝି, ହୁକୁମ ଚନ୍ଦ୍ର ଅଗ୍ରୱାଲ, ପ୍ରେମଲାଲ ମେହେର, ହନୁମାନ ବେହେରା, ଭରତ ଚନ୍ଦ୍ର କାଣ୍ଡ, ଧରମସିଂ ମାଝି, ସନ୍ତୋଷିନୀ ଅଗ୍ରୱାଲ, ଦୁଲପତ ମାଝି, ରାଜେନ୍ଦ୍ର ଜାନି ପ୍ରମୁଖ ଦାୟିତ୍ୱରେ ଅଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କମଳ ପ୍ରସାଦ ମିଶ୍ର, ହରିହର ମେହେର, ଜଗନ୍ନାଥ ଭୋଇ, ଗରୁଡଧ୍ୱଜ ବେହେରା, ରଘୁ ମଙ୍ଗରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି। ପ୍ରକାଶଯୋଗ୍ୟ ଯେ, ଏହା ଏକ ଆନ୍ତଃରାଜ୍ୟ ଫୁଟବଲ୍ ଟୁର୍ନାମେଣ୍ଟ ହୋଇଥିବା ବେଳେ ପ୍ରବଳ ଜନସାମଗମ ହେଉଥିବା ଦେଖିବାକୁ ମିଳୁଛି ।



ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟରେ ଯୋଗଦେଇଥିବା ଅତିଥି ।

---

# ମା' ଲଙ୍କେଶ୍ୱରୀ ଫୁଟବଲ: ଟିଟିଲାଗଡ଼ ଚାମ୍ପିୟନ

ଜୁନାଗଡ,୯।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ ଆଡିଗାଁ ପଞ୍ଚାୟତ ମିରାଗାଁ ମା' ମାଉଳି ଖେଳ ପଡିଆଠାରେ ଚାଲିଥିବା ମା' ଲଙ୍କେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଟିଟିଲାଗଡ ଓ ନୂଆପଡା ମଧ୍ୟରେ ହୋଇଥିଲା। ଏଥିରେ ଟିଟିଲାଗଡ ୬-୨ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫାଇନାଲ ଖେଳକୁ ସନ୍ତୋଷ ପ୍ରଧାନୀ ପରିଚାଳନା କରିଥିବା ବେଳେ ନବିନ ପ୍ରଧାନୀ ଧାରାବିବରଣୀ ପ୍ରଦାନ କରିଥିଲେ । ସ୍ଥାନୀୟ ମା' ଲଙ୍କେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଜୁନାଗଡ ପୂର୍ବତନ ଏନଏସି ଅଧ୍ୟକ୍ଷ ମହେଶ କୁମାର ସାହୁ, ବରିଷ୍ଠ ରସାୟନବିତ ସତ୍ୟ ପ୍ରକାଶ ନାଏକ, ଖେଳ ଶିକ୍ଷକ ବିଧାଧର ପ୍ରଧାନୀ, ପଦ୍ମ ଲୋଚନ ପ୍ରଧାନୀ, ବେଣୁଧର ପ୍ରଧାନୀ, ବଜ୍ରକାନ୍ତ ସରାଫ, ଯୁଧିଷ୍ଠିର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ଟିଟିଲାଗଡ ଦଳ ଖେଳାଳି ।

---

# ସୁନାମୁଖୀ ପୀଠ ହେଲା ରକ୍ତରଞ୍ଜିତ

ମଦନପୁର,୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଓ ଅଲାରଗାଠାରେ ସୁନାମୁଖୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଚାରି ଗୋଟି ପୋଡ ଏବଂ ଶତାଧିକ ପଶୁପକ୍ଷୀ ବଳି ଦିଆଯାଇଛି । ଜୁଗୁଡିଆ କନ୍ଧ ସମ୍ପ୍ରଦାୟର ରାଜା ରାଜୁଡା ଶାସନରୁ ପରମ୍ପରାରେ ଗୁଲିଆ ଯାତ୍ରା ଦିନକ ପରେ ପ୍ରତିବର୍ଷ ପୌଷ ମାସ ଶୁକ୍ଳ ପକ୍ଷ ପ୍ରଥମ ବୁଧବାର ସୁନାମୁଖୀ ଯାତ୍ରାଠାରେ ପଶୁପକ୍ଷୀ ବଳି ଦେବା ପ୍ରଥା ଚାଲି ଆସୁଛି । ସୁନାମୁଖୀ ଯାତ୍ରାରେ କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ ଏବଂ କନ୍ଧମାଳ ଜିଲ୍ଲାର ବହୁ ମାନସିକଧାରୀ ଭକ୍ତମାନେ ସାମିଲ ହୁଅନ୍ତି । ଯାତ୍ରା ଆରମ୍ଭର ୩ ଦିନ ପୂର୍ବରୁ ପୁଜାରୀ ତଥା ତାଙ୍କ ପରିବାରର ଲୋକ ମୁଣ୍ଡ ମଏଳ ପୂଜା ବିଧି କରି ଯାତ୍ରାର ଦିନକ ପୂର୍ବରୁ ପୂଜାରୀଙ୍କୁ ଗ୍ରାମ ଲୋକେ ବରଣ କରିଥାନ୍ତି। ଯାତ୍ରା ଦିନ ପୂଜାରେ ଏବଂ ଗ୍ରାମର ଦିଆରୀ ଉପବାସ ରହି ସୁନାମୁଖୀ



ପୀଠରେ ପୂଜା କରିଥାନ୍ତି । ପୂଜା ସମୟରେ ଦିଆରୀଙ୍କୁ କାଳିଶି ଆସେ, କାଳିଶି ଲୁହା ଜଣ୍ଟା ଦୋଳିରେ ଝୁଲନ୍ତି ଏବଂ ବାଡେଇ ହୁଅନ୍ତି । ପ୍ରଥମେ ମ.ରାମପୁର ରାଜ ପରିବାର ତରଫରୁ ପାଟ ବୁଢା (ବୋଦା) ପୀଠରେ ବଳି ଦିଆଯାଏ, ଭକ୍ତରୁ ପାନ କରି କାଳିଶି ମାନସିକଧାରୀଙ୍କୁ ଓଡାଫୁଙ୍କା କରିଥାଏ । ମାନସିକଧାରୀ ମହିଳାମାନେ ପୁତ୍ର କାମନା ଏବଂ ରୋଗ ବୈରାଗ ଦୂର ପାଇଁ ପ୍ରଣାମ କରି କାଳିଶିଠାରୁ ଓଡାଫୁଙ୍କା ଏବଂ ଆର୍ଶିବାଦ ନେଇଥାନ୍ତି । ଏହି ଯାତ୍ରା ଦିନ ଶିଶୁ ପୂଜାରେ ଲାଗେ । ଏହା ପରେ ଲୋକେ ଶିଘ୍ର ନୂଆ ଖାଆନ୍ତି । ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ଦିଆରି ଜଗନ୍ନାଥ ଭୋଇ, ଜଗବନ୍ଧୁ ଭୋଇ ଓ ଦାମ ସୁନା, ପୂଜାରୀ ତ୍ରିଲୋଚନ ଭୋଇ ପ୍ରମୁଖଙ୍କ ସହିତ ଗ୍ରାମ ଲୋକ ସାହାଯ୍ୟ କରିଥିଲେ । ସେହିଭଳି ମଦନପୁର ସୁନାମୁଖୀ ପଡିଆରେ ପାରମ୍ପରିକ ରୀତିରେ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଳିଶି ବେଶରେ ଯୁଗେଶ୍ୱର ବାଣ୍ଡୁଆଁ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି ।

---

ଗୁଡହାଣ୍ଡି ମଞ୍ଚରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ

# ପାରମ୍ପରିକ ଲୋକକଳା ଉଜ୍ଜୀବିତ ଉପରେ ଗୁରୁତ୍ୱ

କୋକସରା,୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଗୁମୁରା- ୨୦୧୯ ବୁଧବାର ଗୁଡାହାଣ୍ଡି ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଇଷ୍ଟଦେବୀ ମା' ଠାକୁରାଣୀ ଓ ଆମପାଣି ବୁଢାରାଜ ପୀଠରୁ ମଶାଲ ଗୁଡହାଣ୍ଡି ମଞ୍ଚରେ ପହଞ୍ଚିବା ପରେ କୋକସରା ବ୍ଲକ ଅଧ୍ୟକ୍ଷ ସବ୍ୟାରାଣୀ ବାଗ ପାଲଟି ନେଇଥିଲେ । ଗ୍ରାମ ଦେବିଙ୍କ ପୂଜାରୀ ନନ୍ଦ କୁମାର ଧରୁଆ ମଞ୍ଚ ପୂଜା କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ବିଧାୟକ ପ୍ରତିନିଧି ପର୍ଶୁରାମ ପ୍ରଧାନୀ, ମୁଖ୍ୟବକ୍ତା ଜବାହର ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ, ସମ୍ମାନିତ ଅତିଥି କୋକସରା ବିଡିଓ ବସନ୍ତ କୁମାର ସେଠି, କୋକସରା ତହସିଲଦାର ମୌସୁମୀ ନାୟକ, ଏମ୍‌ପି ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ, ମେମରା ସମିତିସଭ୍ୟ ଜିତେନ୍ଦ୍ର ନାଏକ, କୋକସରା ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଅଶୋକା ନାଏକ, ଜିଲ୍ଲା ଉତ୍ସବ କମିଟିରୁ ଆସିଥିବା ପର୍ଯ୍ୟବେକ୍ଷକ ପ୍ରଦୀପ କୁମାର ସାହୁ ଓ ଅଶେଶ୍ୱର ବାଗ, ବ୍ଲକ ହିସାବ ରକ୍ଷକ ଅଧିକାରୀ ଅଶୋକ କୁମାର ମାଝି, ଏବିଇଓ ବିଜୟ କୁମାର ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥିମାନେ କଳାହାଣ୍ଡି ଉତ୍ସବ ଦ୍ୱାରା ଅଞ୍ଚଳ ଲୁକ୍କାୟିତ ଲୋକକଳାର ପୁନରୁଜ୍ଜିବନ ସହ ଲୋପ ପାଉଥିବା ପାରମ୍ପରିକ ଲୋକକଳାକୁ ଉଜ୍ଜିବିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ସ୍କୁଲ ଓ କଲେଜରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମାଟିଗୁଡାର ବନାବାଡି, କାଉଡୋଲାର ବନାବାଡି, ମୋଟେର ଗୁମୁରା କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ । ଉତ୍ସବର ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଅଧ୍ୟକ୍ଷ ସବ୍ୟାରାଣି ବାଗ, ମୁଖ୍ୟବକ୍ତା କୋକସରା ସମିତିସଭ୍ୟ ତ୍ରିଭୁବନ ନାଏକ, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ଧରାମଣି ଦାସ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ଗୋବର୍ଦ୍ଧନ ବାଗ ପ୍ରମୁଖ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ଭୁବନେଶ୍ୱରରୁ ଆସିଥିବା ସିମ୍ଫନ ଡ୍ୟାନ୍ସ ଏକାଡେମି, ଭବାନୀପାଟଣାର ପ୍ରତିଭା, ଜିଜନ, ନୃତ୍ୟାଙ୍ଗନା, ଜୁନାଗଡର ଓଡିଶୀ, ମୃଣାମୟୀ କଲଚରାଲ ସୋସାଇଟି ଭବାନୀପାଟଣାରୁ ଆସିଥିବା କଳାକାରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ମଞ୍ଚ ପରିଚାଳନା ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତ ଓ ଶିକ୍ଷକ ସୂର୍ଯ୍ୟନାରାୟଣ ଠାକୁର କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ଉତ୍ସବର ରୂପରେଖ ପ୍ରସ୍ତୁତ କରିଥିଲେ । ଶାନ୍ତିଶୃଙ୍ଖଳା ପାଇଁ କୋକସରା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଏନସିସି ଓ ସ୍କାଉଟ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଏହି ଅବସରରେ ନକ୍‌ଆଉଟ ଭଲିବଲ ପ୍ରତିଯୋଗିତା ହୋଇଥିଲା । ଏଥିରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଖେଳ ଶିକ୍ଷକ ଅମିତ କୁମାର ମାହାନ୍ତି, ସିଦ୍ଧାର୍ଥ ଶଙ୍କର ପ୍ରଧାନୀ, ଚନ୍ଦ୍ର ଭାନୁ ସୁନା, ସୁନିଲ କୁମାର ପ୍ରଧାନୀ, କ୍ଷେମରାଜ ପ୍ରଧାନୀ, ସନ୍ତୋଷ କୁମାର ନାଏକ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।



କୋକସରା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଗୁମୁରାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।



ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।

- ସାରଳା ଦାସ



**ସଂକ୍ଷେପରେ**

## ସୁବର୍ଣ୍ଣପୁରରେ ସାଧାରଣ ଧର୍ମଘଟ ସଫଳ

**ସୋନପୁର,୯।୧(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ସାଧାରଣ ଧର୍ମଘଟର ପ୍ରଭାବ ବୁଧବାର ଦେଖିବାକୁ ମିଳିଥିଲା । ଟ୍ରେଡ୍ ୟୁନିୟନ ସଂଗଠନ ପକ୍ଷରୁ ୧୧ ଦଫା ଦାବି ନେଇ ଦେଶବ୍ୟାପୀ ୨ ଦିନିଆ ବନ୍ଦ ଡାକରା ଦିଆ ଯାଇଥିଲା । କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ ବିରୋଧ କରି ଶ୍ରମିକ ସଂଗଠନ ଗୁଡିକ ପକ୍ଷରୁ ଏହି ଧର୍ମଘଟ ହୋଇଥିଲା। ଆନ୍ଦୋଳନର ଦ୍ୱିତୀୟ ଦିବସରେ ଜିଲା ସଦର ମହକୁମାରେ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ, କୋର୍ଟ କଚେରି ବନ୍ଦ ରହିଥିଲା । ଆନ୍ଦୋଳନ କାରୀମାନେ ପିକେଟିଂ କରି ଅଫିସଗୁଡିକ ବନ୍ଦ କରିଥିଲେ। ଦେଶବ୍ୟାପୀ ଧର୍ମଘଟ ଯୋଗୁ ରାସ୍ତାରେ ବସ୍ ଓ ଟ୍ରକ୍ ଭଳି ଯାନବାହାନ ଚଳାଚଳ ସ୍ୱତଃ ବନ୍ଦ ରହିଥିଲା । ଜିଲାପାଳ ମଧୁସୂଦନ ମିଶ୍ର ଶିକ୍ଷାନୁଷ୍ଠାନଗୁଡିକୁ ବନ୍ଦ କରିବାକୁ ସମସ୍ତ ବିଇଓଙ୍କୁ ମଙ୍ଗଳବାର ଚିଠି କରି ଥିବାରୁ ସ୍କୁଲ, କଲେଜଗୁଡିକ ବନ୍ଦ ଥିଲା । ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପାର୍ଟି ନେତା ଗୋବିନ୍ଦ ମହାରଣାଙ୍କ ନେତୃତ୍ୱରେ ଶ୍ରମିକ ନେତା କୁଶ ମହାକୁର, ଲଳିତ ମେହେର, ନିତ୍ୟାନନ୍ଦ ମଲ୍ଲିକ, କର୍ଣ୍ଣରାଜ ପ୍ରଧାନ, ଉମେଶ ପ୍ରଧାନ, ଲକ୍ଷ୍ମଣ ବସ୍ତିଆ, ଦିଲ୍ଲିପ ଦନ୍ତାଙ୍କ ସମେତ ବ୍ୟାଙ୍କ କର୍ମଚାରୀ ଏହି ବନ୍ଦରେ ସାମିଲ ହୋଇଥିଲେ। ତେବେ ବ୍ଲକସ୍ତରରେ କିଛି ସରକାରୀ କାର୍ଯ୍ୟାଳୟଗୁଡିକ ପୂର୍ବ ଭଳି ଖୋଲା ରହିଥିଲା।

## ଯୁବ ସାମାଜିକ କର୍ମୀ ରାଜେଶ ମହାରଣାଙ୍କୁ ଓଡିଶା ଯୁବ ସ୍ୱେଚ୍ଛାସେବୀ ସମ୍ମାନ

**ଭବାନୀପାଟଣା,୯।୧(ଡି.ଏନ.ଏ.):** ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେଶନ୍ ଓ କାଞ୍ଚନ ଫାଉଣ୍ଡେଶନ୍ ତରଫରୁ ଭୁବନେଶ୍ୱରସ୍ଥିତ ରେଡକ୍ରସ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭବାନୀପାଟଣାର ରାଜେଶ ମହାରଣାଙ୍କୁ 'ଓଡିଶା ଯୁବ ସ୍ୱଚ୍ଛାସେବୀ ସମ୍ମାନ- ୨୦୧୮' ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରାଜଧାନୀ ପୁସ୍ତକମେଳା ସମ୍ପାଦକ ବିଭୁତି ଭୂଷଣ ପଟ୍ଟନାୟକ, ମୁଖ୍ୟବକ୍ତା ନିର୍ମାଣ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ସମାଜ ସେବା କ୍ଷେତ୍ରରେ ଯୁବପିଢୀଙ୍କ ତ୍ୟାଗ ଓ କର୍ତ୍ତବ୍ୟ ସମ୍ପର୍କରେ ବିଭିନ୍ନ ଉଦାହରଣ ଦେଇଥିଲେ। ଏହି ଅବସରରେ ଓଡିଶାର ଅନ୍ୟ ଜିଲା ଯୁବ ସାମାଜିକ କର୍ମୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ମହାରଣା ଛାତ୍ର ଜୀବନରୁ ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ଶିକ୍ଷା ଆଦି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ସମ୍ମାନିତ ହୋଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେଶନ ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର ଓ କାଞ୍ଚନ ଫାଉଣ୍ଡେଶନ୍ ସମ୍ପାଦକ ତାପସ ରଞ୍ଜନ ମଲ୍ଲିକ୍ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ରାଜେଶଙ୍କୁ ଏଭଳି ଏକ ସମ୍ମାନ ମିଳି ପରେ ତାଙ୍କୁ ଜିଲାର ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ

# ବଲାଙ୍ଗୀର-ବିଚ୍ଛୁପାଲି ଟ୍ରେନ୍ ଚଳାଚଳ ଶୁଭାରମ୍ଭ ହେବ

- ବିଚ୍ଛୁପାଲି-ସୋନପୁର ରେଲୱେ କାର୍ଯ୍ୟର ଶୁଭଦେବେ
- ଉଜ୍ଜ୍ୱଳ ଭାରତ ସମାବେଶରେ ଯୋଗଦେବେ

**ବଲାଙ୍ଗୀର ଅଫିସ,୯।୧**

ଆସନ୍ତା ୧୫ ତାରିଖରେ ବଲାଙ୍ଗୀର ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏନେଇ ଚୁଡାନ୍ତ ଗସ୍ତ କାର୍ଯ୍ୟସୂଚୀ ପ୍ରଦାନ କରାଯାଇଛି । ସ୍ଥାନୀୟ ସାମ୍ବାଦିକ ଭବନରେ ଏକ ଖବରଦାତା ସମ୍ମିଳନୀରେ ଭାଜପା ଜିଲା ପ୍ରବକ୍ତା ପ୍ରଭାସ ପାଣିଗ୍ରାହୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତନେଇ ସୂଚନା ଦେବା ସହ ଦଳମତ ନିର୍ବିଶେଷରେ ମୋଦିଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସମସ୍ତଙ୍କୁ ନିମନ୍ତ୍ରଣ ପତ୍ର ଦେଇ ଆମନ୍ତ୍ରଣ କରାଯିବ ବୋଲି କହିଛନ୍ତି। ଏହି ଅବସରରେ ଭାଜପା ପକ୍ଷରୁ ମୋଦିଙ୍କ ଉଜ୍ଜ୍ୱଳ ଭାରତ ସମାବେଶ କାର୍ଯ୍ୟକ୍ରମର ନିମନ୍ତ୍ରଣ ପତ୍ର ପ୍ରଦର୍ଶନ କରାଯାଇଥିଲା। ଜିଲା ଭାଜପା ସଭାପତି ଭକ୍ତବନ୍ଧୁ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ପ୍ରବକ୍ତା ପାଣିଗ୍ରାହୀଙ୍କ ସହ ବରିଷ୍ଠ ଭାଜପା ନେତା



ଭାଜପା ନେତାମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଲାଙ୍ଗୀର ସମାବେଶ ନେଇ ନିମନ୍ତ୍ରଣ ପତ୍ର ପ୍ରଦର୍ଶନ କରୁଛନ୍ତି ।

ଗୋପାଲଜୀ ପାଣିଗ୍ରାହୀ, ଅନନ୍ତ ଦାଶ, ଡା ବାସୁଦେବ ପତି, ସରୋଜ ତ୍ରିପାଠୀ ଉପସ୍ଥିତ ଥିଲେ ।

ପ୍ରଧାନମନ୍ତ୍ରୀ ମୋଦି ଏହି ଗସ୍ତ ଅବସରରେ ବଲାଙ୍ଗୀର-ଖୋର୍ଦ୍ଧା ରେଳପ୍ରକଳ୍ପର ବଲାଙ୍ଗୀର ପଟରୁ ନିର୍ମାଣ ସରିଥିବା ୧୫ କି.ମି. ନୂତନ ରେଳପଥର ଉଦ୍‌ଘାଟନ ସହ ବଲାଙ୍ଗୀର-ବିଚ୍ଛୁପାଲି ପ୍ୟାସେଞ୍ଜର ଟ୍ରେନ୍ ଶୁଭାରମ୍ଭ କରିବା କରିବେ। ସେଠାରେ ବିଚ୍ଛୁପାଲି-ସୋନପୁର ରେଲୱେ ଟ୍ରାକ୍ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିବା ସହ ଅନ୍ୟାନ୍ୟ ବହୁ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା କାର୍ଯ୍ୟକ୍ରମ ରହିଛି । ଭାଜପା କର୍ମୀମାନେ ଗୁରୁବାରଠାରୁ ଘରକୁ ଘର ଯାଇ ନିମନ୍ତ୍ରଣ ପତ୍ର ବାଣ୍ଟିବେ ବୋଲି ଜିଲା ପ୍ରବକ୍ତା ପାଣିଗ୍ରାହୀ କହିଛନ୍ତି। ନିମନ୍ତ୍ରଣ ପତ୍ର ବଣ୍ଟନ ପୂର୍ବରୁ ଗୁରୁବାର ସକାଳେ ପାଟଣେଶ୍ୱରୀ ଓ ସମଲେଶ୍ୱରୀ ମନ୍ଦିରକୁ ଯାଇ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯିବ ବୋଲି ପାଣିଗ୍ରାହୀ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ୍, ଜିଲା ଭାଜପା ସଭାପତି ବସନ୍ତ ପଣ୍ଡା, ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ ଓ ଅନ୍ୟ ନେତାମାନେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି। ମୋଦିଙ୍କ କାର୍ଯ୍ୟକ୍ରମକୁ ନେଇ ଭାଜପା ନେତା ଓ କର୍ମୀ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି ।

## କାଳିଆ ଯୋଜନାର ସମୀକ୍ଷା କଲେ ତହସିଲଦାର

**ଭବାନୀପାଟଣା,୯।୧(ଡି.ଏନ.ଏ.)**

କଳାହାଣ୍ଡି ତହସିଲଦାର ଲକ୍ଷ୍ମଣ ଅମାତ ମଙ୍ଗଳବାର ଭବାନୀପାଟଣା ବ୍ଲକ ବିଭିନ୍ନ ପଞ୍ଚାୟତ ଗସ୍ତ କରି କାଳିଆ ଯୋଜନାର ସମୀକ୍ଷା କରିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ କାଳିଆ ଯୋଜନାରେ ସାମିଲ ପାଇଁ ପଞ୍ଜୀକରଣ ଓ ଆବେଦନ କାର୍ଯ୍ୟ ଭବାନୀପାଟଣା ସଦର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଚାଲିଛି। ସରକାରଙ୍କ ଏହି ଯୋଜନାରେ କ୍ଷୁଦ୍ର, ନାମମାତ୍ର ଓ ଅସହାୟ ଚାଷୀମାନେ ଯେଭଳି ବଞ୍ଚିତ ନ ହେବେ ସେ ଦିଗରେ ଯତ୍ନବାନ ହେବା ପାଇଁ ପଞ୍ଜୀକରଣ ଅଧିକାରୀମାନଙ୍କୁ ତହସିଲଦାର ପରାମର୍ଶ ଦେଇଥିଲେ। ତହସିଲଦାର ଡୁମୁରିଆ, ବୋର୍ଡା, ଅର୍ତ୍ତଲ, ପଲନା, କେନ୍ଦୁପାଟି, ବୋରଭଟା, ସେଁପୁର ଆଦି ପଞ୍ଚାୟତ ଯାଇ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ।

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ: ନୂଆପଡ଼ା ସେମିରେ

**ବେଲପଡା,୯।୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ଟାଉନ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଚତୁର୍ଥ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ସ୍ଥାନୀୟ ହାଇସ୍କୁଲ ଖେଳପଡିଆ ମଙ୍ଗଳବାର ମ୍ୟାଚ ନୂଆପଡା ଏବଂ ବେଲପଡା ଟିଏଫଟି ଦଳ ମଧ୍ୟରେ ହୋଇଥିଲା। ଦୁଇଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧ ଶେଷ ବେଳକୁ ନୂଆପଡା ଦଳ ବେଲପଡ଼ା ଦଳକୁ ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଥିଲା। ହେଲେ ବେଲପଡା ଦଳ ଗୋଲ ଦେବାରେ ସକ୍ଷମ ହୋଇପାରି ନ ଥିଲା। ଶେଷରେ ନୂଆପଡା ୧-୦ ଗୋଲରେ ବିଜୟ ହୋଇଥିଲା । ମୁଖ୍ୟଅତିଥୀ ଭାବେ ବେଲପଡ଼ା ସରପଞ୍ଚ ମହାଦେବ ମେହେର, ସମ୍ମାନିତ ଅତିଥି ଭାବେ ପୂର୍ବତନ ପୋଲିସ ଅଫିସର ଲକ୍ଷ୍ମୀନାରାୟଣ ପୁଟେଲ, ଆଟିଆଇ କଲେଜ ପ୍ରିନ୍ସିପାଲ ବିଶ୍ୱନାଥ ଦାଶ, ମହେଶ୍ୱର ସାହୁ, ନିର୍ବାହୀ ଯନ୍ତ୍ରୀ ଚୁଡାମଣି ବାଗ ପ୍ରମୁଖ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଗ୍ରୁପ ଏ' ପୁଲର ପ୍ରଥମ ସେମିଫାଇନାଲ ନୂଆପଡ଼ା ବନାମ ବରପାଲି ଦଳ ମଧ୍ୟରେ ଖେଳାଯିବ ବୋଲି କମିଟି ସୂତ୍ରରୁ ପ୍ରକାଶ। ଖେଳକୁ ରେଫରୀ ବିଜୟ ଖମାରୀ, କିଶୋର ଧରୁଆ, ଦୋଲଗୋବିନ୍ଦ ମୁଣ୍ଡା, ରମେଶ ଧରୁଆ ପରିଚାଳନା କରିଥିବା ବେଳେ ଧାରାବିବରଣୀରେ ହରିହର ସିଂ, ରଥାଙ୍ଗଧର ପାଢୀ ଦାୟିତ୍ୱ ତୁଲାଇଥିଲେ। ଆୟୋଜକ କମିଟିର ସମୀର ପଣ୍ଡା, ବୁବୁନୁ ପଟ୍ଟନାୟକ, ବିଶ୍ୱଜିତମେହେର, ରୁକୁ ସୁନା, କ୍ଷୀରେନ୍ଦ୍ର ବୁଡେକ, ଅଜିତ ବେହେରା, ଆଲୋକ ବେହେରାଙ୍କ ସମେତ ଅନ୍ୟାନ୍ୟ ସଭ୍ୟଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି।

## ସୁନାମୁଖୀ ପୀଠ ହେଲା ରକ୍ତରଞ୍ଜିତ

**ମଦନପୁର,୯।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଓ ଅଲାତରାଠାରେ ସୁନାମୁଖୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚାରି ଗୋଟି ପୋଢ ଏବଂ ଶତାଧିକ ପଶୁପକ୍ଷୀ ବଳି ଦିଆଯାଇଛି। ଡୁକୁରିଆ କନ୍ଧ ସମ୍ପ୍ରଦାୟର ରାଜା ରାଜୁତା ଶାସନରୁ ପରମ୍ପରାରେ ଶୁଳିଆ ଯାତ୍ରା ଦିନକ ପରେ ପ୍ରତିବର୍ଷ ପୌଷ ମାସ ଶୁକ୍ଲ ପକ୍ଷ ପ୍ରଥମ ବୁଧବାର ସୁନାମୁଖୀ ଯାତ୍ରାଠାରେ ପଶୁପକ୍ଷୀ ବଳି ଦେବା ପ୍ରଥା ଚାଲି ଆସୁଛି । ସୁନାମୁଖୀ ଯାତ୍ରାରେ କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ ଏବଂ କନ୍ଧମାଳ ଜିଲାର ବହୁ ମାନସିକଧାରୀ ଭକ୍ତମାନେ ସାମିଲ ହୁଅନ୍ତି ।



ବୀରେନ୍ ମିଶ୍ରଙ୍କୁ ଟ୍ରକ୍ ମାଲିକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ।

## ରାଜ୍ୟ ଟ୍ରକ ମାଲିକ ମହାସଂଘ କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗୀର ଅଫିସ, ୯।୧**

ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ମହାସଂଘ କାର୍ଯ୍ୟକାରୀ ସଭାପତି ଭାବେ ପୁର୍ନବାର ନିର୍ବାଚିତ ହୋଇଥିବା ବଲାଙ୍ଗୀର ଟ୍ରକ ମାଲିକ ସଂଘ ସଭାପତି ବୀରେନ ମିଶ୍ର ବୁଧବାର ସ୍ଥାନୀୟ ସଂଘର କାର୍ଯ୍ୟାଳୟରେ ଟ୍ରକ ମାଲିକଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବଲାଙ୍ଗୀର ଟ୍ରକ ପରିଚାଳକ ସଂଘ ବରିଷ୍ଠ ସଦସ୍ୟ ଅସୀମ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଶତାଧିକ ଟ୍ରକ ମାଲିକ ଉପସ୍ଥିତ ରହି ମିଶ୍ରଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଗତ ୬ ତାରିଖରେ ଖୁଣ୍ଟୁଣିଠାରେ ରାଜ୍ୟ ଟ୍ରକ ମାଲିକ ମହାସଂଘ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନରେ ବିଭୁତି ପ୍ରସାଦ ଦାସ ସଭାପତି, ରବିନାରାୟଣ ଶତପଥୀ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ବୀରେନ୍ ମିଶ୍ର କାର୍ଯ୍ୟକାରୀ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ପୁନର୍ବାର ନିର୍ବାଚିତ ହେବା ପରେ ବଲାଙ୍ଗୀରର ଟ୍ରକ ମାଲିକ ବାସୁଦେବ ସାହୁ, ସୁରେଶ ଚନ୍ଦ୍ର ଅଗ୍ରୱାଲ, ଇଂ. ରବୀନ୍ଦ୍ର ଅଗ୍ରୱାଲ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ବଲାଙ୍ଗୀର ସଂଘ ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ପଟ୍ଟନାୟକ ସଭାରେ ବକ୍ତବ୍ୟ ରଖି ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ । ଆଗାମୀ ଦିନରେ ମିଶ୍ରଙ୍କ ନେତୃତ୍ୱରେ ରାଜ୍ୟ ଟ୍ରକ ମାଲିକ ମହାସଂଘ ଅଧିକ ବଳିଷ୍ଠ ହେବା ସହ ବଲାଙ୍ଗୀର ଟ୍ରକ ମାଲିକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବେ ବୋଲି ଆଶା ପ୍ରକାଶ କରିଥିଲେ। ସଭାରେ କୋଷାଧ୍ୟକ୍ଷ ତ୍ରିନାଥ ପାତ୍ର, ସଦସ୍ୟ ଆର୍ତ୍ତତ୍ରାଣ ଯୋଷୀ, ସୁବାସ ଚନ୍ଦ୍ର ଡାଙ୍ଗ, ଭରତ ନାୟକ, ସନ୍ତୋଷ ସାହୁ, ଗୁରୁପ୍ରୀତ ସିଂ, ରାଜେଶ ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ପାଣିରେ ବୁଡ଼ି ଭିନ୍ନକ୍ଷମ ଯୁବକଙ୍କ ମୃତ୍ୟୁ

# ସହାୟତା ଦାବିରେ ରାସ୍ତାରୋକୋ

**ବୀରମହାରାଜପୁର,୯।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସଦର ମହକୁମାର ଚମ୍ପାପୁର ବସ୍ତିରେ ରହୁଥିବା ଜଣେ ଭିନ୍ନକ୍ଷମ ଯୁବକ ପାଣିରେ ବୁଡି ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ସେହେଲେ ଇନ୍ଦ୍ରମଣି ମେହେରଙ୍କ ପୁଅ ନରେଶ ମେହେର(୩୨) ବୋଲି ଜଣାପଡିଛି। ମିଳିଥିବା ସୂଚନାମୁତାବକ, ବୁଧବାର ପୂର୍ବାହ୍ନରେ ନରେଶ ଅନ୍ୟ ଦିନ ଭଳି ନିକଟବର୍ତ୍ତୀ ରଜା ବନ୍ଧକୁ ଗାଧୋଇବାକୁ ଯାଇଥିଲେ। ହେଲେ କୋଣସି କାରଣରୁ ସେ ପୋଖରୀ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଦାବି କରି ସ୍ଥାନୀୟ ଲୋକେ ବୀରମହାରାଜପୁର ମୁଖ୍ୟ ଛକଠାରେ ମୃତଦେହ ରଖି



ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ବୀରମହାରାଜପୁର ବସ୍ତି ମୁଖ୍ୟଛକରେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଖବରପାଇ ପ୍ରଶାସନ ପକ୍ଷରୁ ସ୍ଥାନୀୟ ତହସିଲଦାର ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଏସ୍‌ଡିପିଓ ଧିରୋଜ ଚୋପଦାର ଏବଂ ଥାନା ଆଇଆଇସି କୁଶ ପାଣିଗ୍ରାହୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏପରି କି ମୃତ ଯୁବକଙ୍କ ପରିବାର ଲୋକଙ୍କୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସରକାରଙ୍କ ନୀୟମ ଅନୁଯାୟୀ ଆବଶ୍ୟକ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ହାତୀବନ୍ଧା-ମା' ପାହାରଭଣ୍ଡାର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଚତୁର୍ଥ ଦିବସରେ ରାୟପୁର ବିଜୟୀ

**ସିନାପାଲି,୯।୧ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ହାତୀବନ୍ଧାଠାରେ ସ୍ପୋର୍ଟସ୍ କ୍ଲବ୍ ହାତୀବନ୍ଧା ଆନୁକୂଲ୍ୟରେ ଗତ ୬ ତାରିଖଠାରୁ ଆରମ୍ଭ ହୋଇଥିବା ମା' ପାହାରଭଣ୍ଡାର ନକ୍‌ଆଉଟ୍ ଫୁଟବଲ୍ ଟୁର୍ନାମେଣ୍ଟ-୨୦୧୯ର ଚତୁର୍ଥ ଦିବସରେ ସୋନପୁର ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରାକୁ ହରାଇ ରାୟପୁର (ଛ.ଗ.) ପେନାଲଟି ଜରିଆରେ ୩-୧ରେ ବିଜୟ ଲାଭ କରିଛି।

୨୩ ତମ ଚ୍ୟାଲେଞ୍ଜ କପ୍ କ୍ରିକେଟ

# ଡୁମାଲପାଲି ଏକାଦଶ ସେମିରେ

**ଭଟଲି,୯।୧(ଡି.ଏନ୍.ଏ.)**

ଭଟଲି ବ୍ଲକ ଅନ୍ତର୍ଗତ ସୁକୁଡ଼ା ଖେଳ ପଡ଼ିଆରେ ୨୩ତମ ଚ୍ୟାଲେଞ୍ଜ କପ୍ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଛି। ନଟବର ବନଛୋର କ୍ରୀଡ଼ା ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ଭଟଲି ମାର୍କେଟ ୟାର୍ଡ଼ ଇନ୍‌ଚାର୍ଜ ନିମାଇଁ ଚରଣ ମହାପାତ୍ର ମୁଖ୍ୟଅତିଥି, ଦୁର୍ଯ୍ୟୋଧନ ପଧାନ, ଆଇନଜୀବୀ ଅନୂପ ଶତପଥି ଏବଂ ଶେଷଦେବ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସରପଞ୍ଚ ସହଦେବ ବନଛୋର ସଭାପତିତ୍ୱ କରିଥିଲେ । ଏହି ପ୍ରତିଯୋଗିତାରେ ମୋଟ୍ ୧୬ଟି ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ ଲିଗ୍ ମ୍ୟାଚରେ ଦ୍ୱାରୀ ଏକାଦଶ ଏବଂ ସମ୍ବରଧରା ଏକାଦଶ ମୁହାଁମୁହିଁ ହୋଇଥିଲେ । ଏଥିରେ ଦ୍ୱାରୀ ଏକାଦଶ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୩୭ ରନ୍ କରିଥିଲା । ୩୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବରଧରା ଏକାଦଶ ମାତ୍ର ୫.୨ ଓଭରରେ ବିଜୟଲକ୍ଷ୍ୟ ହାସଲ କରି କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ଦଳ ପକ୍ଷରୁ ସୁରଜ ଖର୍ସେଲ ୨୨ଟି ବଲ୍‌ର ସାମ୍ନା କରି ୩୨ ରନ୍ କରିଥିଲେ । ସେହିପରି ଦ୍ୱିତୀୟ ଲିଗ୍ ମ୍ୟାଚରେ ଡୁମାଲପାଲି ଏକାଦଶ ଏବଂ କୁରୁମ୍‌କେଲ ଏକାଦଶ ମୁହାଁମୁହିଁ ହୋଇଥିଲେ । ଏଥିରେ କୁରୁମକେଲ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୬୪ ରନ୍ ସଂଗ୍ରହ କରିଥିଲା । ୬୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଡୁମାଲପାଲି ଏକାଦଶ ୭.୪ ଓଭରରେ ୨ଟି ଉଇକେଟ ହରାଇ ୬୫ ରନ୍ ସଂଗ୍ରହ କରି କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ପରେ ଉଭୟ ବିଜୟୀ ଦଳ ସମ୍ବରଧରା ଏକାଦଶ ଏବଂ ଡୁମାଲପାଲି ଏକାଦଶ ମଧ୍ୟରେ ତୃତୀୟ ତଥା କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ବରଧରା ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୪ ଉଇକେଟ ବିନିମୟରେ ୭୮ ରନ୍ ସଂଗ୍ରହ କରିଥିଲା । ଜବାବରେ ଡୁମାଲପାଲି ଏକାଦଶ ମାତ୍ର ୬.୩ ଓଭର ଖେଳି ଗୋଟିଏ ଉଇକେଟ ବିନିମୟରେ ୮୧ ରନ୍ ସଂଗ୍ରହ କରି ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ଦଳ ପକ୍ଷରୁ ବସୁଦେବ ବରିହା ୨୦ଟି ବଲ୍ ଖେଳି ୩୪ ରନ୍ ସଂଗ୍ରହ କରିଥିଲେ । ସରୋଜ ତାଣ୍ଡି, କାହ୍ନୁଚରଣ ଡନସନା, ପଙ୍କଜ ପଶାୟତ, ରାଜୀବ ଭୋଇ ଏବଂ ଉମେଶ ବଡ଼େଇ ଖେଳ ପରିଚାଳନା କରିଥିଲେ । ଭାଗ୍ୟଧର ଡନସନା ଧାରା ବିବରଣୀ ପ୍ରଦାନ କରିଥିଲେ ।

ସର୍ବ ଭାରତୀୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ୟୁଥ୍ ଓ ସ୍ପୋର୍ଟିଂ କ୍ଲବ ସେମିରେ

**ମୁରିବାହାଲ, ୯।୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ମୁରିବାହାଲ ୟୁଥ ଓ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚାଲିଥିବା ୨୬ତମ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ବି. ଗ୍ରୁପର ପ୍ରଥମ ମ୍ୟାଚରେ ବିହାର ବକ୍ସର ଦଳକୁ ହରାଇ ୟୁଥ ଓ ସ୍ପୋର୍ଟିଂ କ୍ଲବ ମୁରିବାହାଲ ସେମିରେ ପହଞ୍ଚିଛି । ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡ଼ିଆଠାରେ ୬ ତାରିଖରୁ ଆରମ୍ଭ ହୋଇଥିବା ଟୁର୍ଣ୍ଣାମେଣ୍ଟର ବି'ଗ୍ରୁପ ମ୍ୟାଚରେ ବୁଧବାର ବକ୍ସର କ୍ଲବ ବିହାର ଓ ୟୁଥ ଓ ସ୍ପୋର୍ଟିଂ କ୍ଲବ ମୁରିବାହାଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ନିର୍ଦ୍ଧାରିତ ସମୟ ସିମା ମଧ୍ୟରେ ୧-୧ ଗୋଲରେ ମ୍ୟାଚ ଅମିମାଂସିତ ହେବା ଫଳରେ ଟ୍ରାଇବ୍ରେକର ମାଧ୍ୟମରେ ମୁରିବାହାଲ ଦଳ ୫-୩ ଗୋଲରେ ବିଜୟୀ ହୋଇ ସେମିଫାଇନାଲ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମ୍ୟାଚରେ ସୋନପୁର ଜିଲା ପରିଷଦ ଅଧକ୍ଷ ଉଷାରାଣୀ ଜଗଦଲା ମୁଖ୍ୟଅତିଥି, ବିଜୁ ଜନତା ଦଳର ନେତା ଉଦ୍ଧବ ବେହେରା, ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ନାୟକ, କ୍ରୀଡାବିତ ଯୁଧିଷ୍ଠିର ଭାରଶଗରିଆ, କୈଷ୍ୟପ ସରାଫ, ଅଜିତ ଯୋଶୀ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମ୍ୟାଚକୁ ଶ୍ରୀବସ୍ତ ବେହେରା, ଆର୍ଶିବାଦ ସା, ଆଶିଷ ଦେବସା, ଅଶ୍ୱିନୀ ଭୁକ୍ତା ପରିଚାଳନା କରିଥିଲେ । ପ୍ରଭୁଦାସ କୁମ୍ଭାର ଓ ମନୋଜ କୁମାର ଖମାର ଧାରାବିବରଣୀ ପ୍ରଦାନ କରିଥିଲେ । ଆଜିର ମ୍ୟାଚରେ ପ୍ଲାୟାର ଅଫ୍ ଦ ମ୍ୟାଚ ଭାବରେ ୟୁଥ ଓ ସ୍ପୋର୍ଟିଂ କ୍ଲବର ୧୦ ନମ୍ବର ଜର୍ସ ପାନ ପତ୍ରିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଗୁରୁବାର କଲିକତା ଏବଂ ବିଶାଖାପାଟନା ଦଳ ମଧ୍ୟରେ ମ୍ୟାଚ ଖେଳାଯିବ। ଟୁର୍ଣ୍ଣାମେଣ୍ଟକୁ ସଭାପତି ଅଜିତ କୁମାର ତରିଆ, ସାଧାରଣ ସମ୍ପାଦକ ପ୍ରଦୀପ ବଘାର କାର୍ଯ୍ୟକାରୀ ସଭାପତି କେଦାର ବଡଜେନା ପ୍ରମୁଖ ନେତୃତ୍ୱ ନେଇଛନ୍ତି ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ

### କଳାହାଣ୍ଡି ଉପଜିଲାପାଳଙ୍କ ଖଇରମାଲ ଗସ୍ତ

ପଲମ, ୯।୧ (ଡି.ଏନ.ଏ.)- କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ଖଇରମାଲ ଗ୍ରାମକୁ ଗତ ମଙ୍ଗଳବାର କଳାହାଣ୍ଡି ଉପଜିଲାପାଳ ମିର୍ଦ୍ଧା ଟପୋ ମେଗା ପ୍ରୋଜେକ୍ଟ ତଥା ଅନ୍ୟାନ୍ୟ ସମସ୍ୟା ନେଇ ଗସ୍ତ କରିଥିଲେ। ଏହି ଗସ୍ତ ଭିତରେ ଗ୍ରାମବାସୀ ମେଗା ପ୍ରୋଜେକ୍ଟ ଆମ ଗାଁରେ ନ ହେବା ପର୍ଯ୍ୟନ୍ତ ଆମ ଜମି ଉପରେ କେନାଲ ଖୋଳିବାକୁ ଦେବୁ ନାହିଁ ବୋଲି କହିଥିଲେ। ତତସଙ୍ଗେ ଏହି ମେଗା ପ୍ରୋଜେକ୍ଟ ପାଇବାରୁ ସାଲେଭଟା ଗ୍ରାମ ମଧ ବଞ୍ଚିତ ରହିଛି। ମେଗା ପ୍ରୋଜେକ୍ଟର ଉଚ୍ଚ ଅଧିକାରୀଙ୍କୁ ଗ୍ରାମବାସୀ ଜଣାଇଥିଲେ ମଧ ଆଜକୁ ୨ ବର୍ଷ ହେଲା ଭ୍ରୂକ୍ଷେପ କରି ନ ଥିବାରୁ ଆଜି ପର୍ଯ୍ୟନ୍ତ ଗ୍ରାମବାସୀ ଅଡି ବସିଛନ୍ତି । ଏହାର ବିହିତ କାର୍ଯ୍ୟ ଗ୍ରହଣ କରିବା ପାଇଁ ଖଇରମାଲ ଓ ସାଲେଭଟା ଗ୍ରାମ ଚାଷୀମାନେ ଉପଜିଲାପାଳଙ୍କୁ ଦାବି ଜଣାଇଛନ୍ତି ।



### କାଳିଆ ଯୋଜନା ଫର୍ମ ପାଇଁ ଚାଷୀଙ୍କ ଭିଡ଼

ରିଷିଡା,୯।୧(ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ କାଳିଆ ଯୋଜନା ଫର୍ମ ପାଇବା ପାଇଁ ବିଭିନ୍ନ ପଞ୍ଚାୟତରେ ଚାଷୀଙ୍କ ପ୍ରବଳ ଭିଡ ଦେଖିବାକୁ ମିଳୁଛି । ଏହି ବ୍ଲକର ଗଜବାହାଲ ପଞ୍ଚାୟତଠାରେ ସବୁଠାରୁ ଅଧିକ ଭିଡ ହେଉଛି । ଏହି ପଞ୍ଚାୟତର ଚାଷୀମାନେ ଫର୍ମ ପାଇବା ପାଇଁ ନିଜର କାମ ଧନ୍ଦା ଛାଡି ପଞ୍ଚାୟତରେ ଅପେକ୍ଷା କରି ରହୁଛନ୍ତି । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ବି ଫର୍ମ ନ ପାଇ ହତାଶ ହୋଇ ଫେରୁଛନ୍ତି । ଫଳରେ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

### ଆସନ୍ତା ୧୩ରୁ ହିରୋକପ୍ ଫୁଟବଲ

ରିଷିଡା,୯।୧(ଡି.ଏନ.ଏ.)- କଳାହାଣ୍ଡି ଜିଲା ପୌରକେଲା ପଞ୍ଚାୟତର ଶିରାବାହାଲ ଖେଳ ପଡିଆଠାରେ ଆସନ୍ତା ୧୩ରୁ ହିରୋକପ୍ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ । ଏହି ଟୁର୍ନାମେଣ୍ଟରେ ଜିଲାର ଅବୁଜବାହାଲ, ପୌରକେଲା, ଯମୁନାପୁର, ଗଜବାହାଲ, ଅଲାଟରା, ଶିରାବାହାଲ ଓ ରେଙ୍ଗାଲି ଦଳ ଭାଗ ନେଉଥିବା ଆୟୋଜକ ସଭାପତି ଜଗା ସାହୁ ଓ ସମ୍ପାଦକ ପଙ୍କଜ ଭୋଇ, ଟିମ୍ ମ୍ୟାନେଜର ରଣଜିତ କୁମାର ଜଣାଇଛନ୍ତି ।

## ପଟ୍ଟା ନାହିଁ ତ ଭୋଟ ନାହିଁ ଚେତାବନୀ

# ୫ ଦଫା ଦାବି ନେଇ ତହସିଲ କାର୍ଯ୍ୟାଳୟ ଘେରାଉ

ଭବାନୀପାଟଣା,୯।୧ (ଡି.ଏନ.ଏ.)

୫ ଦଫା ଦାବି ନେଇ ବୁଧବାର କଳାହାଣ୍ଡି ସଚେତନ ନାଗରିକ ମଞ୍ଚ, କଳାହାଣ୍ଡି ଚାଷୀ ବିକାଶ ସମିତି, ଗୁଣ୍ଡିରାଣୀ ସୁରକ୍ଷା ସମିତି, ଖଣ୍ଡୁଆଳ ମାଳି ସ୍ଥାୟୀ ସୁରକ୍ଷା ସମିତି, ରେଣ୍ଟୋ ମାଝି ଆଦର୍ଶ ଛାତ୍ର ଓ ଯୁବକ ସଙ୍ଗଠନ ପକ୍ଷରୁ ୫୦୦ରୁ ଊର୍ଦ୍ଧ୍ୱ ଲୋକ ତହସିଲ ଅଫିସ୍ ଘେରାଉ କରାଯାଇଛି । ପରେ ଭବାନୀପାଟଣା ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ୫ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ପଟ୍ଟା ନାହିଁ ତ ଭୋଟ ନାହିଁ ବୋଲି ଚେତାବନୀ ଦେବା ସହ ବସୁନ୍ଧରା ଆଇନ, ସିଲିଂ ଆଇନ ଓ ବନ ଅଧିକାର ଆଇନ ଲାଗୁ କରିବାକୁ ମଞ୍ଚ ଦାବି କରିଛି । ଦୀର୍ଘ ୭୨ ବର୍ଷ ପରେ ମଧ ଭବାନୀପାଟଣା ସହର ଓ ପଞ୍ଚାୟତରେ ୭୦ ଭାଗ ଲୋକ ସରାକରୀ ଜାଗାରେ ଘର ତିଆରି କରି ବହୁତ ବର୍ଷ ହେଲା ବାସ କରୁଛନ୍ତି। ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଘରବାରି ପଟ୍ଟା ମିଳି ନାହିଁ। ୧୯୫୨ଠାରୁ ଭବାନୀପାଟଣା ସହରରକୁ ବନ୍ଦୋବସ୍ତ ହୋଇ ନ ଥିବାରୁ ଆଜି ପର୍ଯ୍ୟନ୍ତ ଲୋକେ ମୌଳିକ ଅଧିକାରରୁ ବଞ୍ଚିତ । ତେଣୁ ମଞ୍ଚ ତରଫରୁ ଭବାନୀପାଟଣା ସହରରକୁ ବନ୍ଦୋବସ୍ତ କରି ସେହି ଜାଗାରେ ସ୍ଥାୟୀ ପଟ୍ଟା ଦାବି କରି ଆସୁଥିଲେ ସୁଦ୍ଧା




ବିଭିନ୍ନ ସଙ୍ଗଠନ ପକ୍ଷରୁ ତହସିଲ ଅଫିସ ଘେରାଉ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି ।

### ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ପ୍ରଶାସନର ଆନ୍ତରିକତା ଯୋଗୁ ତାହା ହୋଇପାରୁନାହିଁ। ରାଜ୍ୟ ସରକାର ଅବହେଳା ଯୋଗୁ ସମ୍ବିଧାନର ପଞ୍ଚମ ଅନୁସୂଚିତ, ବସୁନ୍ଧରା ଆଇନ, ସିଲିଂ ଆଇନ ଓ ବନ ଅଧିକାର ଆଇନ ଭଳି ଜନହିତକର ଯୋଜନା ଉଚିତ କାର୍ଯ୍ୟକାରୀ ହୋଇପାରୁନାହିଁ। ଅନ୍ୟପଟେ ପୁଞ୍ଜିପତି ଓ କମ୍ପାନୀକୁ ଶହ ଶହ ଏକରର ଜମି ଟେକି ଦେଉଛନ୍ତି । ମଞ୍ଚ ତରଫରୁ ପଟ୍ଟା ନାହିଁ ତ ଭୋଟ ନାହିଁ ଡାକରା ଚାପରେ ୨୦୧୭ ଆଇନ ୩୨୩ ବର୍ଗ ଫୁଟ ଏକ ଡିସିମିଲ୍‌ରୁ କମ୍ ଜାଗା ଦେବା ପାଇଁ ସରକାର ଯୋଜନା କରିଛନ୍ତି। ଏହା ଗୋଟିଏ ପରିବାର ରହିବା ସମ୍ଭବ ହେବ ନାହିଁ। ଗରିବ ଲୋକଙ୍କୁ ଲଲିପପ୍ ଦେଇ ଜମି ଦେବା ନାଁରେ ଜମି ଛଡାଇ ନେବା ସକରାରଙ୍କ ଏକ ରାଜନୈତିକ ଷଡଯନ୍ତ୍ର । ଏହାର ପ୍ରତିବାଦରେ ମଞ୍ଚ ପକ୍ଷରୁ ବୁଧବାର ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସାଧାରଣ ସଭା କରି ଭବାନୀପାଟଣା ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଏକ ୫ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡିକ ହେଲା ୧୯୫୨ଠାରୁ ଆଜି ପର୍ଯ୍ୟନ୍ତ ଭବାନୀପାଟଣା ସହରକୁ ବନ୍ଦୋବସ୍ତ କରାଯାଇ ନାହିଁ। ଭବାନୀପାଟଣା ସହରକୁ ବନ୍ଦୋବସ୍ତ କରି ବସୁନ୍ଧରା ଆଇନ ଅନୁଯାଇ ସେହି ଜାଗାରେ ସ୍ଥାୟୀ ପଟ୍ଟା ପ୍ରଦାନ କରିବା, ଭବାନୀପାଟଣା ବ୍ଲକର ୩୬ ପଞ୍ଚାୟତଥିବା ଡିହହିନ ପରିବାରଙ୍କୁ ଚିହ୍ନଟ କରି ତୁରନ୍ତ ବସୁନ୍ଧରା ଆଇନ ଅନୁଯାଇ ସ୍ଥାୟୀ ପଟ୍ଟା ପ୍ରଦାନ କରିବା, ଜଙ୍ଗଲ ଜମି ବର୍ଷ ବର୍ଷ ଧରି ଦଖଲ କରି ଚାଷ କରି ବଞ୍ଚୁଥିବା ପରିବାରକୁ ୨୦୦୬ ବନ ଅଧିକାର ଆଇନ ଅନୁଯାଇ ବ୍ୟକ୍ତିଗତ ଓ ଗୋଷ୍ଠିଗତ ମାଧମରେ ସ୍ଥାୟୀ ପଟ୍ଟା ପ୍ରଦାନ କରିବା, ସ୍ଥାୟୀ ରୋଜଗାର ପ୍ରଶସ୍ତ ସକାଶେ ସିଲିଂ ଆଇନ ବଳବତର କରାଇ ଜମିହୀନଙ୍କୁ ଜମି ଆବଣ୍ଟନ କରାଯାଉ, ଡକାବାହାଲି ଗ୍ରାମବାସୀଠାରୁ ପଟ୍ଟା ନେଇ କମ୍ପାନୀ ହାତରେ ଜମି ଦେଇଥିବା ଅଧିକାରୀ ବିରୋଧରେ ତଦନ୍ତ କରି ଆଇନ ଅନୁଯାଇ ଦଣ୍ଡିତ କରିବା ଏବଂ ଡିହହୀନ ଗ୍ରାମବାସୀଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ କରିବା ଆଦି ଦାବି ରହିଛି । ଯଦି ଏହି ଦାବି ପୂରଣ କରା ନ ଯାଏ ତାହେଲେ ଆସନ୍ତା ନିର୍ବାଚନରେ ସରକାର ଏହାର ପରିଣାମ ଭୋଗିବ ବୋଲି ବକ୍ତାମାନେ ଚତେବାନୀ ଦେଇଥିଲେ । ଲିଙ୍ଗରାଜ ଆଜାଦ୍, ସତ୍ୟ ମାହାର, ବ୍ରିଟିଶ କୁମାର, ସାରଙ୍ଗ ମାଝି, ଚାପା ମାଝି, ନିରୋଦ ରାଉତ, କବିତା ରାଉତ, ସତ୍ୟବାଦୀ ନାଏକ, ଗୋଲାପୀ ବାଗ, ସାହିଦା ବେଗମ, ବିଶିକେଶନ ମେହେର, ସୁରେଶ ସଂଗ୍ରାମ, ସୁରେଶ ମାଝି, ଚକ୍ରଧର ପଲେଇ, ହୀରା ନାଗ, ବିଷ୍ଣୁ ସୁନାନୀ, ଅରୁଣ ତାଣ୍ଡି, ଅବଦୁଲ୍ ଅଜିଜ୍ ଖାନ୍, ଅଗଷ୍ଟ ନାଏକ, ନିରଞ୍ଜନ ପ୍ରଧାନ, ରାଜ କିଶୋର ସୁନାନୀ ପ୍ରମୁଖଙ୍କ ନେତୃତ୍ୱରେ ଏହି ଘେରାଉ ଓ ପ୍ରତିବାଦ ସଭା ହୋଇଥିଲା ।

### ଭାରତ ବନ୍ଦ୍‌ର ଆଂଶିକ ପ୍ରଭାବ

ଭବାନୀପାଟଣା,୯।୧ (ଡି.ଏନ.ଏ.)

ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ ଫେଡେରେଶନ୍ ପକ୍ଷରୁ ୮ ଓ ୯ ଦୁଇଦିନ ଭାରତ ବନ୍ଦ ଡାକରାର ଆଂଶିକ ପ୍ରଭାବ କଳାହାଣ୍ଡି ଜିଲାରେ ଦେଖିବାକୁ ମିଳିଛି। ୨ ଦିନିଆ ବନ୍ଦ ଡାକରାର ୨ୟ ଦିନ ୯ ତାରିଖରେ ଭବାନୀପାଟଣା ସହରରେ କେତେକ ସ୍ଥାନରେ ଏଆଇଟିୟୁସି, ସିଟୁ, ବିଦ୍ୟୁତ କର୍ମଚାରୀ ସଂଘ ନେତା ଓ କର୍ମୀମାନେ ବିକ୍ଷୋଭ କରିଥିଲେ। ଫଳରେ ବସ ଟ୍ରକ୍ ଓ ବଡଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ପରେ ଶ୍ରମିକ ସଙ୍ଗଠନଗୁଡିକର ଏଆଇଟିୟୁସି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅକ୍ଷୟ କୁମାର ମେହେର, ସୁରେନ୍ଦ୍ର ମାଝି, ସିଟୁର ନବକିଶୋର ପଟ୍ଟନାୟକ, ବିଶ୍ୱନାଥ ଚାଟାର୍ଜୀ, ବିଦ୍ୟୁତ୍ କର୍ମଚାରୀ ସଂଘ ସଞ୍ଜୀବ ରଥ, ନରସିଂହ ଥାପା, ସରୋଜ ସାହୁ, ଦୁର୍ଗାମାଧବ ପଣ୍ଡା ପ୍ରମୁଖ ମଙ୍ଗଳବାର ସନ୍ଧ୍ୟାରେ ଗାନ୍ଧୀ ଛକଠାରେ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ଭାରତ ବନ୍ଦକୁ କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘ ସମର୍ଥନ ଜଣାଇ ସମସ୍ତ ବସ୍ ଚଳାଚଳ ବନ୍ଦ ରଖିଥିଲା। ସେହିପରି ଏହି ବନ୍ଦ ସମର୍ଥନରେ ବ୍ୟାଙ୍କ ସଂଘ ବ୍ୟାଙ୍କ ଗୁଡିକ ବନ୍ଦ ରଖିଥିଲେ। ବନ୍ଦକୁ ଦୃଷ୍ଟିରେ ରଖି ସରକାର ୮ ତାରିଖରେ ସମସ୍ତ ସ୍କୁଲ କଲେଜ ବନ୍ଦ ରଖିଥିଲେ। ବନ୍ଦର ୨ୟ ଦିନ ୯ ତାରିଖରେ ସହରର ଦୋକାନ ବଜାର ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଖୋଲା ରହିଥିବା ଦେଖିବାକୁ ମିଳିଛି।




ପାଚିକା ଓ ସହାୟିକାମାନେ ଶୋଭାଯାତ୍ରାରେ କେସିଙ୍ଗା ସହର କରିକମ୍ରା କରୁଛନ୍ତି ।

# ମଧ୍ୟାହ୍ନ ଭୋଜନ ପାଚିକା,ସହାୟିକାଙ୍କ ଗଣଧାରଣା

କେସିଙ୍ଗା,୯।୧ (ଡି.ଏନ.ଏ.)

ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକାଙ୍କ ସଂଘ କେସିଙ୍ଗା ପକ୍ଷରୁ ଗତ ରବିବାର ଓ ସୋମବାର ଦୁଇ ଦିନ ଧରି ସହର ପରିକ୍ରମା, ଗଣଧାରଣା ଏବଂ ବିକ୍ଷୋଭ କରାଯାଇଛି । କେସିଙ୍ଗା ବ୍ଲକର ବିଭିନ୍ନ ସରକାରୀ ପ୍ରାଥମିକ, ଉଚ୍ଚପ୍ରାଥମିକ, ଅଙ୍ଗନୱାଡି ସହାୟିକାମାନେ ବହୁବର୍ଷ ଧରି ପାଚିକା ଭାବେ କାର୍ଯ୍ୟ କରି ଆସୁଛନ୍ତି । କେସିଙ୍ଗା ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଥିବା ବିଭିନ୍ନ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ ପାଚିକା ଓ ସହାୟିକାମାନଙ୍କୁ ୨୮ ମାସର ବକେୟା ଦରମା ପ୍ରଦାନ କରାଯିବା ସହିତ ପାଚିକାମାନଙ୍କୁ ସରକାରୀ କର୍ମଚାରୀ ପଦବୀରେ ନିଯୁକ୍ତି ପ୍ରଦାନ କରିବା ଆଦି ୧୦ ଦଫା ଦାବିକୁ ନେଇ କେସିଙ୍ଗା ବ୍ଲକ ସମସ୍ତ ପାଚିକା ସହାୟିକାମାନେ କେସିଙ୍ଗାସ୍ଥିତ ଦୁର୍ଗ ମଣ୍ଡପଠାରେ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ସହର ପରିକ୍ରମା କରିଥିଲେ। ରବିବାର ଓ ସୋମବାର ଦୁଇ ଦିନ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ଥିବାରୁ ପାଚିକା ବୃନ୍ଦ ଦାବିପତ୍ର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦେଇପାରି ନାହାନ୍ତି । ଏହି ୧୦ ଦଫା ଦାବିପତ୍ର ଅନ୍ୟ ଏକ କାର୍ଯ୍ୟ ଦିବସରେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘ କେସିଙ୍ଗା ଶାଖାର ସଭାନେତ୍ରୀ ଲକ୍ଷ୍ମୀ ମାଝି ପ୍ରକାଶ କରିଛନ୍ତି । ଯଦିଓ ୨୮ ମାସର ବକେୟା ପାଉଣା ଜାନୁୟାରୀ ଶେଷ ସୁଦ୍ଧା ପ୍ରଦାନ କରା ନ ଗଲେ କେସିଙ୍ଗା ବ୍ଲକରେ ଥିବା ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରନ୍ଧନ କାର୍ଯ୍ୟକ୍ରମ ସଂପୂର୍ଣ୍ଣ ଭାବରେ ବନ୍ଦ କରାଯିବା ସହିତ ଅନିର୍ଦ୍ଦିଷ୍ଟକାଳ ପାଇଁ ଗଣଧାରଣା ଦିଆଯିବ ବୋଲି ସଂଘର ସଭାନେତ୍ରୀ ମାଝି ପ୍ରକାଶ କରିଛନ୍ତି ।

### ସନ୍ତୋଷ ଧଙ୍ଗଡ଼ାମାଝି ଜିଲା କ୍ଷତ୍ରିୟ ପାଇକ ସମାଜ କୁଳପତି ମନୋନୀତ

ଭବାନୀପାଟଣା,୯।୧(ଡି.ଏନ.ଏ.)

କଳାହଣ୍ଡି କ୍ଷତ୍ରିୟ ପାଇକ ସମାଜର ଏକ ଜରୁରି ବୈଠକ ସମାଜର ମଦନମୋହନ ପଡାସ୍ଥିତ ଗୃହରେ ଅନୁଷ୍ଠିତ ହୋଇଥିଲା। ଯୁଗେଶ୍ୱର ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସମାଜର କୁଳପତି ରାମଚନ୍ଦ୍ର ବେରାଙ୍କ ଅକାଳ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଫକିରଚନ୍ଦ୍ର ରାଉତ୍, ପଦ୍ମନାଭ ରାଜୁ, ଧବଳେଶ୍ୱର ବାହୁକ, ନିର୍ମଳ ପାତ୍ର, କମଲ ଲୋଚନ ଧଙ୍ଗଡାମାଝି, ଚନ୍ଦ୍ରଭାବୁ ଦଣ୍ଡସେନା ଓ ସମାଜ ସଦସ୍ୟାମାନେ ଉପସ୍ଥିତ ଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ସନ୍ତୋଷ ଧଙ୍ଗଡାମାଝିଙ୍କୁ ସମାଜର କୁଳପତି ଭାବେ ମନୋନୀତ କରାଯାଇ କ୍ଷମତା ପ୍ରଦାନ କରାଯାଇଛି।

### ଗଜବାହାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ରିଷିଡ଼ା,୯।୧(ଡି.ଏନ.ଏ.)

କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତର ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀରେ ପ୍ରଧାନଶିକ୍ଷକ ବିଜୟ କୁମାର ପୁରୋହିତ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ପ୍ରଧାନଶିକ୍ଷକ ପଣ୍ଡିତ ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

# ଚିଟୈଗୁଡ଼ା ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଜୁନାଗଡ,୯।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡା ପ୍ରତିଯୋଗିତାରେ ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀ ପ୍ରର୍ଯ୍ୟନ୍ତ ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ଦୌଡ, ଡିଆଁ, ପୁଚି, ମ୍ୟୁଜିକ ଚେୟାର ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ବାଳିକା ବିଭାଗରେ ଦଶମ ଶ୍ରେଣୀର ଛାତ୍ରୀ ବିଲାସିନୀ ଶବର ଓ ବାଳକ ବିଭାଗରେ ଦଶମ ଶ୍ରେଣୀର ଛାତ୍ର ବିରେନ୍ଦ୍ର ନାଏକ ଚାମ୍ପିୟନ ହୋଇଥିଲେ। ଖେଳଗୁଡିକୁ ବିଦ୍ୟାଳୟ ଖେଳ ଶିକ୍ଷକ ଲକ୍ଷ୍ମୀଧର ମାଝି ଓ ଉପେନ୍ଦ୍ର ମେହେର ପରିଚାଳନା କରିଥିଲେ।

ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେମାଲଙ୍କ ଅଧକ୍ଷତାରେ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଚିଟୈଗୁଡା ସରପଞ୍ଚ ସୁଧିରା ମେହେର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଶକ୍ତି ପ୍ରସାଦ ମେହେର, ସୁଧୀର କୁମାର ମେହେର, ପ୍ରେମଲାଲ ବାଗ, ବେଣୁଧର ମେହେର, ବିଧାନ ଚନ୍ଦ୍ର ମେହେର, ଶେଷଦେବ ମେହେର, ନିଳାମ୍ବର ମେହେର, ବିଣାପାଣି ମେହେର, ଶିକ୍ଷୟିତ୍ରୀ ଲିଲାବତୀ ମେହେର, ଦିପାଞ୍ଜଳୀ ମେହେରେ, ଅପରାଜିତା ମେହେର, ହେମାଙ୍ଗିନୀ ମେହେର, କିରାଣୀ ଉମେଶ ରାଉତ ପ୍ରମୁଖ ସହଯୋଗ କରିଥିଲେ।



ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଉଦ୍‌ବୋଧନ ଦେଉଛନ୍ତି।

## ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ ଜିଟିଡି କର୍ମଚାରୀ ସଂଘ

# କେସିଙ୍ଗା ଶାଖାର ୨ ଦିନିଆ ଧର୍ମଘଟ

କେସିଙ୍ଗା,୯।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ଓଡିଶା ରାଜ୍ୟ ବିଦ୍ୟୁତ ବୋର୍ଡ ଜିଟିଡି କର୍ମଚାରୀ ସଂଘ କେସିଙ୍ଗା ଶାଖା ପକ୍ଷରୁ ୮ ଓ ୯ ତାରିଖ ଦୁଇ ଦିନ ବ୍ୟାପୀ ବିଦ୍ୟୁତ ବିଭାଗର ସବ୍‌ଡିଭିଜନ୍ ୱେସ୍କୋ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ଧର୍ମଘଟ କରିଥିଲେ । ଏହି ଧର୍ମଘଟରେ କେସିଙ୍ଗା ୱେସ୍କୋ ବିଭାଗ, ଓପିଟିସିଏଲ, ଟିଏଲଇଏଚଟି ପ୍ରମୁଖ ବିଭାଗର ଶତାଧିକ କର୍ମଚାରୀ ଏହି ଧର୍ମଘଟକୁ ଓହ୍ଲାଇଥିଲେ । କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଯଥା ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ରେଗୁଲାର ପଦବୀ ଗୁଡିକୁ ଯଥାଶୀଘ୍ର ପୂରଣ କରାଯିବା ସହିତ କୃଷକ ଓ ଗ୍ରାହକମାନଙ୍କୁ ଠିକ୍ ଭାବରେ ବିଦ୍ୟୁତ ଯୋଗାଣ କରାଯିବାକୁ ଦାବି କରିଥିଲେ। ଏତତ୍‌ବ୍ୟତିତ୍ ଘରୋଇକରଣ ବନ୍ଦ କରିବା, ଖାଲି ପଡିଥିବା ପଦବୀ ପୂରଣ କରିବା, ମାସିକ ବେତନ ବୃଦ୍ଧି କରିବା, ମୃତ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ସ୍ଥାୟୀ ଚାକିରୀ ନିଯୁକ୍ତି କରିବା ସହିତ ଜନବିରୋଧି ବିଦ୍ୟୁତ ଶକ୍ତି ଆଇନ ୨୦୧୮କୁ ପ୍ରତ୍ୟାହାର କରିବାକୁ କର୍ମଚାରୀମାନେ ଜିଦ ଧରି ଧର୍ମଘଟ କରିଥିଲେ । ସେହିପରି ସମାନ କାମକୁ ସମାନ ଦରମା ଲାଗୁ କରିବା, କର୍ମଚାରୀମାନଙ୍କ ଆନୋମଲି ଗୁଡିକୁ ତୁରନ୍ତ ସମାଧାନ କରିବା, ପ୍ରସ୍ତାବିତ ଶ୍ରମ ଆଇନ ସଂଶୋଧନ ବିଲକୁ ବାତିଲ କରିବା ଆଦି ବିଭିନ୍ନ ସମସ୍ୟାକୁ ନେଇ ସର୍ବ ଭାରତୀୟ ଧର୍ମଘଟରେ ସମସ୍ତ ବିଦ୍ୟୁତ କର୍ମଚାରୀ ଓ ଶ୍ରମିକ ସାମିଲ ହୋଇ କେସିଙ୍ଗା ସହରର ବ୍ୟବସାୟୀକ ବ୍ୟାଙ୍କ, ଏସଡିଜେଏମ କୋର୍ଟ ଆଦି ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ପରିକ୍ରମା କରି କାର୍ଯ୍ୟାଳୟ ଗୁଡିକ ବନ୍ଦ କରିବାରେ ସହଯୋଗ କରିଥିଲେ । ଏହା ସହିତ ପଶ୍ଚିମ ଓଡିଶାର ୯ଟି ଜିଲାରେ ସରକାରଙ୍କ ଏହି ଜନ ବିରୋଧିକୁ ବିଦ୍ୟୁତ ବିଭାଗର କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଏହି ଧର୍ମଘଟରେ ସାମିଲ ହୋଇଛନ୍ତି ବୋଲି ସାଧାରଣ ସମ୍ପାଦକ ହାରା ଜିଟିଡି କମଚାରୀ ସଂଘ ବୁର୍ଲା ଶାଖା କେସିଙ୍ଗାର ନାରାୟଣ ସିଂହ ପ୍ରକାଶ କରିଥିଲେ ।



କେସିଙ୍ଗା ଶାଖାର ବିଦ୍ୟୁତ୍ କର୍ମଚାରୀମାନେ ବିକ୍ଷୋଭ କରୁଛନ୍ତି ।

## ଜୁନାଗଡ ବ୍ଲକ, ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ

# ବନାବାଡ଼ି, ବଜାଶାଲ ନୃତ୍ୟ ମନମୋହିଲା

ଜୁନାଗଡ,୯।୧(ଡି.ଏନ.ଏ./ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ହାଇସ୍କୁଲ ପଡିଆଠାରେ ବୁଧବାର ୩ ଦିନିଆ ବ୍ଲକ ଓ ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନ ୧୧ଟାରେ ମା' ଲଙ୍କେଶ୍ୱରୀଙ୍କ ମନ୍ଦିରରୁ ପୂଜାର୍ଚ୍ଚନା ପରେ ବ୍ଲକ ନିକଟ ତ୍ରିନାଥ ମନ୍ଦିରକୁ ମଶାଲ ଶୋଭଯାତ୍ରା ଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ଏକ ବିରାଟ ପଟୁଆରାରେ ମଶାଲକୁ ଧରି ଜୁନାଗଡ ସହର ପରିକ୍ରମା କରି ଉତ୍ସବ ପଡିଆକୁ ପହଞ୍ଚିଥିଲେ। ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ମଶାଲକୁ ଗ୍ରହଣ କରି ଉତ୍ସବକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଜୁନାଗଡ ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ଉପେନ୍ଦ୍ର ଲୁହାଙ୍କ ଅଧକ୍ଷତାରେ ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ ମିଶ୍ର, ସମ୍ମାନିତ ଅତିଥି ଜିଲା ପରିଷଦ ଉପାଧକ୍ଷ ଭବସିନ୍ଧୁ ମଙ୍ଗରାଜ, ଜୁନାଗଡ ବ୍ଲକ ଅଧକ୍ଷା ନୁର୍ଯ୍ୟ ମାଝି, ଉପାଧକ୍ଷ ଟଙ୍କଧର ନାଏକ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ଜିଲା ପରିଷଦ ସଭ୍ୟା କାଞ୍ଚନ ବାଗ, ଜିଲା ସରପଞ୍ଚ ସଂଘ ସଭାପତି ଶିବ ପ୍ରସାଦ ଭୋଇ, ପୂର୍ବତନ ଏନଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଦୁନ୍ଦେଲମାଲ ସରପଞ୍ଚ ଡଃ ତ୍ରିଭୁବନ ପଣ୍ଡା ସଭା ପରିଚାଳନା କରିଥିଲେ। ପ୍ରସାଦ ଏଣ୍ଡ ଗ୍ରୁପ ପକ୍ଷରୁ ପାରମ୍ପରିକ ସଙ୍ଗୀତ ପରିବେଷଣ କରଯାଇଥିଲା। ସେହିପରି ସନ୍ଧ୍ୟା କାର୍ଯ୍ୟକ୍ରମରେ ଜୁନାଗଡ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ ସଭାପତିତ୍ୱ କରିଥିଲେ। ଏଥିରେ ଅତିଥି ଭାବେ ଜୁନାଗଡ ତହସିଲଦାର, ବ୍ଲକ ଅଧକ୍ଷା, ଉପାଧକ୍ଷ ଟଙ୍କଧର ନାଏକ, ବ୍ଲକସ୍ତରୀୟ ଉତ୍ସବ ସବକମିଟି ଅଧକ୍ଷ ପ୍ରଦୀପ ସାହୁ, ସଦସ୍ୟ ଆଶେଶ୍ୱର ବିହାର, ଭୁର୍କୁଟି ଗୌଡ, ଜୁନାଗଡର ପୂର୍ବତନ ବିଡିଓ ପରମ ବ୍ରହ୍ମ ଯୋଷୀ ପ୍ରମୁଖ ଯୋଗଦେଇ କଳାହାଣ୍ଡିର ଲୋକକଳା ଓ ସଂସ୍କୃତି ଉପରେ କହିଥିଲେ। ସଭାକୁ କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଏନଏସିସ୍ତରୀୟ ହୋଇଥିବା ଝୋଟି, ଭଜନ, ହୁଳହୁଳି, ଶଙ୍ଖ ଫୁଙ୍କା, ରଙ୍ଗୋଲି, ମେହେନ୍ଦି, ଗୀତ, ଚିତ୍ରାଙ୍କନ, ତର୍କ, ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ଜୁନାଗଡ କଳାବିକାଶ କେନ୍ଦ୍ରର ଛାତ୍ରୀମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ମସିଗାଁର ଘୁମୁରା, ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ ଜୟପାଟଣା, ପାଷ୍ଟିକୁଡି ପକ୍ଷରୁ ବଜାଶାଲ ନୃତ୍ୟ ଦର୍ଶକଙ୍କ ମନମୋହିଥିଲା।





କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟନୀ ଅବସରରେ ସକାଳେ ଆୟୋଜିତ ମଶାଲ ଶୋଭାଯାତ୍ରା (ବାମ)। ସନ୍ଧ୍ୟା କାର୍ଯ୍ୟକ୍ରମରେ ବନାବାଡ଼ି ନୃତ୍ୟ ପରିବେଷଣ କରାଯାଉଛି ।



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।

- ଲର୍ଡ ବାଇରନ



## ସଂକ୍ଷେପରେ

### କୋଇଲା ଚୋରି: ୨ଗିରଫ

**ଝାରସୁଗୁଡା ଅଫିସ,୯।୧-** ଝାରସୁଗୁଡା ବଡମାଲ ଥାନା ବୃନ୍ଦାମାଲ ଓ ଭୁର୍ଖାମୁଣ୍ଡା ରେଲୱେ ସାଇଡିଂରୁ କୋଇଲା ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଅନନ୍ତ ରୋହିଦାସ ଏବଂ ଉପେନ୍ଦ୍ର ନେଲ୍। ସେମାନଙ୍କ ଠାରୁ ପୋଲିସ ୧୫ଟନ୍ କୋଇଲା ଜବତ କରିଥିବାବେଳେ ଉଭୟଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଅମିତାଭ ପଣ୍ଡା କହିଛନ୍ତି। ଅଭିଯୁକ୍ତମାନେ ବୃନ୍ଦାମାଲ ଏବଂ ଭୁର୍ଖାମୁଣ୍ଡା ରେଲୱେ ସାଇଡିଂରୁ ଚୋରି କରୁଥିବା ଅଭିଯୋଗ ହେବା ପରେ ବଡମାଲ ପୋଲିସ ଚଢାଉ କରିଥିଲା। ଅଭିଯୁକ୍ତଙ୍କୁ ଗିରଫ କରି କୋଇଲା ଜବତ କରାଯାଇଛି।

### 'କାଳିଆ'ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଗହଳି

**କୋଲାବିରା,୯।୧(ଡି.ଏନ.ଏ.)-** କୋଲାବିରା ବ୍ଲକର ଅଭାବଗ୍ରସ୍ତ ଚାଷୀମାନଙ୍କ ମଧ୍ୟରେ 'କାଳିଆ' ଯୋଜନାର ଲାଭ ନେଇ ପ୍ରବଳ ଉତ୍କଣ୍ଠା ପ୍ରକାଶ ପାଇଛି। ସବୁଜ ଫର୍ମ ବିତରଣ ଆରମ୍ଭ ହେବା ମାତ୍ରେ ପଞ୍ଚାୟତ କାର୍ଯ୍ୟାଳୟ ଗୁଡିକରେ ଅସମ୍ଭବ ଭିଡ ପରିଲକ୍ଷିତ ହୋଇଥିଲା। ଖାସ୍ କରି କାଗଜପତ୍ର ଫଟୋ କପି କରିବା ପାଇଁ ଲୋକଙ୍କୁ ଜେରକ୍ସ ଦୋକାନର ସମ୍ମୁଖରେ ଭିଡ ଲାଗୁଥିଲା। ଏବେ ଫର୍ମ ପୁରଣ ପରେ ଫର୍ମ ଦାଖଲ ପାଇଁ ଲମ୍ବା ଧାଡି ଲାଗୁଥିବା ଦେଖିବାକୁ ମିଳୁଛି। ୧୦ତାରିଖ ଫର୍ମ ଦାଖଲର ଶେଷ ତାରିଖ ହୋଇଥିବାରୁ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ଫର୍ମଦାଖଲକୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ତେବେ କୋଲାବିରା ବ୍ଲକର ସମସ୍ତ ୯ଟା ଯାକ ପଞ୍ଚାୟତରେ ଶାନ୍ତିଶୃଙ୍ଖଳାର ସହ ଫର୍ମ ବିତରଣ କାରଯାଇପାରିଛି।

### ୨୪ଘଣ୍ଟା ଭିତରେ ମିଳିଲା ଚୋରି ସାମଗ୍ରୀ

**ବ୍ରଜରାଜନଗର,୯।୧(ଡି.ଏନ.ଏ.)-** ଓରିଏଣ୍ଟ ଥାନା ଅନ୍ତର୍ଗତ ଗଜପତି ନଗର ବାସିନ୍ଦା ଜଗନ୍ନାଥ ବେହେରାଙ୍କ ଚୋରି ହେବାର ୨୪ଘଣ୍ଟା ନପୁରୁଣୁ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଚୋରକୁ ଧରାଯାଇ ଚୋରୀ ସାମଗ୍ରୀ ଜବତ କରାଯାଇଛି। କିଛି ଯୁବକ ପୋଲିସ ଷ୍ଟେଶନରୁ ପୂର୍ବରୁ ଚୋରୀ ଅଭିଯୋଗରେ ଅଭିଯୁକ୍ତ ଥିବା ଚୋରମାନଙ୍କ ଲିଷ୍ଟ ଆଣି ସେମାନଙ୍କୁ ଧରି ପଚରା ଉଚରା କରିବା ପରେ ଚୋରୀ ସାମଗ୍ରୀ ଉଦ୍ଧାର କରାଯାଇଛି। ଘର ଠାରୁ ୧ଶହ ମିଟର ଦୂରରେ ଥିବା ଏକ ପୋଖରୀ ପାଖରୁ କମ୍ବଳରେ ଗୁଡା ହୋଇ ସମସ୍ତ ସାମଗ୍ରୀ ପଡିଥିବା ଚୋର ଚୋରୀ କରିଥିବା ସମସ୍ତ ସାମଗ୍ରୀ ରଖି ଦେଇଥିବା ନେଇ ଘର ମାଲିକଙ୍କୁ ଫୋନ ଯୋଗେ ଜଣାଇଥିଲେ। ୨ଟି ଟିଭି, ନଗଦ ଟଙ୍କା ଓ ସୁନା ଅଳଙ୍କାର ଅଧିକାଂଶ ମିଳିଥିବା ଜଗନ୍ନାଥ ପ୍ରକାଶ କରିଛନ୍ତି। ପୋଲିସ ଉପରେ ବିଶ୍ୱାସ ନାହିଁ। ମୋ ଚୋରୀ ସାମଗ୍ରୀ ମତେ ମିଳିଗଲା କିଏ ଫୋନ କରିଥିଲେ ସେ ବିଷୟରେ କୌଣସି ସ୍ପଷ୍ଟ ସୂଚନା ଦେଲେ ନାହିଁ। ଘଟଣାଟି ଅବିଶ୍ୱାସ ଲାଗୁଥିଲେ ବି ସତ୍ୟ ହୋଇଥିବାରୁ ଅଞ୍ଚଳରେ ଚର୍ଚ୍ଚା ଚାଲିଛି। ଏଥିରେ ପୋଲିସର କୌଣସି ଭୁମିକା ନ ଥିବା ଜଗନ୍ନାଥ ପ୍ରକାଶ କରିଛନ୍ତି।

# ଛତିଶଗଡ଼ ବର୍ଜ୍ୟବସ୍ତୁରେ ଓଡ଼ିଶାସୀମା ପ୍ରଦୂଷିତ

**ଲଖନପୁର,୯।୧(ଡି.ଏନ୍.ଏ.)**

- ତାପଜ ବିଦ୍ୟୁତ କେନ୍ଦ୍ରରୁ ନିର୍ଗତ ହେଉଛି ପାଉଁଶ
- କନକତୋରାରେ ଚାଲିଛି ଡମ୍ପିଂ
- କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଛତିଶଗଡ଼ ଦାଦାଗିରିରେ ଓଡ଼ିଶାର ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ସୀମାନ୍ତବର୍ତ୍ତୀ ଅଞ୍ଚଳ ପ୍ରଭାବିତ ହେବାରେ ଲାଗିଛି । ଏଥିରେ ସୀମାନ୍ତବର୍ତ୍ତୀ ଗ୍ରାମବାସୀ ବିଶେଷଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ଏ ସମ୍ପର୍କରେ ପ୍ରଭାବିତ ଗ୍ରାମବାସୀ ରାଜ୍ୟ ସରକାର ଓ ସ୍ଥାନୀୟ ଜିଲାପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ଏଭଳି ଅଭିଯୋଗ ହେଉଛି। ଯାହା ଫଳରେ ଛତିଶଗଡର ଦାଦାଗିରିରେ ଓଡିଶା ସୀମାନ୍ତବର୍ତ୍ତୀ ଗ୍ରାମବାସୀ ଅତିଷ୍ଠ ହେଲେଣି। ଏ ନେଇ ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ଅସନ୍ତୋଷ ଲୋକଙ୍କ ମଧ୍ୟରେ ଆନ୍ଦୋଳନ ଦାନା ବାନ୍ଧୁଛି। ଏଭଳି ସ୍ଥିତିରେ ଛତିଶଗଡ ସରକାର ମହାନଦୀ ଉପର ମୁଣ୍ଡରେ ବେଆଇନ୍‌ଭାବେ ଡ୍ୟାମ୍ ନିର୍ମାଣ କରି ପାଣି ଅଟକାଇ ଚାଲିଛି । ଫଳରେ ଓଡିଶାର ମହାନଦୀ ତଳ ମୁଣ୍ଡ ଶୁଖିଲା ପଡୁଛି । ସେହିଭଳି ଛତିଶଗଡରେ ଗଢିଉଠିଥିବା ବିଭିନ୍ନ କଳକାରଖାନାରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁ ଜଳରେ ପ୍ରବାହିତହୋଇ ନଦୀ ଜଳକୁ ପ୍ରଦୂଷିତ କରୁଛି। ଏଥି ମଧ୍ୟରେ ସୀମାନ୍ତରେଥିବା ବଡକେଲୋ ନଦୀଜଳ ପ୍ରଦୂଷିତ ହେଉଛି। ଏଥିରେ ବହୁ ସଂଖ୍ୟାରେ ବିଭିନ୍ନ ପ୍ରଜାତିର ମାଛ ମରୁଛନ୍ତି। ଏଭଳି ସ୍ଥିତି ଗତ ମାସରେ ବଡକେଲୋନଦୀରେ ଦେଖିବାକୁ ମିଳିଥିଲା। ଏଭଳି ସ୍ଥିତିରେ



କନକତୋରା ଫରେଷ୍ଟଗେଟ୍ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ପାହାଡ ଭଳି ଡମ୍ପିଂ ହୋଇଛି ପାଉଁଶ।

ଏବେ ସୀମାନ୍ତରେ ଆଉ ଏକ ନୂଆ ସମସ୍ୟା ମୁଣ୍ଡ ଟେକିଛି। ଓଡିଶା ସୀମାନ୍ତ ଛତିଶଗଡରେ ଆର୍‌ଆର୍ ଏନର୍ଜି ନାମକ ଏକ ତାପଜ ବିଦ୍ୟୁତକେନ୍ଦ୍ର ରହିଛି। ଏହି ପ୍ରକଳ୍ପରୁ ନିର୍ଗତ ହେଉଥିବା ପାଉଁଶ ଏବେ ହାଇୱାରେ ବୋଝେଇ ହୋଇ କନକତୋରା ନିକଟସ୍ଥ ଜାତୀୟ ରାଜପଥ ଫରେଷ୍ଟଗେଟ୍ ନିକଟରେ ପାହାଡ ଭଳି ଡମ୍ପିଂ ଚାଲିଛି। ଡମ୍ପିଂ ହେଉଥିବା ଜମି ମଧ୍ୟରୁ ରୟତ ଜମି ଆଉ କେତେକ ସରକାରୀ ଜମି ରହିଛି। ସାମାନ୍ୟ ପବନ ହେଲେ ଏହି ପାଉଁଶ ପ୍ରବଳମାତ୍ରାରେ ବାୟୁମଣ୍ଡଳରେ ଉଡି ପ୍ରଦୂଷଣ ସୃଷ୍ଟି କରୁଛି। ଯାହା ଫଳରେ ଜାତୀୟ ରାଜପଥରେ ଯାତାୟତ କରୁଥିବା ଯାନବାହାନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ସ୍ଥାନୀୟ ଲୋକେ ଲଖନପୁର ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହା ଜାଣିବା ପରେ ତହସିଲଦାର ଜ୍ୟୋସ୍ନାରାଣୀ ସାହୁ ଚାଣ୍ଡିପାଲି ଆର୍‌ଆଇଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତହସିଲଦାରଙ୍କ ନିର୍ଦ୍ଦେଶ ବଳରେ ଆର୍‌ଆଇ ଦିବାକର ପ୍ରଧାନ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ତଦନ୍ତରୁ ଜଣାପଡିଛି ଡମ୍ପିଂ ହୋଇଥିବା ପାଉଁଶ ରୟତ ଜମି ଓ ସରକାରୀ ଜମିରେ ପଡିଛି । ଏହାର ରିପୋର୍ଟ ଆର୍‌ଆଇ ପ୍ରଧାନ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଏ ନେଇ କମ୍ପାନୀ ବିରୋଧରେ ଏକ ଜବରଦଖଲ(ଏନ୍‌କ୍ଲୋଜ୍‌ମେଣ୍ଟ)ମାମଲା ରୁଜୁ ହେବ ବୋଲି ତହସିଲଦାର ସାହୁ କହିଛନ୍ତି । ଏ ନେଇ ଆର୍‌ଆର୍ ଏନର୍ଜି କମ୍ପାନୀର ଅଧିକାରୀ ଡିପି ମିଶ୍ର କହିଛନ୍ତି କନକତୋରା ଗ୍ରାମର ୪ଜଣ ଲୋକ ନିଜ ଜମିରେ ପାଉଁଶ ପକାଇବା ପାଇଁ କହିବାରୁ କମ୍ପାନୀ ପାଉଁଶ ଡମ୍ପିଂ କରୁଛି । ଏଥିରେ ସରକାରୀ ଜମି ରହିଛି ବୋଲି କମ୍ପାନୀକୁ ଜଣା ନାହିଁ। ଏ ନେଇ ସ୍ଥାନୀୟ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଅନୁମତି(ଏନ୍‌ଓସି)ନିଆଯାଇଛି ବୋଲି କମ୍ପାନୀ ଅଧିକାରୀ ମିଶ୍ର କହିଛନ୍ତି । ଏ ନେଇ ସରପଞ୍ଚ ଡଲି କଲିଆରୀ କହିଛନ୍ତି ଜମି ମାଲିକଙ୍କ କହିବା ଅନୁଯାୟୀ ଏନ୍‌ଓସି ଦେଇଛୁ । ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିପିନ ବିହାରୀ ଚୌଧରୀ କହିଛନ୍ତି ଏ ସମ୍ପର୍କରେ ସେ କାହାରିକୁ ଅନୁମତି ଦେଇ ନାହାନ୍ତି। ଏ ନେଇ ଜିଲା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ନିରଞ୍ଜନ ମଲ୍ଲିକ କହିଛନ୍ତି କମ୍ପାନୀ ପାଉଁଶ ଡମ୍ପିଂ କରିବା ସମ୍ପର୍କରେ ତାଙ୍କ ନିକଟରେ କୌଣସି ଆବେଦନ କରିନାହାନ୍ତି । ଯଦି ବେଆଇନ୍‌ଭାବେ ଏହା ହୋଇଛି ତା'ହେଲେ କମ୍ପାନୀ ବିରୋଧରେ ରାଜ୍ୟ ପ୍ରଦୂଷଣ ନୟନ୍ତ୍ରଣ ବୋର୍ଡ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

## ଗୁରୁଶିଷ୍ୟ ପରମ୍ପରା ସମାଜରେ ଏକ ଆଦର୍ଶ

**କୋଲାବିରା,୯।୧(ଡି.ଏନ.ଏ.)**

କୋଲାବିରା ବ୍ଲକ ରଘୁନାଥପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପାଇକମାଲ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀମାନ କ୍ଷିତି ଭୂଷଣ ବିଶ୍ୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡା ଜିଲା ପ୍ରକଳ୍ପ ସଂଯୋଜିକା ମିନାରାଣୀ ମଙ୍ଗଳ ଯୋଗଦେଇ ପୌରାଣିକ ଯୁଗରେ ଗୁରୁ ଶିଷ୍ୟ ସମ୍ବନ୍ଧ, ଅଭିଭାବକଙ୍କ କର୍ତ୍ତବ୍ୟ ଓ ନିଷ୍ଠା ତଥା ଆଧୁନିକ ଶିକ୍ଷାର ସଚେତନତା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଛତ୍ରକୁମାର ପଟେଲ, ରଘୁନାଥପାଲି ସରପଞ୍ଚ ନନ୍ଦିତା ସରାଫ, ସମିତି ସଭ୍ୟା ନିରୁପମା ପଧାନ, ଗ୍ରାମର ବଦାନ୍ୟବ୍ୟକ୍ତି ଚନ୍ଦ୍ରଭାନୁ ସରାଫ, ନିରଞ୍ଜନ ପଧାନ, ଉଦ୍ଧବ ବାରିକ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଓରିଏଣ୍ଟ କୋଲିଆରି ସରକାରୀ ଉଚ୍ଚ ବିଦ୍ୟାଳୟ ବ୍ରଜରାଜଗରର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ସାରାଫ ଯୋଗଦେଇ ଶିଶୁ ମାତାପିତା ଓ ଶିକ୍ଷକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସହ ଶିଶୁଙ୍କ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ଏହା ସହ ଗୁରୁଶିଷ୍ୟ ପରମ୍ପରା ସମାଜରେ ଏକ ଆଦର୍ଶ ଅଟେ, ଏହା ଦ୍ୱାରା ପିଲା ନିଜର ଦାୟିତ୍ୱ, କର୍ତ୍ତବ୍ୟ, ସ୍ନେହ, ସମ୍ମାନ ଓ ସଂସ୍କାର ବୁଝି ପାରିବା ସହ ପ୍ରତିଷ୍ଠିତ ହୋଇ ପାରିଥାଏ ବୋଲି ଅଭିହିତ କରିଥିଲେ। ଏହି ଅବସରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ୬୪ଜଣ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ସପ୍ତମ ଶ୍ରେଣୀର ଟପ୍ପର ତିନି ଜଣ ଛାତ୍ରୀଛାତ୍ର ଯଥାକ୍ରମେ ଗାୟତ୍ରୀ ସାହୁ, ପୂଜା ସୌରା ଏବଂ ପଙ୍କଜିନୀ ଅମାତଙ୍କୁ ସ୍ୱତନ୍ତ୍ର ଭାବେ ପ୍ରୀତିରାଣୀ ସମ୍ମାନ ପ୍ରଦାନ କରାଯାଇଥିଲା। ସପ୍ତମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀ ପ୍ରୀତିରାଣୀ ସରାଫଙ୍କ ଅକାଳ ବିୟୋଗରେ ତାଙ୍କ ପିତା ରୁପେଶ ସରାଫ ଝିଅର ସ୍ମୃତି ଉଦ୍ଦେଶ୍ୟରେ ତିନୋଟି ରୌପ୍ୟ ମୁଦ୍ରିକା ପ୍ରଦାନ କରି ସମ୍ମାନିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଧାନ ବାର୍ଷିକ ବିବରଣୀ ପାଠ କରିବା ସହ ମଞ୍ଚ ପରିଚାଳନା କରିଥିଲେ।



ରଘୁନାଥପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

## କ୍ରିକେଟ ଟୁର୍ନାମେଣ୍ଟ: ସଇଡା ଚାମ୍ପିୟନ

**ଲଇକେରା,୯।୧(ଡି.ଏନ.ଏ.)**

ଝାରସୁଗୁଡା ଜିଲା ଲଇକେରା ବ୍ଲକ ମଙ୍ଗୁରଡିମାଠାରେ କ୍ରିକେଟ କ୍ଲବ ତରଫରୁ ଦୀର୍ଘ ୫ଦିନ ଧରି ଚାଲିଥିବା ୧୬ତମ ଶିବ ଶଙ୍କର କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଝାରସୁଗୁଡା ବିଧାୟକ ନବକିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାରଙ୍ଗଲୋଇ ସରପଞ୍ଚ ସୁଷମା ଅମାତ, ବ୍ଲକ ଅଧ୍ୟକ୍ଷା ରୋଜାଲିନ ପଟେଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଯୋଗିନ୍ଦ୍ର ନାଏକ ଗ୍ରାମର ଛଗନଲାଲ ନାଏକ, ଯେମନ୍ତ ପଟେଲ, ବସୁଦେବ ଜୟପୁରିଆ, କୃଷ୍ଣ ଚନ୍ଦ୍ର ସିଂ ପ୍ରମୁଖ ଯୋଗଦେଇଥିଲେ । ଫାଇନାଲ ଖେଳ ସଇଡା ଏବଂ ଲେଡ଼ିମଙ୍ଗ ବାବୁପଡା ମଧ୍ୟରେ ହୋଇଥିବାବେଳେ ନିର୍ଦ୍ଧାରିତ ୧୦ଓଭରରେ ଲେଡ଼ିମଙ୍ଗ ବାବୁପଡା ୬୮ରନ ସଂଗ୍ରହ କରିଥିଲେ। ତେବେ ୬୮ରନକୁ ଲକ୍ଷ କରି ସଇଡା ଦଳ ୪ଓଇକେଟରେ ବିଜୟୀ ହୋଇଛି । ଅମ୍ପାୟର ଭାବେ ସରୋଜ ସାହୁ ଏବଂ କ୍ଷୀରୋଦ ନାଏକ ଦାୟିତ୍ୱ ତୁଲେଇଥିବାବେଳେ କ୍ରିକେଟ କ୍ଲବର ସଭାପତି କିରନ ଅମାତ ଏବଂ ଉପସଭାପତି ବାପି ନାଏକଙ୍କ ସହ ଶୁଭମ ପଟେଲ, ରିଙ୍କୁନ ସାହୁ, ଶଙ୍କର ନାଏକ, ସରୋଜ ସାହୁ ଏବଂ ବାବୁଲୁ ପରୁଆ ସହଯୋଗ କରିଥିଲେ । ବିଜୟୀ ସଇଡା ଦଳକୁ ଚାମ୍ପିୟନ ଟ୍ରଫି ସହ ନଗଦ ରାଶି ପ୍ରଦାନ କରାଯାଇଥିବାବେଳେ ଲେଡ଼ିମଙ୍ଗ ବାବୁପଡା ଦଳକୁ ରନର୍ସଅପ୍ ଟ୍ରଫି ସହ ନଗଦ ରାଶି ପ୍ରଦାନ କରାଯାଇଛି ।

## କୋଲାବିରାରେ ଜୋରସୋରରେ ଚାଲିଛି ଧାନ ସଂଗ୍ରହ



କୋଲାବିରାଠାରେ ଏକ ମଣ୍ଡିରେ ଧାନ କିଣା ଚାଲିଛି।

**କୋଲାବିରା,୯।୧(ଡି.ଏନ.ଏ.)**

ଝାରସୁଗୁଡା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ୫ଟି ମଣ୍ଡି ମାଧ୍ୟମରେ ଧାନ ସଂଗ୍ରହ ଚାଲିଛି । କେତେକ ସ୍ଥାନରେ ଧାନ ସଂଗ୍ରହ ଅଭିଯାନରେ ମାନ୍ଦା ଅବସ୍ଥା ପରିଲକ୍ଷିତ ହୋଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ କୋଲାବିରା ସେବାସମବାୟ ସମିତରେ ୪୫ଜଣ ଚାଷୀଙ୍କଠାରୁ ୧୮୫୩ କୁଇଣ୍ଟାଲ, ପରମାଣପୁର ସେବା ସମବାୟ ସମିତିରେ ୯୧ଜଣ ଚାଷୀଙ୍କ ନିକଟରୁ ୩୬୩୭କୁଇଣ୍ଟାଲ, ସମାସିଂହା ସେବାସମବାୟ ସମିତିରେ ୧୬୬ଜଣ ଚାଷୀଙ୍କଠାରୁ ୮୧୫୭କୁଇଣ୍ଟାଲ ଏବଂ ଖିଲାପାଲି ସେବାସମବାୟ ସମିତ ଓ ତା'ର ଉପକେନ୍ଦ୍ର ଲୁତୁଙ୍କଠାରେ ୧୪୬ଜଣ ଚାଷୀଙ୍କଠାରୁ ୨୬୭୪କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ସୂଚନା ମିଳିଛି। ତେବେ କୁଇଣ୍ଟାଲ ପ୍ରତି ହେଉଥିବା ଅଢେଇ କିଲୋଗ୍ରାମ କଟନିକୁ ଚାଷୀ ନାପସନ୍ଦ କରୁଛନ୍ତି। ଧାନ ଯଦି ଏଫକ୍ୟୁ ମାନର ନ ହୁଏ ତେବେ ଭଲ ଧାନ ବାହାରି ଥାଏ । ତେବେ କୁଇଣ୍ଟାଲ ପ୍ରତି ୨.୫କିଲୋଗ୍ରାମ କଟନୀ ହେବ ବୋଲି ଘୋଷଣା କରାଯାଇଛି। ସେହିପରି ଧାନର ମାନ ଅତ୍ୟନ୍ତ ଖରାପ ଥିଲେ ଚାଷୀ ଓ ମିଲର ପ୍ରତିନିଧିଙ୍କ ମାଧ୍ୟମରେ ଆଲୋଚନା କରାଯାଇ ଧାନ କଟନୀର ନିର୍ଦ୍ଧାରଣ କରାଯିବ ବୋଲି କୁହାଯାଇଛି। ଚାଷୀଙ୍କ ଧାନ କେବଳ ସୋସାଇଟିରେ ଓଜନ ହେବ ଓ ବିନା ଓଜନରେ ଚାଷୀଙ୍କ ଧାନ ମିଲକୁ ଯିବ ନାହିଁ ବୋଲି ଚାଷୀ ପ୍ରତିନିଧି ଓ ଅଧିକାରୀ ସହମତି ଜଣାଇଛନ୍ତି। ଚଳିତ ବର୍ଷ ଗୋଟିଏ ପଟେ ବର୍ଷାଭାବ ଯୋଗୁ ଜିଲାରେ ଚାଷ ଉଜୁଡି ଯାଇଛି ଓ ମରୁଡି ହୋଇଥିବା ସରକାରୀ ଭାବେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଫଳରେ ସରକାର ଏହି ଜିଲାକୁ ମରୁଡି ଘୋଷଣା କରିଥିଲେ। ଏପଟେ ଚାଷୀଙ୍କୁ ଏକର ପିଛା ୧୩ କୁଇଣ୍ଟାଲ ଧାନ ବିକ୍ରି କରିବାକୁ ନିୟମ ପ୍ରଣୟନ କରାଯାଇଛି। ଯଦି ଏକର ପିଛା ଚାଷୀ ୧୩କୁଇଣ୍ଟାଲ ଧାନ ବିକ୍ରୟ କରେ ତେବେ ଜିଲାରେ ମରୁଡି ଘୋଷଣା ମିଥ୍ୟା ପ୍ରମାଣିତ ହେବ ବୋଲିଚାଷୀମାନଙ୍କର ଧାରଣା ସୃଷ୍ଟି ହୋଇଛି। ଏଥିପାଇଁ ଚାଷୀମାନେ ଏକର ପିଛା ୧୩କୁଇଣ୍ଟାଲ ପ୍ରତିବଦଳରେ ୫କୁଇଣ୍ଟାଲ କରିବାକୁ ଦାବି କରିଛନ୍ତି। ଧାନର ସର୍ବନିମ୍ନ ମୂଲ୍ୟ ୧୭୫୦ଟଙ୍କା ଓ ଗ୍ରେଡ ଏ କିସମର ଧାନର ମୂଲ୍ୟ ୧୭୭୦ଟଙ୍କା ସରକାରୀ ଭାବେ ଧାର୍ଯ୍ୟ କରାଯାଇଛି। ତଣେ ଧାନ କିଣାରେ ବିଳମ୍ବ ଯୋଗୁ ଚାଷୀ ଦଲାଲଙ୍କ ହାତରେ କମ୍ ଦାମରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛି।

## ସିମରନ୍ ମୃତ୍ୟୁ ମାମଲାରେ ନୂଆ ଟ୍ୱିଷ୍ଟ

### ଆଉ ଜଣେ ନାୟକଙ୍କ ନାଁକୁ ନେଇ ଚର୍ଚ୍ଚା

**ଝାରସୁଗୁଡା ଅଫିସ,୯।୧**

ସିମରନ ମୃତ୍ୟୁ ମାମଲାରେ ଦିନକୁ ଦିନ ନୂଆ ଟ୍ୱିଷ୍ଟ ସାମ୍ନାକୁ ଆସୁଛି। ଜାନୁୟାରୀ ୧ତାରିଖରେ ସିମରନ୍ କେସିଙ୍ଗାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ୩ ତାରିଖରେ କୋର୍ଟରେ ୧୬୪ ବୟାନ ରେକର୍ଡ ହେବାର ଥିଲା। କିନ୍ତୁ ସେଦିନ ବୁର୍ଲା ନିକଟରୁ ମିଳିଲା ମୃତଦେହ। ଡିସେମ୍ବର ୩୧ତାରିଖରେ ଧୁମଧାମରେ ଜିରୋନାଇଟ୍ ପାଳନ କରିଥିବାବେଳେ ଜାନୁୟାରୀ ୧ ଏବଂ ୨ତାରିଖରେ ଏପରି କେଉଁ ଘଟଣା ସିମରନଙ୍କୁ ମୃତ୍ୟୁ ମୁଖକୁ ନେଇଥିଲା ତାହା ପରଦା ଆଢୁଆଳରେ ରହିଯାଇଛି। ଆତ୍ମହତ୍ୟା ଏବଂ ହତ୍ୟା ଭିତରେ ପୋଲିସ ଛନ୍ଦି ହୋଇପଡିଛି।

ବର୍ତ୍ତମାନ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଯେଉଁଥିରେ ଜଣେ ସମ୍ବଲପୁରୀ ଆଲବମ୍ ନାୟକଙ୍କ ନାଁ ଚର୍ଚ୍ଚା ହେଉଛି। ଏହି ପ୍ରେମିକ ଜଣଙ୍କ ଏକ ତରଫା ଭାବେ ସିମରନଙ୍କୁ ଭଲ ପାଉଥିବା ଜଣାପଡିଛି। ଯାହାକୁ ନେଇ ସିମରନଙ୍କ ମୃତ୍ୟୁ ମାମଲା ପୁଣି ଥରେ ଦିଗ ବଦଳାଇବ ବୋଲି ଚର୍ଚ୍ଚା ହେଉଛି। ଏହି ଏକତରଫା ପ୍ରେମ କାହାଣୀର ନାୟକ ଗତ ୨ତାରିଖରେ ସିମରନଙ୍କୁ କେସିଙ୍ଗାରୁ ଫେରିବା ରାସ୍ତାରେ ଟିଟିଲାଗଡ଼ ରେଲୱେ ଷ୍ଟେଶନରେ ସାକ୍ଷାତ କରିଥିଲେ। କିନ୍ତୁ ମିଳିଥିବା ସୂଚନା ମୁତାବକ ସିମରନ ଏହି ଏକ ତରଫା ପ୍ରେମକୁ ସ୍ୱୀକାର କରୁ ନ ଥିବା ବେଳେ ତାଙ୍କ ମା' ମଧ୍ୟ ଏ ବିଷୟରେ ଅବଗତ ଥିଲେ। ତେବେ ଉକ୍ତ ପ୍ରେମିକ ଜଣଙ୍କ କାହିଁକି ଓ କେଉଁ ପରିସ୍ଥିତିରେ ସିମରନଙ୍କୁ ଟିଟିଲାଗଡ଼ ଷ୍ଟେଶନରେ ସାକ୍ଷାତ କଲେ ଓ ଉଭୟଙ୍କ ମଧ୍ୟରେ କ'ଣ ଆଲୋଚନା ହୋଇଥିଲା ତା'ର ତଦନ୍ତ କରିବାକୁ ଦାବି ହେଉଛି। ବାସ୍ତବରେ ପୋଲିସ ଏହି ଦିଗକୁ ଗୁରୁତର ସହ ନେଇ ତଦନ୍ତ କଲେ ଅନେକ ତଥ୍ୟ ସାମ୍ନାକୁ ଆସିବ ବୋଲି ଏଠାରେ ଆଲୋଚନା ଜୋର ଧରିଛି । ଅନ୍ୟପକ୍ଷେ ଜାନୁୟାରୀ ୨ତାରିଖ ରାତି ୧୧ଟା ସମୟରେ ସିମରନ ଫୋନ୍ ଉଠାଉ ନ ଥିବାରୁ ପରିବାର ଲୋକ ଝାରସୁଗୁଡ଼ା ଟାଉନଥାନାର ଜଣେ ପୋଲିସ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ହେଲେ ଉକ୍ତ ଅଧିକାରୀ ଜଣଙ୍କ ନିଜ ଉପରିସ୍ଥ ଅଧିକାରୀଙ୍କୁ ଏ ବାବଦରେ ସୂଚନା ଦେଇ ନ ଥିଲେ। ତେଣୁ କର୍ତ୍ତବ୍ୟରେ ଅବହେଳା ପାଇଁ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି।

### ଖାଏଦ୍ ସୁରକ୍ଷା ଯୋଜ୍‌ନା ବାଟବନା

## ଯୋଜ୍‌ନାରୁ ବଁଚିତ ୬ ଗରିବ ପରିବାର

**ବେଲପାହାଡ଼,୯।୧(ଡ଼ି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳରେ ରାଏଜ୍ ସରକାରକଁର ଖାଏଦ୍ ସୁରକ୍ଷା ଯୋଜ୍‌ନା ଠିକ୍ ଭାବେ କାଯ୍‌କାରୀ ନାଇଁ ହେଇପାରବାର। ଏହେଦେ ବି ପରିଷଦର ଭିନେ ଭିନେ ୱାର୍ଡରେ ବାସ କରୁଥିବାର ବହୁତ ଗରିବ ଆର ଅଭାବିଆ ଲୋକ୍ ରାଶନ କାର୍ଡ ପାଏବାରୁ ବଁଚିତ ହେଇଛନ୍। ଯେନ୍‌ଥିରଲାଗି ସେମାନେ ଟଁକାକିଆ ଚାଉଲ ପାଏବାରୁ ବଁଚିତ ହେଇ ରହିଛନ୍। ଖାଏଦ୍ ସୁରକ୍ଷା ଯୋଜ୍‌ନା ଉପରେ ସରକାର ଲାଗୁ କରିଥିବାର କଡ଼ା କଡ଼ି ନିୟମର ଭଏରେ ବହୁତ୍‌ଟେ ହକ୍‌ଦାର ହିତାଧିକାରୀ ରାଶନ କାର୍ଡ ଫିରେଇ ଦେଇଥିଲେ। ପଛେ ସେମାନେ ରାଶନ କାର୍ଡ ପାଏବାର ଲାଗି ଫେରଘାଏ ଆବେଦନ କରିଛନ୍। ହେଲେ ଆଏଜତକ୍ ସେମାନକୁ ରାଶନ କାର୍ଡ କି ଚାଉଲ ନାଇଁ ମିଲିପାରି। ଏନ୍‌ତା ବହୁତ୍‌ଟେ ଗରିବ୍ ହକ୍‌ଦାର ହିତାଧିକାରୀ ରାଶନ କାର୍ଡ ଖଁଡ଼େ ପାଏବାର ଲାଗି ପୌରପରିଷଦ ଅଫିସକେ ନରଦୁଥିବାର ଦେଖବାକେ ମିଲୁଛେ। ହେଲେ ବହୁତ୍‌ଟେ ଗରିବ ପରିବାର ଚାଉଲ, ଗହମ ନାଇଁ



ଖାଏଦ୍ ସୁରକ୍ଷା ଯୋଜନାରୁ ବଁଚିତ ହେଇଥିବାର ବେଲପାହାଡ଼ କୁର୍ମିପଡ଼ାର ୬ ଗରିବ ମହିଳା।

ପାଉଥିବାର ଅଭିଯୋଗ ହେଉଛେ। ବେଲପାହାଡ଼ ପୌରପରିଷଦ ୱାର୍ଡ ନଂ.୩ ଅଧିନ କୁର୍ମିପଡ଼ା ମହିମା ମଠ ପାସେ ଥିବାର ଗୁଟେ ବସ୍‌ତିରେ ଏନ୍‌ତା ୧୨ଟା ଗରିବ ପରିବାର ବାସ କରୁଛନ୍। ଇ ପରିବାରମାନେ ଗଲା ୩୦ ବଛର ହେଲା ସରକାରୀ ଜମିରେ କୁରିଆମାରି ରହୁଛନ୍। ବଡ଼ଭାଗି ପରିବାରର ମାଏଝି ମୁନୁଷ କୁଲି ମଜୁରି କରି କୁଟୁମ ପୁଷୁଛନ୍। ଇମାନେ ନିହାତି ଗରିବ୍ ହେଇଥିବାର ଲାଗି ଘରମାନ୍‌କେ ତାରପୋଲିନ ଢ଼ାପିଛନ୍ ଆର କେତେ ନଡ଼ା ଛାଇଁଛନ୍। ଇମାନକର ଭିତରୁ ୬ଟା ପରିବାର ଖାଏଦ୍ ସୁରକ୍ଷା ଯୋଜ୍‌ନାରେ ସାମିଲ ହେଇଥିଲା ବେଳେ ବାକି ୬ଟା ପରିବାର ଯୋଜନାରୁ ବାଦ୍ ପଡ଼ିଛନ୍। ଇ ବାଦ୍ ପଡ଼ିଥିବାର ପରିବାରମାନେ ଯୋଜ୍‌ନାରେ ସାମିଲ ହେବାର ଲାଗି ପୌରପରିଷଦ ଅଫିସକେ ନରଦୁଛନ୍, ହେଲେ କେହେନ୍‌ସି ପରକାର ସୁଫଳ ନାଇଁ ପାଇବାର। ପଡ଼ାରେ ରହୁଥିବାର ଶ୍ରୀମତି ମହାରଣା, ଅଞ୍ଜଳି ମହାରଣା, ପଦ୍ମାଳୟା ମହାରଣା, ଉଷା ନାୟକ, ପୂଜା ମହାରଣା ଆର ପୁଷ୍ପା ମହାରଣା ଖାଏଦ୍ ସୁରକ୍ଷା ଯୋଜ୍‌ନାରେ ସାମିଲ ହେବାର ଲାଗି ୬ ମାସ ଆଗ୍‌ରୁ ଫର୍ମ ଦାଖଲ କରିଥିବାର କହିଛନ୍। ହେଲେ ସେମାନେ ଆଏଜତକ୍ ରାଶନ କାର୍ଡ ନାଇଁ ପାଇଥିବାର ଅଭିଯୋଗ କରିଛନ୍। ଇ ବାବ୍‌ଦେ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁକୁଁ ପଚରାଲାରୁ ଆଏବାର ୧୫ ଦିନ୍ ଭିତରେ ଯୋଜ୍‌ନାରୁ ବାଦ୍ ପଡ଼ିଥିବାର ୬ଟା ପରିବାରକେ ରାଶନ କାର୍ଡ ଯୁଗେଇ ଦିଆଯିବା ବଲି କହିଛନ୍। ହେଲେ ଯୋଗାଣ ଅଧିକାରୀ ରାଜକିଶୋର ଜେନାକୁଁ ପଚରାଲାରୁ ଜାତୀୟ ଖାଏଦ୍ ସୁରକ୍ଷା ଯୋଜ୍‌ନାରେ ଆଉର ନୂତନ ହିତାଧିକାରୀକୁଁ ସାମିଲ ନାଇଁ କରାଯିବାର। ଖାଲି ରାଏଜ୍ ସରକାରକଁର ଖାଏଦ୍ ସୁରକ୍ଷା ଯୋଜ୍‌ନା ଚାଲୁ ରହିଛେ। ହକ୍‌ଦାର ହିତାଧିକାରୀକୁଁ ଚିନ୍‌ହଁଟ କରବାର ଆର ସର୍ବେକ୍ଷଣ କାଯ୍ ଲାଗି ଟ୍ୟାକ୍ସ ଅସୁଲ କରୁଥିବାର ପୌର କରମଚାରୀକୁ ଇ ଦାଇତିଅ ଦିଆଯାଇଛେ। ସେମାନେ ରିପୋର୍ଟ ଦେଲା ଉତାରୁ ଆଏବାର ଫେବୃୟାରୀ ମାସୁ ନୂଆଁ ହିତାଧିକାରୀକୁଁ ଚାଉଲ ଦିଆଯାଇପାରବା ବଲି ସେ କହିଛନ୍।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



**ସଂକ୍ଷେପରେ**

## ଚୋରା କାଠ ସହ ଗାଡ଼ି ଜବତ: ଯୁବକ ଅଟକ

**ବାଲିଶଙ୍କରା, ୯।୧ (ଡି.ଏନ.ଏ)-** ସୁନ୍ଦରଗଡ ବନରେଞ୍ଜ ଅନ୍ତର୍ଗତ ରାଉଳଡେଗା ସେକସନ୍‌ର ବାଲିଶଙ୍କରା ଚାନ୍ଦିନୀମାଳ ଛକରେ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରା କାଠ ସହ ଗାଡ଼ି ଜବତ କରାଯାଇଛି। ଓଡି ୧୬ ଡି-୨୯୭୭ ନଂ. ଗାଡ଼ି ଯୋଗେ ଜାଳେଣି କାଠ ୫୦ ବିଡା ନେଉଥିବା ଖବର ପାଇ ରାଉଳଡେଗା ବନପାଳ ମିତ୍ରଭାନୁ ପଟେଲ, ବନରକ୍ଷୀ ଗାମାଚର ନାଏକ, ମାଧବ ଜୟପୁରିଆ, ସୁଶାନ୍ତ କୁମାର ମହାନନ୍ଦ ଏବଂ ସ୍କ୍ୱାଡ ଦଳ ଗାଡିକୁ ଅଟକ ରଖିଥିଲେ। ଡ୍ରାଇଭର ମିନକେତନ ଦାସଙ୍କୁ ଅଟକ ରଖି ସୁନ୍ଦରଗଡ ବନଖଣ୍ଡ ଅଧିକାରୀଙ୍କ ପାଖକୁ ନେଇ ଅଧିକରୁ ଅଧିକ ତଦନ୍ତ ଚଳାଇଥିବା ଜଣାପଡିଛି।

# ସଭାପତି ପଦକୁ ନେଇ ଘନଉଛି ବିବାଦ

- ଉଗ୍ର ହେଉଛି ଦଳୀୟ ବିବାଦ
- ଦୁଇ ସଭାପତିଙ୍କ କମିଟି ଘୋଷଣା
- ଉପରିସ୍ଥ ନେତା ମୁହଁ ଖୋଲୁ ନାହାନ୍ତି

**ରାଉରକେଲା ଅଫିସ,୯।୧**

ପାନପୋଷ ଉପଖଣ୍ଡ ଭାଜପା ସାଂଗଠନିକ ଜିଲାର ଦୁଇ ଯୁବ ମୋର୍ଚ୍ଚା ସଭାପତିଙ୍କୁ ନେଇ ଦଳୀୟ ବିବାଦ ଉଗ୍ର ହେବାରେ ଲାଗିଛି। ମୋର୍ଚ୍ଚାର ପ୍ରକୃତ ସଭାପତି କିଏ ତାକୁ ନେଇ ତର୍କ ଶେଷ ହେଉନି। ଗତ ମଙ୍ଗଳବାର ଦୁଇ ସଭାପତି ନିଜ କମିଟି ଘୋଷଣା କରିବା ପରେ ପରିସ୍ଥିତି ଅଧିକ ବିବାଦୀୟ ହୋଇପଡିଛି। ସକାଳେ ନୂଆ ଓ ସନ୍ଧ୍ୟାରେ ପୁରୁଣା ସଭାପତି ନିଜ କମିଟି ଘୋଷଣା କରିଛନ୍ତି। ତେବେ ପ୍ରକୃତ ଯୁବ ମୋର୍ଚ୍ଚା ସଭାପତି କିଏ ରହିବେ ସେ ନେଇ ଉପରିସ୍ଥ ନେତା ଆଜି ପର୍ଯ୍ୟନ୍ତ ମୁହଁ ଖୋଲୁ ନାହାଁନ୍ତି। ଯାହାକୁ ନେଇ ଭାଜପାର ତୃଣମୂଳ ନେତା, କର୍ମୀଙ୍କ ସହ ନୂଆ ନେତାଙ୍କ ମତଭେଦ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ସଭାପତି ଜଗବନ୍ଧୁ ବେହେରା ନିଜ ନିଷ୍ପତ୍ତିକୁ ଠିକ୍ ଦର୍ଶାଇଥିବାବେଳେ ପୁରୁଣା ନେତା ଏହାକୁ ମାନିବାକୁ ନାରାଜ। ଏପରି ଅବସ୍ଥାରେ ଦୁଇ ସଭାପତିଙ୍କ ଗୋଟିଏ ଦିନରେ ସମାନ୍ତରାଳ କମିଟି ଘୋଷଣା ଦଳୀୟ ମହଲରେ ଦ୍ୱନ୍ଦ ସୃଷ୍ଟି କରିଛି। କମିଟି ଗଠନ ନେଇ ଉଭୟ ଯୁବ ନେତା ଆଗ ପଛ ହୋଇ ପ୍ରେସ ବିବୃତି ଜାରି କରିବା ପରେ ବିବାଦ ବଢିବାରେ ଲାଗିଛି। ଘଟଣା ସମ୍ପର୍କରେ ଉଭୟ ପକ୍ଷ ନିଷ୍ପତିରେ ଅଟଳ ରହିଛନ୍ତି। ପୂର୍ବ ସଭାପତି ଦେବେନ୍ଦ୍ର ବୀରଗଣ୍ଡିଆ ନିଜକୁ ଅସଲ ସଭାପତି ଦାବି କରୁଥିବାବେଳେ ମୋର୍ଚ୍ଚାର ନବ ନିଯୁକ୍ତ ସଭାପତି ଅଙ୍କୁଶ ବର୍ମା କହୁଛନ୍ତି ତାଙ୍କୁ ଜିଲା ଭାଜପା ସଭାପତି ଅବ୍ୟାହତି ଦେଇ ସାରିଛନ୍ତି। ସେ ଦଳୀୟ କାର୍ଯ୍ୟକ୍ରମ କରିପାରିବେ କିନ୍ତୁ ସଭାପତି ପଦ ଦାବିଦାର ନୁହଁନ୍ତି। ଏ ନେଇ ଜିଲା ସଭାପତି ଜଗବନ୍ଧୁ ବେହେରା କହିଛନ୍ତି ଦଳୀୟ ନିଷ୍ପତ୍ତି ଆଧାରରେ ଅଙ୍କୁଶଙ୍କୁ ସଭାପତି କରାଯାଇଛି। ଏଥିରେ କିଛି ଅନିୟମିତତା ନାହିଁ। ଏଣେ ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କ ନିରବତା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାକୁ ସପ୍ତାହ ପୁରିବାକୁ ବସିଥିବାବେଳେ ଏ ନେଇ ତ୍ରିପାଠୀ ନିଜ ମତ ସ୍ପଷ୍ଟ କରୁ ନାହାଁନ୍ତି। ଫଳରେ ଦଳ ଭିତରେ ଆଭ୍ୟନ୍ତରୀଣ କନ୍ଦଳ, ନୂଆ ପୁରୁଣା ବିବାଦ ଘନେଇବାରେ ଲାଗିଛି। କେହି କାହାକୁ ଛାଡିବା ଅବସ୍ଥାରେ ନ ଥିବା ବେଳେ ଜିଲା ସଭାପତି ବେହେରା ଓ ତାଙ୍କ ଟିମ ନିଜ ବାଟରେ ପାର୍ଟି କାମରେ ଲାଗିଛନ୍ତି। ଯେଉଁ ପୁରୁଣା ନେତା ଏମାନଙ୍କୁ ବିରୋଧ କରୁଛନ୍ତି ସେମାନେ ଏବେ ତୁଣ୍ଡ ଖୋଲୁ ନହାଁନ୍ତି। ରାଜ୍ୟ ନେତୃତ୍ୱକୁ ଘଟଣା ଅବଗତ କରାଇ ଚୁପ ବସିଛନ୍ତି। ସେଠୁ ନିର୍ଦ୍ଦେଶ ନ ଆସିବା ଯାଏ ସମସ୍ୟାର ସମାଧାନ ହେବ ନାହିଁ। ଆମେ ଉପରିସ୍ଥ ନେତାଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛୁ ବୋଲି କହିଛନ୍ତି ଜଣେ ପୁରୁଣା ନେତା। ଏ ନେଇ ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଗୁରୁବାର ରାଉରକେଲା ଆସୁଛନ୍ତି। ଘଟଣାକୁ ନେଇ ଦୁଇ ପକ୍ଷ ତାଙ୍କୁ ଫେରାଦ ହେବା ସମ୍ଭାବନା ରହିଛି ବୋଲି ସୂଚନା ମିଳିଛି।

### ଅଜଣା ଦୁର୍ବୃତ୍ତଙ୍କ ଲଙ୍କାକାଣ୍ଡ

## ବାଇକ୍ ସହ ଜଳିଗଲା ୩ ସ୍କୁଟି

**ରାଉରକେଲା ଅଫିସ,୯। ୧**

ମଙ୍ଗଳବାର ବିଳମ୍ବିତ ରାତିରେ ଝିରପାଣି ଥାନା ଅନ୍ତର୍ଗତ ଜଗଦା ଅଞ୍ଚଳର ଏକ ଭଡା ଘରେ ରହୁଥିବା ୩ବାସିନ୍ଦାଙ୍କ ଗୋଟିଏ ବାଇକ ସହ ୩ଟି ସ୍କୁଟି କେହି ଅଜଣା ଦୁର୍ବୃତ୍ତ ଜାଳି ଦେଇଛନ୍ତି। ଏଥିସହ ଦୁଇଟି କୁଲର ମଧ୍ୟ ଜଳିଯାଇଛି। ନିଖିଲ ମହାନ୍ତିଙ୍କ ସ୍କୁଟି ନଂ ଓଡି-୧୪ଏଚ୫୭୩୩, ପୁଷ୍ପାଞ୍ଜଳି ସାହୁଙ୍କ ସ୍କୁଟି ଓଡି ୧୪ଏନ ୫୬୩୫, ବ୍ରଜମୋହନ ଜେନାଙ୍କ ସ୍କୁଟି ଓଡି ୧୪କେ ୧୧୯୦ ଏବଂ ଅନୀଲ ଜେନାଙ୍କ ବାଇକ ଓଡି୧୪ଇ ୩୪୫୮ ସମ୍ପୂର୍ଣ୍ଣ ଜଳିଯାଇଛି। ଏମାନେ ଚକ୍ରଧର ମହାନ୍ତଙ୍କ ଘରେ ଭଡା ରହୁଥିଲେ। ମହାନ୍ତ ହେଉଛନ୍ତି ଆଦିବାସୀ ମୂଳବାସୀ ମଞ୍ଚର ଜଣେ ପ୍ରମୁଖ କର୍ମକର୍ତ୍ତା। ସୂଚନାନୁସାରେ ରାତି ପ୍ରାୟ ସାଢେ ୧୨ଟା ସମୟରେ କେହି ଅଜଣା ଦୁର୍ବୃତ୍ତ ମହାନ୍ତଙ୍କ ପାଚେରୀ ଭିତରେ ରଖାଯାଇଥିବା ବାଇକ ଓ ସ୍କୁଟିରେ ନିଆଁ ଲଗାଇ ଦେବାରୁ ଏଭଳି ଅଘଟଣ ଘଟିଥିବା କୁହାଯାଉଛି। ନିଆଁ ଲଗାଇବା ପୂର୍ବରୁ ମହାନ୍ତଙ୍କ ଘର ବାହାର ପଟୁ କବାଟ ଦିଆଯାଇଥିବା ପରିବାର ପକ୍ଷରୁ କୁହାଯାଇଛି। ବାହାରେ ବାଇକ ଜଳୁଥିବା ଜାଣି ମଧ୍ୟ ଘର ମାଲିକ କିମ୍ବା ଭଡାଟିଆ ବାହାରିବାକୁ ସୁଯୋଗ ପାଇ ନ ଥିଲେ। ବାହାର ପଟୁ କବାଟ ଦିଆଯାଇ ଥିବାରୁ ସମସ୍ତେ ନିରୁପାୟ ହୋଇ ପଡିଥିଲେ। ପାଟି ଶୁଣି ପଛପଟ ଘର ବାସିନ୍ଦା ଘଟଣାସ୍ଥଳରେ ପହଞ୍ଚି କବାଟ ଖୋଲିବାରୁ ଏମାନେ ଉଦ୍ଧାର ପାଇଥିଲେ। ପରେ ଦମକଳ ଗାଡି ଓ ସ୍ଥାନୀୟ ବାସିନ୍ଦା ମିଶି ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ଝିରପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। କେଉଁ ପରିସ୍ଥିତିରେ ଓ କିପରି ନିଆଁ ଲାଗିଲା, ଏଥିରେ କେଉଁମାନେ ସମ୍ପୃକ୍ତ ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

## କଂଗ୍ରେସ ପକ୍ଷରୁ ରେଳବାଇ ଜିଏମ୍‌ଙ୍କୁ ଦାବିପତ୍ର

**ରାଉରକେଲା ଅଫିସ,୯।୧**

ମଙ୍ଗଳବାର ଅପରାହ୍ନରେ ଦପୂ ରେଳବାଇ ମହାପ୍ରବନ୍ଧକ ପୂର୍ଣ୍ଣେନ୍ଦୁ ମିଶ୍ରଙ୍କ ରାଉରକେଲା ଷ୍ଟେଶନ ପରିଦର୍ଶନ ସମୟରେ ଜିଲା କଂଗ୍ରେସ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଭାପତି ରବି ରାୟଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ମଣ୍ଡଳୀ ମିଶ୍ରଙ୍କୁ ସାକ୍ଷାତ କରି ଭୁବନେଶ୍ୱର ରାଉରକେଲା ଇଣ୍ଟରସିଟି ଟ୍ରେନ ଚଳାଚଳ ନେଇ ଅନିୟମିତତା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିଭଳି ରାଞ୍ଚିରୁ ନୂଆଦିଲୀ ଚଳାଚଳ କରୁଥିବା ଟ୍ରେନ ନଂ୧୨୮୭୭ଗରିବ ରଥ, ହଟିଆରୁ ଗୋରଖପୁର ଚଳାଚଳ କରୁଥିବା ଟ୍ରେନ ନଂ୧୫୦୨୭ ମୌର୍ଯ୍ୟ ଏକ୍ସପ୍ରେସକୁ ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଥିଲେ। ସେହିଭଳି ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସକୁ ରାଉରକେଲା ଦେଇ ସପ୍ତାହକୁ ୩ଦିନ ଚଳାଇବାକୁ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଅବସରରେ ରେଳବାଇ ଜମି ଉପରେ ଗଢି ଉଠିଥିବା ବସ୍ତି ଓ ଏଠାରେ ବସବାସ କରୁଥିବା ବାସିନ୍ଦାଙ୍କୁ ବିନା ଥଇଥାନରେ ଉଚ୍ଛେଦ କରା ନ ଯାଉ ବୋଲି ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆଲୋଚନା ମାଧମରେ କଂଗ୍ରେସ ଦଳକୁ ବିଶ୍ୱାସକୁ ନେଇ ପଦକ୍ଷେପ ନେବାକୁ ପ୍ରତିନିଧି ମଣ୍ଡଳୀ ମିଶ୍ରଙ୍କୁ ଅନୁରୋଧ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ବରିଷ୍ଠ ନେତା ଅଜିତ ସାମଲ, ଘନଶ୍ୟାମ ସୁନା, ବାସୁ ବାନାର୍ଜୀ, ଗୀତା ସିଂ, ସାକିର ରାଜା, ଯୁବ କଂଗ୍ରେସ ନେତା ପ୍ରବୋଧ ଦାସ, ପ୍ରଦୀପ ବେହେରା, ସନ୍ଦିପନ ମହାପାତ୍ର, ଆଶିଷ ଲାକ୍ରା, ଛାତ୍ର ନେତା ଶିବୁ ଦୀପ, ରୂପା ବାରିକ ଓ ବଳରାମ ସୁନା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।



ଟ୍ରାଇବାଲ ମହିଳା ହକି ଟୁର୍ନାମେଣ୍ଟ ଅଭ୍ୟାସ ଜାରି।

## ଟ୍ରାଇବାଲ ହକି ଖେଳିବାକୁ ଦିଲ୍ଲୀ ଯିବେ ୧୮ ପ୍ରତିଯୋଗୀ

**ରାଉରକେଲା ଅଫିସ,୯।୧**

ନୂଆଦିଲୀର ଶିବାଜୀ ଷ୍ଟାଡିୟମଠାରେ ଆସନ୍ତା ୧୩ରୁ ୨୦ପର୍ଯ୍ୟନ୍ତ ଟ୍ରାଇବାଲ ମହିଳା ହକି ଟୁର୍ନାମେଣ୍ଟ ନେଇ ଇସ୍ପାତ ହକି ଷ୍ଟାଡିୟମଠାରେ ପ୍ରଶିକ୍ଷଣ ଜାରି ରହିଛି। ଅଭିଜ୍ଞ ପ୍ରଶିକ୍ଷକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସାମାଜିକ ସଂଗଠନ କୋଶିସର ପ୍ରଚେଷ୍ଟା ଦ୍ୱାରା ୧୮ଖେଳାଳିଙ୍କୁ ଇତି ମଧ୍ୟରେ ଚୟନ କରାଯାଇଛି। ବଣାଇଁ ଓ ପାନପୋଷ ଉପଖଣ୍ଡର ଏହି ଖେଳାଳିମାନେ ନୂଆଦିଲୀ ଯାଇ ଟ୍ରାଇବାଲ ମହିଳା ହକି ପ୍ରତିଯୋଗିତାରେ ଭାଗ ନେବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଆରଏସପି, ରାଜ୍ୟ ସରକାରଙ୍କ ସହଯୋଗରେ ଏଠାରେ ପ୍ରଶିକ୍ଷଣ ନେଉଥିବା ପ୍ରତିଯୋଗୀ ନିଶ୍ଚିତ ଭାବେ ସଫଳତା ହାସଲ କରିବେ ବୋଲି କର୍ମକର୍ତ୍ତା ମାରୀ ମିନାକ୍ଷୀ ପୁର୍ତୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୧ଡିସେମ୍ବରରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଜାନୁଆରୀ ୧୦ରେ ଶେଷ ହେବ। ପ୍ରତିଯୋଗୀମାନେ ୧୧ରେ ନୂଆଦିଲୀ ଅଭିମୁଖେ ଯାତ୍ରା କରିବେ ବୋଲି ସଂଗଠନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଜର୍ଡାରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବୈଠକ

**ରାଉରକେଲା ଅଫିସ,୯।୧**

ମାଓବାଦୀଗଡ ଭାବେ ପରିଚିତ ଗୁରୁଣ୍ଡିଆ ବ୍ଲକ ପଙ୍କଡିହି ପଞ୍ଚାୟତ ଅନ୍ତର୍ଗତ ଜର୍ଡା ଗ୍ରାମରେ ମଙ୍ଗଳବାର ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସାମୁହିକ ଓଁକାର ଉଚ୍ଚାରଣ ଓ ୧୩ଥର ବିଜୟ ମହାମନ୍ତ୍ର ଜପ କରାଯିବା ପରେ ବୈଠକ ଆରମ୍ଭ କରାଯାଇଥିଲା। ଏଥିରେ ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ପଶ୍ଚିମ ଓଡିଶା ଧର୍ମ ପ୍ରଚାର ସମ୍ପାଦକ ଶାନ୍ତନୁ କୁସୁମ ଯୋଗଦେଇ ଗୁରୁଣ୍ଡିଆ ବ୍ଲକରେ ଦିନକୁ ଦିନ ଚାଲିଥିବା ଧର୍ମାନ୍ତରୀକରଣ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିଭିନ୍ନ ସ୍ଥାନରେ ଗୋ ହତ୍ୟା ସାଙ୍ଗକୁ ଏହାର ଚାଲାଣ ଜାରି ରହିଛି। ଏ ନେଇ ଲୋକେ ସଚେତନ ନ ହେଲେ ଗୋ ବଂଶ ଲୋପ ପାଇବ ବୋଲି ସେ ଆଶଙ୍କା ବ୍ୟକ୍ତ କରିଥିଲେ। ନିରୀହ ଗରିବ ଆଦିବାସୀଙ୍କୁ ପ୍ରଲୋଭିତ କରାଯାଇ ଧର୍ମ ପରିବର୍ତ୍ତନ କରାଯିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଏହାକୁ ରୋକା ନ ଗଲେ ଆଦିବାସୀଙ୍କ ପାରମ୍ପରିକ ଧର୍ମ, ଐତିହ୍ୟ ଓ ପରମ୍ପରା ଉଜୁଡିଯିବ ବୋଲି କୁସୁମ ଏଥିରେ ପ୍ରକାଶ କରିଥିଲେ। ଯେଉଁମାନେ ହିନ୍ଦୁ ଭାବନା ପ୍ରତି ଅଘାତ ଦେଉଛନ୍ତି ସେମାନଙ୍କ ପ୍ରତି ସତର୍କ ରହିବାକୁ ହେବ। ଚକ୍ରାନ୍ତକାରୀଙ୍କ ପ୍ରଲୋଭନରେ ବଶବର୍ତ୍ତୀ ନ ହୋଇ ନିଜ ପରମ୍ପରାକୁ ଆଦର କରିବାକୁ ପଡିବ। ବେଳହୁଁ ସତର୍କ ନ ହେଲେ ଆଗାମୀ ଦିନରେ ହିନ୍ଦୁ ସମାଜକୁ ବହୁମୁଲ୍ୟ ଦେବାକୁ ପଡିବ ବୋଲି କୁସୁମ ସତର୍କ କରାଇ ଦେଇଥିଲେ। ଏହି ଅବସରରେ ହିନ୍ଦୁ ଜାଗରଣ ନେଇ ସେ ସବିଶେଷ ଆଲୋଚନା କରିଥିଲେ। ପ୍ରତି ଗାଁରେ ସତସଙ୍ଗ, ଧର୍ମରକ୍ଷା ଯଜ୍ଞ କିପରି ଭାବେ ଆୟୋଜନ କରାଯିବ ସେ ନେଇ ଉପସ୍ଥିତ ଗ୍ରାମବାସୀ ପ୍ରସ୍ତାବ ଆଗତ କରିଥିଲେ। ସତର୍କ ପ୍ରହରୀ ଭାବେ ନିଜ ସଂସ୍କୃତିକୁ ବଞ୍ଚାଇବାକୁ ପ୍ରତ୍ୟେକ ବ୍ୟକ୍ତି ଆଗକୁ ଆସନ୍ତୁ ବୋଲି କୁସୁମ ଆହ୍ୱାନ ଦେଇଥିଲେ। ଏଥିରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ପରିଯୋଜନା ପ୍ରମୁଖ ଯୁଗଳକିଶୋର ମହାନ୍ତ, କରନ ସିଂ, କାର୍ତ୍ତିକ ସିଂ, କମଲ ସିଂ, ଦେବାନନ୍ଦ ସିଂ, ବିନୋଦ ବାବା, ପ୍ରଭାସିନୀ ସିଂ, ରୋଜାଲିନ ଯୋଯୋ ଓ ଶାନ୍ତିଲତା ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ।



ସାଉଥ୍ ଇଷ୍ଟ ରେଲଓ୍ୱେ ମ୍ୟାନେଜର ପୂର୍ଣ୍ଣେନ୍ଦୁ ମିଶ୍ରଙ୍କୁ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## କାରଖାନା ବୁଲି ଦେଖିଲେ କର୍ମଚାରୀଙ୍କ ସହଧର୍ମିଣୀ

**ରାଉରକେଲା ଅଫିସ,୯। ୧**

ଆରଏସପି ମାନବ ସମ୍ବଳ ବିଭାଗ ପକ୍ଷରୁ ପ୍ରଗତି ପଥେ ଆମ ପରିବାର ଆମ ସାଥି, ଅନ୍ତର୍ଗତ କର୍ମଚାରୀ ଜୀବନସାଥିଙ୍କ ପାଇଁ କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଗତ ସପ୍ତାହରେ ଟ୍ରାଫିକ ଓ କଞ୍ଚାମାଲ ବିଭାଗର ୨୧କର୍ମଚାରିଙ୍କ ସହଧର୍ମିଣୀଙ୍କୁ କାରଖାନା ପରିଦର୍ଶନ ସୁଯୋଗ ପ୍ରଦାନ କରାଯାଇଛି। ଆରଏସପି ଟିଆରଏମ ବିଭାଗ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ବୈଠକରେ ବିଭାଗୀୟ ଜିଏମ ପିକେ ସତପଥୀ ଅତିଥିଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଆରଏସପି ସୁରକ୍ଷା ଉପରେ ଏକ ଭିଡିଓ କ୍ଲିପିଂ ପ୍ରଦର୍ଶନ କରାଯାଇଥିଲା। ପରେ ଅତିଥି ମହିଳାଙ୍କୁ କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସ ୫, ଷ୍ଟିଲ ମେଲ୍ଟିଂ ସପ, ନୂଆ ପ୍ଲେଣ୍ଟ ମିଲ ସମେତ ହଟ ଷ୍ଟ୍ରିପ ମିଲ ବିଭାଗ ପରିଦର୍ଶନ କରାଯାଇଥିଲା। ଏହି ଅବସରରେ ମହିଳାଙ୍କୁ ସମ୍ପୃକ୍ତ ବିଭାଗର କାର୍ଯ୍ୟଧାରା ନେଇ ଅବଗତ କରାଯାଇଥିଲା। ଶେଷରେ ବିଭାଗୀୟ ଅଧିକାରୀଙ୍କ ସହ ଏକ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ମହିଳା ଇସ୍ପାତ ମଣିଷଙ୍କ କଠିନ କର୍ମଜୀବନର ଉଚ୍ଚ ପ୍ରଶଂସା କରିଥିଲେ। ଏଥିରେ ଆରଏସପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହାକୁ ଆରଏସପି ସିନିୟର ମ୍ୟାନେଜର ଆରକେ ଘଡାଇ ଓ ଡେପୁଟି ମ୍ୟାନେଜର ଲକ୍ଷ୍ମୀକାନ୍ତ ମହାପାତ୍ର ପରିଚାଳନା କରିଥିଲେ।

# ୪୮ ଘଣ୍ଟିଆ ଧର୍ମଘଟ ଶେଷ, ସ୍ୱାଭାବିକ ହେଲା ଜୀବନଯାତ୍ରା

**ରାଉରକେଲା ଅଫିସ,୯।୧**

କେନ୍ଦ୍ରୀୟ ଟ୍ରେଡ ୟୁନିୟନମାନଙ୍କ ଡାକରାରେ ଗତ ୮ରୁ ଆରମ୍ଭ କରାଯାଇଥିବା ୨ଦିନିଆ ଧର୍ମଘଟ ଶେଷ ହୋଇଛି। ବନ୍ଦ ଯୋଗୁ ଷ୍ଟିଲ ସିଟି ରାଉରକେଲାରେ ନାହିଁ ନ ଥିବା ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଆରଏସପି ସମେତ ବିଭିନ୍ନ କଳକାରଖାନାକୁ ଶ୍ରମିକମାନେ ଯାଇ ନ ପାରି ଘରେ ବସି ରହିବାକୁ ବାଧ ହୋଇଥିଲେ। ଟ୍ରେନ, ବସ୍ ଓ ଅଟୋ ଚଳାଚଳ ନେଇ ସମ୍ପୂର୍ଣ୍ଣ ବାଧା ଲାଗି ରହିଥିଲା। ବୁଧବାର ସନ୍ଧ୍ୟାରୁ ଏକ ପ୍ରକାର ଜୀବନଯାତ୍ରା ସ୍ୱାଭାବିକ ହୋଇଛି। ବନ୍ଦ ପାଳନକୁ ନେଇ କେତକ ସ୍ଥାନରେ ପଥଚାରୀଙ୍କ ଅସନ୍ତୋଷ ଦେଖାଯାଇଥିଲା। ଏଥିରେ ସିଆଇଟିୟୁ ସମେତ ଏଚଏମଏସ, ଆଇଏନଟିୟୁସି, ଏସୟୁସିଆଇ, ଏଆଇଟିୟୁସି, ସିଅର, ଗାଙ୍ଗପୁର ମଜଦୁର ମଞ୍ଚ, ବିଜୁ ଶ୍ରମିକ ସାମ୍ମୁଖ୍ୟ ଭଳି ବହୁ ଶ୍ରମିକ ସଂଗଠନ ସାମିଲ ହୋଇ ବନ୍ଦ ପାଳନକୁ ସଫଳ କରାଇଥିଲେ। ଧର୍ମଘଟ ଯୋଗୁ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ଗମନାଗମନ ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ ହୋଇଥିଲା। ଜାତୀୟ ରାଜପଥ ଶୂନଶୂନ ହୋଇ ପଡିଥିଲା। ଏହି ଅନ୍ଦୋଳନକୁ ଐତିହାସିକ ଓ ଅଭୂତର୍ପୂ ବୋଲି ବିଭିନ୍ନ ୟୁନିୟନ ନେତୃମଣ୍ଡଳୀ ଦର୍ଶାଇଛନ୍ତି। ଶ୍ରମିକ ବିରୋଧି ଭାଜପା ସରକାରଙ୍କୁ ମିଳିତ ଟ୍ରେଡ ୟୁନିୟନର କଡା ଜବାବ ଆଗାମୀ ଦିନରେ ଦେଶର ବିଭିନ୍ନ ସ୍ଥାନରେ ପ୍ରତିଫଳିତ ହେବ ବୋଲି କୁହାଯାଇଛି। ଏ ନେଇ ଏଆଇୟୁଟିୟୁସି ପକ୍ଷରୁ ସମଗ୍ର ସୁନ୍ଦରଗଡ ଜିଲାବାସୀଙ୍କୁ ଧର୍ମଘଟ ସଫଳତା ନେଇ ସଂଗ୍ରାମୀ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଶ୍ରମିକଙ୍କ ଦାବି ପୂରଣ କରା ନ ଗଲେ ଆଗାମି ଦିନରେ ଏହାଠୁ ବଳି ଶକ୍ତିଶାଳୀ ଆନ୍ଦୋଳନ ଡାକରା ଦିଆଯିବ ବୋଲି ୟୁନିୟନ ନେତୃମଣ୍ଡଳୀ ପ୍ରକାଶ କରିଛନ୍ତି। ସେହିଭଳି ସିଆଇଟିୟୁ ପକ୍ଷରୁ ଧର୍ମଘଟ ସଫଳତା ନେଇ ସହର ତଥା ସୁନ୍ଦରଗଡ ଜିଲାବାସୀଙ୍କୁ ସଂଗ୍ରାମୀ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଶାନ୍ତିଶୃଙ୍ଖଳା ସହ ବନ୍ଦ ପାଳନକୁ ଜିଲାବାସୀ ସମର୍ଥନ ଜଣାଇଥିବାରୁ ବରିଷ୍ଠ ଶ୍ରମିକ ନେତା ବିଷ୍ଣୁ ମହାନ୍ତି, ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ବସନ୍ତ ନାୟକ ଓ ରାଜକିଶୋର ପ୍ରଧାନ ପ୍ରମୁଖ କହିଛନ୍ତି ଯେ, ଶ୍ରମ ଓ ଶ୍ରମିକଙ୍କ ସ୍ୱାର୍ଥରକ୍ଷା ନେଇ ୟୁନିୟନ ତଥା ମିଳିତ ମଞ୍ଚ କେବେ ପଛ ଘୁଞ୍ଚା ଦେବ ନାହିଁ। ସେହିପରି ଏଆଇଟିୟୁସି ନେତା ପ୍ରଭାତ ମିଶ୍ର କହିଛନ୍ତି ଶ୍ରମଜୀବିଙ୍କ ପାଇଁ ଏହି ଧର୍ମଘଟ ଅନେକ ଦୃଷ୍ଟିରୁ ଗୁରୁତ୍ୱବହନ କରୁଥିଲା। କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି ନୀତିର କଡା ଜବାବ ମିଳିଯାଇଛି ବୋଲି ମିଶ୍ର କହିଛନ୍ତି। ସେହିଭଳି ଏଚଏମଏସ ନେତା ଆନନ୍ଦ ମହାନ୍ତି, ଶଶଧର ନାୟକ, ଅସୀତ ଦାସ ପ୍ରମୁଖ ଧର୍ମଘଟ ସଫଳ ହୋଇଥିବାରୁ ସହରବାସୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଉରକେଲା ଶ୍ରମିକ ସଂଘ ତଥା ଆଇଏନଟିୟୁସି ନେତା ପ୍ରଶାନ୍ତ ବେହେରାଙ୍କ ସମେତ ସମସ୍ତ ୟୁନିୟନ କର୍ମକର୍ତ୍ତା ଧର୍ମଘଟ ସଫଳ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଗାଙ୍ଗପୁର ମଜଦୁର ମଞ୍ଚ ପକ୍ଷରୁ ମଧ୍ୟ ସହରବାସୀଙ୍କ ସହଯୋଗକୁ ପ୍ରଶଂସା କରାଯାଇଛି। ଏ ନେଇ ବରିଷ୍ଠ ନେତା ଗୋପାଳ ଦାସ ଓ ସଞ୍ଜୟ ପଣ୍ଡା କହିଛନ୍ତି ମୋଦି ସରକାରଙ୍କୁ ଏହା ଏକ ଶକ୍ତ ଜବାବ ସଦୃଶ ହୋଇଛି। ସେହିଭଳି ଯୁବ ଆଇଏନଟିୟୁସି ପକ୍ଷରୁ ମଧ୍ୟ ସୁନ୍ଦରଗଡ ଜିଲାର ବିଭିନ୍ନ ସ୍ଥାନରେ ସଂଗଠନ ନେତା ଅଜୟ ପାଇକରାୟ ଓ କୈଳାସ ସାହୁଙ୍କ ନେତୃତ୍ୱରେ ଧର୍ମଘଟ ସଫଳ ହୋଇଥିବା ଦାବି କରାଯାଇଛି।




ମିଳିତ ଟ୍ରେଡ ୟୁନିୟନ ପକ୍ଷରୁ ବିର୍ସା ଛକଠାରେ ରାସ୍ତାରୋକୋ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଫଟୋରେ ଖବର**




ଧର୍ମଘଟ କାରଣରୁ ଅଟୋ ଚଳାଚଳ ବନ୍ଦ ନେଇ ଘୋଡାଗାଡିର ଚାହିଦା ବଢିଛି।



ବନ୍ଦ ଯୋଗୁ ଅଟୋ ନ ପାଇ ଚାଲି ଚାଲି ଆସୁଛନ୍ତି ରେଳ ଯାତ୍ରୀ



ଧର୍ମଘଟ ନେଇ ପେଟ୍ରୋଲ ଅଭାବରୁ ପାଓ୍ୱାର ହାଉସ ଛକ ରୋଡରେ ଜଣେ ବ୍ୟବସାୟୀ ତେଲ ବିକ୍ରି କରୁଛନ୍ତି।



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍କିନ୍



## ସଂକ୍ଷେପରେ



### ସର୍ବଭାରତୀୟ ନୃତ୍ୟ ପ୍ରତିଯୋଗିତାରେ ଲଳିତା ପଟେଲଙ୍କ କୃତିତ୍ୱ

**ସମ୍ବଲପୁର,୯।୧(ବ୍ୟୁରୋ)-** ବମ୍ବେ ଆଇଆଇଟିରେ ଅଖିଳ ଭାରତୀୟ କଲେଜସ୍ତରୀୟ ଆଧୁନିକ ନୃତ୍ୟ ପ୍ରତିଯୋଗିତାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ଡ. ଜାକୀର ହୁସେନ୍ କଲେଜରେ ଅଧ୍ୟୟନରତ ଓଡିଆ ଛାତ୍ରୀ ଲଳିତା ପଟେଲ ଭାଗନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଗତ ଡିସେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ହୋଇଥିଲା । ଗତ ବର୍ଷ ଅକ୍ଟୋବର ୧୮ରେ ଆଇଆଇଟି ରୁର୍କିରେ ସମ୍ପନ୍ନ ହୋଇଥିବା ଫେଷ୍ଟରେ ମଧ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସୂଚନାଯୋଗ୍ୟ ଯେ, ଲଳିତା ଭୁବନେଶ୍ୱରର ବାସିନ୍ଦା।

### ବ୍ରଜରାଜନଗରରେ ବନ୍ଦ ପ୍ରଭାବ ଶୂନ୍ୟ

**ବ୍ରଜରାଜନଗର,୯।୧(ଡି.ଏନ.ଏ.)-** ଭାରତ ବନ୍ଦ ଡାକରା ବୁଧବାର ବ୍ରଜରାଜନଗର ଅଞ୍ଚଳରେ ପ୍ରଭାବ ଶୂନ୍ୟ ରହିଛି । ମୁଖ୍ୟତଃ ମହାନଦୀ କୋଇଲା କମ୍ପାନୀର ଉତ୍ପାଦନ ଓ ପରିବହନ ସ୍ୱାଭାବିକ ରହିଥିଲା । ବୁଧବାର ସକାଳ ସମୟରୁ ଖଣି କାର୍ଯ୍ୟ ଆରମ୍ଭ ହେବା ପରେ ଟ୍ରକ ଲୋଡିଂ ଆରମ୍ଭ କରାଯାଇଥିଲା । ବିଭିନ୍ନ ସଂଗଠନର ନେତାମାନେ ଲୋକ ଦେଖାଣିଆ ଭାବେ ଖଣି ଅଞ୍ଚଳରେ ବନ୍ଦ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଝାରସୁଗୁଡା ବନ୍ଦ ଥିବାରୁ ରାସ୍ତା ଉପରେ ଗାଡି ଚଳାଚଳ ବନ୍ଦ ରହିଥିଲା। ବଜାରରେ ସମସ୍ତ ଦୋକାନ ବଜାର ଖୋଲା ରହିଥିଲା।

### ବୈରାଗିପାଲିରେ ଆଧାତ୍ମିକ ପ୍ରବଚନ

**ପଡିଆବାହାଲ, ୯।୧ (ଡି.ଏନ.ଏ.)-** ବୈରାଗିପାଲି ଗ୍ରାମ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀଙ୍କ ଉଦ୍ୟମରେ ବୁଧବାର ଦୁଇ ଦିବସୀୟ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପଣ୍ଡିତ ଶାଶ୍ୱତ ବଡପଣ୍ଡା ପ୍ରାରମ୍ଭିକ ପୂଜାପାଠ କରିଥିଲେ। କେଶବ ବିଶ୍ୱାଳଙ୍କ ପରିଚାଳନାରେ ଆଧାର ପଣ୍ଡା ପ୍ରବଚନ ଦେଇଥିଲେ । ସନାତନପାଲି, ଟାମ୍ପରଗଡ, ବାହାମ, ପଡିଆବାହାଲ, ମାନେଶ୍ୱର, ଠାକୁରମାଲ ପ୍ରଭୃତି ଗ୍ରାମର ଲୋକେ ସହଯୋଗ କରିଥିଲେ।

### ଅର୍ଥନୈତିକ ଅବରୋଧର ଶେଷ ଦିନରେ ଜୀବନଯାତ୍ରା ବ୍ୟାହତ

**କୁଚିଣ୍ଡା,୯।୧(ଡି.ଏନ.ଏ)-** ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି କ୍ରମେ କୁଚିଣ୍ଡାରେ ମଧ ୭ ତାରିଖରୁ ଓକିଲ ସଂଘ ପକ୍ଷରୁ ଅର୍ଥନୈତିକ ଅବରୋଧ କରାଯାଇଛି। ଏହାଦ୍ୱାରା ଲୋକଙ୍କ ଜୀନଯାତ୍ରା ୩ ଦିନ ହେଲା ବ୍ୟାହତ ହୋଇଛି। କୁଚିଣ୍ଡା ସହରକୁ ପ୍ରବେଶ କରୁଥିବା ସମସ୍ତ ଚାରୋଟି ଯାକ ରାସ୍ତାକୁ ଓକିଲ ସଂଘର ସଦସ୍ୟମାନେ ଅବରୋଧ କରି ରଖିଥିଲେ । ଓକିଲ ସଂଘର ସଭାପତି ରବୀନ୍ଦ୍ର ନାଏକ, ଉପସଭାପତି ପ୍ରଫୁଲ୍ଲ ବାରିକ, ସାଧାରଣ ସମ୍ପାଦକ ବରଦା ନନ୍ଦ ଶର୍ମା, ପ୍ରମୋଦ ଛୁରିଆ, ଅଇଁଠୁ ସାହୁ, ରଞ୍ଜନ ଶର୍ମା, ସଞ୍ଜୟ ବେହେରା, ଶୈଳେନ୍ଦ୍ର ନାୟକ, ଅତୁଲ୍ୟ ମିଶ୍ର, ପ୍ରଶାନ୍ତ କର, ସଚିଦା ନନ୍ଦ ଶର୍ମା, ଅକ୍ଷୟ ନାଏକ ପ୍ରମୁଖ ଏହି ଅର୍ଥନୈତିକ ଅବରୋଧର ନେତୃତ୍ୱ ନେଇଥିଲେ।

### ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ସମ୍ବଲପୁର, ୯।୧ (ବ୍ୟୁରୋ)-** ଠେମରା ଗ୍ରାମ ଉପରପଡାଠାରେ ରାଧାକୃଷ୍ଣ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ବିଗ୍ରହ ପ୍ରାଣପ୍ରତିଷ୍ଠା, ହୋମ, ଯଜ୍ଞ, ରୁଦ୍ରାଭିଷେକ ପୂଜାର୍ଚ୍ଚନା ହୋଇଥିଲା । ଗ୍ରାମ ଗୌନ୍ତିଆ ରାମଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଞ୍ଜୀବ ପଣ୍ଡା ମୁଖ୍ୟବକ୍ତା ଥିଲେ । ଲକ୍ଷ୍ମଣ ବେହେରା, ପଣ୍ଡିତ ଲଳିତ ମୋହନ ନାଥ ଓ ପଣ୍ଡିତ ରବିନାରାୟଣ ନାଥ ପୂଜାର୍ଚ୍ଚନା କରିଥିଲେ ।

---

ଗୁଣ୍ଡୁରୁଚୁଆଁରୁ ନାବାଳକ ଅପହରଣ ଘଟଣାର ଅଭିଯୁକ୍ତ ଗିରଫ

# ମୁଣ୍ଡ ଜାମିନ ରଖି ୧ ଲକ୍ଷ ଟଙ୍କା ମାଗିଥିଲେ

**କୁଚିଣ୍ଡା, ୯।୧ (ଡି.ଏନ.ଏ.)**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ଗୁଣ୍ଡୁରୁଚୁଆଁ ଗ୍ରାମରୁ ଜଣେ ନାବାଳକଙ୍କୁ ଗତ ୬ ତାରିଖ ଅପହରଣ କରାଯାଇଥିଲା। ବୁଧବାର ଏହି ଘଟଣାର ପର୍ଦ୍ଦାଫାଶ ହୋଇଛି । ନିଜର ବିବାହ ପାଇଁ ୧ ଲକ୍ଷ ଟଙ୍କା ଯୋଗାଡ କରିବା ଉଦ୍ଦେଶ୍ୟରେ ଜଣେ ଯୁବକ ସମ୍ପୃକ୍ତ ନାବାଳକଙ୍କୁ ଅପହରଣ କରିଥିଲେ। ଏହି ଯୁବକ ଜଣକ ହେଲେ ନିରଞ୍ଜନ ସୁନାନୀ । ପୋଲିସ ତାଙ୍କୁ ଗିରଫ କରିଛି। ସୁନ୍ଦରଗଡ ଜର୍ଡା ବାଦିବାହାଲ ଗ୍ରାମର ମୁରଲୀ ନାଏକଙ୍କ ପୁ ସାହିଲ (୧୧) ମାମୁ ଘର ଗାଁ ଗୁଣ୍ଡୁରୁଚୁଆଁରେ ରହି ନିକଟସ୍ଥ ସୁବନପାଲି ଗ୍ରାମର ଅରବିନ୍ଦ ସ୍କୁଲରେ ପଞ୍ଚମ ଶ୍ରେଣୀରେ ପାଠ ପଢୁଛନ୍ତି। ଘଟଣା ଦିନ ସେ ନିଜ ସାଙ୍ଗ ସହିତ ସୁତେନମାଲ ଗ୍ରାମକୁ ଯାଇଥିଲେ। ସେଠାରୁ ଅପରାହ୍ନ ୪ଟାରେ ଗୁଣ୍ଡୁରୁଚୁଆଁ ଫେରୁଥିଲେ । ଗାଁ ମୁଣ୍ଡରେ ସାଙ୍ଗ ଜଣକ ନିଜ ଘରକୁ ଚାଲି ଯାଇଥିଲେ। ସାହିଲ ମାମୁଁ ଘରକୁ ଫେରୁଥିଲେ। ଏହି ସମୟରେ ନିକଟସ୍ଥ କାଲୋପଡା ଗ୍ରାମର ନିରଞ୍ଜନ ସୁନାନୀ ବାଇକ୍‌ରେ ଆସି ତାଙ୍କ ପାଖେ ପହଞ୍ଚିଥିଲେ। ବାଇକ୍‌ରେ ଥିବା ବ୍ୟାଗକୁ ଧରିଦେବା ପାଇଁ କହି ତାକୁ ମାମୁଁ ଘରେ ଛାଡି ଦେବା ପାଇଁ କହିଥିଲେ। ଏଣୁ ସାହିଲ ବି ବିଶ୍ୱାସରେ ବାଇକ୍‌ରେ ବସିଥିଲେ। ହେଲେ ନିରଞ୍ଜନ ସାହିଲଙ୍କୁ ମାମୁ ଘରେ ଛାଡି ନ ଥିଲେ। ଏହା ବଦଳରେ ରାତି ସାରା ଜଣକ ଘରେ ରଖିଥିଲେ। ୭ ତାରିଖ ସକାଳେ ନିକଟସ୍ଥ ମହାଲିଙ୍ଗକୁଦ ଜଙ୍ଗଲକୁ ନେଇଯାଇ ଗଛରେ ବାନ୍ଧି ଦେଇଥିଲେ। ଏହାପରେ ଏକ ମୋବାଇଲ ଦୋକାନରୁ ଚୋରି କରିଥିବା ମୋବାଇଲରେ ସାହିଲଙ୍କ ମାମୁଙ୍କୁ ଫୋନ କରି ସାହିଲ ମୁଣ୍ଡ ବାବଦକୁ



ଅଭିଯୁକ୍ତ ମୁରଲୀ।

୧ ଲକ୍ଷ ଟଙ୍କା ଦାବି କରିଥିଲେ । ସାହିଲଙ୍କ ମାମୁଁ ଅଜିତ ନାଏକ ଘଟଣା ବାବଦରେ କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୨/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ। ହେଲେ ସନ୍ଧ୍ୟାରେ ସାହିଲ କୌଣସି ପ୍ରକାରରେ ଜଙ୍ଗଲରୁ ଖସି ଆସିଥିଲେ। ରାସ୍ତା ନ ପାଇ କିନ୍ତୁ ରାତିରେ ଜଙ୍ଗଲରେ ରହିଥିଲେ। ୮ ତାରିଖ କିଛି ଗ୍ରାମବାସୀ କାନ୍ଦୁଥିବା ଅବସ୍ଥାରେ ଜଙ୍ଗଲରୁ ସାହିଲଙ୍କୁ ଉଦ୍ଧାର କରିବା ସହ ପୋଲିସକୁ ଖବର ଦେଇଥିଲେ । ପୋଲିସ ସାହିଲଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ଶେଷରେ ବୁଧବାର ଅଭିଯୁକ୍ତ ନିରଞ୍ଜନଙ୍କୁ ଗିରଫ କରିଛି। ପଚରା ଉଚୁରା ବେଳେ ନିରଞ୍ଜନ ନିଜର ବିବାହ ପାଇଁ ଆବଶ୍ୟକ ହେଉଥିବା ୧ଲକ୍ଷ ଟଙ୍କାକୁ ହାସଲ କରିବା ପାଇଁ ଏହି ଅପହରଣ କରିଥିବା ସ୍ୱୀକାର କରିଥିଲେ । କୁଚିଣ୍ଡା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଅପହରଣ ମାମଲାର ତଦନ୍ତ କରୁଥିଲେ ।

## ବନ୍ଦ୍ ଯୋଗୁ ଲୋକେ ହଇରାଣ

**ବାମରା, ୯।୧ (ସ୍ୱ.ପ୍ର.)**

ଜାତୀୟସ୍ତରରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆହ୍ୱାନ କ୍ରମେ ୮ ଓ ୯ ତାରିଖ ଦୁଇ ଦିନ ଧରି ସର୍ବଭାରତୀୟ ସାଧାରଣ ଧର୍ମଘଟ ଡାକରା ଦିଆଯାଇଥିଲା। ଭାରତ ବନ୍ଦ ହୋଇଥିବା ବେଳେ ବାମରା ଅଞ୍ଚଳରେ ଏହାର ବିଶେଷ ପ୍ରଭାବ ଦେଖିବାକୁ ମିଳିନି। ସୋମବାର ଶ୍ରମିକ ସଂଗଠନ ଏଆଇୟୁଟିୟୁସି ପକ୍ଷରୁ ବାମରାରେ ରାଲି କରାଯାଇ ଭାରତ ବନ୍ଦରେ ଶାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ୨ଦିନ ଧରି ବାମରା ଅଞ୍ଚଳରେ ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ ବନ୍ଦ ରହିଥିଲା। ହେଲେ ଦୋକାନ ବଜାର ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକ ଖୋଲା ରହିଥିଲା । ବିଭିନ୍ନ ଅଞ୍ଚଳରୁ ବାମରା ଦେଇ ଚଳାଚଳ କରୁଥିବା ବସ୍ ଗୁଡିକ ବନ୍ଦ ରହିଥିବାରୁ ଯାତ୍ରୀ ହଇରାଣ ହୋଇଥିଲେ।

## କଳ୍ପତରୁ ଆଶ୍ରମ ଅନ୍ତେବାସୀଙ୍କୁ ଖାଦ୍ୟ, ପଢା ସାମଗ୍ରୀ ବଣ୍ଟନ

**ଚିପିଲିମା, ୯।୧ (ଡି.ଏନ.ଏ.)**

ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ମହିଳା କ୍ଲବ୍ ପକ୍ଷରୁ ଏକ ପ୍ରତିନିଧି ଦଳ ହୀରାକୁଦସ୍ଥିତ କଳ୍ପତରୁ ଅନାଥାଶ୍ରମ ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସେମାନଙ୍କ ସହ ସମୟ ବିତାଇବା ସହ ଖାଦ୍ୟପେୟ, ବସ୍ତ୍ର, ପଢା ସାମଗ୍ରୀ ଆଦି ବଣ୍ଟନ କରିଥିଲେ । ମହିଳା କ୍ଲବ ସଭାପତି ଝୁମ୍‌ଝୁମ୍ ଚୌଧୁରୀ, ଶର୍ମିଷ୍ଠା ପ୍ରଧାନ, ଶାନ୍ତି ବେହେରା, ସସ୍ମିତା ପାଢ଼ୀ, ସସ୍ମିତା ବେହେରା, ଉଷାରାଣୀ ମିଶ୍ର, ସୁମିତା ପତ୍ରି, ଧରିତ୍ରୀ ମହାନ୍ତି, ସ୍ମିତା ପଣ୍ଡା, ପ୍ରବୀଣା ସାହୁ, ବବିତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ସାମଗ୍ରୀ ବଣ୍ଟନ କରିଥିଲେ।

---

କେଶାଇବାହାଲ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ସିନିୟରରେ ଆଶିଷ, ଟିଙ୍କୁ ବିଜୟୀ

**ବାମରା, ୯।୧ (ସ୍ୱ.ପ୍ର.)**

ବାମରା ବ୍ଲକ କେଶାଇବାହାଲରେ ଚାଲିଥିବା ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ଟୁର୍ନାମେଣ୍ଟର ଜୁନିୟର ବିଭାଗରେ ଜିଲାର ବିଭିନ୍ନ ସ୍ଥାନରୁ ୩୦ଜଣ ଓ ସିନିୟରରେ ୧୪୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସିନିୟରରେ ରିଙ୍କୁ ବେହେରା ଓ ସୁବାସ ମାଝିଙ୍କୁ ହରାଇ ଆଶିଷ ଚୌଧୁରୀ ଓ ଟିଙ୍କୁ ବେହେରା ବିଜୟୀ ହୋଇଥିଲେ। ଜୁନିୟରରେ ବିକାଶ କୁଲୁ ବିଜୟୀ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଝାରସୁଗୁଡା ବିଧାୟକ ନବ କିଶୋର ଦାସ ଯୋଗଦେଇ ବିଜେତା ଓ ଉପବିଜେତା ସହ ଅନ୍ୟ ପ୍ରତିଯୋଗୀଙ୍କୁ ନଗଦ ଅର୍ଥ ସହ ଟ୍ରଫି ଦେଇ ସମ୍ମାନୀତ କରିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ସଦାନନ୍ଦ କୁଜୁର, ରଜନୀକାନ୍ତ ପଟେଲ, ନୃପଲାଲ ଚୌଧୁରୀ, ସୁଶିଲ ନାଏକ, ସରୋଜ ଦାଶ, ତପେଶ୍ୱର ବେହେରା, ସତ୍ୟଜିତ ନାୟକ ଓ ଆକାଶ ଦୀକ୍ଷିତ ଯୋଗ ଦେଇଥିଲେ । ସସ୍ମିତା ରୋହିଦାସ ମଞ୍ଚ ପରିଚାଳନା କରିଥିଲେ । ଅବନୀ ଘୁଘର, ବିକାଶ ନାଏକ, କାମାକ୍ଷା ଗୌଡ, ପିଣ୍ଟୁ ରାୟ, ଜିତେନ ବେହେରା, ଓମ ଶର୍ମା, ପୀତାମ୍ବର ବାଘ ଓ ପ୍ରଫୁଲ୍ଲ ପୃଷ୍ଟେଠ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**କୁଚିଣ୍ଡା, ୯।୧ (ଡି.ଏନ.ଏ)**

କୁଚିଣ୍ଡା ବ୍ଲକ ବାଉରୀଗୋଡା ଗ୍ରାମ ପଞ୍ଚାୟତର ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବାଉରୀଗୋଡା ଖେଳ ପଡିଆଠାରେ ଏହାର ଉଦ୍‌ଯାପନୀ ସଭାରେ ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଲମ୍ବୋଦର କୁମୁରା ସଭାପତିତ୍ୱ କରିଥିଲେ। ସଭାରେ କୁଟୁରାଚୁଆଁ ମହାବିଦ୍ୟାଳୟର ଅଧକ୍ଷ ସୁବାସଚନ୍ଦ୍ର ନାୟକ, ସରପଞ୍ଚ ସବିତା ସିଂ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ କରୁଣାକର କିସାନ ପ୍ରମୁଖ ଉପସ୍ଥିତ ଥିଲେ । ଗୋବର୍ଦ୍ଧନ ବାଗ ଅତିଥି ପରିଚୟ ଦେଇଥିବା ବେଳେ ନିରୁପମା ସେଠ ଧନ୍ୟବାଦ ଅର୍ପଣ କରିଥିଲେ । ଉମେଶ ରକ୍ସା ଏବଂ ପ୍ରଶାନ୍ତ ଦାଶଙ୍କ ପରିଚାଳନାରେ ନାଚଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ମିସେସ୍ ଇଣ୍ଡିଆ ଟାଇଟଲ୍ ଦୌଡ଼ରେ ମନିଷା ମହାପାତ୍ର

**ସମ୍ବଲପୁର,୯।୧ (ବ୍ୟୁରୋ)**

ସମ୍ବଲପୁରର ମନିଷା ମହାପାତ୍ର ମିସେସ୍ ଇଣ୍ଡିଆ ହୋମ ମେକର୍ ସୌନ୍ଦର୍ଯ୍ୟ ଟାଇଟଲ୍ ଦୌଡର ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ସେ ଏମ୍‌ଆଇଏଚ୍‌ଏମ୍ କୁଇନ୍ ୟୁନିଭର୍ସ-୨୦୧୯ ଜାତୀୟ ପର୍ଯ୍ୟାୟ ଟାଇଟଲ୍ ସକାଶେ ପ୍ରତିଦ୍ୱନ୍ଦିତା କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୨୬ ବର୍ଷିୟା ମନିଷା ଝାରସୁଗୁଡା ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡା. ଗୋପାଳ ଚନ୍ଦ୍ର ମହାପାତ୍ର ଓ ଜ୍ୟୋସ୍ନାରାଣୀଙ୍କ ଝିଅ ଏବଂ ନରୋତ୍ତମ ଗୁରୁଙ୍କ ସ୍ତ୍ରୀ। ସେ ଓଡିଶାର ଜଣେ ମାତ୍ର ପ୍ରତିଯୋଗୀ ଭାବେ ଆସନ୍ତା ଏପ୍ରିଲ ମାସରେ ଦିଲ୍ଲୀରେ ହେବାକୁ ଥିବା ପ୍ରତିଯୋଗୀତାରେ ଭାଗ ନେବେ । ୨୬ ବର୍ଷିୟା ମନିଷା ସମ୍ବଲପୁର ସିଦ୍ଧେଶ୍ୱରବେର୍ଣ୍ଣ ଶିଶୁ ବିଦ୍ୟାମନ୍ଦିର, ସରକାରୀ ମହିଳା କଲେଜରେ ପଢିଛନ୍ତି। ଗଙ୍ଗାଧର ମେହେର ସ୍ୱୟଂଶାସିତ କଲେଜରୁ ମନସ୍ତତ୍ୱ ବିଜ୍ଞାନରେ ସ୍ନାତୋକତର ଡିଗ୍ରୀ ହାସଲ କରିଛନ୍ତି । ଏବେ ସେ ସମ୍ବଲପୁର ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନରେ ମନସ୍ତତ୍ୱବିତ ଭାବେ କାର୍ଯ୍ୟ କରୁଛନ୍ତି । ମିସେସ୍ ଇଣ୍ଡିଆ ହୋମମେକର୍ ନିର୍ଦ୍ଦେଶିକା ନାଚ ଯୋଶୀ, ଉପସଭାନେତ୍ରୀ ନେହା ଅଗ୍ରୱାଲଙ୍କ ମାର୍ଗଦର୍ଶନ ଏବଂ ଗତ ବର୍ଷର ଟାଇଟଲ୍ ବିଜୟନୀ ସମ୍ବଲପୁର ଗୋପାଳମାଲର ପ୍ରିୟଦର୍ଶନୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମନିଷା ପ୍ରତିଯୋଗିତାରେ ଭାଗ ନେବାକୁ ପ୍ରସ୍ତୁତି ଚଳାଇଛନ୍ତି । ଏଥିପାଇଁ ସମ୍ବଲପୁରର ଜାତୀୟସ୍ତରୀୟ ଫଟୋଗ୍ରାଫର୍ ଶିଶିର କର, ଶାଶ୍ୱତ ପାଢ଼ୀ ଓ ସନ୍ତକ ପଣ୍ଡା ମନିଷାଙ୍କ ବିଭିନ୍ନ ପ୍ରକାର ଫଟୋସୁଟ୍ କରିଥିଲେ । ଏହି ସଫଳତା ପାଇଁ ଫଟୋଗ୍ରାଫର୍‌ମାନେ ମଧ ମନିଷାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ମନିଷା ମହାପାତ୍ର ।

## କିର୍ମିରାରେ ବରିଷ୍ଠ ନାଗରିକ ସଂଘ ବୈଠକ



ବରିଷ୍ଠ ନାଗରିକ ସଂଘର ସାଧାରଣ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

**କିର୍ମିରା,୯।୧(ଡି.ଏନ.ଏ.)**

କିର୍ମିରା ବରିଷ୍ଠ ନାଗରିକ ସଂଘର ସାଧାରଣ ବୈଠକ ସ୍ଥାନୀୟ ଖେଳପଡିଆସ୍ଥିତ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ମିତ୍ରଭାନୁ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏହି ବୈଠକ। ଏଥିରେ ପ୍ରସ୍ତାବିତ ଆଦର୍ଶ ବିଦ୍ୟାଳୟ ଏବଂ ଅବକାରୀ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସଙ୍ଗ ନେଇ ଉଦ୍‌ବେଗ ପ୍ରକାଶ କରାଯିବା ସହ ଏଥିପାଇଁ ଲଢ଼େଇ ଜାରି ରହିବ ବୋଲି ସର୍ବସମ୍ମତିକ୍ରମେ ସହମତି ପ୍ରକାଶ ପାଇଥିଲା । ଏହା ବ୍ୟତିତ ଧାନ ଇନପୁଟ ସବସିଡି ତୁରନ୍ତ ପ୍ରଦାନ ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ମଧ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ସଭାରେ ନରେନ୍ଦ୍ର ପଟେଲ, ମଧୁସୂଦନ ବେହେରା, ପଦ୍ମଲୋଚନ ନାଏକ, ଅଭିରାମ ପଟେଲ, କୃଷ୍ଣ ଚନ୍ଦ୍ର ଅମାତ, ବଚନ ବାଗ, କେଶ ପଶାୟତ, ପରମେଶ୍ୱର ଭିତିରିଆ, କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇ ଥିଲେ । ରୁପାନନ୍ଦ ସାହୁ ସଭା ପରିଚାଳନା କରିଥିଲେ ।

## ଲିଟିବେଡାକୁ ହରାଇଲା ମହୁଲଛାପଲ

**ବାମରା, ୯।୧ (ସ୍ୱ.ପ୍ର.)**

ବାମରା ବ୍ଲକ ପିଣ୍ଡାପଥର ପଞ୍ଚାୟତ ଖେଳ ପଡିଆଠାରେ ପଞ୍ଚ ଦିବସୀୟ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଉଦଘାଟନୀ ମ୍ୟାଚ ମହୁଲଛାପଲ ଓ ଲିଟିବେଡା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଟାଇବ୍ରେକର ମାଧମରେ ମହୁଲଛାପଲ ବିଜୟୀ ହୋଇଥିଲା । ଗଡପୋଷ ସରପଞ୍ଚ ବାଣ୍ଟୁ କେଛୁଆ, ସଗରା ସରପଞ୍ଚ ଦିଗାମ୍ବର ନାଏକ, କିନାବଗା ସରପଞ୍ଚ ନିଆରଜାନ୍ ଲୁଗୁନ, ରବଗା ସରପଞ୍ଚ ବିପିନ କିଶୋର ବିଲୁଙ୍ଗ, ପିଣ୍ଡାପଥର ସରପଞ୍ଚ କୌଶଲ୍ୟା ମିଞ୍ଜ ଓ ସମିତି ସଭ୍ୟ ବିରଞ୍ଚି ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଚାଷରେ ଜୈବିକ ସାର ବ୍ୟବହାର ଜରୁରୀ

**ଧମା, ୯।୧ (ଡି.ଏନ.ଏ.)**

ମାନେଶ୍ୱର ବ୍ଲକ ସୁବନପୁର ଗ୍ରାମରେ ଏକ କୃଷକ କର୍ମଶାଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍ୟାନ ସଂପ୍ରସାରଣ କର୍ମୀ ରାଜେନ୍ଦ୍ର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ସମ୍ବଲପୁର ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୁଦର୍ଶନ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପସ୍ଥିତ କୃଷକମାନଙ୍କୁ ସେ କହିଥିଲେ ଯେ, ଆଜିର ଦିନରେ ପନିପରିବା ହେଉ ବା ଅଥବା ଫଳମୂଳ ହେଉ କୀଟନାଶକର ବହୁଳ ବ୍ୟବହାର ଯୋଗୁ ତାହା ମାନବଶରୀରରେ ବିଭିନ୍ନ ରୋଗବ୍ୟାଧି ସୃଷ୍ଟି କରୁଛି। ଏଣୁ ଚାଷୀମାନେ ଜୈବିକ ସାର ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସହକାରୀ କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡା ଯୋଗ ଦେଇ କୃଷକମାନଙ୍କ ପାଇଁ କୃଷି ବିଭାଗ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ପ୍ରୋତ୍ସାହନ, ଯୋଜନା ଉପରେ କହିଥିଲେ। ମିଶନ ଫର ଇଣ୍ଟିଗ୍ରେଟେଡ୍ ଡେଭଲପ୍‌ମେଣ୍ଟ ହର୍ଟିକଲଚର୍ ଜରିଆରେ ଫଳ, ଫୁଲ ଓ ହାଇବ୍ରିଡ୍ ପନିପରିବା ଚାଷ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଆଳୁ ଓ ପିଆଜ ଚାଷ କରି ସବ୍‌ସିଡି ଦ୍ୱାରା ଲାଭାନ୍ୱିତ ହେବା, ଷ୍ଟେଟ ପ୍ଲାନ ମାଧ୍ୟମରେ ଭୂମିହୀନମାନଙ୍କୁ ରିହାତି ଦରରେ ଫଳଚାରା ଇତ୍ୟାଦି ଯୋଗାଇ ଦିଆଯିବା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ସମୀର କୁମାର ସାମଲ, ଡକରା ସରପଞ୍ଚ ଗୀତାଞ୍ଜଳି କିଶାନ, ସମିତି ସଭ୍ୟା ମୟିସିନୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଆଲୋଚନାରେ ଅଞ୍ଚଳର ପୁରସ୍କୃତ ଚାଷୀ ସୁବାସ ପାଣିଗ୍ରାହୀ, ଲୋକନାଥ ମିଶ୍ର ନିଜ ନିଜର ଅନୁଭୂତି ଚାଷୀମାନଙ୍କୁ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚାଷୀ ସୁବାସ ମହାପାତ୍ର, ଦିଲୀପ ସାହୁ, ମହେଶ ଅଗ୍ରୱାଲ, ସନ୍ତୋଷ ଡନସେନା, ଭକ୍ତବନ୍ଧୁ ସାହୁ, ସରୋଜ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।



କୃଷକ କର୍ମଶାଳାରେ ଅତିଥି, ଉପସ୍ଥିତ ଚାଷୀ ।

## ଫଟୋରେ ଖବର







ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ ସୂଚନା ପ୍ରାଦ୍ୟୋଗିକ ସଂସ୍ଥାନ (ସୁଇଟ୍)ର ୪୧ଜଣ ତୃତୀୟ ବର୍ଷ ବିଟେକ୍ ଛାତ୍ରୀଛାତ୍ର, ୪ଜଣ ଅଧାପକ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ଇସ୍ରୋର ସତୀଶ ଧାବନ ଅନ୍ତରୀକ୍ଷ କେନ୍ଦ୍ରର ରକେଟ୍ ଉତ୍‌କ୍ଷେପଣ କେନ୍ଦ୍ରର ଯାନ୍ତ୍ରିକ କୌଶଳ ଓ ପରିଚାଳନା ପରିଦର୍ଶନ କରିବା ଅବସରରେ(ବାମ) । ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ସମ୍ବଲପୁର କଚେରି ଛକରେ ଚାଲିଥିବା ରିଲେ ଆମରଣ ଅନଶନରେ ବୁଧବାର ଜିଲା ଚଷା ସମାଜର କର୍ମକର୍ତ୍ତା ସାମିଲ ହୋଇଛନ୍ତି।



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ



## ସଂକ୍ଷେପରେ

### କାଳିଆ ଯୋଜନାରେ ସାମିଲ ଲାଗି ପଞ୍ଚାୟତରେ ଭିଡ଼

**ବାଲିଶଙ୍କରା, ୯।୧ (ଡି.ଏନ.ଏ)**-ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ସାମିଲ ହେବା ପାଇଁ ବାଲିଶଙ୍କରା ବ୍ଲକର ସବୁ ପଞ୍ଚାୟତରେ ଚାଷୀ, ଭୂମିହୀନଙ୍କ ଗହଳି ଲାଗିଛି। ସମସ୍ତ ପଞ୍ଚାୟତରେ ଫର୍ମ ସହ ନୋଡାଲ ଅଫିସର ଯୋଗାଇ ଦିଆଯାଉଛି। ସମସ୍ତ ଜାଗାରେ ଠିକ୍ କାର୍ଯ୍ୟ ଚାଲିଛି କି ନାହିଁ ବିଡିଓ ଅଭିମନ୍ୟୁ ବେହେରା ପରିଦର୍ଶନରେ ଯାଇ ତଦାରଖ କରୁଛନ୍ତି। କ୍ଷୁଦ୍ର, ଭାଗଚାଷୀ, ନାମମାତ୍ର ଚାଷୀଙ୍କୁ ବାର୍ଷିକ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସରକାର କାଳିଆ ଯୋଜନା ଘୋଷଣା କରିଛନ୍ତି। ଏଥିରେ ସାମିଲ ପାଇଁ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ସୃଷ୍ଟି ହେଉଥିବା ନଜିରକୁ ଆସିଥିବାବେଳେ ବାଲିଶଙ୍କରା ବ୍ଲକରେ କୌଣସି ସ୍ଥାନରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ।

■ ଜାତୀୟ ଗ୍ରାମୀଣ ସ୍କାଉଟ୍ ରେଞ୍ଜର, ରୋଭର ସମାବେଶ ଓ ମହୋତ୍ସବ

# ବନ୍ଧୁତ୍ୱ, ଭାଇଚାରା ସୃଷ୍ଟି କରିବ

**ବଡଗାଁ, ୯।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ପରିସରରେ ବୁଧବାର ଅପରାହ୍ଣରେ ଜାତୀୟ ଗ୍ରାମୀଣ ସ୍କାଉଟ୍ ଏବଂ ଗାଇଡ୍ ରେଞ୍ଜର ରୋଭର ସମାବେଶ ମହୋତ୍ସବ ଉଦଘାଟିତ ହୋଇଛି । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ତଳସରା ବିଧାୟକ ଡା. ପ୍ରଫୁଲ୍ଲ ମାଝି ମୁଖ୍ୟଅତିଥି ଓ ଭାରତ ସ୍କାଉଟ୍ ଗାଇଡ୍ କମିଶନର କାଳୀପ୍ରସାଦ ମିଶ୍ର, ସ୍କାଉଟ୍ ଗାଇଡ୍‌ର ଜିଲା ସଭାପତି ନାରାୟଣ ପତି, ବଡଗାଁ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ମିଞ୍ଜ, ଆଇଟିଆଇ ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ ଅତିଥି ଭାବେ ଯୋଗଦେଇଥିଲେ।





ଅତିଥିମାନେ ଦୀପ ପ୍ରଜ୍ଜଳନ କରି ମହୋତ୍ସବ ଉଦ୍‌ଘାଟନ କରୁଛନ୍ତି ।

ଅତିଥିମାନେ ଦୀପ ପ୍ରଜ୍ଜଳନ କରି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ଓଡିଶା ରାଜ୍ୟ ସ୍କାଉଟ୍ ଗାଇଡ୍ ରେଞ୍ଜର ରୋଭର୍‌ମାନେ ଜନଜାତି ଲୋକନୃତ୍ୟ, ଘୁମୁରା ନାଚ, ଉତ୍ତରଖଣ୍ଡ ସ୍କାଉଟ୍ ଗାଇଡ ରେଞ୍ଜର ରୋଭରମାନେ ଲୋକନୃତ୍ୟ ଓ ହିମାଞ୍ଚଳ ପ୍ରଦେଶର ରେଞ୍ଜର ରୋଭରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ଏହା ପରେ ସଭା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଡା. ମାଝି ଓଡିଶା ତଥା ଦେଶର ଜନଜାତିମାନଙ୍କ ପାଇଁ ଏଭଳି ମହୋତ୍ସବ ଜିଲା ତଥା ବଡଗାଁର ଗର୍ବ ଏବଂ ଗୌରବର ବିଷୟ ବୋଲି କହିବା ସହ ଆଇଟିଆଇ ପକ୍ଷରୁ ହେଉଥିବା ବହୁ ସଂଖ୍ୟକ ସାମାଜିକ ଓ ସଚେତନ ଧର୍ମୀ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କମିଶନର ମିଶ୍ର, ଭାରତର ବିଭିନ୍ନ ରାଜ୍ୟରୁ ଆସି ଏହି ମହୋତ୍ସବରେ ଅଂଶ ଗ୍ରହଣ କରିବା ଦ୍ୱାରା ବନ୍ଧୁତ୍ୱ ଓ ଭାଇଚାରା ସୃଷ୍ଟି କରିବ। ଆଇଟିସି ସମ୍ପାଦକ ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ସେମାନଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ । ଭାରତ ସ୍କାଉଟ ଗାଇଡର ଦିଲ୍ଲୀ ସଂଯୋଜକ ଅମର ବାହାଦୁର କ୍ଷେତ୍ରୀ ମଞ୍ଚ ପରିଚାଳନା କରିଥିଲେ । ଆଇଟିସି ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ କର୍ମଚାରୀମାନଙ୍କ ସହଯୋଗରେ କାର୍ଯ୍ୟ ପରିଚାଳିତ ହେଉଛି।

# ବେଦବ୍ୟାସ ଅଞ୍ଚଳରେ ଟ୍ରେଡ୍ ୟୁନିୟନ ଧର୍ମଘଟ ପ୍ରଭାବ ଶୂନ୍ୟ

**ବେଦବ୍ୟାସ, ୯।୧ (ଡି.ଏନ.ଏ)**

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ, ସ୍ୱାଧୀନ ଫେଡେରେସନ୍ ଓ ଆସୋସିଏଶନ୍ ପକ୍ଷରୁ ୮ ଓ ୯ ତାରିଖ ଦେଶ ବ୍ୟାପୀ ଧର୍ମଘଟର ଡାକରା ବୁଧବାର ରାଉରକେଲା ପ୍ରବେଶ କୁହାଯାଉଥିବା ବେଦବ୍ୟାସ ଛକରେ ପ୍ରଭାବ ଶୂନ୍ୟ ଜଣାପଡିଛି। ମଙ୍ଗଳବାର ଯେଉଁ ଭଳି ଭାବରେ ଆଇଏନଟିୟୁସି ଓ ସିଆଇଟିୟୁ ସଙ୍ଗଠନପକ୍ଷରୁବ୍ୟାପକଭାବେବେଦବ୍ୟାସ ଅଞ୍ଚଳର ସ୍କୁଲ, କଲେଜ, ବ୍ୟାଙ୍କ ଓ ବେସରକାରୀ କଳକାରଖାନାମାନ ପିକେଟିଂ କରାଯାଇଥିଲା ତାହା ବୁଧବାର ଦେଖିବାକୁ ମିଳିନି। ବୁଧବାର କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ ହୋଇନାହିଁ। ଯାନବାହନ ଯାତାୟତ ସ୍ୱାଭାବିକ ଥିବାବେଳେ ଦୋକାନ ବଜାର ଖୋଲାଥିଲା। ଲୋକ ଦେଖାଣିଆ କାର୍ଯ୍ୟକ୍ରମ ତଥା ଜନସାଧାରଣଙ୍କୁ ଦୁଇ ଦିନ ଧର୍ମଘଟ ନାମରେ ପ୍ରଚାର କରି ବିଭ୍ରାନ୍ତକର ପରିସ୍ଥିତି ସୃଷ୍ଟି କରାଯାଉଛି ବୋଲି ବୃଦ୍ଧିଜୀବି ମହଲରେ କୁହାଯାଉଛି। ଏ ବିଷୟରେ ସର୍ବଭାରତୀୟ ପରିଷଦ (ଆଇଏନଟିୟୁସି)ର ସଭ୍ୟ ଅନୀଲ ମିଞ୍ଜଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ଆମର ଟ୍ରେଡ୍ ୟୁନିୟନ ସର୍ବସାଧାରଣଙ୍କ ସହିତ ରହିଛି ଏବଂ ରହିବ। ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆମେ ବେଦବ୍ୟାସ ଛକ ବୁଧବାର ଛାଡି ରାଜଗାଙ୍ଗପୁର ଅଞ୍ଚଳରେ ସାମିଲ ଅଛୁ। ସେହିପରି ସିଆଇଟିୟୁ ନେତା ଜାହାଙ୍ଗିର ଅଲ୍ଲୀଙ୍କୁ ଯୋଗାଯୋଗ କରିବାରୁ ସେ ମଧ୍ୟ ସର୍ବସାଧାରଣଙ୍କ ବୃହତ୍ତ ସ୍ୱାର୍ଥ ଦୃଷ୍ଟିରୁ ବୁଧବାର ବେଦବ୍ୟାସ ଛକ ଛାଡିବିଶ୍ରା ଛକରେ ଧର୍ମଘଟରେ ସାମିଲ ହୋଇଛନ୍ତି ବୋଲି କହିଥିଲେ। ଏଠାରେ ପ୍ରଶ୍ନ ଉଠେ ଦୁଇ ଦିନ ଧର୍ମଘଟ ଡାକରା ଦେଇ ବିଭିନ୍ନ ଟ୍ରେଡ୍ ୟୁନିୟନ ଯେଉଁଭଳି ବିଭ୍ରାନ୍ତକର ପ୍ରଚାର କରୁଛନ୍ତି ତାହା ଆଗାମୀ ଦିନରେ ସର୍ବସାଧାରଣରେ ଗ୍ରହଣୀୟ ହେବ କି ନାହିଁ ବୋଲି ପ୍ରଶ୍ନ ଉଠୁଛି।



କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ରଜତ ଜୟନ୍ତୀ ସମାରୋହର ପ୍ରଥମ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ବକ୍ତା ।

# ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

**କୁଆଁରମୁଣ୍ଡା,୯।୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ତ୍ରିଦିବସୀୟ ରଜତ ଜୟନ୍ତୀ ସମାରୋହର ୧ମ ଦିବସ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ଜ୍ୟୋତି ଓ କଳସ ଯାତ୍ରା ପରେ ଜ୍ୟୋତି ସ୍ଥାପନ ଓ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହା ପରେ ଅପରାହ୍ଣ ପ୍ରାୟ ସାଢେ ୧ଟାରେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ଆରଡିଏ ଅଧ୍ୟକ୍ଷ ସାରଦା ନାୟକ ୧ମ ଦିବସ ରଜତ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ପ୍ରସାର ଘଟାଇ ଶୃଙ୍ଖଳିତ ଛାତ୍ରୀଛାତ୍ର ଗଠନ କରୁଥିବା ବେଳେ ଏହାର ବିକାଶ ଦିଗରେ ଆବଶ୍ୟକୀୟ ସରକାରୀ ଓ ବେସରକାରୀ ସହାୟତା ଯୋଗାଇ ଦେବା ପାଇଁ ମୁଖ୍ୟ ଅତିଥି ନାୟକ ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରଜତ ଜୟନ୍ତୀ ସମାରୋହ ସମିତି ସଭାପତି ପ୍ରଦ୍ୟୁମ୍ନ ମିଶ୍ର, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶୈଳେଶ୍ ତିୱାରୀ, ରଜତ ଜୟନ୍ତୀ ସମାରୋହ ସମ୍ପାଦକ ତଥା ସାମାଜିକ କର୍ମୀ ସଞ୍ଜୀବ ପ୍ରତାପ ସିଂଦେଓ, ଉପସଭାପତି ରାଜେଶ କେର୍କେଟା, ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଗୌରାଙ୍ଗ ସାହୁ, ଶିକ୍ଷାଧିକାରୀ ଗୁରୁଚରଣ ସାହୁ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଜନ୍ମେଜୟ ସୁଆର ପ୍ରମୁଖ ମଞ୍ଚାସୀନ ରହି ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। ଅତିଥିମାନଙ୍କ ପରିଚୟ ବିଦ୍ୟାଳୟର ଗୁରୁମା ମମତାରାଣୀ ଦାସ ପ୍ରଦାନ କରିଥିଲେ। ସଭାପତି ଶୈଳେଶ୍ ତିୱାରୀ ଧନ୍ୟବାଦ ପ୍ରଦାନ କରିଥିଲେ। ସଭା କାର୍ଯ୍ୟ ପ୍ରାରମ୍ଭରେ ମୁଖ୍ୟ ଅତିଥି ନାୟକ ଶିଶୁ ମନ୍ଦିର ନବ ନିର୍ମିତ ଶୌଚାଳୟକୁ ଫିତାକାଟି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ପୂର୍ବତନ ଛାତ୍ରୀଛାତ୍ର ଉପସ୍ଥିତ ରହି ମୁଖ୍ୟ ଅତିଥି ନାୟକଙ୍କ ସହ ଫଟୋ ଉଠାଇଥିଲେ। ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପାରମ୍ପରିକ ବାତାବରଣରେ ୧ମ ଦିବସ ରଜତ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ବିଦ୍ୟାଳୟର କୋଷାଧ୍ୟକ୍ଷ ଘନଶ୍ୟାମ ଦେବତା, ଶଙ୍କର ପୂଝାରୀ, ଜୀବନ ଦାସ, ଦିଲୀପ ପଟେଲ, ଶିକ୍ଷା ବିକାଶ ସମିତି ରାଉରକେଲା ସେକ୍ଟର-୬ର ବିଭାଗ ପ୍ରମୁଖ ଶିବ ପ୍ରସାଦ ମହାପାତ୍ର, ଲକ୍ଷ୍ମୀନାରାୟଣ ସାହୁ ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଗୁରୁଜୀ, ଗୁରୁମା କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦିତ କରିଛନ୍ତି।

# ଦ୍ୱିତୀୟ ଦିନରେ ବନ୍ଦ: ରାଜପଥ ଅବରୋଧ

**କୁତ୍ରା/ ରାଜଗାଙ୍ଗପୁର, ୯।୧ (ଡି.ଏନ.ଏ)**

୧୧ ଦଫା ଦାବିନେଇ ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଦେଶବ୍ୟାପି ୨ ଦିନିଆ ବନ୍ଦ ଡାକରାକୁ ସମର୍ଥନ କରି ଦ୍ୱିତୀୟ ଦିନରେ ମଧ୍ୟ ଆଶାକର୍ମୀ ଓ ପାଚିକା ସଂଘ କୁତ୍ରା ରାଜ୍ୟ ରାଜପଥ- ୧୦କୁ ଅବରୋଧ କରିଥିଲେ। ଫଳରେ ବହୁ ସଂଖ୍ୟାରେ ଯାନବାହାନ ରାସ୍ତାର ଉଭୟ ପାର୍ଶ୍ୱରେ ଛିଡାହୋଇ ରହିଥିଲା। ଆଂଶିକ ଭାବେ ଦୋକାନ ବଜାର ମଧ୍ୟ ବନ୍ଦ ରହିଥିବାରୁ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧା ଭୋଗ କରିଥିଲେ। ଠିକ୍ ସେହିପରି ବିଭିନ୍ନ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତାମାନେ କୁତ୍ରା ବ୍ଲକର ତେଲିଘଣା, ଗୋମାରଡିହି, ଝାରବେଡା ଓ ରାଜଗାଙ୍ଗପୁରର ଓସିଏଲ କାଂଶବାହାଲଠାରେ ଥିବା ଏଲଏଣ୍ଡଟି କମ୍ପାନୀର କାରଖାନା ସମେତ ସମସ୍ତ ଛୋଟ ବଡ କାରଖାନାଗୁଡିକୁ ବନ୍ଦ କରି ଦେଇଥିଲେ। ରାଜଗାଙ୍ଗପୁର ବ୍ଲକର କାଂଶବାହାଲଠାରେ ସୁନ୍ଦରଗଡ ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ମୁଖପାତ୍ର କୈଳାଶ ଚନ୍ଦ୍ର ସାହୁ ଓ ଉପସଭାପତି ଆଶା ମିଞ୍ଜଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ବିଭିନ୍ନ କାରଖାନା ଗେଟରେ ଧର୍ମଘଟ କରିବା ସାଙ୍ଗକୁ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ । ସମଗ୍ର ରାଜଗାଙ୍ଗପୁର ଓ କୁତ୍ରା ଅଞ୍ଚଳରେ ଏହି ଦୁଇ ଦିନିଆ ବନ୍ଦରେ ଆଂଶିକ ସଫଳତା ଦେଖିବାକୁ ମିଳିଥିଲା ।

**ଲେଫ୍ରିପଡା,(ଡି.ଏନ.ଏ)**–ଲେଫ୍ରିପଡା ବ୍ଲକ୍ ଅଞ୍ଚଳରେ ଟ୍ରେଡ୍ ୟୁନିୟନର ଭାରତ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଭାବେ ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଛି। ଏଥିରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା ସଂଘ ଲେଫ୍ରିପଡା ବ୍ଲକ କମିଟି ଶାଖା ଦୁଇଦିନ ଧରି ବନ୍ଦ୍ ପାଳନରେ ସାମିଲ ହୋଇଥିଲେ। ସଂଘ ପକ୍ଷରୁ ସମସ୍ତ ପାଚିକା ଲେଫ୍ରିପଡା ତହସିଲ କାର୍ଯ୍ୟାଳୟ ନିକଟରେ ଏକତ୍ରିତ ହୋଇ ହାତରେ ଝଣ୍ଡା ଧରି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାଲିରେ ବାହାରିଥିଲେ। ପରେ ବସ୍‌ଷ୍ଟାଣ୍ଡରେ ବିଭିନ୍ନ ଦାବି ସମ୍ପର୍କରେ ସ୍ଲୋଗାନ ଦେଇ ରାସ୍ତା ଅବରୋଧ କରି ବସି ରହିଥିଲେ। ବନ୍ଦ ପାଳନରେ ସରକାରଙ୍କ ପକ୍ଷରୁ ସ୍କୁଲ କଲେଜ ସବୁ ଛୁଟି ଘୋଷଣା କରାଯାଇଥିବା ବେଳେ ସମସ୍ତ ସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ୍, ଦୋକାନ ବଜାର ସହ ଗାଡି ଚଳାଚଳ ବନ୍ଦ୍ ହୋଇଥିଲା। ଏହି ବନ୍ଦ୍ ପାଳନରେ ପାଚିକା ସଂଘ ପକ୍ଷରୁ ଚନ୍ଦ୍ରମା ମାଝି, ସୂର୍ଯ୍ୟ ବେହେରା, ଗୀତା ସା, ସୁନିତା ଭିତ୍ରିଆ, ପିଙ୍କି ଶର୍ମା, ବିଶାଖା ପୁରାଲେ, ଧନମତୀ ପଶାୟତ୍, ମିଲିରେଡ୍ ଟପୋ, ଆସମିତା ଖାଡି, ଲଳିତା ଚିତା, ପ୍ରଭାତୀ ଓରାମ, ପୂର୍ଣ୍ଣିମା ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ଟେନସା, (ଡି.ଏନ.ଏ)–** କୋଇଡା ବ୍ଲକରେ ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । କୋଇଡାରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ଖଣି ଖଦାନ, ସରକାରୀ କାର୍ଯ୍ୟାଳୟ, ବିଭିନ୍ନ ରେଲୱେ ଷ୍ଟେସନ ବନ୍ଦ କରାଯାଇଥିଲା। କୋଇଡାରେ ପ୍ରଭାତ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଧର୍ମଘଟରେ ସାମିଲ ହୋଇଥିବା ବେଳେ ଟେନସାରେ ରାଉରକେଲା ମଜଦୁର ସେବା ପକ୍ଷରୁ ପିତବାସ ସେଠୀ, ନରେଶ ନାୟକ, ଶରତ ସାହୁ, କେସି ରାଉତ, କରୁଣାକର ସେଠୀ, ଭଗବାନ ନାୟକ ଧର୍ମଘଟରେ ସାମିଲ ହୋଇଥିଲେ। ବରସୁଆଁଠାରେ ରାଜେଶ ବେହେରା, ନନିଗୋପାଳ ପ୍ରଧାନ, କମଳ ରାୟ, ଭଗବାନ ବେହେରା, ପରମା ପାତ୍ର, ଲୋକନାଥ ସିଂ, ଅଭୟ ଚୌଧୁରୀ ପ୍ରମୁଖ ରାସ୍ତା ଉପରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ତେବେ କାଲଟାରେ ସିଟୁ ପକ୍ଷରୁ କେସି ବାରିକ, କୋଇଡାରେ ସିପିଆଇଏମ ପକ୍ଷରୁ ସମ୍ପାଦକ ପ୍ରଭାତ ପଣ୍ଡା, ସନ୍ତୋଷ ସିଂ ପ୍ରମୁଖ ରାସ୍ତା ଉପରେ ପଥର ରଖି ଓ ଟାୟାର ଜାଳି ରାସ୍ତାରୋକୋ ଧର୍ମଘଟ କରିଥିଲେ।





ଲେଫ୍ରିପଡ଼ାରେ ଆଶାକର୍ମୀ ଓ ପାଚିକା ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି।





ଫୁଟବଲ ଟୁର୍ନାମେଣ୍ଟରେ ଅତିଥି, ଆୟୋଜକଙ୍କ ସହ ଖେଳାଳି।

### ଆର୍‌ଏସ୍‌ଏ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# କିଞ୍ଜିର୍ମା ଏସ୍‌ଡିବିଏଲ କ୍ଲବ ବିଜୟୀ

**ସୁନ୍ଦରଗଡ଼, ୯।୧ (ଡି.ଏନ୍.ଏ)** –ସୁନ୍ଦରଗଡ ଫୁଟବଲ ରେଫରୀମାନଙ୍କୁ ନେଇ ଗଠିତ ରୁରାଲ ସ୍ପୋର୍ଟସ ଆସୋସିଏଶନ୍, ଏସଡିବିଏଲ୍ କ୍ଲବର ମିଳିତ ଆନୁକୂଲ୍ୟରେ ସଦର ବ୍ଲକସ୍ଥିତ କିଞ୍ଜିର୍ମା ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ବୁଧବାର ରାଜ୍ୟସ୍ତରୀୟ ଆରଏସଏ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ଡୁରୁକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ନାଏକ ଓ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ବିଇଡି ବିଭାଗ ଅଧ୍ୟକ୍ଷ ଡ. ଦୋଳଗଞ୍ଜନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଟୁର୍ନାମେଣ୍ଟର ଆବାହକ ଅଶ୍ୱିନୀ କୁମାର ନାଏକ ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ସୁଶୀଲ କୁମାର ପଟେଲ ବିବରଣୀ ପାଠ କରିଥିଲେ। ସଭାପତି କାର୍ତ୍ତିକ ସୁନ୍ୟାନୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରୁରାଲ ସ୍ପୋର୍ଟସ ଆସୋସିଏଶସନର ଉପଦେଷ୍ଟା ଜାତୀୟ ରେଫରୀ ଦୁର୍ଗାମାଧବ ନାଏକ ସଭା ସଞ୍ଚାଳନ କରିଥିଲେ। ଏହି ଟୁର୍ନାମେଣ୍ଟରେ ରାଜ୍ୟର ବଛା ବଛା ୮ଟି ପ୍ରମୁଖ ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ଅନୁଗୋଳ ଜିଲା ଆଠମଲ୍ଲିକ ଆଥଲେଟିକ ଆସୋସିଏଶନ୍ ଓ କିଞ୍ଜିର୍ମା ଏସ୍‌ଡିବିଏଲ କ୍ଲବ ମଧ୍ୟରେ ଖେଳ ଗୋଲଶୂନ୍ୟ ଡ୍ର ହୋଇଥିଲା। ଫଳରେ ପେନାଲିଟୀ ସୁଟ ଆଉଟ ମାଧ୍ୟମରେ କିଞ୍ଜିର୍ମା ଏସଡିବିଏଲ କ୍ଲବ ୩- ୨ ଗୋଲରେ ବିଜୟୀ ହୋଇଛି। ଖେଳକୁ ରେଫରୀ ନିତ୍ୟାନନ୍ଦ ମେହେର, ପ୍ରସନ୍ନ ଭୋଇ, କୁନୁ କୁମାର ନାଏକ,ଏନ୍‌ଡି ସଫରତ ପରିଚାଳନା କରିଥିଲେ।

■ ଦ୍ୱିତୀୟ ଦିବସରେ ବଣାଇରେ ସର୍ବଭାରତୀୟ ଧର୍ମଘଟ ସଫଳ

# କୋଟି କୋଟି ଟଙ୍କାର ରାଜସ୍ୱ ହାନି, ଦୁର୍ଦ୍ଦଶା ଭୋଗିଲେ ଜନସାଧାରଣ

**ଲହୁଣୀପଡା, ୯।୧(ଡି.ଏନ.ଏ.)**

ମୋଦି ସରକାରଙ୍କ ଶ୍ରମିକ କର୍ମଚାରୀ ମାରଣନୀତିକୁ ବିରୋଧ କରି କେନ୍ଦ୍ରୀୟ ଟ୍ରେଡ ୟୁନିୟନଗୁଡିକ ପକ୍ଷରୁ ଦିଆଯାଇଥିବା ୨ଦିନିଆ ସର୍ବଭାରତୀୟ ଧର୍ମଘଟ ଓ ଭାରତ ବନ୍ଦ ଡାକରାର ପ୍ରଭାବ ବୁଧବାର ଦ୍ୱିତୀୟ ଦିବସରେ ବଣାଇ ଉପଖଣ୍ଡରେ ସମ୍ପୂର୍ଣ୍ଣ ସଫଳ ହୋଇଛି। ଏତଦ୍ୱାରା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହୋଇଥିବାବେଳେ ହଜାର ହଜାର ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣାପଡିଛି। ରାସ୍ତାରେ ବହୁ ଯାନବାହାନ ଛିଡା ହୋଇଥିବା ବେଳେ ରେଳ ଲାଇନରେ ବହୁ ମାଲବାହୀ ଟ୍ରେନ ଅଟକି ରହିଥିଲା। ବୁଧବାର ସକାଳ ୬ଟାରୁ ସିଆଇଟିୟୁ, ସିପିଆଇଏମ ଦଳର ଆନ୍ଦୋଳନକାରୀମାନେ ବିଭିନ୍ନ ସ୍ଥାନରେ ବସ, ରେଳ, ଟ୍ୟାକ୍ସି, ଅଟୋ ଚଳାଚଳ ବନ୍ଦ କରିଥିବାବେଳେ, ପିକେଟିଂ କରି ବଣାଇ କୋର୍ଟ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡିକ ବନ୍ଦ କରିଦେଇଥିଲେ। ଏଥିରେ ଆମ୍ବୁଲାନ୍ସ ଓ ଜରୁରୀସେବାକୁ ବାଦ ଦିଆଯାଇଥିଲା। ଗୁରୁଣ୍ଡିଆ ବ୍ଲକର ତାମଡାଠାରେ ଏମ୍.ପଣ୍ଡା, ଜୟନ୍ତୀ ଅଗ୍ରୱାଲ, କପିଳେନ୍ଦ୍ର ସିଂ, ଅର୍ଜୁନ ମୁଣ୍ଡାରୀ, ଅଶୋକ ଅଗ୍ରୱାଲ, ଟୁବୁର ମୁଣ୍ଡା, ମାର୍କାସ ଖାଖା, ରାଜେଶ ତିର୍କୀ, ସୟ ଏକ୍କା, ଗୁରୁଣ୍ଡିଆରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ, ବିଧାୟକଙ୍କ ପ୍ରତିନିଧି ମନୋଜ ମିର୍ଦ୍ଧା, ଲୁକାସ ମିଞ୍ଜ, ସିଲାସ ଟପ୍ପୋ, ଜଳଫଲ ମିଞ୍ଜ, କର୍ଣ୍ଣେଲ ଲାକ୍ରା, ମୁକ୍ତି ପ୍ରକାଶ ଏକ୍କା, ସମିତି ସଭ୍ୟ ଦୁତିଆ ପାତ୍ର, ସରପଞ୍ଚ କାର୍ତ୍ତିନା ମାଝି, ଅଜିତ ଏକ୍କା, ଟିମା ମୁଣ୍ଡାଙ୍କ ସମେତ ଶତାଧିକ ପାଚିକା କର୍ମୀ, ଆଶାକର୍ମୀ, ରାଜାମୁଣ୍ଡାଠାରେ ୨୧୫/୫୨୦ ଏବଂ ୧୪୩ ନମ୍ବର ଜାତୀୟ ରାଜପଥ ଉପରେ ବସିଥିଲେ। ସିଟୁ ରାଜ୍ୟ ଉପସଭାପତି ବନମାଳୀ ଧୂପାଳଙ୍କ ନେତୃତ୍ୱରେ ଲାଲ ବାହାଦୁର ମହାନ୍ତ, ଶରତ ମହାନ୍ତ, ଗଗନ ରାଉତ, ଦିଲେଶ୍ୱର ବେହେରା, ଉମାଚରଣ ମହାନ୍ତି, ନିରଞ୍ଜନ ଦାସ, ପ୍ରଦୀପ ବେହେରା, କମଳିନୀ ମହାନ୍ତ, ଶିବଶଙ୍କର ପଟେଲ, ଲାଲଚାଲ କିଷାନ, ବାବୁରାମ ମହାନ୍ତ, ଡିଲେଶ୍ୱର କିଷାନ, ବରସୁଆଁଠାରେ ଅଭୟ ଚୌଧୁରୀ, ଦୁଲାର ସିଂ, ଲୋକନାଥ ସିଂ, ପଟାସାହି ରେଳ ଲୋଡିଂ ସାଇଡିଂଠାରେ ସରପଞ୍ଚ ରାଜେନ୍ଦ୍ର ମୁଣ୍ଡା, ସୁଶିଳା ମୁଣ୍ଡା, ଯୋଗେଶ୍ୱର ମୁଣ୍ଡା, ଓମନ୍ତ କୁମାର ମହାନ୍ତ, ସରସ୍ୱତୀ ମୁଣ୍ଡା, ବୀରେନ୍ଦ୍ର ମୁଣ୍ଡା, ବିଶାଲ ମୁଣ୍ଡା, ଗାମିଆ ମୁଣ୍ଡା, ରକ୍ସି ରେଳ ଲୋଡିଂ ସାଇଡିଂଠାରେ ଶ୍ରମିକ ନେତା ଆନନ୍ଦମାସୀ ହରୋ, ଲିଲ ମୋହନ ଗୋପ, ସରପଞ୍ଚ, ସୁଶିଳା ମୁଣ୍ଡା, ସରପଞ୍ଚ ଲିଲି ସରିତା ଗୁଡିଆ,ସମିତି ସଭ୍ୟ କରମ ପାଲ ସିଂ, ମନୋଜ ପୂର୍ତ୍ତି, ନେଲସନ ମୁଣ୍ଡା, ଭୀମସେନ ଟପ୍ପୋ, ରେଡା ରେଳ ଲୋଡିଂ ସାଇଡିଂଠାରେ ସରପଞ୍ଚ ଅନିଲ ବାର୍ଲା, ଜୀବନ ମୁଣ୍ଡା, ରବର୍ଟ କିଷାନ, ବିମଳାଗଡ ରେଳ ଲୋଡିଂ ସାଇଡିଂଠାରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ, ଜିଲାପରିଷଦ ସଭ୍ୟ ଗୋପୀନାଥ ମହାନ୍ତ, ସରପଞ୍ଚ ଗାଙ୍ଗୀ ସଏ, ସମିତି ସଭ୍ୟ ଶୋଭାଦେବୀ ସାହୁ, ମନୋଜ ବୋଦ୍ରା, ଶାନ୍ତି ନନ୍ଦ ତିଗା, ଶୁକୁଲାଲ ଗୋପ, ଝିଙ୍ଗି ମୁଣ୍ଡା, ବାସିଲ ମୁଣ୍ଡା, ଖୁଣ୍ଟଗାଁଠାରେ ରାଜ୍ୟ ରାଜପଥ ୧୦(କ) ଉପରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ, ସମୀର ନାୟକ, ମନୋଜ ବେହେରା, ମନୋ ରଞ୍ଜନ ପ୍ରଧାନ, ଭରତ ମାଝୀ, କେଶବ ପାତ୍ର, ଧରଣୀଧର ମହାକୁଡ, ଟଙ୍କଧର ପାତ୍ର, ଯଦୁମଣି ପାତ୍ର, ଡଲି ସାହୁ, ଜୟକୃଷ୍ଣ ଦଳେଇ, କାଲଟା ଓ ତୋଡାଠାରେ ହରିଶ୍ଚନ୍ଦ୍ର ରାୟ, କୃଷ୍ଣ ଚନ୍ଦ୍ର ବାରିକ, ସହଦେବ ନାଏକ, ସୁରେଶ ନାଏକ, ସରପଞ୍ଚ ବିଭୀଷଣ ଦେହୁରୀ, ସୁରେଶ ମୁଦୁଲି, ବିଜୟ ସାହୁ, ପାଉଲୁସ କାଣ୍ଡୁଲନା, କମଣ୍ଡୋଠାରେ ହରମୋହନ ବାରିକ, ମିଟୁ ବାରିକ, ସୁଦର୍ଶନ ପାତ୍ର, ସୁଦର୍ଶନ ଘଣା, ଶମ୍ଭୁନାଥ ଘଣା, ଅର୍ଜୁନ ଘଣା, ଚିତ୍ରସେନ ଆପଟ, ଭୀମ ଘଣାଙ୍କ ସମେତ ହଜାର ହଜାର ସିପିଆଇଏମ୍ ଏବଂ ସିଆଇଟିୟୁର କର୍ମକର୍ତ୍ତା ସାମିଲ ହୋଇଥିଲେ।



ସିପିଆଇଏମ୍ ଏବଂ ସିଆଇଟିୟୁର କର୍ମକର୍ତ୍ତା ଧର୍ମଘଟରେ ସାମିଲ ହୋଇଛନ୍ତି।